ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୫/୨୦୨୫ (୧୪ ପୃଷ୍ଠା) Bhubaneswar, Tuesday, August 5/2025 Page 14 ₹ 7.00

୫୧ଶ ଭାଗ ୨୫୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 251 ମୂଲ୍ୟ₹୭/-




**ପ୍ରତୀକ ସାଜିଲେ ର' ଏଜେଣ୍ଟ**

ଅଭିନେତା ପ୍ରତୀକ ଗାନ୍ଧୀ 'ସାରେ ଜହାଁ ସେ ଅଚ୍ଛା' ୱେବ୍‌ସିରିଜ୍‌ରେ ର' ଏଜେଣ୍ଟ ଭୂମିକାରେ ଆସୁଛନ୍ତି।

୦୨

୧୪

**ବିପର୍ଯ୍ୟୟ ଘଟାଇଲେ ଟସନ**

ନ୍ୟାଶନାଲ ବ୍ୟାଙ୍କ ଓପନ ଟେନିସ ଟୁର୍ଣ୍ଣାମେଣ୍ଟରେ ଇଗା ସ୍ୱିଟେକ୍‌ଙ୍କୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି ଡେନମାର୍କର କ୍ଲାରା ଟସନ।



# ଭାରତର ରୋମାଞ୍ଚକ ବିଜୟ

## ସିରାଜଙ୍କ ମ୍ୟାଜିକ୍ ସ୍ପେଲ: ସିରିଜ୍ ୨-୨ରେ ଡ୍ର



ଅନ୍ତିମ ବ୍ୟାଟର୍ ଗସ୍ ଆର୍ଟକିନ୍‌ସନ୍‌ଙ୍କୁ ମହମ୍ମଦ ସିରାଜ୍ ଆଉଟ୍ କରିବା ପରେ ଉଲ୍ଲସିତ ଭାରତୀୟ ଦଳର ଖେଳାଳି।

ଲଣ୍ଡନ,୪।୮

ମହମ୍ମଦ ସିରାଜଙ୍କ ମ୍ୟାଜିକ୍ ସ୍ପେଲ ବଳରେ ଭାରତ ଓଭାଲରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ୫ମ କ୍ରିକେଟ ଟେଷ୍ଟରେ ରୋମାଞ୍ଚକ ବିଜୟ ହାସଲ କରିଛି। ସୋମବାର ଅନ୍ତିମ ଦିବସରେ ଇଂଲଣ୍ଡକୁ ୬ ରନରେ ପରାସ୍ତ କରିଛି ଟିମ୍ ଇଣ୍ଡିଆ। ଶେଷ ଦିବସରେ ଇଂଲଣ୍ଡକୁ ବିଜୟ ପାଇଁ ୩୫ ରନ ଆବଶ୍ୟକ ହେଉଥିବାବେଳେ ୪ ଉଇକେଟ ସୁରକ୍ଷିତ ଥିଲା। ମାତ୍ର ସିରାଜ ଓ ☞ପୃଷ୍ଠା-୪

# ରାହୁଲ ସେଠି ଥିଲେ କି

**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିରୋଧ କରିବାକୁ ଯାଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅନେକ ମନ୍ତବ୍ୟ ଦେଉଛନ୍ତି, ଯାହାକୁ ନେଇ ସେ ନିଜେ ହରଡ଼ଘଣାରେ ପଡୁଥିବା ଲକ୍ଷ୍ୟ କରାଯାଉଛି। ରାହୁଲଙ୍କ କେତେକ ଟିପ୍ପଣୀ ତଥ୍ୟ ପ୍ରମାଣ ଆଧାରିତ ହୋଇ ନ ଥିବାରୁ ତାଙ୍କ ଭାବମୂର୍ତ୍ତି ଉପରେ ପ୍ରଶ୍ନ ଉଠୁଛି। ସେ ମୋଦିଙ୍କୁ ଟାର୍ଗେଟ କରିବା ଲକ୍ଷ୍ୟରେ ଦେଶର ସ୍ୱାର୍ଥକୁ ବଳି ପକାଇ ଦେଉଛନ୍ତି ବୋଲି ଅନେକେ ମତ ଦେଉଛନ୍ତି। ସୁପ୍ରିମକୋର୍ଟ ମଧ୍ୟ ସୋମବାର ରାହୁଲଙ୍କ ଏକ ଟିପ୍ପଣୀକୁ ନେଇ ତାଙ୍କ ଉପରେ କ୍ଷୁବ୍ଧ ହୋଇ ଭର୍ତ୍ସନା କରିଛନ୍ତି। ଲୋକ ସଭାରେ ସମ୍ପ୍ରତି ବିରୋଧୀ ଦଳ ନେତା ଥିବା ରାହୁଲ ୨୦୨୨ ଡିସେମ୍ବରରେ ଭାରତ ଯୋଡ଼ୋ ଯାତ୍ରାରେ ଥିବାବେଳେ ୨୦୨୦ର ଗଲୱାନ୍ ସଂଘର୍ଷ ପ୍ରସଙ୍ଗ ଉଠାଇ ଭାରତର ୨,୦୦୦ ବର୍ଗ କି.ମି. ଭୂଖଣ୍ଡକୁ ଚାଇନା ମାଡ଼ିବସିଥିବା କହିଥିଲେ। ଏନେଇ ରାହୁଲଙ୍କ ବିରୋଧରେ ଏକ ଆପରାଧିକ ମାନହାନି ମାମଲାରେ ଲକ୍ଷ୍ନୌ ହାଇକୋର୍ଟ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଥିବାବେଳେ ସେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତ ସୋମବାର ଏହାର ଶୁଣାଣି କରି କହିଛନ୍ତି, ରାହୁଲ ହେଉଛନ୍ତି ବିରୋଧୀ ଦଳର ନେତା। ସେ ଏହି ପ୍ରସଙ୍ଗ ପାର୍ଲାମେଣ୍ଟରେ ନ ଉଠାଇ ସୋସିଆଲ ମିଡିଆରେ କାହିଁକି କହୁଛନ୍ତି? ଭାରତର ୨,୦୦୦ ବର୍ଗ କିଲୋମିଟର ଅଞ୍ଚଳକୁ ଚାଇନା ଦଖଲ କରିଥିବା ରାହୁଲ କିପରି ଜାଣିଲେ ଏବଂ ସେଠାରେ ସେ ଥିଲେ କି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଏଥିସହ ତାଙ୍କ କଥାର କ'ଣ ବିଶ୍ୱସନୀୟ ତଥ୍ୟ ରହିଛି ତାହା ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।**





ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ,୪।୮(ପି.ଟି.)

ଭାରତ ଯୋଡ଼ୋ ଯାତ୍ରା ସମୟରେ ଭାରତୀୟ ସେନା ବିରୋଧରେ ଅପମାନଜନକ ମନ୍ତବ୍ୟ ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସୁପ୍ରିମକୋର୍ଟ ସୋମବାର ଭର୍ତ୍ସନା କରିଛନ୍ତି। ଯଦି ଆପଣ ଜଣେ ସଚ୍ଚା ଭାରତୀୟ ହୋଇଥାନ୍ତେ, ତେବେ ଏଭଳି କଥା କହି ନ ଥାନ୍ତେ ବୋଲି ଶୀର୍ଷ ଅଦାଳତ କହିଛନ୍ତି। ଅନ୍ୟପକ୍ଷରେ ଲକ୍ଷ୍ନୌ କୋର୍ଟରେ ରାହୁଲଙ୍କ ବିରୋଧରେ ଆପରାଧିକ ମାନହାନି ମାମଲାର କାର୍ଯ୍ୟାନୁଷ୍ଠାନ ଉପରେ ସର୍ବୋଚ୍ଚ ଅଦାଲତ ସ୍ଥଗିତାଦେଶ ଜାରି କରିଛନ୍ତି। ଏନେଇ ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ଉତ୍ତରପ୍ରଦେଶ ସରକାର ଏବଂ ଅଭିଯୋଗକାରୀଙ୍କୁ ନୋଟିସ୍ ଜାରି କରିଛନ୍ତି। ରାହୁଲଙ୍କୁ ଖଣ୍ଡପୀଠ କହିଥିଲେ, ଆପଣ ବିରୋଧୀ ଦଳ ନେତା। ଏହି ପ୍ରସଙ୍ଗ ପାର୍ଲାମେଣ୍ଟରେ ନ ଉଠାଇ ସୋସିଆଲ ମିଡିଆରେ କହିବାକୁ ପଡ଼ିଲା କ'ଣ ପାଇଁ? ଭାରତର ୨,୦୦୦ ବର୍ଗ କିଲୋମିଟର ଅଞ୍ଚଳକୁ ଚାଇନା ଦଖଲ କରିଥିବା କିପରି ଜାଣିଲେ। ଆପଣ ସେଠାରେ ଥିଲେ କି? ଏନେଇ ଆପଣଙ୍କ ପାଖରେ କୌଣସି ବିଶ୍ୱସନୀୟ ତଥ୍ୟ ରହିଛି କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି।

ରାହୁଲଙ୍କ ତରଫରୁ ଉପସ୍ଥିତ ଥିବା ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘ୍‌ଭି କହିଥିଲେ, ଯଦି ଜଣେ ବିରୋଧୀ ଦଳ ନେତା ପ୍ରଶ୍ନ ଉଠାଇ ନ ପାରିବେ, ତେବେ ତାହା ଏକ ଦୁର୍ଭାଗ୍ୟଜନକ ସ୍ଥିତି ହେବ। ଗଣମାଧ୍ୟମରେ ପ୍ରକାଶିତ ବିଷୟ ଯଦି କହି ନ ପାରିବେ, ତେବେ ସେ ବିରୋଧୀ ଦଳ ନେତା ରହିପାରିବେ ନାହିଁ ବୋଲି ସିଂଘଭି କହିଥିଲେ। ଖଣ୍ଡପୀଠଙ୍କ ସଚ୍ଚା ଭାରତୀୟ ମନ୍ତବ୍ୟ ଉପରେ ଆଇନଜୀବୀ କହିଥିଲେ, ୨୦ ଜଣ ଭାରତୀୟ ସୈନ୍ୟଙ୍କୁ ମାଡ଼ ମରାଯାଇଥିଲା ଓ ମୃତ୍ୟୁ ଘଟିଥିଲା ବୋଲି ଜଣେ ସଚ୍ଚା ଭାରତୀୟ କହିବା ସମ୍ଭବ। ଏହା ମଧ୍ୟ ଏକ ଚିନ୍ତାର ବିଷୟ। ଏହା ଉପରେ ଶୀର୍ଷ ଅଦାଲତ କହିଥିଲେ, ସଂଘର୍ଷ ବେଳେ ଉଭୟ ପକ୍ଷରୁ ମୃତାହତ ହେବା ଅସାଧାରଣ ନୁହେଁ। ସିଂଘ୍‌ଭି କହିଥିଲେ, ରାହୁଲ କେବଳ ଘଟଣାକୁ ପ୍ରଘଟ କରିଛନ୍ତି ଓ ତଥ୍ୟକୁ ଚାପିଦିଆଯାଉଥିବା ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ଏହାର ଜବାବରେ ଜଷ୍ଟିସ୍ ଦତ୍ତା କହିଥିଲେ, ଜଣେ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ନେତା ଭାବେ ରାହୁଲ ଏଭଳି କରିବାର ନ ଥିଲା। ଏଭଳି ପ୍ରଶ୍ନ ଉଠାଇବା ପାଇଁ ଉପଯୁକ୍ତ ଫୋରମ୍ ରହିଛି। ସିଂଘ୍‌ଭି ଏହାକୁ ଗ୍ରହଣ କରିବା ସହ ଆପରାଧିକ ଅଭିଯୋଗକୁ ଅଦାଲତ ସଜ୍ଞାନକୁ ନେବା ପୂର୍ବରୁ ଅଭିଯୁକ୍ତଙ୍କ ଯୁକ୍ତି ଶୁଣିବା ବାଧ୍ୟତାମୂଳକ, ଯାହା ବର୍ତ୍ତମାନର ମାମଲାରେ ☞ପୃଷ୍ଠା-୪

# ଶିବୁ ସୋରେନ୍‌ଙ୍କ ପରଲୋକ



ରାଞ୍ଚି/ନୂଆଦିଲ୍ଲୀ,୪।୮

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)ର ପ୍ରତିଷ୍ଠାତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କର ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୮୧ ବର୍ଷ ହୋଇଥିଲା। କିଡ୍‌ନୀ ସମ୍ବନ୍ଧୀୟ ସମସ୍ୟା ପାଇଁ ଗତ ଜୁନ୍ ୧୯ରେ ସେ ଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସମ୍ମାନନୀୟ ଦିଶୋମ ଗୁରୁଜୀ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଗଣତନ୍ତ୍ର ପାଇଁ ଅଶୁଭ**

# ଅପାରଗ ବାବୁଙ୍କ ତଥ୍ୟ ମାଗିଲେ ସରକାର

## ସବୁ ସଚିବଙ୍କୁ ମୁଖ୍ୟ ଶାସନ ସଚିବଙ୍କ ଚିଠି

ଭୁବନେଶ୍ୱର,୪।୮
(ରବିନାରାୟଣ ଜେନା)

ରାଜ୍ୟର କେଉଁ ବିଭାଗରେ କେତେ ଅପାରଗ ଅଧିକାରୀ(ବାବୁ) ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯାଇଛି ତା'ର ଟିକିନିଖି ହିସାବ ରାଜ୍ୟ ସରକାର ଲୋଡ଼ିଛନ୍ତି। ଏନେଇ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ନିକଟରେ ସଚିବସ୍ତରୀୟ ବୈଠକରେ ସମସ୍ତ ସଚିବଙ୍କୁ ସୂଚାଇ ଥିବାବେଳେ ଜୁଲାଇ ୩୧ରେ ମୁଖ୍ୟସଚିବଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ(ଓଏସ୍‌ଡି) କଲ୍ୟାଣ କୁମାର ରଥ ସମସ୍ତ ବିଭାଗର ସଚିବମାନଙ୍କୁ ପତ୍ର ଲେଖିଛନ୍ତି। ଚଳିତମାସ ୭ତାରିଖ ପୂର୍ବରୁ ସରକାରଙ୍କୁ ସମସ୍ତ ତଥ୍ୟ ଅବଗତ କରାଇବାକୁ ସେ ଦର୍ଶାଇଛନ୍ତି। ଏହାକୁ ନେଇ ସବୁ ବିଭାଗରେ ଏବେ ଘଣ୍ଟାଚକଟା ଆରମ୍ଭ ହୋଇଯାଇଛି। ବିଭାଗରେ କେତେ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି, ସେନେଇ ଖୋଳତାଡ଼ ଆରମ୍ଭ ହୋଇଥିବାବେଳେ ସୋମବାର ଜଳସମ୍ପଦ ବିଭାଗ ପକ୍ଷରୁ ମୁଖ୍ୟସଚିବଙ୍କ ନିର୍ଦ୍ଦେଶକୁ ନେଇ ଅତିରିକ୍ତ ସଚିବ ସମସ୍ତ ଅଧିକାରୀଙ୍କଠାରୁ ରିପୋର୍ଟ ଲୋଡ଼ିଛନ୍ତି।

ସବୁ ବିଭାଗୀୟ ସଚିବଙ୍କୁ ଓଏସ୍‌ଡି କଲ୍ୟାଣ କୁମାର ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ମୁଖ୍ୟସଚିବଙ୍କ ନିର୍ଦ୍ଦେଶକ୍ରମେ ଜଣାଉଛି କି ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଗତ ସଚିବସ୍ତରୀୟ ବୈଠକରେ ଆଲୋଚନା ହୋଇଥିଲା। ସେଥିମଧ୍ୟରେ କର୍ମଚାରୀଙ୍କ ଅବସରଠାରୁ ଆରମ୍ଭ କରି ବାଧ୍ୟତାମୂଳକ ଅବସର ପର୍ଯ୍ୟନ୍ତ, ପ୍ରଶାସନରେ ବୈଷୟିକ ପ୍ରଣୟନ, ନାଗରିକକୈନ୍ଦ୍ରିକ ସରକାରଙ୍କ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟସଚିବ ୧୨ଟି ବିଷୟ ଉପରେ ଏହାର ସ୍ଥିତାବସ୍ଥା ସମ୍ପର୍କରେ ଜାଣିବାକୁ ଚାହିଁଛନ୍ତି।

ସେ ଦର୍ଶାଇଛନ୍ତି, ପ୍ରତ୍ୟେକ ଅଧିକାରୀ ଏବଂ କର୍ମଚାରୀଙ୍କ କାର୍ଯ୍ୟଶୈଳୀର ଟିକିନିଖି ସମୀକ୍ଷା କରାଯିବ। ଯେଉଁମାନେ ସରକାରଙ୍କ ନିୟମ ଅନୁଯାୟୀ କାର୍ଯ୍ୟ ସମ୍ପାଦନା କରୁ ନାହାନ୍ତି ତଥା ଅପାରଗ ବୋଲି ବିବେଚିତ ହେବେ ସେମାନଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯିବ। ସାଧାରଣ ପ୍ରଶାସନ ବିଭାଗର ୨୦୧୯ ସେପ୍ଟେମ୍ବର ୨୪ର ସର୍କୁଲାର ଅନୁଯାୟୀ, ସମ୍ପୃକ୍ତ ଅପାରଗ ଅଧିକାରୀଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯିବ। ଏ ସମ୍ପର୍କରେ କେଉଁ ବିଭାଗ କେତେ କର୍ମଚାରୀଙ୍କ କାର୍ଯ୍ୟଶୈଳୀ ସମୀକ୍ଷା କରିଛି ଏବଂ କେତେଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତା'ର ବିବରଣୀ ପ୍ରଦାନ କରିବାକୁ ହେବ। ଏହାସହିତ କେତେଜଣ ସରକାରୀ ☞ପୃଷ୍ଠା-୪

# ଦୀପିକାଙ୍କ ରିଲ୍ସର ସର୍ବାଧିକ ଭ୍ୟୁଅର୍ସ

ମୁମ୍ବାଇ, ୪।୮

ଲୋକପ୍ରିୟ ଅଭିନେତ୍ରୀ ଦୀପିକା ପାଦୁକୋନ୍ ବଲିଉଡ୍‌ରେ ପ୍ରାୟ ୨ ଦଶନ୍ଧି ଧରି ଅନେକ ଚଳଚ୍ଚିତ୍ରରେ ନିଖୁଣ ଅଭିନୟ ଯୋଗୁ ଦର୍ଶକଙ୍କର ଢେର ପ୍ରଶଂସା ସାଉଣ୍ଟିଛନ୍ତି। କିଛିଦିନ ତଳେ ପ୍ରସିଦ୍ଧ ହଲିଉଡ୍ ୱାକ୍ ଅଫ୍ ଫେମ୍‌ରେ ପ୍ରଥମ ଭାରତୀୟ ଅଭିନେତ୍ରୀ ଭାବେ ତାଙ୍କୁ 'ଷ୍ଟାର' ସମ୍ମାନ ମିଳିଥିଲା। ଏବେ ତାଙ୍କ ସହ ଆଉ ଏକ ସଫଳତା ଯୋଡ଼ି ହୋଇଛି। ଦୀପିକାଙ୍କର ଏକ ଇନ୍‌ଷ୍ଟାଗ୍ରାମ ରିଲ୍ସ ୧.୯ ବିଲିୟନ ଭିଉଜ୍ ଅତିକ୍ରମ କରିଛି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଇନ୍‌ଷ୍ଟାଗ୍ରାମରେ ଦୀପିକାଙ୍କ ଏହି ଭିଡିଓ ସାରା ବିଶ୍ୱରେ ସର୍ବାଧିକ ଦେଖାଯାଇଥିବା ରିଲ୍ସ ଭାବେ ପରିଣତ ହୋଇଛି। ଦୀପିକା ସାଧାରଣତଃ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ବହୁ ସକ୍ରିୟ ରହିଥାନ୍ତି। ତାଙ୍କର ଇନ୍‌ଷ୍ଟାଗ୍ରାମରେ ୮୦ ମିଲିୟନ ଫଲୋଅର୍ସ ରହିଛନ୍ତି।



ସେ ପ୍ରାୟତଃ ଇନ୍‌ଷ୍ଟାଗ୍ରାମରେ ନିଜ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନର ବିଭିନ୍ନ ଝଲକକୁ ଶେୟାର କରିଥାନ୍ତି। ପରିବାର ଲୋକଙ୍କ ସହ ବିଭିନ୍ନ ଫଟୋ ହେଉ ଅବା ଫିଲ୍ମ ଶୁଟିଂ ସେଟ୍‌ର ଝଲକ, ଦୀପିକାଙ୍କ ବିଭିନ୍ନ ପୋଷ୍ଟକୁ ଇନ୍‌ଷ୍ଟାଗ୍ରାମରେ ୟୁଜର୍ସ ବେଶ୍ ପସନ୍ଦ କରିଥାନ୍ତି। ସେହିପରି ବିଭିନ୍ନ ଫଟୋଶୁଟ୍ ସହ ସେ ପ୍ରମୋଟ କରୁଥିବା ବିଭିନ୍ନ ବ୍ରାଣ୍ଡର ଅପଡେଟଗୁଡ଼ିକୁ ମଧ୍ୟ ଦୀପିକା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥାନ୍ତି। ସମ୍ପ୍ରତି ସେ ଅନେକ ଅନ୍ତର୍ଜାତୀୟ କମ୍ପାନୀର ଗ୍ଲୋବାଲ ବ୍ରାଣ୍ଡ ଆମ୍ବାସଡର ରହିଛନ୍ତି। ତେଣୁ ନିଜ ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ସେ ଉକ୍ତ ବ୍ରାଣ୍ଡଗୁଡ଼ିକୁ ପ୍ରମୋଟ କରିଥାନ୍ତି। ଦୀପିକା ଗ୍ଲୋବାଲ ହସ୍ପିଟାଲିଟି କମ୍ପାନୀ 'ହିଲ୍‌ଟନ'ର ବ୍ରାଣ୍ଡ ଆମ୍ବାସଡର ହୋଇଥିବାବେଳେ ଗତ ଜୁନ ୯ରେ ସେ କମ୍ପାନୀର ପ୍ରଚାର କରୁଥିବା ଏକ ରିଲ୍ସକୁ ଶେୟାର କରିଥିଲେ। ଉକ୍ତ ରିଲ୍ସରେ ଦୀପିକା ହିଲ୍‌ଟନର ☞ପୃଷ୍ଠା-୪




**ଧର୍ମ ପରିବର୍ତ୍ତନ ପାଇଁ ମନା କରିବାରୁ ପ୍ରେମିକାଙ୍କୁ ହତ୍ୟା**

ମଧ୍ୟପ୍ରଦେଶ ବୁରାହନପୁର ଜିଲାର ଶେଖ୍ ରଇସ୍ ରବିବାର ରାତିରେ ପ୍ରେମିକା ଭାଗ୍ୟଶ୍ରୀ ନାମଦେବ ଧନୁକ (୩୫)ଙ୍କୁ ଗଳାକାଟି ହତ୍ୟା କରିଛନ୍ତି। ରଇସ୍ ନେଭାରାସ୍ଥିତ ଭାଗ୍ୟଶ୍ରୀଙ୍କ ଘରକୁ ଯାଇ ଇସ୍ଲାମ ଧର୍ମ ଗ୍ରହଣ କରି ତାଙ୍କୁ ବିବାହ କରିବାକୁ ଚାପ ପକାଇଥିଲେ। ଭାଗ୍ୟଶ୍ରୀ ରାଜି ନ ହେବାରୁ ରଇସ୍ ତାଙ୍କୁ ଗଳାକାଟି ହତ୍ୟା କରିଥିଲେ। ପୋଲିସ ସୋମବାର ରଇସ୍‌ଙ୍କୁ ଗିରଫ କରିଛି।



# ଝାଡ଼ଖଣ୍ଡ ଆନ୍ଦୋଳନର ଅଗ୍ରଦୂତ ଶିବୁ ସୋରେନ୍



ନୂଆଦିଲ୍ଲୀ,୪।୮

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍)ର ପ୍ରତିଷ୍ଠାତା ତଥା ୩ ଥରର ମୁଖ୍ୟମନ୍ତ୍ରୀ ବର୍ଷୀୟାନ ଆଦିବାସୀ ନେତା ଶିବୁ ସୋରେନ୍ ଝାଡ଼ଖଣ୍ଡ ରାଜ୍ୟ ଗଠନରେ ମୁଖ୍ୟ ଭୂମିକା ନେଇଥିଲେ। ସୋମବାର ତାଙ୍କର ପରଲୋକ ହୋଇଥିବାବେଳେ ସେ ଏକ ଲିଗାସି ଛାଡ଼ିଯାଇଛନ୍ତି, ଯାହା ଦେଶର ରାଜନୀତିକୁ ନୂଆ ରୂପ ଦେଇଥିଲା। ଆଦିବାସୀମାନଙ୍କ ଅଧିକାରୀ ପାଇଁ ଲଢ଼ିଆସିଥିବା ଶିବୁ ଅନେକ ସମୟରେ ଆଇନଗତ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଝାଡ଼ଖଣ୍ଡ ରାଜ୍ୟ ଗଠନ ନେଇ ଦୀର୍ଘ ଦଶନ୍ଧିର ଆନ୍ଦୋଳନର ଅଗ୍ରଦୂତ ଥିବା ଶିବୁ ରାଜନୀତିରେ ଅଲିଭା ଚିହ୍ନ ଛାଡ଼ିଯାଇଛନ୍ତି। ତାଙ୍କ ଉଦ୍ୟମକ୍ରମେ ୨୦୦୦ରେ ବିହାରରୁ ଅଲଗା ହୋଇ ଝାଡ଼ଖଣ୍ଡ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଥିଲା।

୧୯୪୪ ଜାନୁଆରୀ ୧୧ରେ ତତ୍କାଳୀନ ବିହାର (ବର୍ତ୍ତମାନର ଝାଡ଼ଖଣ୍ଡ)ର ରାମଗଡ଼ ଜିଲା ଅନ୍ତର୍ଗତ ନେମ୍ରା ଗ୍ରାମରେ ଶିବୁ ସୋରେନଙ୍କ ଜନ୍ମ। ଦିଶୋମ ଗୁରୁ ଭାବେ ଲୋକପ୍ରିୟ ଶିବୁ ଦେଶର ଆଦିବାସୀ ଏବଂ ଆଞ୍ଚଳିକ ରାଜନୀତି ପୃଷ୍ଠଭୂମିରେ ସର୍ବକାଳୀନ ରାଜନୈତିକ ବ୍ୟକ୍ତିତ୍ୱ। ତାଙ୍କର ଆଦ୍ୟ ଜୀବନ ବହୁ ଅସୁବିଧା ଏବଂ ସାମାଜିକ-ଅର୍ଥନୈତିକ ସଂଘର୍ଷ ମଧ୍ୟରେ କଟିଥିଲା। ଶିବୁଙ୍କୁ ୧୫ ବର୍ଷ ହୋଇଥିବାବେଳେ ତାଙ୍କ ବାପା ଶୋବରନ୍ ସୋରେନଙ୍କୁ ସାହୁକାରମାନେ ଲୁକାୟତଣ୍ଡ ଜଙ୍ଗଲରେ ହତ୍ୟା କରିଥିଲେ। ଏହି ଦୁଃଖଦ ଘଟଣା ଶିବୁଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ୧୯୭୩ରେ ସେ ବଙ୍ଗାଳୀ ମାର୍କ୍ସିଷ୍ଟ ଟ୍ରେଡ୍ ୟୁନିୟନ ନେତା ଏ.କେ. ରୟ ଏବଂ କୁର୍ମି-ମାହତୋ ନେତା ବିନୋଦ ବିହାରୀ ମାହତୋଙ୍କ ସହ ମିଶି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଗଠନ କରିଥିଲେ। ଏହି ସଂଗଠନ ସ୍ୱତନ୍ତ୍ର ଆଦିବାସୀ ରାଜ୍ୟ ଗଠନ ନେଇ ପ୍ରଥମ ରାଜନୈତିକ ସ୍ୱର ଉଠାଇଥିବା ସହ ଛୋଟନାଗପୁର ଏବଂ ସାନ୍ତାଳ ପ୍ରଗଣାରୁ ସମର୍ଥନ ପାଇଥିଲା। ବହୁ ଦଶନ୍ଧିର ଆନ୍ଦୋଳନ ପରେ ୨୦୦୦ ନଭେମ୍ବର ୧୫ରେ ଝାଡ଼ଖଣ୍ଡ ଗଠନ ଲକ୍ଷ୍ୟ ପୂରଣ ହୋଇଥିଲା।

ସୋରେନ୍‌ଙ୍କ ପ୍ରଭାବ କେବଳ ରାଜ୍ୟ ରାଜନୀତିରେ ସୀମିତ ନ ଥିଲା। ସେ ଦୁମ୍‌କା ଆସନରୁ ଲୋକ ସଭାକୁ ୮ ଥର ନିର୍ବାଚିତ ହୋଇଥିବାବେଳେ ୨୦୨୦ ଜୁନ୍‌ରେ ରାଜ୍ୟ ସଭାକୁ ଯାଇଥିଲେ। ଉପା ସରକାରରେ ସେ ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ ଓ ୩ ଥର ଅଳ୍ପଦିନ ପାଇଁ କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ। ଏହି ସମୟରେ ତାଙ୍କୁ ଗମ୍ଭୀର ଆଇନଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା। ୧୯୭୫ ଚିରୁଡିହ ଗଣହତ୍ୟା ମାମଲାରେ ତାଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଯାଇ ୨୦୦୪ ଜୁଲାଇରେ ଗିରଫ ପରୱାନା ଜାରି ହୋଇଥିଲା। ତେବେ ଗିରଫ ହେବା ପୂର୍ବରୁ ସେ ଫେରାର ହୋଇଯାଇଥିଲେ। ୨୦୦୪ ସେପ୍ଟେମ୍ବରରେ ଜାମିନରେ ଆସି ସେ ପୁଣି କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ। ୨୦୦୮ ମାର୍ଚ୍ଚରେ ଅଦାଲତ ତାଙ୍କୁ ସବୁ ଅଭିଯୋଗରୁ ଦୋଷମୁକ୍ତ କରିଥିଲେ। ପୂର୍ବତନ ବ୍ୟକ୍ତିଗତ ସଚିବ ଶଶିନାଥ ଝାଙ୍କୁ ଅପହରଣ ଓ ହତ୍ୟା ମାମଲାରେ ୨୦୦୬ ନଭେମ୍ବରରେ ଶିବୁଙ୍କୁ ଦୋଷୀସାବ୍ୟସ୍ତ କରାଯାଇଥିଲାବେଳେ ପରେ ସେ ଦୋଷମୁକ୍ତ ହୋଇଥିଲେ। ବିବାଦ ସତ୍ତ୍ୱେ ସୋରେନ୍ ଝାଡ଼ଖଣ୍ଡ ରାଜନୀତିରେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଥିଲେ। ସେ ୨୦୦୫ ମାର୍ଚ୍ଚରେ ପ୍ରଥମେ ୧୦ ଦିନ ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିବାବେଳେ ୨୦୦୮ ଅଗଷ୍ଟ ୨୭ରୁ ୨୦୦୯ ଜାନୁଆରୀ ୧୨ ଏବଂ ୨୦୦୯ ଡିସେମ୍ବର ୩୦ରୁ ୨୦୧୦ ମେ' ୩୧ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ରହିଥିଲେ। ମେଣ୍ଟ ସରକାରରୁ ସହଯୋଗୀ ଦଳ ସମର୍ଥନ ପ୍ରତ୍ୟାହାର କରିବାରୁ ୩ ଥର ଯାକ ତାଙ୍କ ସରକାର ଭାଙ୍ଗିଯାଇଥିଲା। ୨୦୦୭ ଜୁନ୍‌ରେ ସେ ଏକ ହତ୍ୟା ଉଦ୍ୟମରୁ ଅଳ୍ପକେ ବର୍ତ୍ତିଯାଇଥିଲେ। ଗିରିଡିହ କୋର୍ଟରେ ହାଜର ହୋଇ ଦୁମ୍‌କା ଜେଲକୁ ଫେରୁଥିବାବେଳେ ଦେଓଘର ଜିଲାର ଡୁମାରିଆ ଗ୍ରାମ ନିକଟରେ ତାଙ୍କ କନ୍‌ଭୟ ଉପରକୁ ବୋମା ଫିଙ୍ଗାଯାଇଥିଲା। ୨୦୨୫ ଏପ୍ରିଲ ପର୍ଯ୍ୟନ୍ତ ଦୀର୍ଘ ୩୮ ବର୍ଷ ଧରି ସୋରେନ୍ ଜେଏମ୍ଏମ୍ ଅଧ୍ୟକ୍ଷ ରହିଥିଲେ। ପରେ ତାଙ୍କ ପୁଅ ତଥା ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ଥିବା ହେମନ୍ତ ସୋରେନ୍ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ଏବେ ଜେଏମ୍ଏମ୍ ଜାତୀୟ ସ୍ତରରେ ବିରୋଧୀ ଇଣ୍ଡିଆ ବ୍ଲକ୍‌ର ସଦସ୍ୟ ରହିଛି। ଶିବୁଙ୍କର ସ୍ତ୍ରୀ ରୂପି ସୋରେନ୍, ୩ ପୁଅ ଏବଂ ଗୋଟିଏ ଝିଅ। ତାଙ୍କ ଝିଅ ଅଞ୍ଜନି ଜେଏମ୍ଏମ୍‌ର ଓଡ଼ିଶା ଶାଖା ମୁଖ୍ୟ ଅଛନ୍ତି। ବଡ଼ପୁଅ ଦୁର୍ଗା ସୋରେନଙ୍କର ୨୦୦୯ ମେ'ରେ ମୃତ୍ୟୁ ଘଟିଥିଲା। ହେମନ୍ତ ସୋରେନ୍ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଥିବାବେଳେ ସାନପୁଅ ବସନ୍ତ ସୋରେନ ଜଣେ ବିଧାୟକ ଅଛନ୍ତି।





ସାର୍ ଗଙ୍ଗାରାମ ହସ୍ପିଟାଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ଭେଟି ସାନ୍ତ୍ୱନା ଦେଉଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହସ୍ପିଟାଲରେ ଜେଏମ୍ଏମ୍ ନେତା ଶିବୁ ସୋରେନ୍‌ଙ୍କୁ ଶେଷ ସମ୍ମାନ ଜଣାଉଛନ୍ତି।

## ଭାରତ ରୁଷିଆରୁ ତେଲ କିଣା ଜାରି ରଖିଲେ ଅଧିକ ଟାରିଫ୍ ଲଗାଯିବ: ଟ୍ରମ୍ପ୍

ୱାଶିଂଟନ,୪।୮

ଭାରତ ରୁଷିଆରୁ ପ୍ରଚୁର ପରିମାଣରେ ତେଲ କିଣା ଜାରି ରଖିଲେ ଟାରିଫ୍ ବଢ଼ାଇବେ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋମବାର ଧମକ ଦେଇଛନ୍ତି। ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ୍ ଲେଖିଛନ୍ତି, ଭାରତ କେବଳ ରୁଷିଆରୁ ପ୍ରଚୁର ପରିମାଣର ତେଲ କିଣୁନାହିଁ, ଏହାର ଅଧିକାଂଶ ଭାଗ ଖୋଲା ବଜାରରେ ବିକ୍ରି କରି ଲାଭ ଉଠାଉଛି। ୟୁକ୍ରେନ୍‌ରେ ରୁଷିଆର ଯୁଦ୍ଧ ଯୋଗୁ କେତେ ଲୋକଙ୍କ ଜୀବନ ଗଲାଣି, ତାହାକୁ ସେମାନେ ପରୱା କରୁନାହାନ୍ତି। ସେଥିପାଇଁ ଭାରତ ଆମେରିକାକୁ ଆହୁରି ଅଧିକ ଶୁଳ୍କ ଦେବାକୁ ପଡ଼ିବ ବୋଲି ଟ୍ରମ୍ପ୍ କହିଛନ୍ତି। ପୂର୍ବରୁ ଟ୍ରମ୍ପ୍ ପ୍ରଶାସନ ଭାରତରୁ ଆମଦାନୀ ସାମଗ୍ରୀ ଉପରେ ୨୫% ଶୁଳ୍କ ଲଗାଇଛି। ସୂଚନାଯୋଗ୍ୟ, ୨ ଦିନ ପୂର୍ବରୁ ଟ୍ରମ୍ପ୍ କହିଥିଲେ, ଭାରତୀୟ କମ୍ପାନୀଗୁଡ଼ିକ ରୁଷିଆରୁ ତେଲ କିଣିବା ବନ୍ଦ କରିଥିବା ଶୁଣିବାକୁ ପାଉଛି, ଯାହା ଏକ ଭଲ ଖବର। ତେବେ ରୁଷିଆରୁ ତେଲ ଆମଦାନି ବନ୍ଦ କରିବାକୁ କୌଣସି ନିର୍ଦ୍ଦେଶ ଦିଆଯାଇ ନାହିଁ ବୋଲି ଭାରତୀୟ ସୂତ୍ରରୁ କୁହାଯାଇଥିଲା।

ଭାରତ ନିଜକୁ ଆମେରିକାର ଘନିଷ୍ଠ ବନ୍ଧୁ ବୋଲି ଚିତ୍ରଣ କରୁଥିବାବେଳେ ଆପ୍ରବାସନ ନୀତିରେ ଜାଲିଆତି କରିବା ସହ ରୁଷିଆରୁ ତେଲ କିଣି ଏହାକୁ ୟୁକ୍ରେନ୍ ବିରୋଧରେ ଯୁଦ୍ଧ ପାଇଁ ପାଣି ଯୋଗାଇ ଦେଉଛି। ଏଥିପାଇଁ ଭାରତ ଉପରେ ଅଧିକ ଶୁଳ୍କ ଲଗାଯାଇଥିବା ଟ୍ରମ୍ପ୍‌ଙ୍କ ଅନ୍ୟତମ ସହଯୋଗୀ ହ୍ୱାଇଟ୍ ହାଉସ୍‌ର ଡେପୁଟି ଚିଫ୍ ଅଫ୍ ଷ୍ଟାଫ୍ ଷ୍ଟିଫେନ୍ ମିଲର ଏକ ଗଣମାଧ୍ୟମକୁ ସାକ୍ଷାତ୍କାର ଦେଇ କହିଥିଲେ।

## ପ୍ରଥମ ଥର ସାମ୍ନାକୁ ଆସିଲେ ପୁଟିନ୍‌ଙ୍କ ଗୁପ୍ତ ଝିଅ ଲୁଇଜା

**ଅନ୍‌ଲାଇନରେ ରାଷ୍ଟ୍ରପତିଙ୍କୁ ସମାଲୋଚନା**

ମସ୍କୋ,୪।୮

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କର ଗୁପ୍ତ ଝିଅ ବୋଲି ବିଶ୍ୱାସ କରାଯାଉଥିବା ୨୨ ବର୍ଷୀୟା ଲୁଇଜା ରୋଜୋଭା ଓରଫ ଏଲିଜାଭେଟା କ୍ରିଭୋନୋଗିଖ୍ ପ୍ରଥମ ଥର ପାଇଁ ଅନ୍‌ଲାଇନ ଜରିଆରେ ସାମ୍ନାକୁ ଆସିଛନ୍ତି। ସେ ଏକ ଗୁପ୍ତ ତଥା ସମ୍ବେଦନଶୀଳ ବାର୍ତ୍ତା ଶେୟାର କରିଛନ୍ତି, ଯାହା ରାଷ୍ଟ୍ରପତିଙ୍କୁ ନିନ୍ଦିତ କରିଥିବା ଜଣାପଡୁଛି। ଲୁଇଜା ନିଜ ଘରୋଇ ଟେଲିଗ୍ରାମ ଚ୍ୟାନେଲରେ କରିଥିବା ପୋଷ୍ଟରେ ଲେଖିଛନ୍ତି, ଜଣେ ବ୍ୟକ୍ତି ତାଙ୍କ ଜୀବନକୁ ନଷ୍ଟ କରିଦେଲେ। ଉକ୍ତ ବ୍ୟକ୍ତି ଜଣକ ତାଙ୍କ ବାପା ବୋଲି ଏଥିରୁ ସୂଚନା ମିଳୁଛି। ସେହି ବ୍ୟକ୍ତି ଅନେକ ନିୟୁତ ଜୀବନ ନେଲେଣି ଓ ମୋ ଜୀବନକୁ ନଷ୍ଟ କରିଛନ୍ତି। ଏହା ମୋତେ ପୁଣିଥରେ ବିଶ୍ୱକୁ ମୁହଁ ଦେଖାଇବା ପାଇଁ ସ୍ୱାଧୀନ କରିଦେଇଛି। ମୁଁ କିଏ ଏବଂ କିଏ ମୋ ଜୀବନ ନଷ୍ଟ କଲା, ଏହା ମୋତେ ମନେ ପକାଇ ଦେଉଛି ବୋଲି ଲୁଇଜା ଲେଖିଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ପୂର୍ବରୁ ଲୁଇଜା ଇନ୍‌ଷ୍ଟାଗ୍ରାମ୍‌ରେ ମୁହଁ ଦେଖାଉ ନ ଥିଲେ। କିନ୍ତୁ ନିକଟରେ କରିଥିବା ପୋଷ୍ଟରେ ପୂରା ଫଟୋ ଦେବା ଆରମ୍ଭ କରିଛନ୍ତି। ପୁଟିନ୍ ଏବଂ ତାଙ୍କର ପୂର୍ବତନ କ୍ଲିନର ସ୍ୱେତଲାନା କ୍ରିଭୋନୋଗିଖ୍‌ଙ୍କ ମଧ୍ୟରେ ପ୍ରେମ ସମ୍ପର୍କରୁ ଲୁଇଜା ୨୦୦୩ ମାର୍ଚ୍ଚ ୩ ତାରିଖରେ ସେଣ୍ଟ ପିଟର୍ସବର୍ଗରେ ଜନ୍ମ ହୋଇଥିଲେ। ୨୦୨୦ରେ ପ୍ରୋଏକ୍ଟ ନାମରେ ଏକ ତଦନ୍ତକାରୀ ପ୍ରୋଜେକ୍ଟ ପ୍ରଥମ ଥର ପାଇଁ ଏହି ସମ୍ପର୍କର ପର୍ଦ୍ଦାଫାଶ କରିଥିଲା।



ଲୁଇଜା ରୋଜୋଭା

## କଂଗ୍ରେସ ଏମ୍‌ପିଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଲେ



ଆର୍. ସୁଧା

ନୂଆଦିଲ୍ଲୀ, ୪।୮

ଦିଲ୍ଲୀର ତ୍ରିଲୋକପୁରୀ ଅଞ୍ଚଳରେ ତାମିଲନାଡୁ ମାଇଲାଦୁଥୁରାଇର କଂଗ୍ରେସ ଏମ୍‌ପି ଆର୍. ସୁଧାଙ୍କ ବେକରୁ ସୋମବାର ଜଣେ ଦୁର୍ବୃତ୍ତ ସୁନାଚେନ୍ ଝାମ୍ପି ନେଇଛନ୍ତି। ଡିଏମ୍‌କେର ରାଜ୍ୟ ସଭା ସଦସ୍ୟ ରାଜାଥି ସଲମାଙ୍କ ସହ ସୁଧା ତ୍ରିଲୋକପୁରୀସ୍ଥିତ ପୋଲାଣ୍ଡର ଦୂତାବାସ ସମ୍ମୁଖରେ ପ୍ରାତଃଭ୍ରମଣ କରୁଥିବାବେଳେ ବିପରୀତ ଦିଗରୁ ଜଣେ ଦୁର୍ବୃତ୍ତ ସ୍କୁଟିରେ ଆସି ସୁନାଚେନ୍ ଝାମ୍ପି ନେଇଥିଲେ। ଦୁର୍ବୃତ୍ତ ଜଣକ ମୁଣ୍ଡରେ ହେଲମେଟ ଲଗାଇଥିବାରୁ ସେ ତାଙ୍କୁ ଦେଖିପାରି ନ ଥିଲେ ବୋଲି ସୁଧା କହିଛନ୍ତି। ତ୍ରିଲୋକପୁରୀ ଭଳି ଉଚ୍ଚ ସୁରକ୍ଷା ବଳୟ ଅଞ୍ଚଳରେ ଜଣେ ମହିଳା ଏମ୍‌ପିଙ୍କଠାରୁ କିପରି ସୁନାଚେନ୍ ଲୁଟ୍ ହେଉଛି ବୋଲି ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଏକ ପତ୍ର ଲେଖି ପ୍ରଶ୍ନ କରିଛନ୍ତି।

## ୧୫ ବର୍ଷରେ ରେଳ ଟ୍ରାକ୍‌ରେ ଯାଇଛି ୧୮୬ ହାତୀଙ୍କ ଜୀବନ

ନୂଆଦିଲ୍ଲୀ, ୪।୮

ବର୍ଷ ୨୦୦୯-୧୦ରୁ ୨୦୨୪ ମଧ୍ୟରେ ରେଳ ଟ୍ରାକ୍‌ରେ ଟ୍ରେନ୍ ସହ ଧକ୍କା ହୋଇ ଅତିକମ୍‌ରେ ୧୮୬ ହାତୀଙ୍କର ମୃତ୍ୟୁ ଘଟିଛି। କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ, ରେଳ ମନ୍ତ୍ରଣାଳୟ ଏବଂ ବିଭିନ୍ନ ରାଜ୍ୟର ଜଙ୍ଗଲ ବିଭାଗ ପକ୍ଷରୁ ମିଳିତ ଭାବେ ଦେଶର ୩୪୫୨ କି.ମି. ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିବା ୧୪ ରାଜ୍ୟର ୧୨୭ ରେଳପଥରେ କରାଯାଇଥିବା ସର୍ଭେରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଭାରତରେ ରେଳ ନେଟ୍‌ୱର୍କ ୬୯ ହଜାର କି.ମି. ବ୍ୟାପିଥିବା ବେଳେ ସେଥିମଧ୍ୟରୁ ଅନେକ ଶହ ରେଳପଥ ଘନ ଜଙ୍ଗଲ ଦେଇ ଯାଉଥିବାରୁ ହାତୀମାନେ ବାରମ୍ବାର ବିପଦର ସମ୍ମୁଖୀନ ହେଉଛନ୍ତି। ଏହି ସର୍ଭେରେ ହାତୀ ଏବଂ ଅନ୍ୟାନ୍ୟ ବନ୍ୟପ୍ରାଣୀ ମୃତ୍ୟୁକୁ ରୋକିବା ପାଇଁ ଅନେକ ସମାଧାନର ପ୍ରସ୍ତାବ ଦିଆଯାଇଛି। ବନ୍ୟପ୍ରାଣୀଙ୍କ ଗତିବିଧି ଏବଂ ଅତୀତର ମୃତ୍ୟୁହାରକୁ ଆଧାର କରି ୧୪ ରାଜ୍ୟର ୭୭ଟି ରେଳପଥକୁ ଚିହ୍ନଟ କରାଯାଇଛି। ଉକ୍ତ ରେଳପଥଗୁଡ଼ିକର ଟ୍ରାକ୍‌ରେ ହାତୀ ମୃତ୍ୟୁ ହ୍ରାସ ପାଇଁ ମୋଟ ୭୦୫ ଭିତ୍ତିଭୂମି ଗଠନ ଲାଗି ପ୍ରସ୍ତାବ ଦିଆଯାଇଛି। ୫୦୩ଟି ରାମ୍ପ୍ ଏବଂ ଲେଭଲ କ୍ରସିଂ, ୭୨ ସେତୁ ସମ୍ପ୍ରସାରଣ ଏବଂ ପରିବର୍ତ୍ତନ, ୩୯ ବ୍ୟାରିକେଡିଂ ଏବଂ ଟ୍ରେଞ୍ଚିଂ ଭିତ୍ତିଭୂମି ଗଠନ, ୪ ଏକ୍ସିଟ ରାମ୍ପ୍, ୬୫ଟି ନୂତନ ଅଣ୍ଡରପାସ୍, ୨୨ଟି ଓଭରପାସ୍ ନିର୍ମାଣ କରିବାକୁ ଏହି ସର୍ଭେରେ ପ୍ରସ୍ତାବ ଦିଆଯାଇଛି।

## ଧର୍ମସ୍ଥଳର ଖନନ ସ୍ଥଳରୁ ମିଳିଲା ଆଉ ଏକ ଦେହାବଶେଷ

ବେଙ୍ଗାଲୁରୁ,୪।୮

କର୍ଣାଟକର ଧର୍ମସ୍ଥଳ ସହରସ୍ଥିତ ବେଲଥାଙ୍ଗଡ଼ିରେ ବହୁସଂଖ୍ୟାରେ ମହିଳା ଓ ଯୁବତୀଙ୍କୁ ବଳାତ୍କାର ଓ ହତ୍ୟା ପରେ ପୋତି ଦିଆଯାଇଥିବା ଅଭିଯୋଗକୁ ନେଇ ଏସ୍‌ଆଇଟି ତଦନ୍ତ ଚଳାଇଥିବାବେଳେ ବିଭିନ୍ନ ସ୍ଥାନକୁ ଖୋଳିବା ଜାରି ରହିଛି। ଷଷ୍ଠ ଦିନରେ ଧର୍ମସ୍ଥଳର ୧୧ତମ ସ୍ଥାନରୁ ଆଉ ଏକ ଦେହାବଶେଷ ମିଳିଥିବା ସନ୍ଦେହ କରାଯାଉଛି। ଫୋରେନ୍‌ସିକ୍ ରିପୋର୍ଟ ଆସିବା ପରେ ତାହା ସ୍ପଷ୍ଟ ହେବ। ପୂର୍ବରୁ ୬ ନମ୍ବର ସ୍ଥାନରୁ ଏକ କଙ୍କାଳ ମିଳିଥିଲା। ୧୯୯୮ରୁ ୨୦୧୪ ମଧ୍ୟରେ ଧର୍ମସ୍ଥଳରେ ମହିଳା ଓ କମ୍ ବୟସ୍କା ଝିଅମାନଙ୍କୁ ଯୌନ ନିର୍ଯାତନା ଦିଆଯିବା ସହ ହତ୍ୟା କରି ପୋତି ଦିଆଯାଉଥିଲା ବୋଲି ସେଠାରେ ପୂର୍ବରୁ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ହ୍ୱିସିଲ୍ ବ୍ଲୋୟର ଅଭିଯୋଗ କରିଥିଲେ।

## ଭଗବାନ୍ କୃଷ୍ଣ ପ୍ରଥମ ମଧ୍ୟସ୍ଥ: ସୁପ୍ରିମକୋର୍ଟ

**ବାଙ୍କେବିହାରୀ ମନ୍ଦିର ମାମଲାରେ ୟୁପି ସରକାରଙ୍କୁ ଝଟକା**



ନୂଆଦିଲ୍ଲୀ,୪।୮

ବୃନ୍ଦାବନର ଶ୍ରୀ ବାଙ୍କେବିହାରୀ ମନ୍ଦିରରେ ୫୦୦ କୋଟି ଟଙ୍କାର ମନ୍ଦିର ପାଣ୍ଠି ବ୍ୟୟରେ କରିଡରର ପୁନଃ ବିକାଶ ସମ୍ପର୍କିତ ଅଧ୍ୟାଦେଶକୁ ନେଇ ମନ୍ଦିର ଟ୍ରଷ୍ଟ ଏବଂ ଉତ୍ତରପ୍ରଦେଶ ସରକାରଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ସୋମବାର ଏହି ମାମଲାର ଶୁଣାଣି ବେଳେ ଭଗବାନ୍ କୃଷ୍ଣ 'ପ୍ରଥମ ମଧ୍ୟସ୍ଥ' ଥିଲେ ବୋଲି ସୁପ୍ରିମକୋର୍ଟ କହିବା ସହ ଦୟାକରି ଉକ୍ତ ମାମଲାରେ ମଧ୍ୟସ୍ଥତା କରିବାକୁ କହିଛନ୍ତି। ରାଜ୍ୟ ସରକାର ଏବଂ ମନ୍ଦିର ଟ୍ରଷ୍ଟ ମଧ୍ୟରେ ବିବାଦର ସମାଧାନ ପାଇଁ ଏକ କମିଟି ଗଠନ କରିବାକୁ ସର୍ବୋଚ୍ଚ ଅଦାଲତ ପ୍ରସ୍ତାବ ଦେଇଛନ୍ତି। ୟୁପି ସରକାର ତରବରିଆ ଭାବେ ଅଧ୍ୟାଦେଶ ଗୃହୀତ କରାଇଥିବାରୁ ଏହାର ସାମ୍ବିଧାନିକ ବୈଧତାକୁ ପ୍ରଥମେ ଆଲ୍ଲାହାବାଦ ହାଇକୋର୍ଟଙ୍କ ଦ୍ୱାରା ପରୀକ୍ଷା କରିବାକୁ ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଫଳରେ ରାଜ୍ୟ ସରକାରଙ୍କୁ ଝଟକା ଲାଗିଛି। ମନ୍ଦିର ପାଣ୍ଠି ବ୍ୟବହାର ପାଇଁ ସୁପ୍ରିମକୋର୍ଟରୁ ଅନୁମତି ହାସଲ କରିବାରେ ଗୋପନ ତରିକାକୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିବା ସହ ୟୁପି ସରକାରଙ୍କୁ ପ୍ରଶ୍ନ କରିଥିଲେ। ଗତ ମେ' ୧୫ରେ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ମନ୍ଦିର ପାଣ୍ଠି ବ୍ୟବହାର ପ୍ରସ୍ତାବ ଦେଇଥିବାବେଳେ ଏହାକୁ ପ୍ରତ୍ୟାହାର କରିନେବା ପାଇଁ ଖଣ୍ଡପୀଠ ମୌଖିକ ପ୍ରସ୍ତାବ ଦେଇଛନ୍ତି। କମିଟି ଦ୍ୱାରା ମନ୍ଦିର ପରିଚାଳନା କରିବାକୁ ଖଣ୍ଡପୀଠ ପ୍ରସ୍ତାବ ଦେବା ସହ ପୂର୍ବରୁ ବିଶ୍ୱସ୍ତ ରହିଆସିଥିବା ପରିବାର ଦ୍ୱାରା ରୀତିନୀତି ଜାରି ରଖିବାକୁ କହିଛନ୍ତି। ଭିତ୍ତିଭୂମିର ବିକାଶ ଏବଂ ଶ୍ରଦ୍ଧାଳୁମାନଙ୍କ ସୁରକ୍ଷିତ ତୀର୍ଥଯାତ୍ରା ସୁନିଶ୍ଚିତ କରିବା ଦିଗରେ ପାଣ୍ଠି ବ୍ୟବହାର ପାଇଁ ଅବସରପ୍ରାପ୍ତ ବିଚାରପତିଙ୍କୁ ନେଇ ଅନ୍ତରୀଣ କମିଟି ଗଠନ କରିବାକୁ ଖଣ୍ଡପୀଠ କହିଛନ୍ତି।

## ଦକ୍ଷିଣ ଚାଇନା ସାଗରରେ ଭାରତ, ଫିଲିପାଇନ୍ସର ମିଳିତ ନୌସମରାଭ୍ୟାସ

ମାନିଲା,୪।୮

ବିବାଦୀୟ ଦକ୍ଷିଣ ଚାଇନା ସାଗରରେ ଭାରତ ଏବଂ ଫିଲିପାଇନ୍ସ ନୌସେନା ପ୍ରଥମ ଥର ପାଇଁ ମିଳିତ ସମରାଭ୍ୟାସ କରିଛନ୍ତି। ଏହି ହାଇପ୍ରୋଫାଇଲ୍ ସାମରିକ ଅଭ୍ୟାସ ଚାଇନାକୁ କ୍ଷୁବ୍ଧ କରିଛି। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ୨ଦିନିଆ ନାଭାଲ ଡ୍ରିଲ୍ ସଫଳତାର ସହ ଶେଷ ହୋଇଥିବା ଫିଲିପାଇନ୍ସ ସଶସ୍ତ୍ର ସେନା ମୁଖ୍ୟ ଜେନେରାଲ ରୋମିଓ ବ୍ରାଉନର ସୋମବାର କହିଛନ୍ତି। ଆଗାମୀ ଦିନରେ ଉଭୟ ଦେଶ ମଧ୍ୟରେ ଅଧିକ ସମରାଭ୍ୟାସ ହେବା ନେଇ ସେ ଆଶାବ୍ୟକ୍ତ କରିଛନ୍ତି। ଡ୍ରିଲ୍‌ରେ ସାମିଲ ଥିବା ଫିଲିପାଇନ୍ସର ଏକ ଯୁଦ୍ଧଜାହାଜଠାରୁ ୨୫ ନଟିକାଲ ମାଇଲ୍ ଦୂରରେ ଚାଇନାର ୨ଟି ଯୁଦ୍ଧଜାହାଜ ଦେଖିବାକୁ ମିଳିଥିଲା। ତେବେ ଦକ୍ଷିଣ ଚାଇନା ସାଗରରେ ଏହା ବେଜିଂର ନିୟମିତ ପାଟ୍ରୋଲିଂ ବୋଲି ଏହାର ସାମରିକ ଅଧିକାରୀ କହିଛନ୍ତି।

## ପ୍ରତି ଘରେ ତ୍ରିରଙ୍ଗା ଉଡ଼ାଇବାକୁ ଶାହାଙ୍କ ନିବେଦନ

ନୂଆଦିଲ୍ଲୀ,୪।୮

ସ୍ୱାଧୀନତା ଦିବସ ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସୋମବାର ସମସ୍ତ ନାଗରିକଙ୍କୁ ସେମାନଙ୍କ ଘରେ ତ୍ରିରଙ୍ଗା ଉଡ଼ାଇବାକୁ ନିବେଦନ କରିଛନ୍ତି। ଏଥିସହିତ 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନର ଅଂଶ ସ୍ୱରୂପ ନିର୍ଦ୍ଦିଷ୍ଟ ପୋର୍ଟାଲରେ ଜାତୀୟ ପତାକା ସହ ସେଲ୍‌ଫି ଅପ୍‌ଲୋଡ୍ କରିବାକୁ ଶାହା କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନ ଆରମ୍ଭ ହୋଇଥିଲା, ଯାହା ଦେଶବାସୀଙ୍କୁ ଏକତ୍ର କରିବାରେ ଉଲ୍ଲେଖନୀୟ ଭୂମିକା ନେଇଛି ଓ ପ୍ରତି ନାଗରିକଙ୍କ ମଧ୍ୟରେ ଦେଶପ୍ରେମ ସ୍ପଷ୍ଟ ଦୃଶ୍ୟ ହେଉଥିବା ଶାହା Xରେ ଲେଖିଛନ୍ତି।

## ଟିଏମ୍‌ସି ମୁଖ୍ୟ ସଚେତକ ପଦରୁ କଲ୍ୟାଣ ବାନାର୍ଜୀଙ୍କ ଇସ୍ତଫା

**ଅଭିଷେକ ହେଲେ ସଂସଦୀୟ ଦଳ ନେତା**

କୋଲକାତା, ୪।୮

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି କଲ୍ୟାଣ ବାନାର୍ଜୀ ସୋମବାର ଲୋକ ସଭାରେ ଦଳୀୟ ମୁଖ୍ୟ ସଚେତକ ପଦରୁ ଇସ୍ତଫା ଦେଇଛନ୍ତି। ଟିଏମ୍‌ସି ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଟିଏମ୍‌ସି ସଂସଦୀୟ ଦଳର ଭର୍ଚ୍ଚୁଆଲ ବୈଠକରେ ଅଂଶଗ୍ରହଣ କରିବା ପରେ ସେ ଇସ୍ତଫା ଦେଇଛନ୍ତି। ଦଳର ଏମ୍‌ପିମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ଥିବା ନେଇ ଭର୍ଚ୍ଚୁଆଲ ବୈଠକରେ ମମତା କହିଥିଲେ। ସଂସଦୀୟ ଦଳର ମୁଖ୍ୟ ସଚେତକ ଥିବାରୁ ଏଥିପାଇଁ ସେ ଦାୟୀ। ତେଣୁ ପଦ ଛାଡ଼ିବା ପାଇଁ ନିଷ୍ପତ୍ତି ନେଇଥିବା କଲ୍ୟାଣ କହିଛନ୍ତି। ଡାଇମଣ୍ଡ ହାର୍ବର ଏମ୍‌ପି ତଥା ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କୁ ଟିଏମ୍‌ସି ସଂସଦୀୟ ଦଳ ନେତା ନିଯୁକ୍ତ କରାଯାଇଛି। ସେ ବରିଷ୍ଠ ନେତା ସୁଦୀପ ବନ୍ଦୋପାଧ୍ୟାୟଙ୍କ ସ୍ଥାନ ନେଇଛନ୍ତି। ଅସୁସ୍ଥ ଥିବା ହେତୁ ସୁଦୀପଙ୍କୁ ସଂସଦୀୟ ଦଳ ନେତା ପଦରୁ ମୁକ୍ତ କରାଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, କିଛିଦିନ ଧରି ଟିଏମ୍‌ସିର କ୍ରିଷ୍ଣାନଗର ଏମ୍‌ପି ମୋହୁଆ ମୋଇତ୍ରଙ୍କ ସହ କଲ୍ୟାଣଙ୍କର ବିବାଦ ଲାଗିରହିଛି। ସାମାଜିକ ଗଣମାଧ୍ୟମ 'X'ରେ ଉଭୟେ ପରସ୍ପର ବିରୋଧରେ ଅନେକ ପୋଷ୍ଟ କରିଛନ୍ତି।




କଲ୍ୟାଣ ବାନାର୍ଜୀ

## ର' ଏଜେଣ୍ଟ ସାଜିଲେ ପ୍ରତୀକ

**'ସାରେ ଜହାଁ ସେ ଅଚ୍ଛା' ଟ୍ରେଲର ଆଉଟ**

ମୁମ୍ବାଇ

ଆସନ୍ତା ଅଗଷ୍ଟ ୧୩ରେ ଓଟିଟି ପ୍ଲାଟ୍‌ଫର୍ମ ନେଟଫ୍ଲିକ୍ସରେ 'ସାରେ ଜହାଁ ସେ ଅଚ୍ଛା' ୱେବ୍‌ସିରିଜ୍ ରିଲିଜ୍ ହେବ। ସୋମବାର ଏହାର ଟ୍ରେଲରକୁ ଜାରି କରାଯାଇଛି। ଟ୍ରେଲରରେ ଅଭିନେତା ପ୍ରତୀକ ଗାନ୍ଧୀ ଜଣେ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର') ଏଜେଣ୍ଟଙ୍କ ଭୂମିକା ନିଭାଉଥିବାର ଦେଖିବାକୁ ମିଳିଛି। ସେ ର' ଏଜେଣ୍ଟ ବିଷ୍ଣୁ ଶଙ୍କରଙ୍କ ଚରିତ୍ର ନିଭାଉଛନ୍ତି। ପାକିସ୍ତାନରେ ଏକ ବିପଦପୂର୍ଣ୍ଣ ମିଶନରେ ତାଙ୍କୁ ପୋଷ୍ଟିଂ କରାଯାଇଛି। ସେ ପାକିସ୍ତାନରେ ବିଭିନ୍ନ ଆଣବିକ କାର୍ଯ୍ୟକଳାପ ଉପରେ ନଜର ରଖୁଥିବା ସହ ଆଣବିକ ସଂଘର୍ଷ ରୋକିବା ଦିଗରେ କାର୍ଯ୍ୟ କରୁଥିବା ନେଇ ଟ୍ରେଲରରେ ଦେଖିବାକୁ ମିଳିଛି। 'ସାରେ ଜହାଁ ସେ ଅଚ୍ଛା' ୱେବ୍‌ସିରିଜ୍‌ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ରଣନୈତିକ ମୁକାବିଲାକୁ ଭଲ ଭାବେ ଚିତ୍ରଣ କରାଯାଇଛି। ସୁମିତ ପୁରୋହିତଙ୍କ ନିର୍ଦ୍ଦେଶିତ ଏହି ସିରିଜ୍‌ରେ ଅଭିନେତା ସନି ହିନ୍ଦୁଜା, ରଜତ କପୁର, ଅନୁପ ସୋନୀ, କ୍ରିତିକା କାମରା ଏବଂ ତିଲୋତ୍ତମା ଶୋମ ପ୍ରମୁଖ ନଜରକୁ ଆସିବେ।



# ୮୩୫ ଆଦର୍ଶ ବିଦ୍ୟାଳୟ ନିର୍ମାଣ ହେବ

**ଭୁବନେଶ୍ୱର,୪।୮ (ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଲୋକସେବା ଭବନଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୮୩୫ ଆଦର୍ଶ ବିଦ୍ୟାଳୟ ନିର୍ମାଣ ହେବ। ଏହି ବିଦ୍ୟାଳୟଗୁଡିକ ରାଜ୍ୟର ଉଚ୍ଚ ବିଦ୍ୟାଳୟ ପାଇଁ ଏକ ଫିଡର ସ୍କୁଲ ଭାବରେ କାର୍ଯ୍ୟ କରିବ। ପ୍ରତ୍ୟେକ ବିଦ୍ୟାଳୟ ପାଇଁ ୭ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟୟ ଅଟକଳ ରଖାଯାଇଛି। ଯେଉଁ ସ୍କୁଲରେ ୧୦୦ରୁ ଅଧିକ ଛାତ୍ରୀଛାତ୍ର ଥିବେ, ୨ ଏକରରୁ ଅଧିକ ଜମି ଉପଲବ୍ଧ ହେଉଥିବ ଏବଂ ଶିଶୁ ବାଟିକାଠାରୁ ଆରମ୍ଭକରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେଉଥିବ

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟକ୍ରମ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



ସେହି ସ୍କୁଲ ଗୁଡିକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ନିର୍ମାଣ କରାଯିବ।

ବୈଠକରେ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଗ୍ରାମପଞ୍ଚାୟତର ହେଡକ୍ୱାର୍ଟର୍ସରେ ଭୌଗୋଳିକ ଅବସ୍ଥିତିକୁ ଦୃଷ୍ଟିରେ ରଖି ଗୋଟିଏ ଲେଖାଏ ଆଦର୍ଶ ସ୍କୁଲ ନିର୍ମାଣ କରାଯିବ ଏବଂ ସାମାଜିକ-ଅର୍ଥନୈତିକ ପୃଷ୍ଠଭୂମିରେ ଜାତୀୟ ସ୍ତରୀୟ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବା ଓ ଛାତ୍ରୀଛାତ୍ରଙ୍କ ଯିବା ଆସିବା ସୁବିଧା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ଦୁର୍ଗମ ଓ

## ଦୁର୍ଗମ ଅଞ୍ଚଳରେ ଛାତ୍ରୀଛାତ୍ରଙ୍କୁ ମିଳିବ ମାଗଣା ଯାନବାହନ

ଦୂର ଅଞ୍ଚଳରେ ରହୁଥିବା ପିଲାଙ୍କ ଯିବା ଆସିବା ପାଇଁ ମାଗଣାରେ ପରିବହନ ସୁବିଧା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ପର୍ଯ୍ୟାପ୍ତ ଜମି ଥିବା ସ୍କୁଲଗୁଡ଼ିକୁ ଚୟନ କରାଯାଇ, ଭବିଷ୍ୟତରେ ହାଇସ୍କୁଲ ସ୍ତରକୁ ଅପଗ୍ରେଡ ପାଇଁ ଏହାକୁ ଉନ୍ନତୀକରଣ କରାଯିବ, ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଶିକ୍ଷା ଫଳାଫଳକୁ ଉନ୍ନତ କରିବା ଏବଂ ଶିକ୍ଷକ ଚୟନ ପ୍ରକ୍ରିୟାରେ ଉନ୍ନତ ପଦକ୍ଷେପ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ସଚିବ ଓ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭିତ୍ତିଭୂମିରେ ଉନ୍ନତି ଆଣିବା, ଆଧୁନିକ ଶିକ୍ଷାଦାନ ପଦ୍ଧତି ଗ୍ରହଣ କରିବା ଏବଂ ଅଭିଭାବକ, ପୂର୍ବତନ ଛାତ୍ର ଏବଂ ସ୍ଥାନୀୟ ଅଂଶୀଦାରଙ୍କ ସମ୍ପୃକ୍ତିକୁ ପ୍ରୋତ୍ସାହିତ କରିବା ଜାତୀୟ ଶିକ୍ଷା ନୀତି ୨୦୨୦ ସହିତ ସମନ୍ୱୟ ରଖି, ତୃତୀୟ ଶ୍ରେଣୀ ସୁଦ୍ଧା ମୌଳିକ ଶିକ୍ଷାଗତ ଦକ୍ଷତା ହାସଲ କରିବା ପାଇଁ ମୂଳଦୁଆ ସାକ୍ଷରତା ଏବଂ ସଂଖ୍ୟାକୁ ସୁଦୃଢ଼ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍କୁଲ ଓ ଗଣଶିକ୍ଷା ବିଭାଗ କମିଶନର ଶାଳିନୀ ପଣ୍ଡିତ ପ୍ରମୁଖ ଉପସ୍ଥିତ ଥିଲେ।




ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧବାର୍ଷିକୀରେ ସୋମବାର ଉତ୍କଳ ସମ୍ମିଳନୀ ପକ୍ଷରୁ ଭୁବନେଶ୍ୱର ରାଜଭବନ ଛକ ନିକଟ ଏଲ୍‌ଆଇସି ଅଫିସ୍ ପାର୍ଶ୍ୱରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି। (ଫଟୋ: ମନୋରଞ୍ଜନ ମିଶ୍ର)




# ରାଜ୍ୟବ୍ୟାପୀ ଥାନା ଘେରାଉ କରାଯିବ: ଭକ୍ତ

## ବଲାଙ୍ଗୀ ଓ ବାଲେଶ୍ୱରରେ ହେବ ନାରୀ ନ୍ୟାୟ ଯାତ୍ରା

**ଭୁବନେଶ୍ୱର,୪।୮ (ରବିନାରାୟଣ ଜେନା)**

ବଲାଙ୍ଗୀ ପୀଡ଼ିତାଙ୍କୁ ଉତ୍ତମ ଚିକିତ୍ସା ଦେବାପାଇଁ ଭୁବନେଶ୍ୱର ଏମ୍ସରୁ ନୂଆଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଗଲା। ୧୫ ଦିନ ପର୍ଯ୍ୟନ୍ତ ଚିକିତ୍ସା ଭିତରେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସୁଛି ଏବଂ ସେ କଥାବାର୍ତ୍ତା କରୁଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗଣମାଧ୍ୟମରେ କହିଲେ। ହେଲେ କ'ଣ ହେଲା କେଜାଣି ହଠାତ୍ ତାଙ୍କର ମୃତ୍ୟୁ ହେଲା। ଏହା କେବଳ ସରକାରଙ୍କ ସୁଚିନ୍ତିତ ଷଡ଼ଯନ୍ତ୍ର ଛଡ଼ା ଆଉ କିଛି ନୁହେଁ ବୋଲି ସୋମବାର ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। କଂଗ୍ରେସ ଭବନରେ ଖବରଦାତାଙ୍କୁ ଭକ୍ତ କହିଛନ୍ତି, ବାଲେଶ୍ୱର ଏବଂ ବଲାଙ୍ଗୀ ଅପମୃତ୍ୟୁକୁ ନେଇ କଂଗ୍ରେସ ଉଭୟ ସ୍ଥାନରେ ନାରୀ ନ୍ୟାୟ ପାଇଁ ପଦଯାତ୍ରା କରିବ। ଏହାସହ ରାଜ୍ୟବ୍ୟାପୀ ଥାନା ଘେରାଉ କାର୍ଯ୍ୟକ୍ରମ କରିବ। ବଲାଙ୍ଗୀ ପୀଡ଼ିତାଙ୍କ ବୟାନ ୪ ଥର ନିଆଯାଇଛି। ଏଥିରୁ ଜଣାପଡୁଛି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିଲା। ତେବେ କ'ଣ ହେଲା ତାଙ୍କର ହଠାତ୍ ମୃତ୍ୟୁ ହୋଇଗଲା ? ବୟାନର ରେକର୍ଡିଂ ସାର୍ବଜନୀନ କରାଗଲେ ଅସଲ ରହସ୍ୟ ଜଣାପଡ଼ିବ। ଏହାକୁ ନେଇ ଆସନ୍ତା ୧୪ରେ ବାଲେଶ୍ୱର ଏଫ୍‌ଏମ୍ କଲେଜରୁ ଭୋଗରାଇ ଏବଂ ୧୨ ତାରିଖରେ ବଲାଙ୍ଗୀ ପୋଡ଼ି ଘଟଣାସ୍ଥଳରୁ ନିମାପଡ଼ା ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରା କରାଯିବ। ବଲାଙ୍ଗୀ ପୀଡ଼ିତାଙ୍କୁ ୭ ଦିନ ଭିତରେ ନ୍ୟାୟ ନ ମିଳିଲେ ସାରା ରାଜ୍ୟରେ ଥାନା ଓ କଟକସ୍ଥିତ ଡିଜିପି ଅଫିସ ଘେରାଉ କରିବୁ।

# ହଷ୍ଟେଲ ଛାତ୍ରୀଛାତ୍ରଙ୍କୁ ମିଳିବ ଡିଜିଟାଲ ହେଲ୍‌ଥ କାର୍ଡ

**ଭୁବନେଶ୍ୱର,୪।୮ (ରବିନାରାୟଣ ଜେନା)**

ରାଜ୍ୟରେ ଭାଜପା ସରକାର ଦାୟିତ୍ୱ ନେବା ଦିନଠାରୁ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗରେ କେଉଁ କ୍ଷେତ୍ରରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ତା'ର ଟିକିନିଖି ହିସାବ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଲୋଡ଼ିଛନ୍ତି।

ସୋମବାର ପୂର୍ବାହ୍ନରେ ମନ୍ତ୍ରୀ ଗଣ୍ଡ ଲୋକସେବା ଭବନରେ ଥିବା ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗ ପରିଦର୍ଶନ ଅବସରରେ ବିଭାଗୀୟ ସଚିବ ବି. ପରମେଶ୍ୱରନ ଏବଂ ନିର୍ଦ୍ଦେଶକମାନଙ୍କ ସହିତ ଆଲୋଚନା କରିଛନ୍ତି। ବିଭାଗର କାର୍ଯ୍ୟକାରିତା କିଭଳି ରହିଛି, ଆଗାମୀ ଦିନରେ ବିଭାଗ କିଭଳି ଚଳଚଞ୍ଚଳ ହେବ ସେନେଇ ତାଗିଦ୍ ମଧ୍ୟ କରିଛନ୍ତି। ଏହାସହିତ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ଭିତ୍ତିଭୂମି ଏବଂ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ନେଇ ରିପୋର୍ଟ ଲୋଡ଼ିଛନ୍ତି। ମନ୍ତ୍ରୀ କହିଛନ୍ତି, ଏଣିକି ପ୍ରତ୍ୟେକ ମାସରେ ବିଭାଗର ସମୀକ୍ଷା କରାଯିବ। ଛାତ୍ରୀଛାତ୍ରଙ୍କୁ ଗୁଣବତ୍ତା ଶିକ୍ଷା ମିଳୁଛି କି ନାହିଁ ତାହାକୁ ମାପିବା ପାଇଁ ତୃତୀୟପକ୍ଷଙ୍କୁ ନିୟୋଜିତ କରାଯିବ। ଶିକ୍ଷାଠାରୁ ଆରମ୍ଭକରି ବିଦ୍ୟାଳୟ ଭିତ୍ତିଭୂମି ନିର୍ମାଣ ପର୍ଯ୍ୟନ୍ତ ସବୁକିଛିର ସମୀକ୍ଷା କରାଯିବ। ଯେଉଁଠାରେ ତ୍ରୁଟି ପରିଲକ୍ଷିତ ହେବ ସେଠାରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବ। ରାଜ୍ୟର ପ୍ରତ୍ୟେକ ଅନୁସୂଚିତ ଜାତି ଓ ଜନଜାତି ବିଭାଗରେ ଥିବା ହଷ୍ଟେଲ ଛାତ୍ରୀଛାତ୍ରଙ୍କ ପାଇଁ ଡିଜିଟାଲ ହେଲ୍‌ଥ କାର୍ଡ ବ୍ୟବସ୍ଥା ପ୍ରଚଳନ କରାଯିବ। ଏହାଦ୍ୱାରା ବିଭିନ୍ନ ସମୟରେ ହଷ୍ଟେଲ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଲୋକଲୋଚନକୁ ଆସୁଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଫଳରେ ଛାତ୍ରୀଙ୍କୁ ନେଇ ଯେଉଁ ଅଭିଯୋଗ ଆସୁଛି ତାହାକୁ ଏଡ଼ାଯାଇ ପାରିବ। ଆଇଟିଡିଏଗୁଡ଼ିକରେ ସରକାରଙ୍କ ବିଭିନ୍ନ ଯୋଜନାରେ ଯେଉଁ ସବୁ କାର୍ଯ୍ୟକ୍ରମ ହେଉଛି, ତାହାର ମଧ୍ୟ ସମୀକ୍ଷା ଖୁବ୍‌ଶୀଘ୍ର କରାଯିବ ବୋଲି ସେ କହିଛନ୍ତି।

## ସଚିବଙ୍କଠାରୁ ବିଭାଗୀୟ ରିପୋର୍ଟ ମାଗିଲେ ମନ୍ତ୍ରୀ



ଏସ୍‌ସି/ଏସ୍‌ଟି ବିକାଶ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୋମବାର ଲୋକସେବା ଭବନରେ ନିଜ ବିଭାଗ ପରିଦର୍ଶନ କରୁଛନ୍ତି। ନିକଟରେ ଅଛନ୍ତି ବିଭାଗୀୟ ସଚିବ ବି. ପରମେଶ୍ୱରନ୍।

# ବଲାଙ୍ଗୀ ପୀଡ଼ିତାଙ୍କ ମୃତଦେହକୁ କବର ଦିଆଗଲା

**ବଲାଙ୍ଗୀ,୪।୮ (କେଦାରେଶ୍ୱର ନନ୍ଦ)**

ବଲାଙ୍ଗୀ ପୀଡ଼ିତା ସମିଦା ଖାତୁନ୍‌ଙ୍କ ମୃତଦେହକୁ ସୋମବାର ସକାଳେ ପୁରୀ ଜିଲା ବାୟାବର ଗ୍ରାମରେ କବର ଦିଆଯାଇଛି। ସମ୍ପ୍ରଦାୟର ରୀତିନୀତି ଅନୁଯାୟୀ, ପୂର୍ବାହ୍ନ ୯ଟା ୩୦ରେ ତାଙ୍କ ସମ୍ପର୍କୀୟ ଓ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ମୃତଦେହକୁ କବର ଦିଆଯିବା ସହ ସମୂହ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ପୁରୀ ଉପଜିଲାପାଳ ରାଜକିଶୋର ଜେନା ପ୍ରମୁଖ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ତାଙ୍କ ଇସ୍ତଫା ଦାବିକୁ ନେଇ ମୁହଁ ଖୋଲିଛନ୍ତି। ପ୍ରଭାତୀ କହିଛନ୍ତି, ସେ ଶହେଥର ଇସ୍ତଫା ଦେବାକୁ ରାଜି। ଇସ୍ତଫା ଦେଲେ ଝିଅଟିର ଜୀବନ ବଞ୍ଚିପାରିଲେ ସେ ଶହେଥର ଇସ୍ତଫା ଦେବାକୁ ପ୍ରସ୍ତୁତ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ଯାତ୍ରା ଅଭିନେତ୍ରୀ ରାଣୀ ପଣ୍ଡା ଗ୍ରାମରେ ପହଞ୍ଚି ପରିବାରକୁ ସମବେଦନା ଜଣାଇବା ସହ ୫୦ ହଜାର ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରିଥିଲେ। ଜୁଲାଇ ୧୯ରେ ସମିଦାଙ୍କୁ ୩ ଯୁବକ କିରୋସିନି ଢାଳି ଜାଳିଦେବା ଉଦ୍ୟମ ଅଭିଯୋଗ ହୋଇଥିଲା। ଗୁରୁତର ଅବସ୍ଥାରେ ସମିଦାଙ୍କୁ ପ୍ରଥମେ ଭୁବନେଶ୍ୱର ଏମ୍ସ ଏବଂ ପରେ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବାବେଳେ ୨ ତାରିଖ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ରାତିରେ ଦିଲ୍ଲୀରୁ ତାଙ୍କ ମୃତଦେହ ଅଣାଯିବା ପରେ ରାତି ପ୍ରାୟ ୧୨ଟା ୪୫ରେ ତାଙ୍କ ଗ୍ରାମ ବାୟାବରରେ ପହଞ୍ଚିଥିଲା। ରୀତିନୀତି ଅନୁସାରେ ମୃତଦେହକୁ କବରସ୍ଥାନ ନେବା ପାଇଁ ତାବୁତ ପ୍ରସ୍ତୁତ କରାଯିବା ସହ କୋରାନ ପାଠ କରାଯାଇଥିଲା।

## ଝିଅ ଜୀବନ ବଞ୍ଚିପାରିଲେ ମୁଁ ଶହେଥର ଇସ୍ତଫା ଦେବାକୁ ପ୍ରସ୍ତୁତ: ପ୍ରଭାତୀ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

# ୬ ଘଣ୍ଟିଆ ପୁରୀ ବନ୍ଦ ଡାକରା ଦେଲା ବିଜେଡି

**ପୁରୀ,୪।୮ (ଅଜିତ୍ କୁମାର ମହାନ୍ତି)**

ବଲାଙ୍ଗୀ ପୀଡ଼ିତାଙ୍କ ମୃତ୍ୟୁ ଘଟଣାରେ ପୋଲିସ ପ୍ରଶାସନର ଅପାରଗତା ପ୍ରତିବାଦରେ ଆସନ୍ତା ୭ ତାରିଖରେ ବିଜେଡି ପକ୍ଷରୁ ୬ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଏନେଇ ସୋମବାର ଏକ ହୋଟେଲରେ ବିଜେଡି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ପୁରୀ ଜିଲା ସଭାପତି ଉମାକାନ୍ତ ସାମନ୍ତରାୟ କହିଛନ୍ତି, ପୀଡ଼ିତାଙ୍କୁ ନ୍ୟାୟ ପାଇଁ ଆସନ୍ତା ୭ରେ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ଯାଏ ପୁରୀ ଜିଲାରେ ଦଳ ପକ୍ଷରୁ ବନ୍ଦ ପାଳନ କରାଯିବ। ହଠାତ୍ ପୀଡ଼ିତାଙ୍କ ମୃତ୍ୟୁ ଘଟିଥିବା ଘୋଷଣା କରାଯିବା ରହସ୍ୟମୟ ହୋଇରହିଛି। ପୀଡ଼ିତାଙ୍କ ବାପା କେଉଁ ଚାପରେ ମତ ପରିବର୍ତ୍ତନ କଲେ। ଯଦି ଝିଅ ଆତ୍ମହତ୍ୟା କରିବାର ଥିଲା, ସେ ତାଙ୍କ ଘରେ କରିପାରିଥାନ୍ତେ। ତାହା ନ କରି ଅଧ କି.ମି. ଦୂରକୁ ଯାଇ ଆତ୍ମହତ୍ୟା କଲେ କାହିଁକି। ସେହିପରି ପୋଲିସ ପ୍ରଥମରୁ କହି ଆସୁଥିଲା ଯେ, ତଦନ୍ତରେ ଅନେକ କିଛି ସୁରାଗ ମିଳିଛି। ଖୁବ୍‌ଶୀଘ୍ର ଦୋଷୀଙ୍କୁ ଗିରଫ କରିବୁ। ମାତ୍ର ଏବେ ପୋଲିସ ଏଥିରେ କାହାର ସଂପୃକ୍ତି ନ ଥିବା ଦର୍ଶାଇଛି। ଦୋଷୀ କୁଆଡ଼େ ଗଲେ ବୋଲି ସେ ପ୍ରଶ୍ନ କରିଛନ୍ତି।

# ମାଷ୍ଟରକ୍ୟାଣ୍ଟିନ ଛକରେ ବିଜୁ ଛାତ୍ର ଜନତା ଦଳର ବିକ୍ଷୋଭ

**ଭୁବନେଶ୍ୱର, ୪।୮ (ସୁନିତ୍ ମିଶ୍ର)**

ବଲାଙ୍ଗୀ ପୀଡ଼ିତା ଓ ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଭାଜପା ସରକାରରେ ରାଜ୍ୟରେ ଛାତ୍ରୀ ଓ ମହିଳାମାନେ ଅସୁରକ୍ଷିତ। ଭାଜପାର ଛାତ୍ର ସଂଗଠନ ଏବିଭିପିର ବାଲେଶ୍ୱର ଛାତ୍ରୀ ହତ୍ୟା ଘଟଣାରେ ସମ୍ପୃକ୍ତି ରହିଛି। ଏବିଭିପି ନିଜ ରାଜନୈତିକ ସ୍ୱାର୍ଥ ପାଇଁ ଛାତ୍ରମାନଙ୍କୁ ବ୍ୟବହାର କରୁଛି। ବଲାଙ୍ଗୀ ପୀଡ଼ିତାଙ୍କ ହତ୍ୟାକୁ ସରକାରଙ୍କ ଚାପରେ ପୋଲିସ ଆତ୍ମହତ୍ୟାର ରୂପ ଦେଉଛି ବୋଲି ଦଳ ଅଭିଯୋଗ ଆଣିଛି।

# ୪ ଜିଲା ସଭାପତିଙ୍କ ନାମ ଘୋଷଣା କଲା ବିଜେଡି

**ଭୁବନେଶ୍ୱର,୪।୮ (ସୁନିତ୍ ମିଶ୍ର)**

ବିଜେଡି ପକ୍ଷରୁ ସୋମବାର ୪ ସାଙ୍ଗଠନିକ ଜିଲାର ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଗଞ୍ଜାମ ଜିଲା ପାଇଁ ବିକ୍ରମ ପଣ୍ଡାଙ୍କୁ ସଭାପତି ଭାବେ ନିଯୁକ୍ତି ମିଳିଛି। ସେହିପରି କେନ୍ଦ୍ରାପଡ଼ାରେ ଶିବପ୍ରସାଦ ଭୋଇ, କଳାହାଣ୍ଡି ପାଇଁ ପ୍ରଦୀପ କୁମାର ଦିଶାରି ଏବଂ କଟକରେ ପ୍ରଫୁଲ୍ଲ ସିଂଙ୍କୁ ଦଳ ସଭାପତି ଭାବେ ନିଯୁକ୍ତ କରିଛି। ୩୩ଟି ସାଙ୍ଗଠନିକ ଜିଲା ମଧ୍ୟରୁ ବିଜେଡି ୨୪ ଜିଲାର ସଭାପତିଙ୍କ ନାମ ଘୋଷଣା କରିଥିବାବେଳେ ଅଦ୍ୟାବଧି ଢେଙ୍କାନାଳ, କୋରାପୁଟ, ଖୋର୍ଦ୍ଧା, ରାୟଗଡ଼ା ଓ ବାଲେଶ୍ୱର ଜିଲାର ସଭାପତିଙ୍କ ନାମ ଘୋଷଣା କରିନାହିଁ। ସଦ୍ୟ ଘୋଷିତ ୪ ସଭାପତି ପଦକୁ ନେଇ ନେତାଙ୍କ ମଧ୍ୟରେ ଟଣାଓଟରା ଲାଗି ରହିଥିଲା। ଏବେ ଯେଉଁ ନାମଗୁଡ଼ିକ ପ୍ରକାଶ ପାଇଛି,ଏହା ଦଳର ଅନ୍ୟଏକ ଗୋଷ୍ଠୀକୁ ଅସନ୍ତୁଷ୍ଟ କରିଛି।









## ୧୦ ବର୍ଷରେ ୧୭ କୋଟି ନିଯୁକ୍ତି ସୃଷ୍ଟି ହୋଇଛି: କେନ୍ଦ୍ର

ନୂଆଦିଲ୍ଲୀ, ୪।୮: କେନ୍ଦ୍ରର ମୋଦି ସରକାର ଅମଳରେ ଗତ ୧୦ ବର୍ଷ ମଧ୍ୟରେ ପ୍ରାୟ ୧୭ କୋଟି ନିଯୁକ୍ତି ସୃଷ୍ଟି ହୋଇଥିବା ନେଇ ସୋମବାର ଲୋକ ସଭାରେ ଏକ ପ୍ରଶ୍ନର ଉତ୍ତର ରଖି କେନ୍ଦ୍ର ଶ୍ରମ ଓ ନିଯୋଜନ ମନ୍ତ୍ରୀ ମୁକେଶ ମାଣ୍ଡବ୍ୟ ସୂଚନା ଦେଇଛନ୍ତି। ୨୦୦୪ରୁ ୨୦୧୪ ମଧ୍ୟରେ ୟୁପିଏ ସରକାର ସମୟରେ କେବଳ ୩ କୋଟି ନିଯୁକ୍ତି ସୃଷ୍ଟି ହୋଇଥିବା ସେ କହିଛନ୍ତି। କେନ୍ଦ୍ର ସରକାର ଗତ ୧୬ ମାସ ମଧ୍ୟରେ ୧୧ ଲକ୍ଷ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ଉପଲବ୍ଧ କରାଇଥିବା ନେଇ ମାଣ୍ଡବ୍ୟ ଲୋକ ସଭା ଗୃହକୁ ଅବଗତ କରାଇଛନ୍ତି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଉତ୍କଳ ସମ୍ମିଳନୀ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜନ୍ମ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ରବିନ୍ଦ୍ର ମଣ୍ଡପ ସମ୍ମୁଖ ଓ ମୁଖ୍ୟ ଡାକଘର ପାଖ, ସମୟ: ସକାଳ ୯ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୂଆସାହି ବାଲିଆ ପଟା ରସୁଲଗଡ଼ ଜ୍ଞାନବିଜ୍ଞାନ ମେଳା, ସ୍ଥାନ: ସ୍କୁଲ୍ ପରିସର, ସମୟ: ସକାଳ ୯ଟା।
- ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଓଡ଼ିଶା ବିଧାନସଭା ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱରର ୬୩ତମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପ୍ରତିଷ୍ଠାନ ପରିସରସ୍ଥ ନୂତନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୋଲୋ ଆର୍ଟ ଏକ୍ଜିଭିଶନ୍ 'କଳା ଚକ୍ର', ସ୍ଥାନ:ଭୁବନେଶ୍ୱର କ୍ଲବ୍, ସମୟ: ପୂର୍ବାହ୍ନ ୧୧ଟା।
- ଏସ୍‌ୟୁସିଆଇର ପ୍ରତିଷ୍ଠାତା ଶିବଦାସ ଘୋଷଙ୍କ ୫୦ତମ ମୃତ୍ୟୁ ଦିବସ ଉପଲକ୍ଷେ ରାଜ୍ୟସ୍ତରୀୟ ଜନସଭା କାର୍ଯ୍ୟକ୍ରମ, ସ୍ଥାନ: ସାମନ୍ତରାପୁରସ୍ଥ ରୟାଲ ରିସର୍ଟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନାରୀମାନଙ୍କ ଉପରେ ହେଉଥିବା ଅଶୋଭନୀୟ ଆଚରଣର ପ୍ରତିକାର ଓ ନ୍ୟାୟ ପାଇଁ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଗଣମାଧ୍ୟମ ସମ୍ବେଦନଶୀଳତା କାର୍ଯ୍ୟକ୍ରମ, ସ୍ଥାନ:ଏଚ୍‌ଓଡି ବିଲ୍‌ଡିଙ୍ଗ ୟୁନିଟ୍ ୫, ସମୟ: ମଧ୍ୟାହ୍ନ ୧୨ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।
- ଓଡ଼ିଶାର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀଙ୍କ ଜୟନ୍ତୀ ଉପଲକ୍ଷେ ଅଗଷ୍ଟ କ୍ରାନ୍ତି ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଙ୍ଗୀତାୟନ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ସ୍ମିତା ଦେବ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପୁସ୍ତକ କ୍ରିଷ୍ଣାଧାବିକା ଉନ୍ମୋଚନ, ସ୍ଥାନ: କେ.ଏମ୍ କନ୍‌ଭେନ୍‌ଶନ୍ ଟଙ୍କପାଣି ରୋଡ, ସମୟ: ସନ୍ଧ୍ୟା ୬ଟା ୩୦।

### କଟକ
- ଓଡ଼ିଶା ଷ୍ଟେଟ୍ ଲିଗାଲ ସର୍ଭିସ ଅଥରିଟି ପକ୍ଷରୁ ମେଡିଟେଶନ ପ୍ରଶିକ୍ଷଣ ଶିବିର, ସ୍ଥାନ– ଓଡ଼ିଶା ଜୁଡିସିଆଲ ଏକାଡେମୀ, ସମୟ– ସକାଳ ୯ଟା

### ପୁରୀ
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଆଚାର୍ଯ୍ୟ ହରିହର ଯୁବ ପରିଷଦ ଆନୁକୂଲ୍ୟରେ ପଣ୍ଡିତ ନୀଳକଣ୍ଠଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ରପୁର ଶାସନ, ସମୟ: ଅପରାହ୍ନ ୩ଟା।

### ବାଲେଶ୍ୱର
- ନୀଳମଣି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ମହାବିଦ୍ୟାଳୟ ପରିସର, ରୂପସା, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦।

### ଭଦ୍ରକ
- ସର୍ପାଘାତ ଓ ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାରୋ ଦହପାଣିଆ ସରକାରୀ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଭୂମିକନ୍ୟା ମହିଳା ସଙ୍ଗଠନର ବାର୍ଷିକ ଉତ୍ସବ, ସ୍ଥାନ: ଟାଉନହଲ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

### କେନ୍ଦୁଝର
- ମା' ମଙ୍ଗଳା ମନ୍ଦିରରେ ବାର୍ଷିକ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ଭୂଇଁପୁର, ଛେନାପଦି, ସମୟ: ଅପରାହ୍ନ ୨ ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଚମ୍ପୁଆ, ସମୟ: ଅପରାହ୍ନ ୫ ଟା।
- ଓଡ଼ିଆ ଅସ୍ମିତା, ଭାଷା, ସାହିତ୍ୟ ଓ ସଂସ୍କୃତିକୁ ନେଇ ଜାତୀୟସ୍ତରୀୟ ସେମିନାର, ସ୍ଥାନ: ଡିଡି ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।

### ମୟୂରଭଞ୍ଜ
- କପ୍ତିପଦା ଉପଖଣ୍ଡ ଅମଲା ସଂଘ ପକ୍ଷରୁ ବିଧାୟକଙ୍କୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ଉଦଳା ୧ନଂ. ୱାର୍ଡସ୍ଥିତ ବିଧାୟକଙ୍କ ବାସଭବନ,ସମୟ: ସକାଳ ୯ଟା।
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟ, ସ୍ଥାନ:କଲେଜ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଚଳଚ୍ଚିତ୍ର 'ଆନ୍ଦୋଳନ'ର ପୋଷ୍ଟର ରିଲିଜ, ସ୍ଥାନ: ମା' ଭୈରବୀ ମନ୍ଦିର ପ୍ରାଙ୍ଗଣ, ମଧୁବନ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

### ଗଞ୍ଜାମ
- ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୪୧ତମ ଜୟନ୍ତୀ ଉତ୍ସବ, ସ୍ଥାନ: ନୀଳକଣ୍ଠ କଲେଜ ଛତ୍ରପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।

### କନ୍ଧମାଳ
- ବରିଷ୍ଠ ନାଗରିକ ସଂଘର ବୈଠକ, ସ୍ଥାନ: ବନାସୀ ସେବା ସମିତିର ସଭାଗୃହ ବାଲିଗୁଡ଼ା, ସମୟ: ଅପରାହ୍ନ ୩ ଟା।

- ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦଭାବନା ସଭାଗୃହ ଫୁଲବାଣୀ, ସମୟ: ଅପରାହ୍ନ ୪ ଟା।

### ଢେଙ୍କାନାଳ
- ଗଣେଶ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭା ଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

### ଅନୁଗୋଳ
- ଆର୍‌ଏସିପିଏସ୍/ ଏମ୍‌ଏସିପିଏସ୍ ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଅଫିସ ଚାମ୍ବର, ସମୟ: ପୂର୍ବାହ୍ନ ୧୧ଟା।
- ପିଏମ୍‌ଏଫ୍‌ବିୱାଇର ଜିଲାସ୍ତରୀୟ ମନିଟରିଂ କମିଟି ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଅଫିସ ଚାମ୍ବର,ସମୟ: ପୂର୍ବାହ୍ନ ୧୧ଟା ୩୦।
- ଏମ୍‌କେୟୁୱାଇର ଡିଏଲ୍‌ସି ବୈଠକ. ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଅଫିସ ଚାମ୍ବର, ସମୟ: ମଧ୍ୟାହ୍ନ ୧୨ଟା।
- ଏଭିଏୱାଏ ସ୍କିମ ୨୦୨୪–୨୫ ଉପରେ ଡିଏଲ୍‌ପିଏସି ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଅଫିସ ଚାମ୍ବର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାର ଆଇଇସି ପ୍ଲାନ ଉପରେ ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଅଫିସ ଚାମ୍ବର, ସମୟ: ଅପରାହ୍ନ ୩ ଟା।

### ଜଗତ୍‌ସିଂହପୁର
- ଶିକ୍ଷକଙ୍କ ବଦଳି ପ୍ରତିବାଦରେ ମଣିଜଙ୍ଗା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଧାରଣା, ସ୍ଥାନ: ମଣିଜଙ୍ଗା ଉଚ୍ଚ ବିଦ୍ୟାଳୟ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା।

### କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: କଳପଡ଼ା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

### ଯାଜପୁର
- ଧର୍ମଶାଳା କ୍ରୀଡ଼ା ଛାତ୍ରାବାସ ପାଇଁ ପ୍ରତିଷ୍ଠା ଚୟନ କାର୍ଯ୍ୟକ୍ରମରେ ଦୌଡ଼କୁଦ ପ୍ରତିଯୋଗିତା, ସ୍ଥାନ: ଧର୍ମଶାଳା ଷ୍ଟାଡିୟମ, ସମୟ: ସକାଳ ୮ଟା।

### ନୟାଗଡ଼
- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ, ଆକାଂକ୍ଷା ହାଟର ୫ମ ଦିବସ, ସ୍ଥାନ: ନୟାଗଡ଼ ଜିଲା ସଂସ୍କୃତି ଭବନ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଝୁଲଣ ଯାତ୍ରାର ପ୍ରଥମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଗୋକୁଳାନନ୍ଦ ପୀଠ ସିଦ୍ଧାମୂଳା, ସମୟ: ସନ୍ଧ୍ୟା ୭ଟା, ସ୍ଥାନ: ନୟାଗଡ ପୁରୁଣା ସହରର ଗୋପିନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା, ସ୍ଥାନ: ସ୍ଥାନ: ନୟାଗଡ଼ ପୁରୁଣା ସହରର ଗୋପୀନାଥ ମନ୍ଦିର, ସମୟ: ସନ୍ଧ୍ୟା ସାଢ଼େ ୭ଟା, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ସନ୍ଧ୍ୟା ସାଢ଼େ ୭ଟା, ଓଡଗାଁ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା, ସ୍ଥାନ: କଣ୍ଟିଲୋ ରାଧାମୋହନ ପୀଠ, ସମୟ: ସନ୍ଧ୍ୟା ୮ଟା, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ରାତି ୯ଟା, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥଙ୍କ ମନ୍ଦିର, ସମୟ: ରାତି ୯ଟା।

### ରାୟଗଡ଼ା
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଟାଉନ ହଲ୍, ଗୁଣପୁର, ସମୟ: ପୂର୍ବାହ୍ନ ୧୦ ଟା।

### ନବରଙ୍ଗପୁର
- ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଶୁଭାରମ୍ଭ, ସ୍ଥାନ: ଝରିଗାଁ, ସମୟ: ସମୟ: ପୂର୍ବାହ୍ନ ୧୧ଟା ।
- ବେଟି ବଚାଅ ବେଟି ପଢାଅ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ବୈଠକ ଗୃହ, ସମୟ: ଅପରାହ୍ନ ୪ ଟା।
- ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

### ମାଲକାନଗିରି
- କୋରୁକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ:ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୋରୁକୋଣ୍ଡା, ସମୟ: ପୂର୍ବାହ୍ନ ୧୧ ଟା।
- ଜିଲାପାଳଙ୍କ ଦ୍ୱାରା ଟ୍ରାଫିକ୍ ସିଗ୍‌ନାଲ୍ ପୋଷ୍ଟ ଉଦ୍‌ଘାଟନ, ସ୍ଥାନ: ମାଲକାନଗିରି ମୁଖ୍ୟ ରାସ୍ତା ବାଲିମେଳା ଛକ, ସମୟ: ପୂର୍ବାହ୍ନ ୧୧ ଟା ।

### ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- କଲମ ପରିବାର ପକ୍ଷରୁ କବି ସମ୍ମିଳନୀର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ସମ୍ବଲପୁରୀ ଦିନ ସମୀକ୍ଷା ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ଟା ୩୦ ।

### ବଲାଙ୍ଗୀର
- ଖପ୍ରାଖୋଲ ବ୍ଲକ ସ୍ତରୀୟ ସୂଚନା ଅଧିକାର ଆଇନ ସମ୍ପର୍କିତ କର୍ମଶାଳା, ସ୍ଥାନ: ଖପ୍ରାଖୋଲ ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ସନ୍ତରଣ ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ ଟା ୩୦
- ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ବ୍ୟାସ ଜୟନ୍ତୀ ଓ ଭାଗବତ ଚର୍ଚ୍ଚାର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ରାଧାକୃଷ୍ଣ ମନ୍ଦିର, ବ୍ରାହ୍ମଣପଡା, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା

### ରାଉରକେଲା
- ରାଉରକେଲା କଲେଜରେ ସାହିତ୍ୟ କର୍ମଶାଳା, ସ୍ଥାନ: ସେକ୍ଟର–୪, ସମୟ: ପୂର୍ବାହ୍ନ ୧୦ଟା।
- ବାଲିଝୁଡି ବସ୍ତିରେ ରାସ୍ତା ସମସ୍ୟା ନେଇ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଏଡିଏମ୍ କାର୍ଯ୍ୟାଳୟ, ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।
- ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ପ୍ରସ୍ତୁତି ବୈଠକ, ସ୍ଥାନ: ଛେଣ୍ଡ କଲୋନି, ସମୟ: ଅପରାହ୍ନ ୫ଟା ୩୦।
- ଗୋପବନ୍ଧୁ ପାଠାଗାରର ସାହିତ୍ୟ ଆସର, ସ୍ଥାନ: ଭଞ୍ଜ ଭବନ, ସମୟ: ସନ୍ଧ୍ୟା ୬ଟା।

### ସୁନ୍ଦରଗଡ଼
- ଜିଲାପାଳଙ୍କ ବଣାଇ ବ୍ଲକ ପରିଦର୍ଶନ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା, ସ୍ଥାନ: ବଣାଇ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- କୁଆଁରମୁଣ୍ଡା ବିଡ଼ିଓଙ୍କ ସ୍ୱାସ୍ଥ୍ୟ ଉପକେନ୍ଦ୍ର ପରିଦର୍ଶନ, ସ୍ଥାନ: ଡୁମେରଯୋର ପଞ୍ଚାୟତ ବାନିଗୁନି ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା ୩୦।

### ବରଗଡ଼
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ରୋଟାରୀ ପବ୍ଲିକ ସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଗଣ ଇସ୍ତାହାରର ଜୟନ୍ତୀ ସମାରୋହ, ସ୍ଥାନ: ବରଗଡ଼ ମହିଳା ସମିତି ସଭାଗୃହ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

### କଳାହାଣ୍ଡି
- ନାରୀ ସୁରକ୍ଷାକୁ ନେଇ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏସ୍‌ଡିପିଓଙ୍କୁ ଦାବିପତ୍ର, ସ୍ଥାନ: କେସିଙ୍ଗା ଏସ୍‌ଡିପିଓ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଉନ୍ନୟନ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

### ବୌଦ୍ଧ
- ଗୋପାଳନ ନେଇ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ଅପରାହ୍ନ ୫ଟା।

### ଦେବଗଡ଼
- ଦେବଗଡ଼ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ନୂତନ ହସ୍ପିଟାଲର ଅବ୍ୟବସ୍ଥା ନେଇ ବୈଠକ, ସ୍ଥାନ: ସ୍ଥାନୀୟ ଗୋପାଳଜୀଉ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ତରଭା ସହର ନୀଳକଣ୍ଠେଶ୍ୱର ମନ୍ଦିରରେ ଜଳଶାୟୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା।
- ଛାତ୍ରୀ ଓ ନାରୀ ନିର୍ଯାତନା ବିରୋଧରେ ବିଜୁ ଜନତା ଦଳ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

### ନୂଆପଡ଼ା
- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ହାଟ ଚତୁର୍ଥ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୫ଟା।
- ୧୬ତମ ଚତୁର୍ବେଦ ଯଜ୍ଞ ତୃତୀୟ ଦିବସ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ପଞ୍ଚୟତ ଗୁରୁକୁଳ ହରିପୁର ଜୁନାନୀ, ସମୟ: ପ୍ରାତଃ ୫ଟା ୪୦ରୁ ସକାଳ ୮ଟା।
- ଜିଲାସ୍ତରୀୟ ମେଡିକାଲ ବୋର୍ଡ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ସକାଳ ୮ଟା।
- ପ୍ରଧାନମନ୍ତ୍ରୀ ଆବାସ ଗୃହ କାର୍ଯ୍ୟାଦେଶ ବଣ୍ଟନ, ସ୍ଥାନ: ପୋଲିସ ପଡିଆ ଏନ୍‌ଏସି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଟ୍ରାଫିକ ପୋଷ୍ଟ ଉଦ୍‌ଘାଟନ, ସ୍ଥାନ: ଏକତା ଛକ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବା ସକାଶେ ଅନୁକୂଳ ବାତାବରଣ ସୃଷ୍ଟିହେବ। କଠିନ ପରିଶ୍ରମଜନିତ ସ୍ୱାସ୍ଥ୍ୟରେ ବ୍ୟତିକ୍ରମ ଦେଖାଦେବ। ପ୍ରଶାସନ, ଆଇନ ଅଦାଲତ, ସଭା ସମିତି ଓ ରପ୍ତାନି ବାଣିଜ୍ୟ କ୍ଷେତ୍ରରେ ଉପକୃତ ହେବେ। ବନ୍ଧୁ କିମ୍ବା ଆତ୍ମୀୟମାନଙ୍କ ସହ ପ୍ରତ୍ୟୁଷ ଯାତ୍ରା ସଫଳ ହେବା ଆଶା କରାଯାଇପାରେ।

**ବୃଷ** ସପ୍ତମ ଚନ୍ଦ୍ରଙ୍କ ଶୁଭଦୃ କାରଣରୁ ମାନସିକ ଅସ୍ଥିରତା ଦୂରହେବ ଏବଂ କାମ ହାସଲକରି ଆଶ୍ୱସ୍ତି ଲାଭ କରିବେ। ଜଣେ ବନ୍ଧୁଙ୍କ ପ୍ରରୋଚନାରେ ଅପରିଚିତଙ୍କ ସହ ମିତ୍ରତା ସମସ୍ୟା ସୃଷ୍ଟିକରିବ। ଗୃହସୀମା, ଗାଡ଼ି ମୋଟର, ପ୍ରତିଦ୍ୱନ୍ଦ୍ୱିତାରେ ମାନସିକ ଅସ୍ଥିରତା ବଢ଼ିବ। ସହକର୍ମୀଙ୍କଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନ୍‌ସନ ଦୂରହେବ।

**ମିଥୁନ** କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା କାରଣରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ଆଶଙ୍କା ରହିଛି। ଶିକ୍ଷା, ପରୀକ୍ଷା, ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶା ଅନୁଯାୟୀ ଫଳ ପାଇବେ। ବନ୍ଧୁଙ୍କ ନିକଟରେ ମନକଥାକୁ ଲୁଚାଇ ରଖିପାରିବେ ନାହିଁ, କିନ୍ତୁ କହି ସାରିବା ପରେ ମନସ୍ତାପ କରିବେ। ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**କର୍କଟ** ଲୋକଙ୍କ ପାଇଁ ଯେତେ ଭଲ ଚିନ୍ତା କଲେ ମଧ୍ୟ ଅନ୍ୟମାନେ ଆପଣଙ୍କ ମନୋଭାବକୁ ସହଜରେ ବୁଝି ପାରିବେ ନାହିଁ। ବନ୍ଧୁଙ୍କ ସହାୟତାରେ ଶିଳ୍ପ, ବାଣିଜ୍ୟରେ ସଫଳତା ପାଇବେ। ଘରର ବରାଦ ଅନୁଯାୟୀ ବିଳାସ ଉପକରଣ କିଣିପାରନ୍ତି। ଶୁଣା ଖବରକୁ ବିଶ୍ୱାସକରି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ** ଭଲ ସମ୍ପର୍କ ଥିବା ବ୍ୟକ୍ତି ଆପଣଙ୍କ ଉନ୍ନତିରେ ଈର୍ଷାପରାୟଣ ହୋଇ ବିଭିନ୍ନ ସମସ୍ୟା ସୃଷ୍ଟି କରିପାରନ୍ତି। ଆଜି ପାଇଁ ବନ୍ଧୁଙ୍କ ସାହାଯ୍ୟକାରୀ ମନୋଭାବ ଓ ଅବଦାନ ଅବିସ୍ମରଣୀୟ ରହିବ। ଅର୍ଥାଭାବ, ପରୋକ୍ଷ ଶତ୍ରୁତା,ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। କୌଣସି ଖୁସି ଖବର ପାଇ ଆହ୍ଲାଦିତ ହେବେ।

**କନ୍ୟା** ଶତ୍ରୁତା କରୁଥିବା ମିତ୍ରମାନେ ସମସ୍ୟାମୂଳକ କାମ ପ୍ରତି ପ୍ରଲୋଭିତ କରାଇପାରନ୍ତି। ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣକରି ଦ୍ୱନ୍ଦ୍ୱରେ ପଡ଼ିବା ସୂଚନା ରହିଛି । ବହୁଦିନର ଆଶା ପୂରଣ ହେବ ଓ ସମ୍ପର୍କୀୟଙ୍କ ଶୁଭ ସୂଚନାରୁ ଖୁସି ହେବେ। ପାରିବାରିକ ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ସାହାଯ୍ୟ ଆଶା କରିପାରନ୍ତି।

**ତୁଳା** ପରିସ୍ଥିତିକୁ ସମ୍ଭାଳି ନେବାପାଇଁ ଆପଣଙ୍କୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ପଡ଼ିପାରେ। ସାହିତ୍ୟ, ସାମ୍ବାଦିକତା ସାଙ୍ଗକୁ ସତ୍‌ସଙ୍ଗ ଓ ମନୋରଞ୍ଜନ କାମରୁ ପ୍ରଶଂସିତ ହେବେ। ଆଜି ବିଭିନ୍ନ ସ୍ଥାନ ପରିଦର୍ଶନର ମଉକା ଜୁଟିବା ସମ୍ଭାବନା ରହିଛି। ସ୍ୱାସ୍ଥ୍ୟ, ପରିବାର, କର୍ମକ୍ଷେତ୍ର, ଅର୍ଥ ସମ୍ପର୍କିତ କଥା ପାଇଁ ସମୟ ଅନୁକୂଳ ରହିବ।

**ବିଛା** କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବେ। ବ୍ୟବସାୟୀମାନଙ୍କ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିପାରେ। ଯାତ୍ରା ସମୟରେ ସତର୍କ ନ ରହିଲେ ପକେଟମାର ହାବୁଡ଼ରେ ପଡ଼ିଯିବା ସମ୍ଭାବନା ରହିଛି। ବନ୍ଧୁଙ୍କ ସହାୟତାରେ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରହୋଇପାରେ।

**ଧନୁ** କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପନ୍ନକରିବା ପାଇଁ ବ୍ୟସ୍ତତା ବଢ଼ିଯାଇପାରେ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ମିଥ୍ୟାଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି। ବିଳାସ ଉପକରଣ କ୍ରୟକରିବା ସକାଶେ ଘରୁ ବରାଦ ପାଇବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦାନକରି ବନ୍ଧୁଗହଣରେ ରହିପାରନ୍ତି।

**ମକର** ବନ୍ଧୁମାନଙ୍କ ଅନୁରୋଧକ୍ରମେ ସମାଜ ସଂସ୍କାରମୂଳକ କାମରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ନିଜ ପରିସରରେ ମଧ୍ୟ ସମ୍ମାନ ଓ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ। ସାଧାରଣ ଘଟଣାରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ପିଲାଙ୍କ ଆଚରଣ ସନ୍ତୋଷଜନକ ନ ହେବା କାରଣରୁ କିଛି ମାତ୍ରାରେ ବ୍ୟସ୍ତତା ବୃଦ୍ଧିପାଇବ।

**କୁମ୍ଭ** ଆଜି ଆପଣଙ୍କ ପ୍ରତ୍ୟେକ କାମ ସୁବିଧାରେ ସମ୍ପନ୍ନ ହୋଇଯିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, କଚେରି ମାମଲାରେ ଲକ୍ଷ୍ୟ ହାସଲ କରିବେ। ପରିବାରରେ ପାରସ୍ପରିକ ଅସହଯୋଗ କେତେକ ସାଧାରଣ ସମସ୍ୟା ସୃଷ୍ଟି କରିପାରେ। ସରକାରୀ କ୍ଷେତ୍ରରୁ ସହାୟତା ଲାଭକରି ଖୁସି ଅନୁଭବ କରିବେ।

**ମୀନ** ଆଜରି ଯାତ୍ରା ସମୟରେ ସତର୍କତାର ଅଭାବ କୌଣସି ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରିପାରେ। କର୍ମକ୍ଷେତ୍ରର କେତେକ ଫାଇଲ୍ କାମ ସକାଶେ ସମସ୍ୟାରେ ପଡ଼ିପାରନ୍ତି। ଆନୁଷ୍ଠାନିକ କାମରେ ଖର୍ଚ୍ଚ ବଢ଼ିଯିବାରୁ ସ୍ୱାସ୍ଥ୍ୟହାନି ଘଟିବ। ଅନ୍ୟମାନଙ୍କ ଉପରେ କିଛି ନ ବୁଝି ନ ଶୁଝି ଦୋଷାରୋପକଲେ ନିଜେ ହିଁ ଅପଦସ୍ଥ ହେବାକୁ ପଡ଼ିପାରେ।

ଆଜି ଅଗଷ୍ଟ ୫ ତାରିଖ, ଶ୍ରାବଣ ଶୁକ୍ଳପକ୍ଷର ସର୍ବସମ୍ମତ ପୁତ୍ରଦା ଏକାଦଶୀ ମଙ୍ଗଳବାର। ଉତ୍କଳେ ସର୍ବତ୍ର ଝୁଲଣଯାତ୍ରା, ପଣ୍ଡିତ ନୀଳକଣ୍ଠ ଦାସ ଜୟନ୍ତୀ। ରାଶିନକ୍ଷତ୍ର–ଦିବା ଘ.୧୧।୨୧ ମି. ପର୍ଯ୍ୟନ୍ତ ଜ୍ୟେଷ୍ଠା/ବିଛା, ଏକାଦଶୀର ଏକୋଦ୍ଦିଷ୍ଟ ଓ ଦ୍ୱାଦଶୀର ପାର୍ବଣଶ୍ରାଦ୍ଧ। ଦିବା ଘ. ୦୮।୪୦ ଗତେ, ଘ.୧୦।୩୫ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୩।୦୫ ଗତେ, ଘ.୦୪।୪୧ ମଧ୍ୟେ ରାହୁକାଳ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମନ ଫୁଲାଣିଆ ଗୀତ ଗାଏ,**
**ରସିକା ନାରୀ ବାପଘର ଯାଏ।**

କର୍ତ୍ତା ନେଇ ସଦସ୍ୟଙ୍କ କାର୍ଯ୍ୟ। ଯେବେ କର୍ତ୍ତାଙ୍କର କିଛି ଆପତ୍ତି ଅଭିଯୋଗ ନ ଥାଏ ତେବେ ସଦସ୍ୟ ନିଜ ମନ ମୁତାବକ କାର୍ଯ୍ୟ କରିବାରେ କିଛି ଅସୁବିଧା ରହି ନ ଥାଏ। ପରୋକ୍ଷରେ ଶାଶୁଘରର ଜଞ୍ଜାଳ ମଧ୍ୟରେ ମୁଣ୍ଡ ପୂରାଉ ନ ଥିବା ବା ଦାୟିତ୍ୱ ନେଉ ନ ଥିବା ନାରୀ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମୁକୁଟିଆର**
**ସାକ୍ଷୀ କି କଲେଣି ଅକଟିଆର।**

ନ୍ୟାୟ ନିଶାପ ବେଳେ ସାକ୍ଷୀଙ୍କ ଆବଶ୍ୟକତା ଦେଖାଦିଏ। ଯାହା ପକ୍ଷରେ ଯେତେ ଅଧିକ ସାକ୍ଷୀ ଓ ପ୍ରମାଣ ରହିଥାଏ ତାହା ସପକ୍ଷରେ ନ୍ୟାୟ ମିଳିବାର ସେତେ ସମ୍ଭାବନା ବଢ଼ିଯାଇଥାଏ। ସାକ୍ଷୀଙ୍କୁ ପ୍ରଲୋଭିତ କରି ନିଜ ସପକ୍ଷରେ ସାକ୍ଷ୍ୟ ଦେବାକୁ ମତେଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ରାହୁଲ ସେଠି ...

ହୋଇନାହିଁ। ଏହା ଶୁଣିବା ପରେ ଶୀର୍ଷ ଅଦାଲତ ୩ ସପ୍ତାହ ମଧ୍ୟରେ ଜବାବ ଦେବାକୁ କହିବା ସହ ଲକ୍ଷ୍ନୌ ଅଦାଲତଙ୍କ କାର୍ଯ୍ୟାନୁଷ୍ଠାନ ଉପରେ ସ୍ଥଗିତାଦେଶ ଲଗାଇଥିଲେ। ସୂଚନାଯୋଗ୍ୟ, ରାହୁଲଙ୍କ ଆବେଦନକୁ ଗତ ମେ' ୨୯ରେ ଆଲ୍ଲାହାବାଦ ହାଇକୋର୍ଟ ଖାରଜ କରିଦେବା ପରେ ସେ ସମନ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ କରିଥିଲେ। ୨୦୨୨ ଡିସେମ୍ବରରେ ଭାରତ ଯୋଡ଼ୋ ଯାତ୍ରା ବେଳେ ଅଭିଯୋଗକାରୀ ଉଦୟଶଙ୍କର ଶ୍ରୀବାସ୍ତବ କୋର୍ଟରେ ଦାଖଲ କରିଥିବା ପିଟିଶନରେ ଦର୍ଶାଇଥିଲେ, ଚାଇନା ସୈନ୍ୟଙ୍କ ସହ ସଂଘର୍ଷ ପରିପ୍ରେକ୍ଷୀରେ ରାହୁଲ ଭାରତୀୟ ସେନା ବିରୋଧରେ ଅନେକ ଅପମାନଜନକ ମନ୍ତବ୍ୟ ଦେଇଥିଲେ। ଫଳରେ ତଳକୋର୍ଟ ରାହୁଲଙ୍କୁ ଜଣେ ଅଭିଯୁକ୍ତ ଭାବେ ସମନ କରିଥିଲେ।

## ଭାରତର ରୋମାଞ୍ଚକ ...

ପ୍ରସିଦ୍ଧ କ୍ରିଷ୍ଣା ଚମତ୍କାର ବୋଲିଂ କରି ୨୮ ରନ ମଧ୍ୟରେ ଆବଶ୍ୟକ ୪ ଉଇକେଟ ଅକ୍ତିଆର କରି ଇଂଲଣ୍ଡକୁ ପରାଜୟ ଦେଇଥିଲେ। ଏହି ବିଜୟ ସହ ଶୁବମନ ଗିଲଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଆଣ୍ଡରସନ–ତେନ୍ଦୁଲକର ଟ୍ରଫି (ଏଟିଟି) ଲାଗି ଖେଳାଯାଇଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୨–୨ରେ ବରାବର କରିଛି। ପ୍ରଥମ ଇନିଂସରେ ୨୨୪ ରନ କରିଥିବା ଭାରତ ପ୍ରତିପକ୍ଷ ଇଂଲଣ୍ଡକୁ ୨୪୭ ରନରେ ସୀମିତ ରଖିଥିଲା। ପ୍ରଥମ ଇନିଂସ ଭିତ୍ତିରେ ୨୩ ରନରେ ପଛୁଆ ଥିବା ଭାରତ ଦ୍ୱିତୀୟ ଇନିଂସରେ ୩୯୬ ରନ୍ କରିଥିଲା। ଫଳରେ ୩୭୪ ରନର ଟାର୍ଗେଟ ନେଇ ଓହ୍ଲାଇଥିବା ଇଂଲଣ୍ଡ ସୋମବାର ତା'ର ଅସମାପ୍ତ ଦ୍ୱିତୀୟ ଇନିଂସରେ ୩୬୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଦ୍ୱିତୀୟ ଇନିଂସରେ ୫ ଉଇକେଟ ସଫଳତା ସହିତ ମ୍ୟାଚ୍‌ରେ ମୋଟ ୯ ଉଇକେଟ୍ ନେଇଥିବା ସିରାଜଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଭାରତୀୟ ଦଳର ଅଧିନାୟକ ଶୁବମନ ଗିଲ ଓ ଇଂଲଣ୍ଡର ହ୍ୟାରୀ ବ୍ରୁକ ମିଳିତ ଭାବେ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ ହୋଇଛନ୍ତି।

ଇଂଲଣ୍ଡ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୩୩୯/୬ରୁ ବ୍ୟାଟିଂ ଆରମ୍ଭ କରିଥିବା ବେଳେ ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ଜେମି ସ୍ମିଥ ଓ ଜେମି ଓଭରଟନ କ୍ରିଜକୁ ଓହ୍ଲାଇଥିଲେ। ଦୁହିଁଙ୍କୁ କ୍ରମାଗତ ଓଭରରେ ସିରାଜ ପାଭିଲିଅନ ପଠାଇଥିଲେ। ସ୍ମିଥ(୨) ଉଇକେଟ ପଛରେ କ୍ୟାଚ୍ ଆଉଟ୍ ହୋଇଥିବା ବେଳେ ଓଭରଟନ(୯ ରନ୍, ୨ ଚୌକା) ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ଏହାର ଦୁଇ ଓଭର ପରେ ଖାତା ଖୋଲି ନ ଥିବା ଜୋଶ ଟଙ୍ଗଙ୍କୁ ପ୍ରସିଦ୍ଧ କ୍ରିଷ୍ଣା କ୍ଲିନ୍ ବୋଲ୍ଡ କରି ଟିମ୍ ଇଣ୍ଡିଆ କ୍ୟାମ୍ପକୁ ଉଲ୍ଲସିତ କରିଥିଲେ। ବାମ କାନ୍ଧରେ ଗୁରୁତର ଆଘାତ ଲାଗିଥିବାରୁ ଗୋଟିଏ ହାତରେ ବ୍ୟାଟିଂ କରିବାକୁ ଓହ୍ଲାଇଥିଲେ କ୍ରିସ ୱୋକ୍ସ। ଦର୍ଶକମାନେ ଛିଡ଼ା ହୋଇ ତାଳି ମାରି ତାଙ୍କୁ ସ୍ୱାଗତ କରିଥିଲେ। ଅବଶ୍ୟ ତାଙ୍କୁ ବ୍ୟାଟିଂ କରିବାକୁ ପଡ଼ି ନ ଥିଲା। କାରଣ ଗସ୍ ଆଟକିନସନ ଏକାକୀ ମ୍ୟାଚ୍ ଶେଷ କରିବାକୁ ଉଦ୍ୟମ କରିଥିଲେ। ସିରାଜଙ୍କ ଓଭରରେ ଏକ ଛକା ଲଗାଇ ଆଟକିନସନ ଘରୋଇ ଦଳର ବିଜୟ ସମ୍ଭାବନାକୁ ଉଜ୍ଜୀବିତ ରଖିଥିଲେ। ଏହାପରେ ସେ ପ୍ରସିଦ୍ଧଙ୍କ ଓଭରରେ ୩ ରନ କରିଥିଲେ। ହେଲେ ପରବର୍ତ୍ତୀ ଓଭରର ପ୍ରଥମ ବଲରେ ତାଙ୍କୁ ସିରାଜ କ୍ଲିନ ବୋଲ୍ଡ କରି ଭାରତକୁ ଚମତ୍କାର ବିଜୟ ଆଣି ଦେଇଥିଲେ। ଫଳରେ ଇଂଲଣ୍ଡ ୩୬୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଇଂଲଣ୍ଡ ପାଇଁ ବ୍ରୁକ ୧୧୧ ଓ ଜୋ ରୁଟ୍ ୧୦୫ ଶତକୀୟ ପାଳି ଖେଳିଥିବା ବେଳେ ଆଟକିନସନ ୧୭ ରନ (ଗୋଟିଏ ଛକା) କରି ଅନ୍ତିମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଭାରତ ପାଇଁ ସିରାଜ ୫, ପ୍ରସିଦ୍ଧ ୪ ଓ ଆକାଶ ଦୀପ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୨୨୪/ଅଲଆଉଟ୍। ଇଂଲଣ୍ଡ ପ୍ରଥମ ଇନିଂସ: ୨୪୭/ଅଲଆଉଟ୍। ଭାରତ ଦ୍ୱିତୀୟ ଇନିଂସ: ୩୯୬/ଅଲଆଉଟ୍। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୬୭/ଅଲଆଉଟ୍ (ହ୍ୟାରୀ ବ୍ରୁକ–୧୧୧, ଜୋ ରୁଟ୍–୧୦୫, ବେନ ଡକେଟ–୫୪, ମହମ୍ମଦ ସିରାଜ–୫/୧୦୪, ପ୍ରସିଦ୍ଧ କ୍ରିଷ୍ଣା–୪/୧୨୬)।

## ଶିବୁ ସୋରେନ୍‌ଙ୍କ ...

ଆମ ସମସ୍ତଙ୍କୁ ଛାଡ଼ି ଚାଲିଗଲେ, ଆଜି ମୁଁ ଶୂନ୍ୟ ହୋଇଗଲି ବୋଲି ତାଙ୍କ ପୁଅ ତଥା ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ Xରେ ପୋଷ୍ଟ କରିଛନ୍ତି। ସୋମବାର ସକାଳ ୮ଟା ୫୬ ମିନିଟ୍ ସମୟରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା ବୋଲି ନେଫ୍ରୋଲୋଜି ବିଭାଗର ବରିଷ୍ଠ କନ୍‌ସଲ୍ଟାଣ୍ଟ ଡ. ଏ.କେ. ଭାଲ୍ଲା କହିଛନ୍ତି। ତାଙ୍କ ନିକଟରେ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ସମସ୍ତଙ୍କ ପ୍ରିୟ ଗୁରୁଜୀଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଶିବୁ ସୋରେନ୍ ଜେଏମ୍‌ଏମ୍‌ର ପ୍ରତିଷ୍ଠାତା ଓ ୩୮ ବର୍ଷ ଧରି ଏହାର ନେତା ରହିଥିଲେ। ସ୍ୱତନ୍ତ୍ର ଝାଡ଼ଖଣ୍ଡ ରାଜ୍ୟ ଗଠନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ସେ ଗରିବ, ଦଳିତଙ୍କ ସମେତ ଝାଡ଼ଖଣ୍ଡର ଜନତାଙ୍କର ସ୍ୱର ଥିଲେ। ତାଙ୍କ ପରଲୋକ ରାଜ୍ୟ ପାଇଁ ଅପୂରଣୀୟ କ୍ଷତି ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ସୋମବାର ସକାଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହସ୍ପିଟାଲ ଯାଇ ଶିବୁଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହସ୍ପିଟାଲରେ ପହଞ୍ଚି ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଆଦିବାସୀ ସମ୍ପ୍ରଦାୟ, ଗରିବ ଏବଂ ଦଳିତଙ୍କୁ ସଶକ୍ତ କରିବାରେ ଶିବୁ ସୋରେନଙ୍କର ବିଶେଷ ଆଗ୍ରହ ରହିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ହସ୍ପିଟାଲରେ ପହଞ୍ଚି ଜେଏମ୍‌ଏମ୍ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଦୀପିକାଙ୍କ ରିଲ୍ସର...

'ଇଟ ମ୍ୟାଟର୍ସ ହ୍ୱେୟାର ୟୁ ଷ୍ଟେ' ଅଭିଯାନ ଅନ୍ତର୍ଗତ କମ୍ପାନୀର ବିଭିନ୍ନ ହୋଟେଲରେ ଥିବା ଆରାମଦାୟକ ସୁବିଧା ସମ୍ପର୍କରେ ଅବଗତ କରାଉଥିଲେ। ସୋମବାର ସୁଦ୍ଧା ଏହି ରିଲ୍ସର ଭିଉଜ୍ ୧.୯ ବିଲିୟନ ଅତିକ୍ରମ କରିଥିବା ବେଳେ ୧ ମିଲିୟନ ୟୁଜର୍ସ ଉକ୍ତ ରିଲ୍ସକୁ ଲାଇକ କରିଛନ୍ତି। ପୂର୍ବରୁ ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ମୋବାଇଲ ଗେମିଂ ପ୍ଲାଟ୍‌ଫର୍ମ ବ୍ୟାଟଲ ଗ୍ରାଉଣ୍ଡସ୍ ମୋବାଇଲ ଇଣ୍ଡିଆ (ବିଜିଏମ୍‌ଆଇ) ପାଇଁ କରିଥିବା ବିଜ୍ଞାପନ ରିଲ୍ସ ୧.୬ ବିଲିୟନ ଭିଉଜ୍ ପାଇଥିଲା। ଦୀପିକାଙ୍କ ହିଲଟନ୍ ପ୍ରମୋଶନ ରିଲ୍ସ ଉକ୍ତ ରେକର୍ଡକୁ ଭାଙ୍ଗିଛି। ପ୍ରକାଶ ଯେ, ସମ୍ପ୍ରତି ଦୀପିକା ଏଟଲିଙ୍କ ନିର୍ଦ୍ଦେଶିତ 'ଏଏ୨୨*ଏ୬' ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଫିଲ୍ମରେ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଆସନ୍ତା ବର୍ଷ ଉକ୍ତ ଫିଲ୍ମ ମୁକ୍ତିଲାଭ କରିବ।

## ଅପାରଗ ବାବୁଙ୍କ ...

ଚାକିରିଆଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତା'ର ତଥ୍ୟ ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲରେ ଅପ୍‌ଲୋଡ୍ ହୋଇଛି କିମ୍ବା ଗଚ୍ଛିତ ରହିଛି ତା'ର ବିବରଣୀ ମଧ୍ୟ ଦେବାକୁ ପଡ଼ିବ। ସେହିପରି ଯେଉଁ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ଯଦି ସେ ପଦୋନ୍ନତି ପାଇବାକୁ ଯୋଗ୍ୟ ଅଛନ୍ତି ତାଙ୍କର ନାମ ପଦୋନ୍ନତି ତାଲିକାରେ ନ ଦର୍ଶାଇ କେବଳ ସିଲ୍‌ଡ କଭର ଭିତରେ ରଖାଯାଇପାରିବ ବୋଲି ସେ ଦର୍ଶାଇଛନ୍ତି। ସେହିପରି ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଚାକିରିଆଙ୍କ ଅବସରଦିନ ପୂର୍ଣ୍ଣାଙ୍ଗ ପେନ୍‌ସନ ପ୍ରଦାନ କରାଯିବାକୁ କୁହାଯାଇଥିଲା। ତେଣୁ ସମ୍ପୃକ୍ତ ବିଭାଗରେ କେତେଜଣ ଚାକିରିଆ କେଉଁ ମାସରେ ଅବସର ନେଇଛନ୍ତି ଏବଂ କେତେଜଣଙ୍କୁ ବାସ୍ତବରେ ତାଙ୍କର ପେନ୍‌ସନ ପ୍ରମାଣପତ୍ର ପ୍ରଦାନ କରାଯାଇଛି ତା'ର ବିବରଣୀ ନିର୍ଦ୍ଦିଷ୍ଟ ଫର୍ମାଟରେ ଦେବାକୁ ହେବ। ଏହାସହିତ ସରକାରଙ୍କ ପକ୍ଷରୁ ବିଭାଗୀୟ ସଚିବଙ୍କ ସହିତ ବରିଷ୍ଠ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ କରିବାପାଇଁ କୁହାଯାଇଥିଲା। ଏହାକୁ ନେଇ କେଉଁ ଅଧିକାରୀ କେଉଁ ତାରିଖରେ କେଉଁ ସ୍ଥାନକୁ ଗନ୍ତବ୍ୟ କରିଛନ୍ତି ଏବଂ ତୃଣମୂଳସ୍ତରରେ ସରକାରଙ୍କ ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ କ'ଣ ତଥ୍ୟ ରହିଛି ତାହା ଜଣାଇବାକୁ ପତ୍ରରେ ଉଲ୍ଲେଖ ରହିଛି। ଏହାସହିତ କର୍ମଚାରୀଙ୍କ ଉପସ୍ଥାନ, ବିଭାଗୱାରି କେତେ ପଦ ଖାଲି ରହିଛି ଭଳି ବିଭିନ୍ନ ଦିଗ ଉପରେ ହୋଇଥିବା ଆଲୋଚନାକୁ ନେଇ ବିବରଣୀ ପ୍ରଦାନ କରିବାକୁ ଓଏସ୍‌ଡି ପତ୍ରରେ ଦର୍ଶାଇଛନ୍ତି।

जन्म- 11 जनवरी 1944



मृत्यु- 04 अगस्त 2025

# विनम्र श्रद्धांजलि

# दिशोम गुरु शिबू सोरेन

## समस्त राज्यवासियों की तरफ से

# हूल जोहार

**प्रात: 9.00 बजे विधानसभा में राजकीय सम्मान के साथ अंतिम विदाई दी जाएगी**

**अंतिम संस्कार - पैतृक गाँव नेमरा, रामगढ़ में**

**सूचना एवं जनसंपर्क विभाग, झारखण्ड सरकार**

PR 358882 IPRD (25-26)

ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା'ର ବାହ୍ୟ ଆଙ୍ଗିକଗୁଡ଼ିକ ଉପରେ– ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ। କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି। –ଶ୍ରୀମା



# ଗଣତନ୍ତ୍ର ପାଇଁ ଅଶୁଭ

ଭାରତ ଓ ଚାଇନା ମଧ୍ୟରେ ୧୯୬୨ ଯୁଦ୍ଧ ପରେ ପ୍ରକୃତ ନିୟନ୍ତ୍ରଣ ରେଖା(ଏଲ୍ଏସି) ଟଣାଯାଇଥିଲା। ଏଲ୍ଏସି ଥିଲେ ମଧ୍ୟ ଦୁଇ ଦେଶର କିଛି ନିର୍ଦ୍ଦିଷ୍ଟ ଅଞ୍ଚଳକୁ ନେଇ ସୀମା ବିବାଦ ଲାଗି ରହିଛି। ଭାରତ ପୂରା ଅକ୍ସାଇ ଚୀନ୍‌କୁ ଦାବି କରୁଥିବା ବେଳେ ଚାଇନା ଅରୁଣାଚଳ ପ୍ରଦେଶକୁ ନିଜର ବୋଲି କହୁଛି। ୧୯୯୩ରେ ଦୁଇ ଦେଶ ମଧ୍ୟରେ ହୋଇଥିବା ଚୁକ୍ତିରେ ଏଲ୍ଏସିକୁ ବୈଧ ଭାବେ ସମ୍ମାନ ଦେବା ଲାଗି ଉଭୟ ରାଷ୍ଟ୍ର ସ୍ୱୀକାର କରିଥିଲେ ମଧ୍ୟ ତା'ପରଠାରୁ ଚାଇନା ବହୁବାର ଉତ୍ତେଜନା ସୃଷ୍ଟି କରିଆସିଛି। ବିଶେଷକରି ୨୦୧୩ରେ ଏଲ୍ଏସିରେ ଉତ୍ତେଜନା ପ୍ରକାଶ ପାଇବା ପରେ ଭବିଷ୍ୟତରେ ଯେଭଳି ଏପରି ଘଟଣାର ପୁନରାବୃତ୍ତି ନ ଘଟିବ, ସେଥିପାଇଁ ଉଭୟ ରାଷ୍ଟ୍ର ମଧ୍ୟରେ ସୀମା ସୁରକ୍ଷା ସହଯୋଗ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ତେବେ ୧୫ ଜୁନ୍ ୨୦୨୦ରେ ଚାଇନା ଓ ଭାରତ ମଧ୍ୟରେ ଗଲୱାନଘାଟିରେ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ଚାଇନାର ଅନୁପ୍ରବେଶକୁ ରୋକିବାକୁ ଯାଇଥିବା ଯବାନଙ୍କ ମଧ୍ୟରୁ ୨୦ ଜଣଙ୍କୁ ହାତରେ ପିଟି ହତ୍ୟା କରାଯାଇଥିଲା। ସେପଟେ ଚାଇନାର ୪୫ରୁ ଅଧିକ ସୈନ୍ୟଙ୍କ ମୃତ୍ୟୁ ହୋଇଥିବା ପ୍ରତିପକ୍ଷ ବହୁବିଳମ୍ବରେ ସ୍ୱୀକାର କରିଥିବାବେଳେ ଭାରତ ପକ୍ଷରୁ ଏହି ସଂଖ୍ୟା ୬୦ ବୋଲି ଦାବି କରାଯାଇଥିଲା। ହେଲେ ଉଭୟ ପଟର କେତେ ଜଣ ମରିଥିଲେ ସେ ସଂକ୍ରାନ୍ତରେ ଏବେ ମଧ୍ୟ ସ୍ପଷ୍ଟ ଖବର ନାହିଁ। ଏଲ୍ଏସିରେ ଉତ୍ତେଜନା ଲାଗି ରହିଥିବା ସମୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଡିସେମ୍ବର ୨୦୨୨ରେ ଭାରତ ଯୋଡ଼ୋ ଯାତ୍ରା ବେଳେ କହିଥିଲେ ଯେ, ଭାରତର ୨୦୦୦ ବର୍ଗ କିଲୋମିଟର ଅଞ୍ଚଳକୁ ଚାଇନା ମାଡ଼ିବସିଛି । ତେବେ ତାଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ସୀମା ସଡ଼କ ସଙ୍ଗଠନ(ବିଆର୍ଓ) ପୂର୍ବତନ ନିର୍ଦ୍ଦେଶକ ଉଦୟ ଶଙ୍କର ଶ୍ରୀବାସ୍ତବ ଲକ୍ଷ୍ନୌ କୋର୍ଟରେ ମାନହାନି ମକଦ୍ଦମା କରିଥିଲେ। ୪ ଅଗଷ୍ଟ ୨୦୨୫ରେ ସୁପ୍ରିମକୋର୍ଟ ରାହୁଲଙ୍କ ମନ୍ତବ୍ୟକୁ ନିନ୍ଦା କରି ପଚାରିଛନ୍ତି ଯେ, ଆପଣ କିଭଳି ଜାଣିଲେ ଭାରତର ୨୦୦୦ ବର୍ଗ କିଲୋମିଟର ଚାଇନା ମାଡ଼ିବସିଛି। ଆପଣଙ୍କ ପାଖରେ ସେଭଳି ବିଶ୍ୱସନୀୟ ପ୍ରମାଣ ଦେବାର ଭରସାଯୋଗ୍ୟ ଉତ୍ସ ଅଛି କି ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି । ଆପଣ ଯଦି ଜଣେ ପ୍ରକୃତ ଭାରତୀୟ ହୋଇଥାଆନ୍ତେ, ତେବେ ଏଭଳି କହି ନ ଥାନ୍ତେ। ଏହାସହ ଶୀର୍ଷ କୋର୍ଟ କହିଛନ୍ତି ଯେ, ଆପଣ ଏ ବିଷୟ ପାର୍ଲାମେଣ୍ଟରେ କାହିଁକି ଉଠାଇନାହାନ୍ତି। ସଂସଦରେ ନ କହି ସୋସିଆଲ ମିଡିଆରେ କାହିଁକି ପୋଷ୍ଟ କରିଥିଲେ ବୋଲି ସୁପ୍ରିମକୋର୍ଟ ରାହୁଲଙ୍କୁ ପଚାରିଛନ୍ତି। ଏଥିସହିତ ବିଚାରପତି କହିଛନ୍ତି ଯେ, ଅଭିବ୍ୟକ୍ତିର ସ୍ୱାଧୀନତା ଅର୍ଥ ନୁହେଁ ଯେ ଜଣେ ଦାୟିତ୍ୱବାନ ବିରୋଧୀ ଦଳ ନେତା ଏଭଳି ସବୁ କରିବେ।

**ସୁପ୍ରିମକୋର୍ଟଙ୍କ ଦ୍ୱାରା ଯେଉଁଭଳି ଭାବେ ରାହୁଲଙ୍କୁ ଭର୍ତ୍ସନା କରାଯାଇଛି, ତାହା ଅନେକ ଚିନ୍ତାଶୀଳ ଭାରତୀୟଙ୍କୁ ବ୍ୟସ୍ତ ମଧ୍ୟ କରିଛି। ଆଜିର ଭାରତରେ ଏକ ସୁସ୍ଥ ବିରୋଧୀ ଦଳର ଅତ୍ୟନ୍ତ ଆବଶ୍ୟକତା ଥିବା ବେଳେ ମୁଖ୍ୟ ବିରୋଧୀ ଦଳ–କଂଗ୍ରେସର ସର୍ବୋଚ୍ଚ ନେତାଙ୍କ ଏହିଭଳି ଖାମଖିଆଲ ଓ ପିଲାଳିଆମି ଦେଶବାସୀଙ୍କୁ ଦୁଃଖ ଆଣିଦେଇଛି। ଭାରତୀୟ ଗଣତନ୍ତ୍ର ପାଇଁ ଏହା ଶୁଭ ହୋଇ ନ ପାରେ।**

ଦେଖିବାକୁ ଗଲେ ରାହୁଲଙ୍କ ପ୍ରତି ସୁପ୍ରିମକୋର୍ଟ ଯେଉଁ ଭାଷା ପ୍ରୟୋଗ କରିଛନ୍ତି, ତାହାର ପ୍ରାସଙ୍ଗିକତା ରହିଛି। ଜଣେ ବିରୋଧୀ ଦଳ ନେତା ଭାବେ ସେ ବିଭିନ୍ନ ପ୍ରସଙ୍ଗରେ ରାଜନୀତି କରିବାକୁ ଖୁଣି ହେବ ନାହିଁ। କିନ୍ତୁ ଜାତୀୟ ନିରାପତ୍ତା ଓ ଆଞ୍ଚଳିକ ଅଖଣ୍ଡତାକୁ ବ୍ୟାହତ କଲା ଭଳି ମନ୍ତବ୍ୟ ଦେବା ଦେଶଦ୍ରୋହ ଭାବେ ବିଚାର କରାଯାଏ। ରାହୁଲଙ୍କ ସମସ୍ୟା ହେଲା ସେ ସରକାରଙ୍କ ଭୁଲ୍ ନୀତି ଓ ପଦକ୍ଷେପକୁ ସମାଲୋଚନା କରିବାକୁ ଯାଇ ଯେଉଁ ପ୍ରକାରର ମତ ଦେଉଛନ୍ତି, ତାହା ରାଜନୈତିକ ପ୍ରତିପକ୍ଷ ପରିବର୍ତ୍ତେ ସମଗ୍ର ଦେଶ ବିରୋଧରେ ଚାଲିଯାଉଛି। ଯଦି ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା କିମ୍ବା ଆର୍ଏସ୍ଏସ୍ ବିରୋଧରେ ମତ ପ୍ରକାଶ କରୁଥାଆନ୍ତେ, ତେବେ ତାହା ଏକ ସୁସ୍ଥ ଗଣତାନ୍ତ୍ରିକ ପଦ୍ଧତିର ପରିଚୟ ଦେଇଥାଆନ୍ତା। କିନ୍ତୁ ଚାଇନା ଏକ ବିରାଟ ଅଞ୍ଚଳକୁ ନିଜ ଦଖଲକୁ ନେଇଗଲାଣି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଥିବା 'ଭାରତୀୟ ମୃତ ଅର୍ଥନୀତି' ସତ୍ୟ ବୋଲି କହିବା ଫଳରେ ତାଙ୍କର ଦେଶ ପ୍ରତି ଆଭିମୁଖ୍ୟ ସନ୍ଦେହ ଘେରକୁ ଚାଲିଆସୁଛି। କେବଳ ଏବର କଥା ନୁହେଁ, ତାଙ୍କ ଦଳ ନେତୃତ୍ୱାଧୀନ ୟୁପିଏ–୨ ସରକାର ସମୟରେ ରାହୁଲ ନିଜେ ଯେଉଁଭଳି ଭାବେ ମନମୋହନ ସିଂଙ୍କ ଦ୍ୱାରା ଆଗତ 'ରିପ୍ରେଜେଣ୍ଟେଶନ ଅଫ୍ ଦି ପିପୁଲ (ସେକେଣ୍ଡ୍ ଆମେଣ୍ଡମେଣ୍ଟ ଆଣ୍ଡ୍ ଭାଲିଡେଶନ), ବିଲ୍ ୨୦୧୩ର ଅଧ୍ୟାଦେଶକୁ ଗଣମାଧ୍ୟମ ପ୍ରତିନିଧିଙ୍କ ସାମ୍ନାରେ ଚିରି ଅସମ୍ମାନିତ କରିଥିଲେ, ସେବେଠାରୁ ସେ ତାଙ୍କର ରାଜନୈତିକ ଅପରିପକ୍ୱତାର ପ୍ରମାଣ ଦେଇଆସୁଛନ୍ତି।

ସୁପ୍ରିମକୋର୍ଟଙ୍କ ଦ୍ୱାରା ଯେଉଁଭଳି ଭାବେ ରାହୁଲଙ୍କୁ ଭର୍ତ୍ସନା କରାଯାଇଛି, ତାହା ଅନେକ ଚିନ୍ତାଶୀଳ ଭାରତୀୟଙ୍କୁ ବ୍ୟସ୍ତ ମଧ୍ୟ କରିଛି। ଆଜିର ଭାରତରେ ଏକ ସୁସ୍ଥ ବିରୋଧୀ ଦଳର ଅତ୍ୟନ୍ତ ଆବଶ୍ୟକତା ଥିବା ବେଳେ ମୁଖ୍ୟ ବିରୋଧୀ ଦଳ–କଂଗ୍ରେସର ସର୍ବୋଚ୍ଚ ନେତାଙ୍କ ଏହିଭଳି ଖାମଖିଆଲ ଓ ପିଲାଳିଆମି ଦେଶବାସୀଙ୍କୁ ଦୁଃଖ ଆଣିଦେଇଛି। ଭାରତୀୟ ଗଣତନ୍ତ୍ର ପାଇଁ ଏହା ଶୁଭ ହୋଇ ନ ପାରେ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 4 | 9 | | 3 |
| | | 3 | | | 8 | | | |
| | | 8 | | | 6 | | 5 | |
| | 2 | | 4 | 7 | | | 1 | |
| | 7 | | 8 | | 2 | 3 | | 4 |
| | | | | | | | 9 | |
| | | | | 5 | | | | |
| 2 | 5 | | | | | 1 | | |
| | | | | | 9 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 7 | 8 | 4 | 5 | 6 | 3 | 9 |
| 9 | 4 | 3 | 1 | 7 | 6 | 8 | 5 | 2 |
| 5 | 6 | 8 | 9 | 2 | 3 | 4 | 1 | 7 |
| 1 | 3 | 6 | 7 | 8 | 2 | 9 | 4 | 5 |
| 7 | 2 | 9 | 5 | 3 | 4 | 1 | 6 | 8 |
| 4 | 8 | 5 | 6 | 1 | 9 | 7 | 2 | 3 |
| 8 | 5 | 2 | 4 | 9 | 1 | 3 | 7 | 6 |
| 6 | 9 | 1 | 3 | 5 | 7 | 2 | 8 | 4 |
| 3 | 7 | 4 | 2 | 6 | 8 | 5 | 9 | 1 |

ଗତକାଲିର ଉତ୍ତର

# ଜନାଦେଶର ଉପହାସ



ସହଦେବ ସାହୁ

ବିଧାନପାଳିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ନାମରେ ଶାସନର ଯେଉଁ ତିନୋଟି ଅଙ୍ଗ ଅଛି, ସେଗୁଡ଼ିକ ନିଜ ନିଜ ସୀମା ଭିତରେ ରହିଲେ 'ଗଣ'ର ବା ସମସ୍ତଙ୍କ ବିକାଶ ସମ୍ଭବ ହେବ: କୌଣସି ବ୍ୟକ୍ତି ବା କେତେକ ବ୍ୟକ୍ତିଙ୍କ ଗୋଷ୍ଠୀ ଅନ୍ୟକୁ ବା ଅନ୍ୟଗୋଷ୍ଠୀକୁ ଶୋଷଣ କରିବାର ଅବସର ପାଇବ ନାହିଁ। ରାଜନୀତି ଶାସ୍ତ୍ରରେ ଯେତେ ପ୍ରକାରର ଶାସନ ବ୍ୟବସ୍ଥା ଉଲ୍ଲେଖ ଅଛି ତହିଁରେ ଗଣତନ୍ତ୍ରର ଜନାଦେଶକୁ ସର୍ବୋତ୍ତମ ଧରାଯାଏ। ବ୍ୟକ୍ତିଗୋଷ୍ଠୀ ଏକ ରାଜନୈତିକ ଦଳ ହୋଇଗଲେ ଗୋଷ୍ଠୀର ସ୍ୱାର୍ଥକୁ ଦେଖେ ଓ ଅନ୍ୟ ରାଜନୈତିକ ଦଳ ଯେପରି ଶାସନ ଗାଦିକୁ ନ ଆସୁ, ତାହାର ବିଭିନ୍ନ ଉପାୟ କରେ। ଏ ପ୍ରକାରର କନ୍ଦଳ ଜଙ୍ଗଲୀ ପରିବେଶ ସୃଷ୍ଟି କରେ: ହେଟାପଲର ମୁଖ୍ୟ ହେଟା (ଯାହାକୁ ରୁଡ୍ୱାର୍ଡ କିପ୍ଲିଙ୍ଗ୍ ତାଙ୍କ ବହି 'ଦି ଜଙ୍ଗଲ୍ ବୁକ୍'ରେ ଆଲ୍ଫା ମେଲ୍ ଆଖ୍ୟା ଦେଇଛନ୍ତି ; ଆଜିକାଲି ମହିଳାମାନେ ବି ନେତୃସ୍ଥାନକୁ ଆସୁଥିବାରୁ ଆଲ୍ଫା ଫିମେଲ୍ ବି ସମ୍ଭବ) ଯେପରି ସାରା ପଲକୁ କଣ୍ଟ୍ରୋଲ କରେ, ପ୍ରତି ରାଜନୈତିକ ଦଳର ମୁଖ୍ୟ (ସୁପ୍ରିମୋ ବା ହାଇକମାଣ୍ଡ) ଦଳର ସମସ୍ତ ସଦସ୍ୟଙ୍କୁ କଣ୍ଟ୍ରୋଲ କରନ୍ତି ଏବଂ ତାଙ୍କର ମତ ନ ମାନିଲେ ଗୋଠରୁ ବାହାର, ମାନେ ରାଜନୈତିକ ମୃତ୍ୟୁ। ଆମ ସମ୍ବିଧାନ–ପ୍ରଣୟନକାରୀମାନେ 'ରାଜନୈତିକ ଦଳ'ର ଚିନ୍ତା କରିନଥିଲେ, ସେମାନେ ଯେଉଁ ଦୁଇଟି ସମ୍ବିଧାନକୁ ଅନୁକରଣ କରୁଥିଲେ ତାହା ଆମେରିକା ଯୁକ୍ତରାଷ୍ଟ୍ରର ଲିଖିତ ସମ୍ବିଧାନ ଓ ବିଲାତର ପରମ୍ପରାଗତ ସମ୍ବିଧାନ, ତହିଁରେ ପଲିଟିକାଲ୍ ପାର୍ଟିର ଉଲ୍ଲେଖ ନ ଥିଲା। ସମ୍ବିଧାନ ପ୍ରଣୟନର ୩୫ ବର୍ଷ ପରେ ୧୯୮୫ରେ ୫୨ତମ ସମ୍ବିଧାନ ସଂଶୋଧନ ଆଇନ ଅଣାଯାଇ ସମ୍ବିଧାନ ଭିତରେ ୧୦ମ ତଫସିଲ ପୂରାଗଲା ଏବଂ ପରବର୍ତ୍ତୀ କାଳରେ ଲୋକ ପ୍ରତିନିଧି ଆଇନ (ଦି ରିପ୍ରେଜେଣ୍ଟେସନ୍ ଅଫ୍ ଦି ପିପୁଲ୍ ଆକ୍ଟ ୧୯୫୧)ର ସଂଶୋଧନ ହେଲା– ଭାରତର ନିର୍ବାଚନ କମିଶନ୍ (ଇସିଆଇ)ଙ୍କ ତାଲିକାଭୁକ୍ତ ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ସଂଗୃହୀତ ଚାନ୍ଦା ଉପରେ ଆୟକର ଛାଡ଼ ପାଇଲେ ଏବଂ ନିର୍ବାଚନ ପ୍ରଚାରରେ ଦଳ କରୁଥିବା ଖର୍ଚ୍ଚକୁ ପ୍ରାର୍ଥୀର ନିର୍ବାଚନ–ଖର୍ଚ୍ଚସୀମା ବାହାରେ ରଖାଗଲା। ଏ ସବୁ ପରିବର୍ତ୍ତନ ରାଜନୈତିକ ଦଳମାନେ ସେମାନଙ୍କ ସୁବିଧା ପାଇଁ କରିନେଲେ। ଏଥିରୁ ଭ୍ରଷ୍ଟାଚାର ବୈଧାନିକ ହୋଇଗଲା। ୫ ବର୍ଷଯାକ ଜଣେ ଏମ୍‌ପି ୬୦ ଲକ୍ଷ ଟଙ୍କା ପାଖାପାଖି ଦରମା ପାଇବାର ଥିଲେ ବି ସେ ନିର୍ବାଚନରେ ୯୦ ଲକ୍ଷ ଖର୍ଚ୍ଚ କରିପାରିବେ ବୋଲି ଲୋକ ପ୍ରତିନିଧି ଆଇନ ଅଧୀନରେ ତିଆରି ହୋଇଥିବା ଆଦର୍ଶ ଆଚରଣ ବିଧିରେ ରହିଲା। ଏ କି ପ୍ରକାରର ଆଦର୍ଶ ଦଳର ପ୍ରତିନିଧିମାନେ ବିଚାର କଲେ ନାହିଁ। ଜଳ ଜଳ ଦିଶୁଥିବା ଏଭଳି ଭ୍ରଷ୍ଟାଚାରକୁ ରାଜନୈତିକ ଦଳମାନେ ଆଇନର ରୂପ ଦେଲେ। ଯେତେ ଅଧର୍ମ ବା ଭ୍ରଷ୍ଟାଚାରୀ ବା ଆପରାଧିକ କାମ କରିଥିଲେ ବି ଥରେ ରାଜ୍ୟପାଳ ବା ରାଷ୍ଟ୍ରମୁଖ୍ୟ ହୋଇଗଲେ ଚାରିଖୁଣ ମାଫ୍। ମାର୍କିନ୍ ଗଣତନ୍ତ୍ରରେ ମଧ୍ୟ ସେହି କଥା। ସମ୍ବିଧାନ ତିଆରି ବେଳେ ପଲିଟିକାଲ୍ ପାର୍ଟି ନ ଥିଲା, କି ଲୋକଙ୍କୁ ନିଜ ସାଙ୍ଗରେ ଭସାଇ ନେବା ଭଳି ଓଜସ୍ୱିନୀ ଭାଷଣବାଜି (demagogues) ନଥିଲା।

ଆମେରିକାରେ ରାଷ୍ଟ୍ରପତିଙ୍କ ଆଡକୁ ପାୱାର ଢଳିବା ଆଜିକାର କଥା ନୁହେଁ। ବହୁ ଦିନ ହେଲା ଡିବେଟ୍ ଚାଲିଆସିଛି କିପରି ରାଷ୍ଟ୍ରପତିଙ୍କ କ୍ଷମତାକୁ ସୀମିତ ରଖିବା। ରିଚାର୍ଡ ନିକ୍ସନ୍ ରାଷ୍ଟ୍ରପତୀୟ ପରମ୍ପରା ଭୁଲି ଯେପରି ୧୯୭୦ ଦଶକର ୱାଟର୍‌ଗେଟ୍ ସ୍କାଣ୍ଡାଲ୍‌ରେ ଫସିଗଲେ ତାହା କଂଗ୍ରେସକୁ ପ୍ରବର୍ତ୍ତାଇଲା ବହୁତ ନୂଆ ଆଇନ ଆଣିବାକୁ– ଏକ୍‌ଜିକ୍ୟୁଟିଭ୍ ପାୱାରକୁ ସୀମିତ କରି ତାକୁ ଆହୁରି ଦାୟିତ୍ୱଶୀଳ (accountable) ହେବାକୁ – ଯଥା ପ୍ରେସିଡେଣ୍ଟଙ୍କ ଟାକ୍ସ ରିଟର୍ନ, ଆର୍ଥିକ ସ୍ୱାର୍ଥ ଦ୍ୱନ୍ଦ୍ୱ ସାଧାରଣରେ ପ୍ରକାଶ କରିବାକୁ ହେବ। ଟ୍ରମ୍ପ୍ ତାଙ୍କର ଦ୍ୱିତୀୟବାର ପ୍ରେସିଡେନ୍ସିରେ କାଣିଚାଏ ବି ମାନୁନାହାନ୍ତି। ପ୍ରେସିଡେଣ୍ଟ ଆଉ ଜୁଡିସିଆରି ଭିତରେ ସମ୍ପର୍କରେ କେବେ ତିକ୍ତତା ସୃଷ୍ଟି ହୋଇନଥିଲା। ମନା କରୁଥିବା ନିକ୍ସନ ବି ଶେଷରେ କୋର୍ଟ ଅର୍ଡର ମାନି ପୂରା ୱାଟର୍‌ଗେଟ୍ ଟେପ୍ ପେଶ୍ କରିଥିଲେ। ଟ୍ରମ୍ପ୍ ଏଯାଏ ନ୍ୟାୟାଳୟର ଗୋଟିଏ ମାତ୍ର ରାୟ –ଏଲ୍ ସାଲଭାଡର୍‌ର କିଲମର୍ ଆବ୍ରେଗୋ ଗାର୍ସିଆଙ୍କ ନିର୍ବାସନରୁ ଫେରାଇ ଆଣିବା– ପାଳନ କରିଛନ୍ତି, ତା ବି ୨ ମାସ ଡେରିରେ। ମଝିରେ ଟ୍ରମ୍ପ୍‌ଙ୍କ ଆର୍ଟର୍ନି ଜେନେରାଲ, ପାମ୍ ବଣ୍ଡି, କହିସାରିଥିଲେ 'ସେ ଆମ ଦେଶକୁ ଆସୁନାହିଁ।' ଫିଲ୍ମ ଷ୍ଟାର୍ ଷ୍ଟର୍ମି ଡାନିଏଲ୍‌ଙ୍କ ଯୌନ ନିର୍ଯାତନା ଅଭିଯୋଗକାରିଣୀଙ୍କୁ ଚୁପ୍ କରିବାକୁ ଓକିଲ ଜରିଆରେ ଟ୍ରମ୍ପ୍ ପ୍ରଚୁର ଡଲାର ('ଚୁପ୍ କରିବା ଟଙ୍କା', ହଶ୍ ମନି, hush money) ଦେଇଥିଲେ। ତଥାପି ମାନହାଟାନରେ ଜୁରି ତାଙ୍କ ୨୦୨୪ ମେ'ର ରାୟରେ ଯେ ଟ୍ରମ୍ପ୍‌ଙ୍କୁ ୩୪ଟାଯାକ ଦଫାରେ ଦୋଷୀ କହିଛନ୍ତି। ଜଣେ ପ୍ରାକ୍ତନ ରାଷ୍ଟ୍ରପତି 'ଦଣ୍ଡିତ ଅପରାଧୀ' ଘୋଷିତ ହେବା ପରେ ପୁଣି ରାଷ୍ଟ୍ରପତି ହୋଇ ରହିଥିବାଯାଏ ଏ ଦଣ୍ଡ କାର୍ଯ୍ୟକାରୀ ହେବ ନାହିଁ, ଅବସର ପରେ କ'ଣ ହେବ ତାକୁ ଟ୍ରମ୍ପ୍ ଖାତିର ନ କରୁଥିବା କାରଣ ଏହି ସମୟରେ ତିନି ତିନିଟି ସୁପ୍ରିମ୍‌କୋର୍ଟ ରାୟ ତାଙ୍କ ସପକ୍ଷରେ ବାହାରି ତାଙ୍କୁ ସାହସୀ କରିଦେଇଛି– (୧) ୨୦୨୦ର ନିର୍ବାଚନ ଫଳକୁ ଓଲଟପାଲଟ କରିବା ଉଦ୍ୟମ ଟ୍ରମ୍ପ୍‌ଙ୍କୁ ଆଉ ଥରେ ପ୍ରେସିଡେଣ୍ଟ ପ୍ରାର୍ଥୀ ହେବାକୁ ଅଯୋଗ୍ୟ କରିଥିବା ରାୟକୁ ସୁପ୍ରିମ୍‌କୋର୍ଟ ନାକଚ କରିଦେଲେ ; (୨) ପ୍ରେସିଡେଣ୍ଟଙ୍କ କ୍ଷମତାକୁ ରୋକିପାରିବାର ଯେଉଁ କ୍ଷମତା ଡିଷ୍ଟ୍ରିକ୍ଟ ଜଜ୍‌ମାନଙ୍କର ଥିଲା, ତାକୁ ସୁପ୍ରିମ୍‌କୋର୍ଟ ବେଆଇନ କହିଦେଲେ।



ଟ୍ରମ୍ପ୍ ଏବେ ତାଙ୍କ ଆପ୍ରବାସନ (ଇମିଗ୍ରେସନ୍) ନୀତି ବିରୋଧରେ ରାୟ ଦେଇଥିବା ଡିଷ୍ଟ୍ରିକ୍ଟ ଜଜ୍‌ମାନଙ୍କୁ ଯାଚ୍ଛା ତା' ଭାଷାରେ ଗାଳି ଦେଉଛନ୍ତି, କେତେକଙ୍କ ନାଁରେ ମକଦ୍ଦମା କରିଲେଣି। ତାଙ୍କ ରିପବ୍ଲିକାନ୍ ଦଳର ଲୋକେ ଜଜ୍‌କୁ ଅପମାନିତ କରୁଛନ୍ତି, ମାରିଦେବା ଧମକ ଦେଉଛନ୍ତି, ସେମାନଙ୍କ ପରିବାର ସମ୍ପର୍କରେ ଏମିତିକା ଖବର ବାହାର କରୁଛନ୍ତି ଯେ ଦଳର ଲୋକେ ସେମାନଙ୍କୁ ବାଡ଼େଇବା ଧମକ ଦେଉଛନ୍ତି (ମାର୍କିନ୍ ଭାଷାରେ ଡକ୍ସିଂ, doxxing, କୁତ୍ସାରଟନା)। ପ୍ରାୟ ୧୦୦ରୁ ଅଧିକ ଜଜ୍‌ଙ୍କ ନାଁରେ ମିଛରେ ମିଛରେ ପିଜା ଡେଲିଭରି ଅର୍ଡର ପଠାଇ ତା' ଫେରିଆସିଲେ ଜଜ୍‌ମାନେ ଦୋକାନୀମାନଙ୍କ ଦ୍ୱାରା ଭର୍ତ୍ସିତ ହେଉଛନ୍ତି। ୧. ନିର୍ବାଚନରେ ହରାଇବା ଓ ୨. କଂଗ୍ରେସରେ ମହାଭିଯୋଗ ଆଣି ପଦମୁକ୍ତ କରିବା – ଏ ଦୁଇଟାଯାକ ସାମ୍ବିଧାନିକ ଉପାୟକୁ ଟ୍ରମ୍ପ୍ ବିଫଳ କରିଦେଇଛନ୍ତି। ପରବର୍ତ୍ତୀ କାଳରେ କ'ଣ ଘଟିବ ସେଥିପାଇଁ ସେ ଚିନ୍ତା ନ କରି ମାର୍କିନ୍ ଶାସନକୁ ତାଙ୍କ ଦଳର ଶକ୍ତିବୃଦ୍ଧି କାମରେ ଲାଗି ପଡିଛନ୍ତି, ଆମେରିକା ଦଳତନ୍ତ୍ର ବା ଫାସିବାଦୀ ସରକାର ଆଡ଼କୁ ଆଡ଼କୁ ଢଳୁଛି। ଆମ ଭାରତରେ ତ ରାଜନୈତିକ ଦଳମାନେ ନେତାଙ୍କ ଶାସନ (ଫାସିବାଦୀ ସରକାର)କୁ ନିଜର ନୀତି କରିସାରିଲେଣି। ଆମେରିକାରେ ଦଳପତି କୌଣସି ନିର୍ବାଚିତ ପ୍ରତିନିଧିଙ୍କୁ ଆସନରୁ ବିଚ୍ୟୁତ କରିପାରିବେ ନାହିଁ। କିନ୍ତୁ ଆମ ସମ୍ବିଧାନରେ ଏହା ରହିଗଲାଣି। ୧୯୮୫ରେ ୧୦ମ ତଫସିଲ୍ ସମ୍ବିଧାନ ଅନ୍ତର୍ଭୁକ୍ତ ହେଲା, ଲୋକପ୍ରତିନିଧିଙ୍କ ବିବେକ ନେତାଙ୍କ ପାଖରେ ବନ୍ଧା ପଡିଗଲା। ୨୦୦୩ର ସମ୍ବିଧାନ ସଂଶୋଧନ ଆଇନ ଦ୍ୱାରା ଲୋକ–ପ୍ରତିନିଧିଙ୍କୁ ବିଧାୟିକା–ଦଳ (ଲେଜିସ୍‌ଲେଟର ପାର୍ଟି)ର ପ୍ରତିନିଧି ବୋଲି ଗଣାଗଲା ଏବଂ ସେ ଯଦି ଗୃହର ଦଳୀୟ ନେତାଙ୍କ ଛାଟ (ହ୍ୱିପ୍) ନ ମାନିବେ, ସେ କେବଳ ଦଳରୁ ନିଲମ୍ବନ ହେବେ ତା ନୁହେଁ, ସେ ସରକାରୀ କର୍ମଚାରୀଙ୍କ ଭଳି ନେତାଙ୍କ ଅଧଃସ୍ତନ କର୍ମୀ ହୋଇଗଲେ, ନେତା (ସୁପ୍ରିମୋ ବା ହାଇକମାଣ୍ଡ) ଗୃହର ବାଚସ୍ପତିଙ୍କ ମତକୁ ନେଇ ସମ୍ପୃକ୍ତ ଏମ୍‌ଏଲ୍‌ଏ/ଏମ୍‌ପି ପଦର ଅଯୋଗ୍ୟ (ଆସନ ତ୍ୟାଗ କରିବା) ଘୋଷଣା କରାଇପାରନ୍ତି। ଲୋକଙ୍କ ଭୋଟ୍ ସୁପ୍ରିମୋ/ହାଇକମାଣ୍ଡଙ୍କ ମତ ଆଗରେ ତୁଚ୍ଛ। ସମ୍ବିଧାନ–ପ୍ରଣେତାମାନେ କେବେ ଭାବିନଥିଲେ ଯେ ନିର୍ବାଚିତ ପ୍ରତିନିଧିଙ୍କୁ ତାଙ୍କ ଦଳର ନେତା ପ୍ରତିନିଧିତ୍ୱରୁ ବଞ୍ଚିତ କରିପାରିବେ। ପୁଣି ବିଧାୟିକାସଭାରୁ ଉନ୍ନୀତ ହୋଇ ମନ୍ତ୍ରୀ ହୋଇଥିବା ନେତାମାନେ ନିୟମ କରିସାରିଲେଣି ଯେ ଏକ୍‌ଜିକ୍ୟୁଟିଭ୍ ଓ ଜୁଡିସିଆରି ଶାଖାର ଅଧିକାରୀମାନେ ଚାକିରି ଛାଡିଲା କ୍ଷଣି (୨ ବର୍ଷ କୁଲିଂ ଅଫ୍ ପିରିଅଡ୍ ଆଉ ନାହିଁ) ନିର୍ବାଚନରେ ଲଢ଼ିପାରିବେ। ଏହାର ଗୂଢ଼ ତତ୍ତ୍ୱ ହେଲା– ହେ ଏକ୍‌ଜିକ୍ୟୁଟିଭ୍ ଓ ଜୁଡିସିଆରି ଅଫିସର୍‌ମାନେ ତୁମେ ଏବେଠୁ କୌଣସି ରାଜନୈତିକ ଦଳ ପ୍ରତି ଢଳ (ନେତାଙ୍କ କଥାକୁ କାମରେ ପରିଣତ କର) ତୁମକୁ ଦଳ ଜନପ୍ରତିନିଧି ନାଁରେ ପ୍ରାର୍ଥୀ କରେଇନେବ, ପାର୍ଟି ବି ସବୁ ଖର୍ଚ୍ଚ ସମ୍ଭାଳିବ, ନେତାମାନେ (ଦଳର ମୁଖ୍ୟ ବି) ପ୍ରଚାର କରିବେ। ଆମ ଶାସନ–ବ୍ୟବସ୍ଥା ପୂରାପୂରି ଫାସିବାଦୀ (ଦଳତନ୍ତ୍ର) ହେବାକୁ ବେଶି ଡେରିନାହିଁ। ନେତାଙ୍କ ସନ୍ତାନ ଜନ୍ମରୁ ଦଳର ଜେନେରାଲ୍ ସେକ୍ରେଟାରୀ ହେବେ ବା ନେତାଙ୍କ ମନୋନୀତ ବ୍ୟକ୍ତି ହିଁ ଦଳର ମୁଖ୍ୟ (ତେଣୁ ରାଷ୍ଟ୍ରମୁଖ୍ୟ) ହେବେ। –ଯିଏ ପ୍ରଶ୍ନ ଉଠାଇବ ସେ ଜେଲ–ଯୋଗ୍ୟ ହେବ।

sahadevas@yahoo.com

# ଦୋଛକିରେ ଜୀବନ



କିଶୋର ଚନ୍ଦ୍ର ବେହେରା

ସାମାଜିକ ସମ୍ପର୍କ ନିଜେ ବଞ୍ଚିବା ସହିତ ଅନ୍ୟକୁ ବଞ୍ଚିବାର ଅଧିକାର ଦେଇଥାଏ। ଈଶ୍ୱର ପ୍ରଦତ୍ତ ଓ ମନୁଷ୍ୟ କୃତ ସମ୍ପର୍କ ଆଗରେ ହାର୍ ମାନି ଯାଇଥାଏ ଛଳନା ଓ ମିଛ ଅଭିନୟ। ଆନ୍ତରିକତା ସହ ବନ୍ଧାଥିବା ସମ୍ପର୍କ ସଂକୁଚିତ ହୁଏନାହିଁ, ବରଂ ଦିନକୁଦିନ ହୋଇଥାଏ ଦୃଢ଼ତର ଓ ଚିରସ୍ଥାୟୀ। ସମ୍ପର୍କ ଭାଙ୍ଗିଦେବା ସହଜ, ମାତ୍ର ଗଢ଼ିବା କେତେ ଯେ କଷ୍ଟକର ଅନୁଭବ କରିଥିବା ବ୍ୟକ୍ତିଙ୍କଠାରୁ ଠିକ ଉତ୍ତର ମିଳିପାରିବ। ମଧୁର ସମ୍ପର୍କଟିଏ ଗଢ଼ିବା ପାଇଁ ଯେଉଁ ପୁଞ୍ଜି ଟିକକ ଆମର ଲୋଡ଼ା ହୋଇଥାଏ, ସେତକ ଆମ ପାଖରେ ରହିବା ଆବଶ୍ୟକ। ସୁସ୍ଥ ମନ ଓ ସୁସ୍ଥ ଚିନ୍ତନ ଏ କ୍ଷେତ୍ରରେ ବିଶେଷ ଭୂମିକା ଗ୍ରହଣ କରିଥାଏ। ସମ୍ପର୍କ ତ ବିଭିନ୍ନ ସ୍ତରରେ ଓ ବିଭିନ୍ନ ମାଧ୍ୟମରେ କରାଯାଇଥାଏ, ମାତ୍ର ତା' ସ୍ଥାୟିତ୍ୱ ଆମ ଉପରେ ନିର୍ଭର କରିଥାଏ। ପାରସ୍ପରିକ ସଦ୍‌ଭାବ ଓ ଛନ୍ଦହୀନ ବିଚାରଧାରା ଏହାକୁ ମଜଭୁତ କରିବାରେ ସହାୟକ ହୋଇଥାଏ। ସମ୍ପର୍କ ପାଇଁ ସମଭାବାପନ୍ନ ମାନସିକତାର ଆବଶ୍ୟକତା ରହିଛି। ଅନ୍ୟର ସୁଖ ବେଳେ ନୁହେଁ, ବରଂ ଦୁଃଖ ସମୟରେ ପରସ୍ପର ମଧ୍ୟରେ ହାତକୁ ହାତ ମିଳାଇବା, ସମବେଦନା ଜଣାଇବା, ଆଶ୍ୱାସନା ଦେବା ଓ ସାହସ ଦେବାର ସୁସ୍ଥ ପରମ୍ପରା ଟିକକ ମନ ଭିତରେ ରହିବା ଏକାନ୍ତ ପ୍ରୟୋଜନ। ଆଜିର ଯୁଗରେ ସହରରେ ସମ୍ପର୍କ ସ୍ଥାପନ କରିବା ହେଉ କି ନିଜ ପରିବାର ସହ ସମ୍ପର୍କ ଯୋଡ଼ି ହେଉ, କାହା ପାଖେ ସମୟ ନାହିଁ। ଫଳରେ ସମ୍ପର୍କ ଧୀରେ ଧୀରେ ନିରାଶ ପଥକୁ ଚାଲିଯାଉଥିବା ଦେଖିବାକୁ ମିଳୁଛି। କଥା ଛଳରେ ଆଡ଼େଇ ଯାଆନ୍ତି ସଭ୍ୟତା ଓ ସମୟକୁ ବାହାନା କରି। ବାସ୍ତବରେ ଆମ ପାଖରେ ସମୟ ନାହିଁ ନା' ସମ୍ପର୍କକୁ ଚିର ସ୍ଥାୟୀ କରିବା ପାଇଁ ଆନ୍ତରିକତାର ଅଭାବ ? ନୂଆ ସମ୍ପର୍କ ଗଢ଼ିବା ଓ ପୁରୁଣାକୁ ମନେ ପକାଇବା ଏକ ପ୍ରମୁଖ ମାଧ୍ୟମ ପାଲଟି ଥାଏ ବାହାଘର, ବ୍ରତଘର, ମୃତ ବ୍ୟକ୍ତିଙ୍କ ଶୁଦ୍ଧି କ୍ରିୟା। ଗାଁର ଦେବଦେବୀଙ୍କୁ ପୂଜା ଅର୍ଚ୍ଚନା କରିବା ସହ ଗାଁର ପାରମ୍ପରିକ ଯାନିଯାତ୍ରା ପରସ୍ପର ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିଥାଏ ; ଯାହାଦ୍ୱାରା ସମ୍ପର୍କରେ ନିବିଡ଼ତା ଓ ଆତ୍ମୀୟତା ବୃଦ୍ଧି ପାଇଥାଏ।

ଜଣେ ମଣିଷର ବାଲ୍ୟ କାଳରେ ମା' ଘର ଲୋକଙ୍କ ସହିତ ବାପାଙ୍କ ପରିବାର ଲୋକଙ୍କ ସମ୍ପର୍କ ବିଭିନ୍ନ ରୂପରେ ଦେଖିବାକୁ ମିଳେ। କିଶୋର ବୟସରେ ସାମାଜିକ ସମ୍ପର୍କ ଜନିତ କିଛି ପାରିବାରିକ ରକ୍ତଗତ ସମ୍ପର୍କ ବ୍ୟତୀତ କେତେକ ବନ୍ଧୁଙ୍କ ସହିତ ସମ୍ପର୍କ ସ୍ଥାପିତ ହୋଇଥାଏ। ପ୍ରାପ୍ତ ବୟସରେ ଏକ ନୂତନ ଅଧ୍ୟାୟ ଯୋଡ଼ିହୁଏ ସ୍ତ୍ରୀ ଓ ସ୍ୱାମୀ ଏବଂ ତାଙ୍କ ପରିବାର ବର୍ଗଙ୍କ ସହିତ। ମଣିଷ ଧୀରେ ଧୀରେ ପୁରୁଣା ସମ୍ପର୍କ ଗୁଡ଼ିକୁ ଭୁଲିବାକୁ ଲାଗେ ଯେତେବେଳେ ବୈବାହିକ ଜୀବନ ଆରମ୍ଭ ହୁଏ। ସାମାଜିକ ପରିବେଷ୍ଟନୀରେ ଗଢ଼ିଉଠିଥିବା ସମସ୍ତ ସମ୍ପର୍କଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି କେବଳ ସ୍ୱାମୀ, ସ୍ତ୍ରୀ ସମ୍ପର୍କ ଏତେ



ମାତ୍ରାରେ ଘନିଷ୍ଠତା ସୃଷ୍ଟି କରେ ଯେ ମଣିଷର ସମସ୍ତ ଅତୀତ ସ୍ମରଣିକା ଲିଭିଯାଏ ମନ ମାନସରୁ। ତେଣୁ ଅତି ସର୍ବତ୍ର ଗହୀର୍ତ୍ତମ ଉକ୍ତିର ସତ୍ୟତା ଉପରେ ଆଧାରିତ ଏକ ପ୍ରକାର ମାନସିକ ଉତ୍ତେଜନା ସୃଷ୍ଟି ହୁଏ ସମୟକ୍ରମେ, ଯେତେବେଳେ ସେହି ସମ୍ପର୍କ ଦୁର୍ବଳ ହେବାକୁ ଲାଗେ। ଏମିତିକି ପରିପକ୍ୱ ସମୟରେ ସ୍ୱାମୀ ସ୍ତ୍ରୀ ସମ୍ପର୍କ ଅତ୍ୟନ୍ତ ଦୁର୍ବଳ ଅବସ୍ଥାକୁ ଆସିଗଲା ପରେ ଉଭୟଙ୍କ ମଧ୍ୟରେ ବାହ୍ୟ ସମ୍ପର୍କର ଦୃଢ଼ତା ଦେଖିବାକୁ ମିଳେ, କେବଳ ସହାନୁଭୂତି ଏବଂ ସାମାଜିକ ସୁରକ୍ଷା କାରଣରୁ। ଠିକ୍ ସେତିକି ବେଳେ ପୁନଃ ଏକ ନୂତନ ତଥା ଶେଷ ସମ୍ପର୍କର ଅଧ୍ୟାୟ ଆରମ୍ଭ ହୁଏ ନିଜ ସନ୍ତାନମାନଙ୍କ ସହିତ, ଯାହା ସେମାନଙ୍କୁ ସାମାଜିକ ସୁରକ୍ଷା, ସହାୟତା ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବାର ଆଶା ରଖିଥାଏ। କେତେକ କ୍ଷେତ୍ରରେ ସେହି ସମ୍ପର୍କର ଦୃଢ଼ତା ଦେଖିବାକୁ ମିଳୁଥିବା ବେଳେ ଆଜିକାଲି ଆଉ ସେହି ଶେଷ ସମ୍ପର୍କ ଏମିତି ଏକ ସ୍ତରରେ ଆସି ପହଞ୍ଚିଲାଣି ଯେ ଜୀବନର ଶେଷ ଅଧ୍ୟାୟରେ ସମସ୍ତେ ନିଜର ନିଃସହାୟ ଭାବକୁ ନେଇ ପ୍ରାୟତଃ ବୁଝିବାକୁ ଲାଗନ୍ତି ଯେ ସମ୍ପର୍କ ବୋଲି ସମାଜରେ କିଛି ନାହିଁ।

ସାମାଜିକ ଓ ପାରମ୍ପରିକ ସମ୍ପର୍କ ଯେତେବେଳେ ନିଶ୍ଚିହ୍ନ ହେବାକୁ ଯାଉଥାଏ, ସେତେବେଳେ ଆରମ୍ଭ ହୁଏ ସମ୍ପର୍କର ନୂତନ ଅଧ୍ୟାୟ 'ଲିଖିତ ସମ୍ପର୍କ'। ସେ ସମ୍ପର୍କ ଆତ୍ମୀୟଙ୍କ ଉପସ୍ଥିତି, ଗାଁ ଭଦ୍ର ମଣ୍ଡଳୀ କିମ୍ବା ସାମ୍ବିଧାନିକ ନୀତି ନିୟମ ଅନୁଯାୟୀ ନ୍ୟାୟାଳୟ ବିଚାରପତିଙ୍କ ସ୍ୱାକ୍ଷର କ୍ରମେ ଗଢ଼ି ଉଠିଥାଏ । ବାପା–ପୁଅ, ଭାଇ–ଭଉଣୀ ଓ ସ୍ୱାମୀ–ସ୍ତ୍ରୀଙ୍କ ପବିତ୍ର ସମ୍ପର୍କରେ ଲିଖିତ ଚୁକ୍ତିନାମା ସ୍ୱାକ୍ଷରିତ କରିବାକୁ ପଡ଼ିଲାଣି। ଏ ସମ୍ପର୍କ ସଦାସର୍ବଦା ଅବିଶ୍ୱାସ ଓ ଆତଙ୍କୀ ଜୀବନ ଭଳି ବଞ୍ଚିବାକୁ ପଡ଼ିଥାଏ। ଏଭଳି ପରିସ୍ଥିତିରେ ସାମାଜିକ ବିଶେଷଜ୍ଞଙ୍କ ସହିତ ଯୋଗାଯୋଗ କରିବାର ଆବଶ୍ୟକତା ରହିଛି। ଉତ୍ତମ ପରିବେଶ ଓ ଉପଯୁକ୍ତ ଶିକ୍ଷା ଯଦି ଜଣେ ମଣିଷର ବାଲ୍ୟ କାଳରୁ ଉଦୟ ହୋଇଥା'ନ୍ତା ହୁଏତ ସମୟ କ୍ରମରେ ସେ ନିଜକୁ ଏବଂ ସମସ୍ତ ସମ୍ପର୍କକୁ ସନ୍ତୁଳିତ କରି ରଖିଥା'ନ୍ତା, ଯାହା ତାକୁ ଜୀବନର ଶେଷ ସମୟରେ ଏତେ ଦୁଃଖ ଦେଇ ନ ଥା'ନ୍ତା। ଅଜ୍ଞାନ ମଣିଷ ସାମାଜିକ ସମ୍ପର୍କ ଗୁଡିକୁ ସମୀକ୍ଷା କରି ବୁଝିବା କ୍ଷମତା ନ ରଖି କେବଳ ପାରିପାର୍ଶ୍ୱିକ କୁହେଳିକାରେ ନିଜକୁ ସମାନ୍ତରାଳ କରି ଯାହା ସବୁ ଶିକ୍ଷା ପାଇଥା'ନ୍ତି ତାହାର ପ୍ରତିଫଳନ ସ୍ୱରୂପ ନିଜର ସାମାଜିକ ଦାୟିତ୍ୱ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟ ରଖି ଗଢ଼ି ଉଠିଥିବା ସମ୍ପର୍କ ସେମାନଙ୍କୁ ଏବେ ଧୋକା ମନରେ ଉଙ୍କି ମାରି ନ ଥାନ୍ତା। ଜୀବନର ଶେଷ ସମୟରେ ସବୁ ବୁଝିଲା ବେଳକୁ ଆଉ କିଛି ନ ଥାଏ, ଦୁଃଖ ଓ ଯନ୍ତ୍ରଣାରେ ବଞ୍ଚିବାକୁ ପଡ଼ିଥାଏ ଅବଶିଷ୍ଟ ଜୀବନ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, କୋରାପୁଟ
ମୋ– ୯୪୩୭୯୫୫୫୬୮

## ଏଇ ଭାରତରେ

ଅନ୍ୟକୁ ଖୁସି କରିବା ପାଇଁ ବେଳେବେଳେ ଲୋକେ ମିଛ କହନ୍ତି। ହେଲେ ଏଇ ମିଛ ପାଇଁ ଅନେକ ସମୟରେ ବହୁମୂଲ୍ୟ ଦେବାକୁ ପଡ଼େ। ଠିକ୍ ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶ ବାରାଣସୀର ସକଲଡିହା ଥାନା ଅଞ୍ଚଳରେ। ଏହି ଅଞ୍ଚଳର ଭୋଜପୁର ଗାଁର ଯୁବକ ସିଦ୍ଧାର୍ଥ ସିଂହ ମିଛରେ ଘରଲୋକଙ୍କ ଆଗରେ ସୈନିକ ଚାକିରି କରିଥିବା କଥା କହିଥିଲେ। ଏଥିପାଇଁ ସେ ସୈନ୍ୟବାହିନୀର ପୋଷାକ ଓ ନକଲି ପରିଚୟପତ୍ର ତିଆରି କରିଥିଲେ। ଘରଲୋକଙ୍କୁ କହିଥିଲେ, ସୈନିକ ନିମନ୍ତେ ତାଙ୍କୁ ଚୟନ କରାଯିବା ପରେ ଏବେ ଟ୍ରେନିଂ ଚାଲିଛି। ସିଦ୍ଧାର୍ଥ ବାହାରେ ଏକ ଛୋଟ ଘର ଭଡ଼ା ନେଇ ରହୁଥିଲେ। ଆଉ କଲେଜରୁ ମିଳୁଥିବା ନିଜ ଷ୍ଟାଇପେଣ୍ଡ ଅର୍ଥ ୧୦ହଜାର ଟଙ୍କା ଘରକୁ ଦରମା କହି ପଠାଉଥିଲେ। ପ୍ରକୃତରେ ସେ ତାଙ୍କ ପ୍ରେମିକାକୁ ଖୁସି କରିବା ପାଇଁ ଏଭଳି ମିଛ ସୈନିକ ଚାକିରି କରିଥିଲେ। ସେନା ପୋଷାକ ପିନ୍ଧି ବାହାରେ ବୁଲିବା ସମୟରେ ସ୍ଥାନୀୟ ପୋଲିସ ତାଙ୍କୁ ସନ୍ଦେହ କରି ଗିରଫ କରିଥିଲା। ଏହାପରେ ପଚରାଉଚରା କରିବା ପରେ ସେ ସବୁ ସତ ମାନି ଯାଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୫ ଅଗଷ୍ଟ ୧୯୭୬

- ଭିଏତନାମ୍‌ର ଫମ୍‌ଥଡିପ୍ ନାମ୍ନୀ ମହିଳା ସନ୍ତରଣକାରୀଙ୍କୁ 'କ୍ରୀଡ଼ା ନିପୁଣା' ଉପାଧି ଦେବାପାଇଁ ସରକାର ସ୍ଥିର କରିଛନ୍ତି।
- ଭାରତରେ ଭାରୀ ଇଞ୍ଜିନିୟରିଂ ଶିଳ୍ପ ପ୍ରତିଷ୍ଠାର କର୍ଣ୍ଣଧାର ଶ୍ରୀ ହେନିଂ ହଲ୍‌କ ଲାଗସେନ୍‌ଙ୍କୁ ମାଗାସେସେ ପୁରସ୍କାର ପାଇଁ ମନୋନୀତ କରାଯାଇଛି।

## ଚିରନ୍ତନୀ

ତୀବ୍ର ଜାଳ ନ ପାରେଁ ସହି
ପରଶି ମନ ଅନ୍ତର
କରୁଣ ତବ କରୁଣା ତହିଁ
ଅରୁଣ ବାରେ ସଞ୍ଚର
ମରମ ମରୁ ହେଉ ସୁରଭି
ନନ୍ଦନ ହେ ନନ୍ଦନ
ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ !
–(ପଉଷ ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜଳୁଛି କମ୍, କଟୁଛି ଅଧିକ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳରେ ଏବେ ବିଦ୍ୟୁତ୍ ଜଳୁଛି କମ୍, କଟୁଛି ଅଧିକ। ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ବିଦ୍ୟୁତ୍ ବିତରଣ କମ୍ପାନୀର ଏଭଳି ମନଇଚ୍ଛା ଲାଇନ କାଟିବାକୁ ତୀବ୍ର ବିରୋଧ କରାଯାଇଛି। ରୋଗୀ, ବୃଦ୍ଧାଙ୍କ କଷ୍ଟ ନ କହିଲେ ଭଲ। ଶାସନ ଶ୍ରୀରାମଚନ୍ଦ୍ରପୁର ଗ୍ରା.ପ.ରେ ରାତି ଅଧରୁ ଲାଇନ କଟୁଛି ଏବଂ ଆସିଲା ବେଳକୁ ସକାଳ ୭ଟା। ବିଦ୍ୟୁତ୍ କଟିବା ପରେ ବିଦ୍ୟୁତ୍ କାର୍ଯ୍ୟାଳୟର ହେଲ୍ପଲାଇନ ନମ୍ବରକୁ ଯୋଗାଯୋଗ କଲେ ତାହା ସବୁବେଳେ ବ୍ୟସ୍ତ। ବର୍ଷାଦିନ ପୂର୍ବରୁ ସାଧାରଣ ମରାମତି କାର୍ଯ୍ୟ ଠିକ୍ ଢଙ୍ଗରେ ହେଉନଥିବାରୁ ବାରମ୍ବାର ଓଭରଲୋଡ଼ ହୋଇ ଫ୍ୟୁଜ କଟି ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଗତ କିଛିବର୍ଷ ଧରି ଚାଇନା ମିଟର ଉପଭୋକ୍ତାଙ୍କ ଠାରୁ ବିତରଣ କମ୍ପାନୀ ୬୦୦ରୁ ୮୦୦ ଟଙ୍କା ବିଲ ବଳପୂର୍ବକ ନେଉଛି। ଉପଭୋକ୍ତା ମାନେ ମାସକୁ ମାସ ଠିକ୍ ସମୟରେ ବିଲ୍ ପଇଠ କରି ମଧ୍ୟ ଅବିଚ୍ଛିନ୍ନ ବିଦ୍ୟୁତ୍ ସେବାରୁ ବଞ୍ଚିତ ହେଉଛନ୍ତି। ମାତ୍ରାଧିକ ବିଲ ପରିଶୋଧ କରିବା ଗରିବ ଉପଭୋକ୍ତାଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଛି।

– ଦେବଭକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜନପଥରୁ ହଟିବ ବାଉଁଶବାଡ଼, ଲାଗିବ ଏମ୍‌ଏସ୍ ଗ୍ରୀଲ
### ଟେଣ୍ଡର ଡାକିଲା ସ୍ମାର୍ଟସିଟି, ଆବେଦନ କଲେ ୯ ସଂସ୍ଥା
ଭୁବନେଶ୍ୱର, ୪।୮ (ବନ୍ଦନା ସେଠୀ)

ଜନପଥର ବାଣୀବିହାରରୁ ମାଷ୍ଟରକ୍ୟାଣ୍ଟିନ ଯାଏ ଲାଗିଥିବା ବାଉଁଶ ବାଡ଼କୁ ହଟାଯିବ। ଏହା ବଦଳରେ ଲୁହା ବ୍ୟାରିକେଡ (ଏମ୍‌ଏସ୍ ଗ୍ରୀଲ) ଲଗାଯାଇ ସ୍ମାର୍ଟ ଜନପଥର ମେଡିଆନ୍‌କୁ ପୁନରୁଦ୍ଧାର କରାଯିବ। ଏନେଇ ସ୍ମାର୍ଟସିଟି ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିବାବେଳେ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି ସ୍ମାର୍ଟସିଟି ଜେନେରାଲ ମ୍ୟାନେଜର ପୁରନ୍ଦର ନନ୍ଦ ସୂଚନା ଦେଇଛନ୍ତି। ବିଏମ୍‌ସିର ଗତ ମାସିକିଆ ବୈଠକରେ ଏ ସମ୍ପର୍କରେ ଆଲୋଚନା ହେବାପରେ ଟେଣ୍ଡର ଆହ୍ୱାନ କରାଯାଇଛି। ଏଥିରେ ୯ଟି ସଂସ୍ଥା ଆବେଦନ କରିଛନ୍ତି। ଅଗଷ୍ଟ ତୃତୀୟ ସପ୍ତାହ ମଧ୍ୟରେ ଟେଣ୍ଡର ଖୋଲାଯିବା ସହ ସଂସ୍ଥା ଚୟନ କରାଯିବ। ଯେଉଁ ସଂସ୍ଥା ନିୟମ ଅନୁଯାୟୀ ଟେଣ୍ଡର ଫାଇଲ୍ କରିଥିବ ଏବଂ ସ୍ମାର୍ଟସିଟିର ସର୍ତ୍ତ ଅନୁସାରେ ରାଜି ଥିବ, ତାକୁ ଟେଣ୍ଡର ପ୍ରଦାନ କରାଯିବ। ଟେଣ୍ଡର ପାଇବା ସଂସ୍ଥା ମେଡିଆନ୍‌ରେ ଲୁହାବାଡ଼ ଲଗାଇବ। ଏଥିସହ ମେଡିଆନ୍‌ରେ ଫୁଲ ଓ ଅନ୍ୟାନ୍ୟ ଗଛ (ଉଦ୍ୟାନକୃଷି) ଲଗାଇବା ପାଇଁ ଓଏଚ୍‌ଡିକୁ ଅନୁରୋଧ କରାଯିବ। ଏନେଇ ସମସ୍ତ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ଥିବା ନନ୍ଦ କହିଛନ୍ତି। ସୂଚନାଯୋଗ୍ୟ, ମାଷ୍ଟରକ୍ୟାଣ୍ଟିନରୁ ବାଣୀବିହାର ପର୍ଯ୍ୟନ୍ତ ରାସ୍ତାରେ ଥିବା ମେଡିଆନର ନବକଳେବର ପାଇଁ ପ୍ରାୟ ୬୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ପୂର୍ବରୁ ଜନପଥ ରାସ୍ତାର ମେଡିଆନ୍‌ରେ ଲୁହା ଗ୍ରିଲ ଲାଗିଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଏସବୁ କଳଙ୍କି ଲାଗି ନଷ୍ଟ ହୋଇଯାଇଥିଲା। ଫଳରେ ୨୦୧୬ରେ ପରୀକ୍ଷାମୂଳକ ଭାବେ ପ୍ରଥମ ରାସ୍ତା ଭାବେ ଜନପଥର ବିକାଶ ପାଇଁ ପରିକଳ୍ପନା କରାଯାଇଥିଲା। ସୌନ୍ଦର୍ଯ୍ୟକରଣ ପାଇଁ ଗଛ ଲଗାଯିବା ସହ ଏହାର ସୁରକ୍ଷା ପାଇଁ ମେଡିଆନର ଦୁଇପାର୍ଶ୍ୱରେ ପ୍ରାୟ ୩.୫ କି.ମି ପର୍ଯ୍ୟନ୍ତ ବିଭିନ୍ନ ଡିଜାଇନର ବାଉଁଶ ବାଡ଼ ଲଗାଯାଇଥିଲା। ତେବେ ଏହି ବାଉଁଶ ବାଡ଼ ଏବେ ନଷ୍ଟ ହୋଇ ଯାଇଥିବାରୁ ଏହାକୁ ବଦଳାଇବା ସହ ସ୍ଥାୟୀ ବାଡ଼ ଲଗାଇବାକୁ ନିଷ୍ପତ୍ତି ହୋଇଛି।

## ୧୪ ଲକ୍ଷର ବ୍ରାଉନସୁଗାର ଜବତ, ୨ ଡିଲର ଗିରଫ
ଭୁବନେଶ୍ୱର,୪।୮ (ସତ୍ୟଜିତ୍ ରାଉତ)

ମୈତ୍ରୀ ବିହାର ଥାନା ପୋଲିସ ସୋମବାର ଯୁବ ବ୍ରାଉନସୁଗାର ଡିଲରଙ୍କୁ ସାଲିଆ ସାହି ହାତିଆଣ୍ଟୀ ପଡ଼ିଆରୁ ଗିରଫ କରିଛି। ସେମାନଙ୍କଠାରୁ ୧୪ ଗ୍ରାମ ବ୍ରାଉନସୁଗାର ସମେତ ଏକ ସ୍କୁଟି ଓ ମୋବାଇଲ ଫୋନ୍ ଆଦି ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନ୍ତର୍ଜାତିକ ମୂଲ୍ୟ ୧୪ ଲକ୍ଷ ଟଙ୍କା ହେବ। ଗିରଫ ଅଭିଯୁକ୍ତମାନେ ହେଲେ ଗ୍ରାମୀୟ ସାଲିଆ ସାହିର ପି. ଗୋପୀ କିଷାନ ରାଓ (୩୫) ଓ କାହ୍ନୁ ଓରଫ ଗୌରିବ ବିଶ୍ୱାଳ (୨୦)। କୋର୍ଟଚାଲାଣ ପରେ ଉଭୟଙ୍କୁ ଜେଲ ପଠାଇ ଦିଆଯାଇଛି। ଏନେଇ ମାମଲା (ନଂ.୩୦୫/୨୦୨୫) ରୁଜୁ କରାଯାଇଛି।

## ଫାଇଲେରିଆ ନିରାକରଣ ପାଇଁ ୧୨ ଜିଲାରେ ମାସ୍ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଶନ
### ସଚେତନ ହେଲେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଛାତ୍ରଛାତ୍ରୀ
ଭୁବନେଶ୍ୱର, ୪।୮ (ବନ୍ଦନା ସେଠୀ)

ରାଜ୍ୟରେ ଲିମ୍ଫାଟିକ୍ ଫାଇଲେରିଆସିସ ରୋଗର ଦୂରୀକରଣ ନିମନ୍ତେ ମାସ୍ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେସନ (ଏମ୍‌ଡିଏ) କାର୍ଯ୍ୟକ୍ରମ ଆରମ୍ଭ ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୨ଟି ଜିଲାର ନିର୍ଦ୍ଦିଷ୍ଟ ବ୍ଲକରେ ପରିଚାଳିତ ହେବ। ଏନେଇ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହଯୋଗରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧୀନ ୪୫ଟି ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୫୬୦୦ ଛାତ୍ରୀଛାତ୍ର, ଅଧ୍ୟକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଲିମ୍ଫାଟିକ ଫାଇଲେରିଆସିସ୍ ବିଷୟରେ ସଚେତନ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ସ୍କୁଲରେ ପରିଚାଳିତ ହେବାକୁ ଥିବା ଏମ୍‌ଡିଏ ବୁଥରେ ଆଣ୍ଟି ଫାଇଲେରିଆ ମେଡିସିନ ସେବନ କରିବା ସହ ନିଜନିଜ ସମ୍ପ୍ରଦାୟକୁ ଏନେଇ ସଚେତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ବିଭାଗର ଯୁଗ୍ମ ନିର୍ଦ୍ଦେଶିକା ତଥା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ନୋଡାଲ ଅଫିସର ପ୍ରଣତି ପାତ୍ର, ଭେକ୍ଟର ବୋର୍ନ ଡିଜିଜ୍‌ର ନୋଡାଲ ଅଫିସର ତଥା ଅତିରିକ୍ତ ନିର୍ଦ୍ଦେଶକ ଡା. ଶୁଭାଶିଷ ସାହୁ, ଯୁଗ୍ମ ନିର୍ଦ୍ଦେଶକ ଡା. ଶୁଭାଶିଷ ମହାନ୍ତି, ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ଆଇଇସି ପରାମର୍ଶଦାତା ଦେବକାନ୍ତ ସବିଦ୍ୟପ୍ରକ୍ତ, ବିଶ୍ୱସ୍ୱାସ୍ଥ୍ୟ ସଂଗଠନରୁ ଡା. ବିଶ୍ୱ ପ୍ରକାଶ ଦତ୍ତ ପ୍ରମୁଖ ଯୋଗଦେଇ ମାସ୍ ଡ୍ରଗ ଆଡମିନିଷ୍ଟ୍ରେଶନ ସମ୍ପର୍କରେ ସୂଚନା ଦେଇଥିଲେ।

## ଅସ୍ତ୍ରୋପଚାରର ଲାଇଭ୍ ଷ୍ଟ୍ରିମିଂ ସହ ତାଲିମ ଦେଲେ ବିଶେଷଜ୍ଞ
### ଏମ୍ସ ଭୁବନେଶ୍ୱରରେ ୟୁରୋସ୍କୋପିଆ ଉଦ୍‌ଯାପିତ
ଭୁବନେଶ୍ୱର, ୪।୮ (ବନ୍ଦନା ସେଠୀ)

ଏମ୍‌ସ ଭୁବନେଶ୍ୱରରେ ଉନ୍ନତ ଲାପାରୋସ୍କୋପିକ ଏବଂ ରେଟ୍ରୋପେରିଟୋନୋସ୍କୋପିକ୍ ୟୁରୋଲୋଜିକାଲ ସର୍ଜରୀ ସମ୍ପର୍କିତ ଜାତୀୟ ଅସ୍ତ୍ରୋପଚାର କର୍ମଶାଳା 'ୟୁରୋସ୍କୋପିଆ' ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ୟୁରୋଲୋଜି ଆସୋସିଏଶନ ଓ ଏମ୍‌ସ ଭୁବନେଶ୍ୱରର ୟୁରୋଲୋଜି ଏବଂ ରେନାଲ ଟ୍ରାନ୍ସପ୍ଲାଣ୍ଟେଶନ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ରାଜ୍ୟରେ ପ୍ରଥମଥର ଆୟୋଜିତ ହୋଇଥିଲା। ଏଥିରେ ଦେଶର ବିଭିନ୍ନ ସ୍ଥାନରୁ ୟୁରୋଲୋଜିଷ୍ଟ ଏବଂ ଯୁବ ସର୍ଜନମାନେ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ଟୁବିଙ୍ଗେନ୍ ମଡେଲ ବ୍ୟବହାର ମାଧ୍ୟମରେ ବିଶେଷଜ୍ଞମାନେ ଲାଇଭ୍ ଏବଂ ସେମି-ଲାଇଭ୍ ଅସ୍ତ୍ରୋପଚାର ଓ ତାଲିମ ପ୍ରଦାନ କରିଥିଲା। ତିନିଦିନ ଧରି ଅନୁଷ୍ଠିତ ହୋଇଥିବା ଏହି କର୍ମଶାଳାରେ ଆଡରେନାଲ ଟ୍ୟୁମର, ବୃକକ୍ ଏବଂ ପ୍ରୋଷ୍ଟେଟ କର୍କଟ ପାଇଁ ସର୍ବନିମ୍ନ ଅସ୍ତ୍ରୋପଚାର ପ୍ରକ୍ରିୟା ମାଧ୍ୟମରେ ରୋଗୀଙ୍କୁ ଅଧିକ ଲାଭ ମିଳିବା ଉପରେ ଧ୍ୟାନ ଦିଆଯାଇଥିଲା। ଅତ୍ୟାଧୁନିକ ଶଲ୍ୟ ଚିକିତ୍ସା କୌଶଳଗୁଡ଼ିକ ଶୀଘ୍ର ଆରୋଗ୍ୟ ଏବଂ ଉନ୍ନତ କ୍ଲିନିକାଲ୍ ଫଳାଫଳ ଆଣିଦେଉଥିବା ସମ୍ପର୍କରେ ବିଶେଷଜ୍ଞମାନେ ଆଲୋକପାତ କରିଥିଲେ। ଏମ୍‌ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଆୟୋଜନ କମିଟି ଅଧ୍ୟକ୍ଷ ତଥା ଏମ୍‌ସ ୟୁରୋଲୋଜି ବିଭାଗ ମୁଖ୍ୟ ଡା. ପ୍ରଶାନ୍ତ ନାୟକ ଏବଂ ଡା. ସୁବୋଧ ଦାସ ପ୍ରତିନିଧିମାନଙ୍କୁ କୃତଜ୍ଞତା ଜଣାଇଥିଲେ।

## ଜବରଦଖଲରୁ ହଟିଲା ୪ ସରକାରୀ କ୍ୱାର୍ଟର୍ସ
### ଥଇଥାନ ପରେ କେଶରୀନଗର ଖାଲ ବସ୍ତି ଭଙ୍ଗାହେବ
ଭୁବନେଶ୍ୱର, ୪।୮ (ବନ୍ଦନା ସେଠୀ)



ବିଡିଏ ପକ୍ଷରୁ ସରକାରୀ କ୍ୱାର୍ଟର୍ସ ଓ ପାଚେରିକୁ ଉଚ୍ଛେଦ କରାଯାଉଛି।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ସହରରେ ଉଚ୍ଛେଦ କାର୍ଯ୍ୟକୁ ଜୋର୍‌ଦାର କରାଯାଉଛି। ଏହି ପରିପ୍ରେକ୍ଷୀରେ ସୋମବାର ଉଚ୍ଛେଦକାରୀ ଦଳ ୟୁନିଟ-୫ସ୍ଥିତ ରାଜୀବ ଭବନ ନିକଟରେ ଥିବା ପ୍ଲଟ୍ ନଂ. ୧୨୨(ପିଟି), ୧୨୩(ପିଟି), ୧୩୯(ପିଟି) ଓ ଖାତା ନଂ. ୬ ଓ ୪ ଉପରେ ଥିବା ନିର୍ମାଣକୁ ଉଚ୍ଛେଦ କରିଛି। ସେସବୁ ପ୍ଲଟ୍‌ରେ ଥିବା ୪ଟି ସରକାରୀ କ୍ୱାର୍ଟର୍ସ (ଭି/୧, ୨ଆର-୧୦, ୨ଆର-୧୧ ଏବଂ ୨ଆର-୧୨) ସହ ୨୦୦ ଫୁଟର ପାଚେରି ଭଙ୍ଗାଯାଇଛି। ପ୍ରାୟତଃ ୧୦ ହଜାର ବର୍ଗଫୁଟର ସରକାରୀ ଜମି ଜବରଦଖଲମୁକ୍ତ କରାଯାଇଛି। ତେବେ ଏହି ଅଞ୍ଚଳରେ ଥିବା କେଶରୀନଗରସ୍ଥିତ ଖାଲବସ୍ତିକୁ ଜବରଦଖଲମୁକ୍ତ କରାଯାଇପାରି ନାହିଁ। ବସ୍ତିଲୋକ ଏବେଯାଏ ଥଇଥାନ ହୋଇ ନ ଥିବାରୁ ଉତ୍ତେଜନାକୁ ଦୃଷ୍ଟିରେ ରଖି ଉଚ୍ଛେଦକୁ ସ୍ଥଗିତ ରଖାଯାଇଥିବା ବିଡିଏ ଉଚ୍ଛେଦକାରୀ ଦଳ ପକ୍ଷରୁ ସୂଚନା ଦିଆଯାଇଛି। କେଶରୀନଗର ଖାଲବସ୍ତିରେ ରାଜୀବ ଆବାସ ଯୋଜନା (ଆରଏୱାଇ)ରେ ୩୧ଟି ଘର ରହିଛି। ତେଣୁ ସେମାନଙ୍କୁ ବିନା ଥଇଥାନରେ ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଇପାରୁ ନାହିଁ। ଆସନ୍ତା ସପ୍ତାହକ ମଧ୍ୟରେ ସମ୍ପୃକ୍ତ ୩୧ ପରିବାରଙ୍କୁ ଅନ୍ୟତ୍ର ଥଇଥାନ କରାଯିବା ପରେ ଉଚ୍ଛେଦ କରାଯିବ ବୋଲି ନିର୍ଦ୍ଦେଶ ଥିବା କୁହାଯାଇଛି। ସୋମବାର ହୋଇଥିବା ଉଚ୍ଛେଦରେ ଗୋଟିଏ ଜେସିବି ବ୍ୟବହାର କରାଯାଇଥିଲା। ବିଡିଏ ଉଚ୍ଛେଦ ଅଧିକାରୀ ଦେବରାଜ ସେଠୀ, ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତିଙ୍କ ସମେତ ଜିଏ ସହକାରୀ ନିର୍ଦ୍ଦେଶକ ଅମୀୟ କୁମାର ଦାସ ଓ ବିଡିଏ ଉଚ୍ଛେଦକାରୀ ଦଳ ୧, ୨, ୩ ଓ ୪ ଏହି ଉଚ୍ଛେଦରେ ସାମିଲ ଥିଲେ।

## ଶିବୁ ସୋରେନ୍‌ଙ୍କ ବିୟୋଗରେ ସିପିଆଇର ଶୋକ
ଭୁବନେଶ୍ୱର, ୪।୮ (ବନ୍ଦନା ସେଠୀ)

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)ର ପ୍ରତିଷ୍ଠାତା ଶିବୁ ସୋରେନ୍‌ଙ୍କର ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୮୧ବର୍ଷ ବୟସ ହୋଇଥିଲା। ଦୀର୍ଘଦିନ ଧରି ସେ ଅସୁସ୍ଥତା କାରଣରୁ ଚିକିତ୍ସିତ ହେଉଥିଲେ। ଶିବୁଙ୍କ ପରଲୋକରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଚିକିତ୍ସା ଚାଲିଥିବା ସମୟରେ ସିପିଆଇର କେନ୍ଦ୍ରୀୟ ନେତୃତ୍ୱ ହସ୍ପିଟାଲରେ ତାଙ୍କୁ ଭେଟି ଡାକ୍ତରମାନଙ୍କ ସହିତ ଆଲୋଚନା କରିଥିଲେ। ତାଙ୍କ ବିୟୋଗରେ ସିପିଆଇ ଓଡ଼ିଶା ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ସୁର ଜେନା ଶୋକ ପ୍ରକାଶ କରିଛନ୍ତି।

## ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ: ସ୍ୱାମୀ ଗିରଫ
ଭୁବନେଶ୍ୱର,୪।୮ (ସତ୍ୟଜିତ୍ ରାଉତ)

ଯୌତୁକ ପାଇଁ ନିର୍ଯାତନା ଦେବା ସହ ବଧୂ ହତ୍ୟା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ସୋମବାର ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବରିମୁଣ୍ଡ ଗାଁର ବିଶ୍ୱନାଥ ସ୍ୱାଇଁ। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମୃତା ମହିଳା ହେଲେ ରଶ୍ମିତା ସ୍ୱାଇଁ (୨୮)। ସୂଚନା ଅନୁଯାୟୀ, ରଶ୍ମିତାଙ୍କ ବାପଘର ଯାଜପୁର ଜିଲା ବିଞ୍ଝାରପୁରରେ। ୨୦୧୬ରେ ତାଙ୍କର ବିଶ୍ୱନାଥଙ୍କ ସହ ବିବାହ ହୋଇଥିଲା। ଉଭୟଙ୍କର ଦୁଇ ସନ୍ତାନ ଅଛନ୍ତି। ବିଶ୍ୱନାଥ ପୋଲିସକୁ ଦେଇଥିବା ବୟାନ ଅନୁଯାୟୀ, ରବିବାର ରାତିରେ ପରିବାରରେ ଅତ୍ୟଧିକ ଝଗଡା ହୋଇଥିଲା। ଏହି ସମୟରେ ରଶ୍ମିତା ଏକ ରୁମକୁ ଯାଇ କବାଟ ବନ୍ଦ କରି ଫ୍ୟାନ୍‌ରେ ଶାଢ଼ି ଦ୍ୱାରା ଝୁଲି ଆତ୍ମହତ୍ୟା କରିଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରଶ୍ମିତାଙ୍କ ବାପା ନିରାକାର ଜେନା ଏହି ଖବର ଶୁଣି ଭୁବନେଶ୍ୱରରେ ପହଞ୍ଚି ଝିଅ ଘର ବିରୋଧରେ ମଞ୍ଚେଶ୍ୱର ଥାନାରେ ଏତଲା ଦେଇଥିଲେ। ଯୌତୁକ ନିର୍ଯାତନା ଦେଇ ଝିଅ ରଶ୍ମିତାଙ୍କୁ ହତ୍ୟା କରାଯାଇଥିବା ସେ ଅଭିଯୋଗ କରିଥିଲେ। ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୪୫୧/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି।

## ଦେବୀ ପ୍ରସନ୍ନ ପଟ୍ଟନାୟକ ପାଇବେ 'ଗଙ୍ଗାଧର ମେହେର ସମ୍ମାନ'
ଭୁବନେଶ୍ୱର,୪।୮ (ସୌମ୍ୟରଞ୍ଜନ ରାଉତ)

ଗଙ୍ଗାଧର ମେହେର ଜୟନ୍ତୀ ପାଳନ ଲାଗି ବୁଦ୍ଧ ମନ୍ଦିର ସଭାଗୃହଠାରେ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ମେହେର ପ୍ରତିଷ୍ଠାନର ଅଧ୍ୟକ୍ଷ ମିହିର ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଚଳିତବର୍ଷ ସମ୍ମାନଜନକ 'ଗଙ୍ଗାଧର ମେହେର ସମ୍ମାନ' ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ସେହିଭଳି ଡ. ସୁଜିତ କୁମାର କୃଷେଠଙ୍କୁ 'ଗଙ୍ଗାଧର ମେହେର ପ୍ରତିଭା ସମ୍ମାନ' ଦିଆଯିବ ବୋଲି ଘୋଷଣା କରାଯାଇଛି। ଆସନ୍ତା ୯ ତାରିଖରେ ବୁଦ୍ଧ ମନ୍ଦିର ସଭାଗୃହରେ ହେବାକୁ ଥିବା ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ। ବୈଠକରେ ଗଙ୍ଗାଧର ମେହେର ସ୍ମୃତି କମିଟିର ସମ୍ପାଦକ ଦିଲୀପ ଦାଶଶର୍ମାଙ୍କ ସହିତ ଗଙ୍ଗାଧର ମେହେର ପ୍ରତିଷ୍ଠାନ, ଉତ୍କଳ ସମ୍ମିଳନୀ, ଭୁବନେଶ୍ୱର ମେହେର ଭୁଲିଆ ସମାଜ ପକ୍ଷରୁ ସୁଶାନ୍ତ ପ୍ରଧାନ, ଲୋକେଶ କୁମାର ଜଗତ୍, ବଳିଷ୍ଠ ରାଉତ, ଆଶୁତୋଷ ମେହେର, ପଙ୍କଜ ମେହେର, ଗାନ୍ଧୀ ଦୋରା ଓ ତରଣୀ ସେନ ସାହୁ ଯୋଗଦେଇଥିଲେ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. MD/CH/BBS/LP 251001A ତା.25.07.2025

**କାର୍ଯ୍ୟର ବିବରଣୀ :** "ଦୈନିକ ଆବଶ୍ୟକତା ଅନୁଯାୟୀ କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ଭୁବନେଶ୍ୱର ଏବଂ CSP ହେଲ୍‌ଥ ୟୁନିଟ୍‌ର ଷ୍ଟକ୍‌ରେ ଉପଲବ୍ଧ ହେଉନଥିବା ଔଷଧ, ସର୍ଜିକାଲ୍ ଆଇଟମ୍ ଓ ବ୍ୟବହୃତ ସାମଗ୍ରୀଗୁଡ଼ିକର ଯୋଗାଣ କରିବା"।

**ବର୍ଷ 2024-25ରେ ଆନୁମାନିକ କ୍ରୟ ମୂଲ୍ୟ :** ₹65,00,000/-, EMD : ₹1,30,000/-, ଚୁକ୍ତିର ବୈଧତା : 2 ବର୍ଷ + 6 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 18.08.2025 (ସୋମବାର) 1500 ଘଟିକାରେ

ଆଶାୟୀ ବିକ୍ରେତା / ଔଷଧ ଦୋକାନୀମାନଙ୍କୁ IREPSରେ ପଞ୍ଜୀକରଣ କରିବା ଏବଂ ବିସ୍ତୃତ ବିବରଣୀ ନିମନ୍ତେ IREPSର ଟେଣ୍ଡର ସେକ୍ସନ ପରିଦର୍ଶନ କରିବା ପାଇଁ ପରାମର୍ଶ ଦିଆଯାଉଛି।

ୱେବ୍‌ସାଇଟ୍ : www.ireps.gov.in

ଅତିରିକ୍ତ ମୁଖ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ/(ଷ୍ଟୋର)
PR-430/Q/25-26 କେନ୍ଦ୍ରୀୟ ହସ୍ପିଟାଲ, ଭୁବନେଶ୍ୱର



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA** No.O-526

e-mail : serwsbd2003@yahoo.com

No. : 2757 / Date :31.07.2025

**e- Procurement Notice for Building works**

1. Name of the Work : Construction of Road Works - 03 Nos., Construction of Bridge Works - 04 Nos., Construction of Building Works - 09 Nos., 2. Class of Contractor : "B", "A" & Special Class of (Odisha PWD) or relevant class of other licensing authority. 3. Estimated Cost : **Varies from Rs.109.78 Lakhs to Rs. 885.12 Lakhs (Approximately)**. 4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding From | To | Last Date & Time of seeking tender clarification | Date & Time of opening of tender: Technical Bid | Financial Bids |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD - Online - 10/2025-26 | 08.08.2025 at 11.00 A.M. | 29.08.2025 up to 5.00 P.M. | 26.08.2025 up to 2.00 P.M. | 30.08.2025 at 11.00 A.M. | To be intimated separately |
| | CCERWCSBD - Online - 11/2025-26 | 08.08.2025 at 11.00 A.M. | 29.08.2025 up to 5.00 P.M. | 26.08.2025 up to 2.00 P.M. | 30.08.2025 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.

Sd./- Chief Construction Engineer, Rural Works Circle, Sunabeda

OIPR-25182/11/0069/2526



**Information & Public Relations Department.**
**Government of Jharkhand,**
**Suchana Bhawan, Ranchi.**

**Corrigendum / Cancellation Notice**

Tender Name: Selection of Event Management Agency to organise Jharkhand Tribal Festival in various states.
Tender ID: 2025_IPRD_103565_1
Tender Ref No.: 1064
PR No.- 358420
Subject: Corrigendum- Tender Cancellation Notice
Due to administrative reasons the above mentioned tender is hereby cancelled.

Sd/-
Director
Information & Public Relations Department
Government of Jharkhand

PR 358878
IPRD(25-26)#D



**ଯୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ: କଟକ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୩ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ପାରାଦୀପ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୯ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ପାରାଦୀପ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ପାରାଦୀପ ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ଦୀନବନ୍ଧୁ ପାତ୍ର, ପିତା: ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ୨) ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ୩) ଶ୍ରୀମତୀ ପ୍ରମିଳା ପାତ୍ର, ୪) ଶ୍ରୀମତୀ ପ୍ରଜ୍ଞା ପରମିତା ସିଂ, ସମସ୍ତଙ୍କ ଠିକଣା-୧: ଏମ୍‌ଆଇଜି-୩୧, ମଧୁବନ, ପାରାଦୀପ, ଜଗତ୍‌ସିଂହପୁର, ପିନ୍ - ୭୫୪୧୪୨, ଠିକଣା-୨: ଫ୍ଲାଟ୍ ନଂ.: ୩୦୧, ୨ୟ ମହଲା, ଅଞ୍ଜଳି ନିବାସ, ରବି ଟକିଜ୍, ଓଲ୍ଡ ଟାଉନ୍, ଭୁବନେଶ୍ୱର - ୭୫୧୦୦୨, ଠିକଣା-୩: ଫ୍ଲାଟ୍ ନଂ.: ୩୦୧, ଏ-ବ୍ଲକ୍, ଗେଟ୍ ନଂ.: ୩, ଏନ୍‌ବିସିସି ଇମ୍ପେରିଆ, ଗଜପତି ନଗର, ଭୁବନେଶ୍ୱର - ୭୫୧୦୧୩ | ୨୯.୦୪.୨୦୨୫ ସୁଦ୍ଧା ଟ.୩୮,୬୬,୫୪୦.୭୮ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୯.୦୫.୨୦୨୫ / ୦୨.୦୮.୨୦୨୫ | ଶ୍ରୀ ଦୀନବନ୍ଧୁ ପାତ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭୁବନେଶ୍ୱର ସହର ୟୁନିଟ୍-୩୫ ବରଗଡ଼, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୪୯୪/୧୮୧୩, ପ୍ଲଟ୍ ନଂ.: ୪୩୩୨, ଫ୍ଲାଟ୍ ନଂ.: ୩୦୧, ଅଞ୍ଜଳି ନିବାସ, କ୍ଷେତ୍ର: ଏକର ୦.୦୧୮ ଡିସିମିଲି ସହିତ ୧୬୯୦ ବର୍ଗଫୁଟର ସୁପର ବିଲ୍ଟ ଅପ୍ ଏରିଆ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୪୮୩୭, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୪୩୩୦ ଏବଂ ୪୩୩୧, ପଶ୍ଚିମ: ରାସ୍ତା |

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୪.୦୮.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ



**କାନାରା ବ୍ୟାଙ୍କ Canara Bank** A Government of India Undertaking — ସିଣ୍ଡିକେଟ Syndicate
**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.: ୧୭, ମାଛୁଆ ବଜାର, ପାଣ୍ଠାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ବ୍ୟାଙ୍କର ସମସ୍ତ ବକେୟା ଦେୟ ପରିଶୋଧ ଦ୍ୱାରା ସମ୍ପତ୍ତି ବନ୍ଧକମୁକ୍ତ ପାଇଁ ସର୍ବସାଧାରଣ ନୋଟିସ୍**

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| କ୍ର. ନଂ. | କେନ୍ଦ୍ରାପଡ଼ା-୨ ଶାଖା (୧୮୦୨୮) / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତି ଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ବନ୍ଧକମୁକ୍ତ ତାରିଖ / ବକେୟା ରାଶି |
|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ଆଲିସାନ ଏଜେନ୍ସି, ସ୍ୱତ୍ୱାଧିକାରୀ: ସେକ୍ ଅଲ୍ଲିଜାନ, ରସୁଲବାଦ, ମସଜିଦ ନିକଟ, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍-୭୫୪୨୧୧ / ଋଣଗ୍ରହୀତା ଏବଂ ବନ୍ଧକଦାତା: ସେକ୍ ଅଲ୍ଲିଜାନ, ପିତା: ୰ ସେକ୍ ଖୈର ମହମ୍ମଦ, ମୌଜା: ବଡହାଟ, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍-୭୫୪୨୧୧ / ଜାମିନ୍‌ଦାର: ସେକ୍ ସାହିଦଉଲ୍ଲା, ପିତା: ସେକ୍ ଅସଦଉଲ୍ଲା, ସା: ଫକୀରାବାଦ, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍-୭୫୪୨୧୧ | ସେକ୍ ଅଲ୍ଲିଜାନଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୮୩, ପ୍ଲଟ୍ ନଂ.: ୧୦୮୫, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ଖାତା ନଂ.: ୨୯୯/୨୭୯, ପ୍ଲଟ୍ ନଂ.: ୧୦୮୫/୨୦୫୭, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୦୫୦ଡିସିମିଲି ଯଥା ୨୧୭୮.୦୦ ବର୍ଗଫୁଟ, କିସମ: ଘରବାରି, ମୌଜା: ବଡହାଟ, ଥାନା: କେନ୍ଦ୍ରାପଡ଼ା ଟାଉନ୍ ନଂ. ୨୪୧, ତହସିଲ: କେନ୍ଦ୍ରାପଡ଼ା ନଂ. ୨୪୧, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୦୮୩, ଦକ୍ଷିଣ: ପ୍ଲଟ୍ ନଂ. ୧୦୭୯, ୧୦୭୯/୨୦୧୦ ଏବଂ ୧୦୮୦, ପୂର୍ବ: ପ୍ଲଟ୍ ନଂ. ୧୫୯୮, ପଶ୍ଚିମ: ବ୍ୟକ୍ତିଗତ ରାସ୍ତା | ୨୧.୦୫.୨୦୨୫ / ୦୨.୦୮.୨୦୨୫ / ୦୪.୦୮.୨୦୨୫ / ୦୪.୦୮.୨୦୨୫ ସୁଦ୍ଧା ଟ.୨୭,୨୫,୩୩୩.୩୬ |

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପରଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ।**

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୧) ଅନୁସାରେ ଉପରଦର୍ଶିତ ତାରିଖରେ ଜାରି କରାଯାଇଥିବା ଦଖଲ ନୋଟିସ୍ ଅନୁଯାୟୀ କାନାରା ବ୍ୟାଙ୍କ (ବ୍ୟାଙ୍କ) ସୁରକ୍ଷିତ ଋଣଦାତା ଭାବେ ଏହାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଅସେଟ୍ସ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ ୨୦୦୨ ଅନୁସାରେ ଉପରଦର୍ଶିତ ବକେୟା ରାଶି ସହିତ ସୁଧ ଏବଂ ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଆନୁସଙ୍ଗିକ ଖର୍ଚ୍ଚ ଆଦାୟ କରିବାପାଇଁ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ ପ୍ରକ୍ରିୟା ଏବଂ ଏହାର ଇ-ନିଲାମର ଖବର କାଗଜ ପ୍ରକାଶନ ଆରମ୍ଭ କରିବାକୁ ଯାଉଛି। ଏତଦ୍ୱାରା ଆପଣଙ୍କୁ **୩୦ ଦିନିଆ** ନୋଟିସ୍ ଜାରି କରାଗଲା କି ଏହି ସମୟସୀମା ଅତିକ୍ରାନ୍ତ ପରେ, ଯଦି ପୂର୍ବଦର୍ଶିତ ବକେୟା ରାଶି ପୈଠ କରିନଥାନ୍ତି ତେବେ ବ୍ୟାଙ୍କ ସରଫେଶୀ ଆକ୍ଟ ଏବଂ ଏହାର ଅନ୍ତର୍ଗତ ନିୟମାବଳୀ ଅନୁସାରେ ସର୍ବସାଧାରଣ ନିଲାମ ମାଧ୍ୟମରେ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରୟ କରିବାପାଇଁ ପଦକ୍ଷେପମାନ ଗ୍ରହଣ କରିବେ। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୮)ର ସଂଶୋଧନ ଅନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆପଣଙ୍କୁ ପରାମର୍ଶ ଦିଆଯାଉଛି କି ବ୍ୟାଙ୍କକୁ ଏହି ନୋଟିସ୍ ପ୍ରାପ୍ତିର **୩୦ ଦିନ** (ନିଲାମ ନୋଟିସ୍ ପ୍ରକାଶନ ପୂର୍ବରୁ) ମଧ୍ୟରେ ବକେୟା ରାଶି ପୈଠ କରନ୍ତୁ ଅନ୍ୟଥା ସୁରକ୍ଷିତ ସମ୍ପତ୍ତିର ନିଲାମ ବିକ୍ରୟ ନୋଟିସ୍ ଖବର କାଗଜ ପ୍ରକାଶନ ପରେ ଆପଣଙ୍କ ସମ୍ପତ୍ତିଗୁଡ଼ିକୁ ବନ୍ଧକମୁକ୍ତ କରିବାର ଅଧିକାର ରହିବ ନାହିଁ।

ତାରିଖ: ୦୪.୦୮.୨୦୨୫, ସ୍ଥାନ: କଟକ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର
ବି/୨ ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍: ୦୬୭୪-୨୫୪୬୧୬୮, ମୋ.: ୮୮୨୪୨୮୭୨୬୬/୮୭୨୩୦୮୧୦୪୨

**ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ**

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ଉତ୍ତମ ଭାବେ ନିର୍ମିତ ଏବଂ ପ୍ରସ୍ତୁତ ରହିଥିବା ହଲ୍ ଟାଇପର ଅଫିସ୍ ଗୃହ ସମସ୍ତ ସୁବିଧା ସହିତ ଯଥେଷ୍ଟ ପାୱାର ସପ୍ଲାଏ ଓ ଉତ୍ତମ ଫ୍ରଣ୍ଟେଜ୍ ଓ ପର୍ଯ୍ୟାପ୍ତ ପାର୍କିଂର ସ୍ଥାନ ସହିତ ତଳ ମହଲା / ପ୍ରଥମ ମହଲା, ନିମ୍ନଲିଖିତ ସ୍ଥାନରେ ଶାଖା ପାଇଁ ବ୍ୟବସାୟିକ ଲିଜ୍ ଭିତ୍ତିକ ଗୃହ ଆବଶ୍ୟକ କରୁଅଛି। ପ୍ରସ୍ତାବିତ ଗୃହଟିର ବୈଧାନିକ କର୍ତ୍ତୃପକ୍ଷଙ୍କ ଠାରୁ ସମସ୍ତ କ୍ଲିଅରାନ୍ସ ସାର୍ଟିଫିକେଟ ଥିବ ଓ ଉକ୍ତ ଗୃହକୁ ୩୦ଦିନ ମଧ୍ୟରେ ଦଖଲ ପାଇଁ ପ୍ରସ୍ତୁତ ହୋଇପାରୁଥିବା ଆବଶ୍ୟକ। ନିମ୍ନଲିଖିତ ସ୍ଥାନର ଆଗ୍ରହୀ ଗୃହ ମାଲିକମାନେ ସେମାନଙ୍କର ପ୍ରସ୍ତାବଗୁଡ଼ିକ ଧାର୍ଯ୍ୟ ଫର୍ମାଟ ଅନୁଯାୟୀ ୨ଟି ପୃଥକ ମୁଦ ଲଫାପାରେ, ଗୋଟିକରେ ବୈଷୟିକ ବିଡ୍ ଏବଂ ଅନ୍ୟ ଗୋଟିକରେ ଆର୍ଥିକ ବିଡ୍ ତତ୍‌ସହିତ ସ୍ଥାନ ଓ ଜିଲ୍ଲାର ନାମ ଉଲ୍ଲେଖ କରି ଦାଖଲ କରିବେ। ଉକ୍ତ ଧାର୍ଯ୍ୟ ଫର୍ମାଟ ବ୍ୟାଙ୍କର ୱେବସାଇଟ୍ **www.iob.in-Tender** ରେ ଉପଲବ୍ଧ କିମ୍ବା ଉପରୋକ୍ତ କାର୍ଯ୍ୟାଳୟରୁ ନେଇପାରିବେ।

| କ୍ର. ନଂ. | ସ୍ଥାନ | ଜିଲ୍ଲା | ଆବଶ୍ୟକ କାର୍ପେଟ ଏରିଆ (ବର୍ଗଫୁଟରେ) |
|---|---|---|---|
| ୧. | ନଳାଙ୍ଗ, ଗ୍ରାମ ଏବଂ ପୋ: ଭଦ୍ରକ, ପିନ୍-୭୫୬୧୦୦ | ଭଦ୍ରକ | ୧୬୦୦ (ଏଟିଏମ୍ ସ୍ଥାନ ସହିତ) |
| ୨. | ଆଖଣ୍ଡଳମଣୀ, ସା/ପୋ: ଆରଡ଼ି, ପିନ୍-୭୫୬୧୩୫ | ଭଦ୍ରକ | ୧୬୦୦ (ଏଟିଏମ୍ ସ୍ଥାନ ସହିତ) |

ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଥିବା ପ୍ରସ୍ତାବଗୁଡ଼ିକ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଉପରୋକ୍ତ ଠିକଣାରେ **ତା.୨୧.୦୮.୨୦୨୫ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ। ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କିମ୍ବା ଖାରଜ କରିବାର ଅଖଣ୍ଡ କ୍ଷମତା ସଂରକ୍ଷିତ ରଖିଛନ୍ତି।

ତାରିଖ: ୦୫.୦୮.୨୦୨୫ — ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ



Khadi India
**खादी और ग्रामोद्योग आयोग**
**KHADI AND VILLAGE INDUSTRIES COMMISSION**
सूक्ष्म, लघु और मध्यम उद्यम मंत्रालय, भारत सरकार / Ministry of MSME, Govt. of India
राज्य कार्यालय, भुवनेश्वर / State Office, Bhubaneswar
No.OSO/KVIC/Legal/Advt./2025-26 Date: 4th August, 2025

**ସତର୍କତା ସୂଚନା**

ଆମେ, ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (KVIC), ସଂସଦର ଆଇନ (1956 ର ନଂ. 61, 1987 ର ନଂ.12 ଓ 2006 ର ନଂ.10 ଦ୍ୱାରା ସଂଶୋଧିତ) ଅନୁଯାୟୀ ପଞ୍ଜୀକୃତ ଏକ ବୈଧାନିକ ସଂସ୍ଥା, ଯାହାର ମୁଖ୍ୟ କାର୍ଯ୍ୟାଳୟ ଗ୍ରାମୋଦୟ, ୩, ଇର୍ଲା ରୋଡ, ଭିଲେ ପାର୍ଲେ (ପଶ୍ଚିମ), ମୁମ୍ବାଇ-400 056, ଭାରତ ଓ ରାଜ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର, ଓଡ଼ିଶା ଠାରେ ଅବସ୍ଥିତ।

ଏତଦ୍ୱାରା ସର୍ବସାଧାରଣ ଓ ଅନ୍ୟ ବ୍ୟକ୍ତିଙ୍କୁ ସୂଚିତ କରାଯାଉଛି ଯେ, KVIC ଖଦି ଓ ଗ୍ରାମୋଦ୍ୟୋଗ କାର୍ଯ୍ୟକ୍ରମ/କାର୍ଯ୍ୟକଳାପ ପାଇଁ ସୋସାଇଟି (Society) ଓ ଚାରିଟେବଲ ଟ୍ରଷ୍ଟ (Charitable Trust)ମାନଙ୍କୁ (ସାଧାରଣତଃ "ଖଦି ଅନୁଷ୍ଠାନ" ନାମରେ ପରିଚିତ) ସେମାନଙ୍କ ସ୍ଥାବର ସମ୍ପତ୍ତି KVIC ପାଖରେ ବନ୍ଧକ ରଖିବା ବଦଳରେ ଆର୍ଥିକ ଓ ବୈଷୟିକ ସହାୟତା ପ୍ରଦାନ କରେ। କେବଳ ଦାତବ୍ୟ ଉଦ୍ଦେଶ୍ୟରେ ଜମି ପ୍ରଦାନ କରାଯାଇ ନାହିଁ, ବରଂ ସରକାରୀ ପାଣ୍ଠିରୁ ବର୍ଷ ବର୍ଷ ଧରି ଅନେକ କଲ୍ୟାଣକାରୀ ସହାୟତା ପ୍ରଦାନ କରାଯାଇଛି, ଯାହା ନିଜ ଦେଶ/ରାଜ୍ୟର କରଦାତାଙ୍କ ରାଜସ୍ୱ ଭଣ୍ଡାର। ତେଣୁ, ଜନସାଧାରଣଙ୍କ ସ୍ୱାର୍ଥକୁ ପ୍ରତିନିଧିତ୍ୱ କରୁଥିବା KVIC, ନିର୍ଦ୍ଦିଷ୍ଟ ଉପଯୋଗ ପାଇଁ ବନ୍ଧକ ରଖିଥିବା ଏହି ସମ୍ପତ୍ତି ଉପରେ ଅଧିକାର ରଖେ।

ଏତଦ୍ୱାରା ସର୍ବସାଧାରଣଙ୍କୁ ସତର୍କ କରାଯାଉଛି ଯେ, ଖଦି ଅନୁଷ୍ଠାନମାନଙ୍କ ସମ୍ପତ୍ତିକୁ KVIC ର ଲିଖିତ ଅନୁମତି ବିନା କିଣା ବା ଲିଜରେ ନେବା ଉଚିତ ନୁହେଁ। KVIC ର ଲିଖିତ ଅନୁମତି ନ ନେଇ ଖଦି ଅନୁଷ୍ଠାନମାନଙ୍କ ସମ୍ପତ୍ତି କିଣୁଥିବା ବ୍ୟକ୍ତି ଭବିଷ୍ୟତରେ ଆଇନଗତ ସମସ୍ୟା ନିମନ୍ତେ ନିଜେ ଉତ୍ତରଦାୟୀ ରହିବେ।

ଯଦି କେହି ଏପରି ଅନୁଚିତ କାର୍ଯ୍ୟ ବିଷୟରେ ଜାଣିପାରନ୍ତି, ତେବେ ସେମାନଙ୍କୁ KVIC ଓ ସମ୍ପୃକ୍ତ ନ୍ୟାୟିକ ରାଜସ୍ୱ କର୍ତ୍ତୃପକ୍ଷଙ୍କୁ ସୂଚିତ କରିବାକୁ ଅନୁରୋଧ କରାଯାଉଛି।

**ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ**
ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟମ ମନ୍ତ୍ରଣାଳୟ, ଭାରତ ସରକାର
ରାଜ୍ୟ କାର୍ଯ୍ୟାଳୟ
ଠିକଣା: ପ୍ଲଟ୍ ନଂ.J/16, ଭୀମପୁର, ଗଣ୍ଡମୁଣ୍ଡା, ଖଣ୍ଡଗିରି, ଭୁବନେଶ୍ୱର, ଓଡ଼ିଶା-୭୫୧୦୩୦
ଇମେଲ୍ ଆଇଡି: sobhubaneshwar.kvic@gov.in, directorkvicbbsr@gmail.com
କାର୍ଯ୍ୟାଳୟ ନମ୍ବର: ୦୬୭୪-୨୩୫୧୧୩୧



**ଦ.ପୂ. ରେଳପଥ – ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ। **କ୍ର.ସଂ, ଟେଣ୍ଡର ନଂ. ଏବଂ କାର୍ଯ୍ୟର ବର୍ଣ୍ଣନା** ନିମ୍ନ ଅନୁଯାୟୀ ଅଟେ: **(୧) ଇ-କେଜିପି-ୱେଷ୍ଟ-୨୯-୨୦୨୫,** ଏଡିଇଏନ/ଝାଡ଼ଗ୍ରାମଙ୍କ ଅଧୀନରେ ଏସ୍ଏସ୍‌ଇ (ପି.ୱେ) ଲାଗି ଲୋକ ଓ ସାମଗ୍ରୀ ପରିବହନ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ୧୫ ମାସ ଲାଗି ୦୪ଟନ୍ କ୍ଷମତାର ଟ୍ରକ୍ ଏବଂ ୯୦ ଦିନ ଲାଗି ୧୦ ଟନ୍ କ୍ଷମତାର ଟ୍ରକ୍ ଭଡ଼ାସୂତ୍ରରେ ନେବା। **ଟେଣ୍ଡର ମୂଲ୍ୟ:** ₹୧୨,୬୯,୭୬୭.୧୦। **ଅମାନତ ରାଶି:** ₹୨୫,୪୦୦/-। **(୨) ଇ-କେଜିପି-ୱେଷ୍ଟ-୩୦-୨୦୨୫,** ଏଡିଇଏନ/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ନିମପୁରା-ଗୋକୁଳପୁର ସେକ୍ସନରେ ଏଲସି ନଂ. କେୱାଇ-୧୨ର ଇଣ୍ଟରଲକିଂ ସମ୍ବନ୍ଧରେ ୦୧ ଗୋଟି ଗେଟ୍ ଗୁମ୍‌ଟିର ନିର୍ମାଣ (ଯାହା ୪.୨ ମି. x ୩.୧ ମି., ୩.୨ ମି. x ୩.୧ ମି. ଏବଂ ୨.୫ ମି. x ୩.୧ ମି. ଆକାରର ୩ଟି ରୁମ୍ ସମ୍ବଳିତ ହେବ)। **ଟେଣ୍ଡର ମୂଲ୍ୟ:** ₹୧୮,୪୨,୩୨୫.୦୮। **ଅମାନତ ରାଶି:** ₹୩୬,୯୦୦/-। **(୩) ଇ-କେଜିପି-ୱେଷ୍ଟ-୩୧-୨୦୨୫,** ଏଡିଇଏନ/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁରଠାରେ ବିଭିନ୍ନ ବିଦ୍ୟମାନ ସର୍ଭିସ୍ ବିଲ୍ଡିଂଗୁଡ଼ିକର ନବୀକରଣ ଓ ମରାମତି। **ଟେଣ୍ଡର ମୂଲ୍ୟ:** ₹୨,୪୭,୩୯,୨୨୫.୦୫। **ଅମାନତ ରାଶି:** ₹୨,୭୩,୭୦୦/-। **(୪) ଇ-କେଜିପି-ୱେଷ୍ଟ-୩୨-୨୦୨୫,** ଏଡିଇଏନ/ୱେଷ୍ଟ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର ଷ୍ଟେଶନର ଯାତ୍ରୀ ସୁଖସୁବିଧା ଭିତ୍ତିଭୂମିର ନବୀକରଣ ଓ ମରାମତି। **ଟେଣ୍ଡର ମୂଲ୍ୟ:** ₹୨,୪୫,୮୮,୩୫୯.୫୬। **ଅମାନତ ରାଶି:** ₹୨,୭୩,୦୦୦/-। **(୫) ଇ-କେଜିପି-ୱେଷ୍ଟ-୩୩-୨୦୨୫,** ଏଡିଇଏନ/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମିର ଆଧୁନିକୀକରଣ/ଉନ୍ନତୀକରଣ। **ଟେଣ୍ଡର ମୂଲ୍ୟ:** ₹୨,୫୩,୫୩,୪୭୦.୧୦। **ଅମାନତ ରାଶି:** ₹୨,୭୬,୮୦୦/-। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦। **ଖୋଲାଯିବା ତାରିଖ:** କ୍ର.ସଂ. ୧ରୁ ୪ ପାଇଁ ତା୨୧।୦୮।୨୦୨୫ରିଖ ଏବଂ କ୍ର.ସଂ. ୫ ପାଇଁ ତା୨୫।୦୮।୨୦୨୫ରିଖ। **କାର୍ଯ୍ୟର ସମାପ୍ତି ଅବଧି:** କ୍ର.ସଂ. ୧ ପାଇଁ ୧୫ ମାସ, କ୍ର.ସଂ. ୨ ପାଇଁ ୦୬ ମାସ ଏବଂ କ୍ର.ସଂ. ୩ରୁ ୫ ପାଇଁ ପ୍ରତ୍ୟେକ ୧୮ ମାସ। **ବିଡିଂ ଆରମ୍ଭ ତାରିଖ:** କ୍ର.ସଂ. ୧ରୁ ୪ ପାଇଁ ତା୦୭।୦୮।୨୦୨୫ରିଖରୁ ତା୨୧।୦୮।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। କ୍ର.ସଂ. ୫ ପାଇଁ ତା୧୧।୦୮।୨୦୨୫ରିଖରୁ ତା୨୫।୦୮।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ "www.ireps.gov.in" ପରିଦର୍ଶନ କରିପାରନ୍ତି। (PR-472)

## ଭାରସାମ୍ୟ ହରାଇ ଗଛରେ ପିଟିଲା ହାଇୱା

ବାଙ୍କୀ , ( ଶୁଭେନ୍ଦୁ ମହାପାତ୍ର ) : ବାଙ୍କୀ କଟକ ମୁଖ୍ୟ ରାସ୍ତା ପାଥପୁର - କଇଁମୁଣ୍ଡି ମୁଖ୍ୟ ରାସ୍ତାରେ ଏକ ହାଇୱା ଗାଡ଼ି ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଛି। ବାଙ୍କୀରୁ କଟକ ଅଭିମୁଖେ ଏକ ଦଷ୍ଟ ବୋଝେଇ ହାଇୱା ଗାଡ଼ି ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଏଥିରେ ଗାଡ଼ି ଚାଳକ ସାମନ୍ୟ ଆହତ ହୋଇଥିବା ଜଣାପଡ଼ିଛି।

# ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ନାଁରେ ୪ ଲକ୍ଷ ହରିଲୁଟ୍

## ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ

ନିଶ୍ଚିନ୍ତକୋଇଲି,୪।୮ (ଅଶୋକ କୁମାର ମହାପାତ୍ର): କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ଦୁର୍ନୀତି ବଢ଼ିବାରେ ଲାଗିଛି। ଏହି ବ୍ଲକ ଅନ୍ତର୍ଗତ କୋଲଣପୁର ପଞ୍ଚାୟତରେ ଏକ ମାର୍କେଟ କମ୍ପ୍ଲେକ୍ସ ସରକାରୀ କାଗଜକଲମରେ ନିର୍ମାଣ ହୋଇଥିବା ଦର୍ଶାଇ ବିଭାଗୀୟ ଅଧିକାରୀ ସରକାରୀ ତହବିଲରୁ ୪ ଲକ୍ଷ ଟଙ୍କା ହରିଲୁଟ୍ କରିନେଇଥିବା ନେଇ ଜିଲାପାଳଙ୍କ ନିକଟରେ ଭାଜପାର ଜଣେ ଯୁବନେତା ଲିଖିତ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରିବାକୁ ସେ ଦାବି କରିଛନ୍ତି। କୋଲଣପୁର ପଞ୍ଚାୟତର ମାର୍କେଟ କମ୍ପ୍ଲେକ୍ସ କଟକ-ଚାନ୍ଦବାଲି ରାସ୍ତାର କୁଳିଆଠାରେ ରହିଛି। ପଞ୍ଚାୟତର ବିଭିନ୍ନ ଉନ୍ନୟନ ପାଣ୍ଠିରେ ୨୦୦୭-୨୦୦୮ ଏବଂ ୨୦୧୭-୧୮ ଆର୍ଥିକ ବର୍ଷରେ ୨ ପର୍ଯ୍ୟାୟରେ ୨୦ ଗୃହ ନିର୍ମାଣ କରାଯାଇଥିଲା। ନିଶ୍ଚିନ୍ତକୋଇଲି ବ୍ଲକ ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରକଳ୍ପର ରେକର୍ଡ ନଂ.୨୪୦/୨୦୨୩-୨୪ ମୁତାବକ ସ୍ଥାନୀୟ ରଘୁନାଥଜୀଉ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ଏହି ପ୍ରକଳ୍ପ ନିମନ୍ତେ ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ତେବେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପରିବର୍ତ୍ତେ କୁଳିଆସ୍ଥିତ ମାର୍କେଟ କମ୍ପ୍ଲେକ୍ସର ପୂର୍ବ ପାଖରେ ଥିବା ଏକ କୋଠରି ନିର୍ମାଣ ହୋଇଥିବା ଦର୍ଶାଇ ନାମକୁ ମାତ୍ର ରଙ୍ଗ ଓ ଚଟାଣରେ ଟାଇଲ ବିଛାଇ ସରକାରୀ ରାଜକୋଷରୁ ୪ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ୨୦୨୪ ମେ ୧୦ରେ ଭାଉଚର ନଂ. ଏଓଏନ୍‌ଏମ୍/୨୦୨୪-୩୫/ପି/୮୩ ଜରିଆରେ ଏହି ଟଙ୍କା ହଡ଼ପ କରାଯାଇଛି ବୋଲି କଟକ ଜିଲାପାଳଙ୍କ ନିକଟରେ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ବିଡିଓ ଦ୍ୱିବେନ୍ଦୁ ଦାସଙ୍କୁ ପଚାରିବାରେ ଏପର୍ଯ୍ୟନ୍ତ ସେ ଅଭିଯୋଗ ପାଇନାହାନ୍ତି। ଅଭିଯୋଗ ମିଳିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ।


କୋଲଣପୁର ପଞ୍ଚାୟତର ମାର୍କେଟ କମ୍ପ୍ଲେକ୍ସ।

## ନିଖୋଜ ନାବାଳିକାଙ୍କ ସନ୍ଧାନ ମିଳିଲା

ବାଙ୍କୀ, ୪।୮ ( ଶୁଭେନ୍ଦୁ ମହାପାତ୍ର ): ବାଙ୍କୀ ଥାନା ଅଞ୍ଚଳରୁ ଜୁଲାଇ ୩ରୁ ନିଖୋଜ ଥିବା ନାବାଳିକାଙ୍କ ସନ୍ଧାନ ପୋଲିସ ପାଇଛି। ହସ୍ତାନ୍ତର ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସମ୍ପୃକ୍ତ ନାବାଳିକା ଜଣକ ହଠାତ୍ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ଏନେଇ ପ୍ରଥମେ ନିକଟସ୍ଥ ଚାଳବଣ୍ଟ ଫାଣ୍ଡିରେ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ମାତ୍ର ଘଟଣାକୁ ପୋଲିସ ଗୁରୁତ୍ୱର ସହ ନେଇ ନ ଥିଲା। ସେତେବେଳେ ଖବରକାଗଜ ଏବଂ ଓଡ଼ିଶା ହାଇକୋର୍ଟରେ ଆଇନଜୀବୀ ଭକ୍ତି ପ୍ରଜ୍ଞାୟ ଏହି ଘଟଣାରେ ହସ୍ତକ୍ଷେପ କରି ପୋଲିସ ସହ ଆଲୋଚନା କରିଥିଲେ। ଏହାପରେ ବାଙ୍କୀ ଥାନା ଆଇଆଇସି ଦିଲୀପ ମର୍ଦ୍ଦରାଜ ଭୂୟାଁଙ୍କ ନେତୃତ୍ୱରେ ତଦନ୍ତକୁ ଜୋରଦାର କରାଯାଇଥିଲା। ପ୍ରାୟ ୧ ମାସ ବ୍ୟବଧାନ ପରେ ପୋଲିସ ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାର କରିଛି।

# ସମୁଦ୍ରରେ ବୁଡ଼ି ଜଣେ ମୃତ, ନଦୀରେ ଭାସି କାଉଡ଼ିଆ ନିଖୋଜ

## ଶ୍ରାବଣ ମାସର ଶେଷ ଜଳାଭିଷେକରେ ୨ ପୃଥକ୍ ଦୁର୍ଘଟଣା


ବବୁଲ ସାହୁ


ଅମୃତ କର

ନିଶ୍ଚିନ୍ତକୋଇଲି/ସାଲେପୁର, ୪।୮ (ଅଶୋକ କୁମାର ମହାପାତ୍ର/ଅରବିନ୍ଦ ଭୂୟାଁ): ଶ୍ରାବଣ ମାସର ଶେଷ ସୋମବାରେ ଦୁଇ ପୃଥକ୍ ସ୍ଥାନରେ ଦୁଃଖଦ ଘଟଣା ଘଟିଛି। ପୁରୀ ସମୁଦ୍ରରେ ବୁଡ଼ିଯିବାରୁ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକର ଜଣେ କାଉଡ଼ିଆଙ୍କ ମୃତ୍ୟୁ ଘଟିଥିବାବେଳେ ସାଲେପୁରସ୍ଥିତ ବଟେଶ୍ୱର ଘାଟରେ ଜଣେ ନିଖୋଜ ହୋଇଯାଇଛନ୍ତି।

ନିଶ୍ଚିନ୍ତକୋଇଲି ବ୍ଲକ ବଡ଼କ୍ଷୀର ପଞ୍ଚାୟତ ଅନ୍ତର୍ଗତ ଗୋପପୁର ଗ୍ରାମର ସନ୍ତୋଷ ସାହୁଙ୍କ ବଡ଼ପୁତ୍ର ବବୁଲ(୨୨) ଜଗତ୍‌ସିଂହପୁରସ୍ଥିତ ଗୋରେଖନାଥ ପୀଠରେ ବନ୍ଧୁ ଓ ସ୍ଥାନୀୟ ଯୁବକମାନଙ୍କ ସହ ଜଳାଭିଷେକ କରିଥିଲେ। ଏହାପରେ ସେ ସାଙ୍ଗମାନଙ୍କ ସହ ପୁରୀ ଯାଇ ସମୁଦ୍ରରେ ସ୍ନାନ କରିବାବେଳେ ଜୁଆର ଆସିଯିବାରୁ ଭାସିଯାଇଥିଲେ। ସହଯୋଗୀମାନେ ତାଙ୍କୁ ଉଦ୍ଧାର କରିବା ନିମନ୍ତେ ଆପ୍ରାଣ ଉଦ୍ୟମ କରିବା ସତ୍ତ୍ୱେ ବିଫଳ ହୋଇଛନ୍ତି। ଦୀର୍ଘ ସମୟ ପରେ ବବୁଲଙ୍କ ମୃତଦେହ ମିଳିଥିଲା। ସ୍ଥାନୀୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ୧୨ ବର୍ଷ ତଳେ ସାପ କାମୁଡ଼ାରେ ସନ୍ତୋଷଙ୍କ ସାନପୁଅର ଅକାଳ ବିୟୋଗ ଘଟିଥିଲା। ଦୁଇପୁତ୍ରଙ୍କୁ ହରାଇ ମା'ବାପା ବେସାହାରା ହୋଇ ମାନସିକସ୍ତରରେ ଭାଙ୍ଗିପଡ଼ିଛନ୍ତି।

ସେହିପରି ସାଲେପୁର ଥାନା ଅନ୍ତର୍ଗତ ବାଲିସାହି ପଞ୍ଚାୟତର ଚିତ୍ରୋତ୍ପଳା ନଦୀର ବଟେଶ୍ୱର ଘାଟରୁ ପାଣି ଉଠାଉଥିବା ବେଳେ ଗୋଡ଼ ଖସିଯିବାରୁ ଜଣେ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ସାଲେପୁର ଥାନା ବାରିଗୋଳ ପଞ୍ଚାୟତ ଅନ୍ତର୍ଗତ ସୁନାଖଣ୍ଡି ଗ୍ରାମର ରବୀନ୍ଦ୍ର କରଙ୍କ ପୁତ୍ର ଅମୃତ। ଖବରପାଇ ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ କର୍ମଚାରୀ ଖୋଜାଖୋଜି ଜାରି ରଖିଛନ୍ତି। ମାତ୍ର ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳି ନ ଥିଲା।

# ୪ ନଂ.କେନାଲ ପୋଲ ଭାଙ୍ଗିଲା



## କାଠ ବୋଝେଇ ଟ୍ରାକ୍ଟର ଓଲଟିଲା

ସାଲେପୁର,୪।୮(ଅରବିନ୍ଦ ଭୂୟାଁ): ସାଲେପୁର ବ୍ଲକ ଅନ୍ତର୍ଗତ ନାଦୋଳ-ଭାତପଡା ସଂଯୋଗୀକରଣ ରାସ୍ତାର ୪ ନମ୍ବର କେନାଲର ବନ୍ଧର କବାଟିଠାରେ ଅବସ୍ଥିତ ପୋଲ ଭାଙ୍ଗିଯାଇଛି। ଏକ କାଠ ବୋଝେଇ ଟ୍ରାକ୍ଟର ଯାଉଥିବା ବେଳେ ଏହି ଦୁର୍ଘଟଣା ହୋଇଥିଲା। ଫଳରେ ଟ୍ରାକ୍ଟର ଡ଼ାଲାଟି କେନାଲ ମଧ୍ୟକୁ ଖସିପଡ଼ିଛି। ସୌଭାଗ୍ୟବଶତଃ ଗାଡ଼ିଚାଳକ ଓ ତାଙ୍କ ସହଯୋଗୀ ରକ୍ଷା ପାଇଯାଇଛନ୍ତି। ଏହି ପୋଲଟି ଦୀର୍ଘବର୍ଷ ହେବ ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ଏହାର ପୁନରୁଦ୍ଧାର ପାଇଁ ବହୁବାର ଅଞ୍ଚଳବାସୀ ପ୍ରଶାସନ ଓ ଜଳ ସମ୍ପଦ ବିଭାଗ ନିକଟରେ ଦାବି କରି ଆସୁଥିଲେ। ହେଲେ କେହି କର୍ଣ୍ଣପାତ କରୁ ନ ଥିଲେ। ଏହି ପୋଲ ଉପରେ ନାଦୋଳ ଓ ଭାତପଡାର ଲୋକେ ନିର୍ଭରଶୀଳ। ପ୍ରଶାସନର ଦୂରଦୃଷ୍ଟିର ଅଭାବରୁ ଏହି ଦୁର୍ଘଟଣା ଘଟିଲା ବୋଲି ନାଦୋଳ ସରପଞ୍ଚ ଜ୍ଞାନରଞ୍ଜନ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଜଳ ସମ୍ପଦ ବିଭାଗ ପକ୍ଷରୁ ତୁରନ୍ତ ଏଠାରେ ନୂତନ ପୋଲ ନିର୍ମାଣ କରିବାକୁ ଦାବି ହୋଇଛି।

## ଲକ୍ଷାଧିକ ଟଙ୍କାର ଅଳଙ୍କାର, ଟଙ୍କା ଚୋରି ଅଭିଯୋଗ

ତିଗିରିଆ,୪।୮(ଜାଫର ଖାଁ)

ତିଗିରିଆ ଥାନା ଅନ୍ତର୍ଗତ ଅଚଳକୋଟ ପଞ୍ଚାୟତସ୍ଥିତ ହରିଡାପଶି ଗ୍ରାମର ରମେଶ ଚନ୍ଦ୍ର ଦାସଙ୍କ ଘରୁ ଦୁର୍ବୃତ୍ତମାନେ ଶନିବାର ରାତିରେ ଲକ୍ଷାଧିକ ଟଙ୍କାର ଅଳଙ୍କାର, ପିତ୍ତଳ ବାସନ ଓ ନଗଦ ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ରମେଶ ଥାନାରେ କରିଥିବା ଲିଖିତ ଅଭିଯୋଗ ଅନୁଯାୟୀ, ତାଙ୍କ ପରିବାର ସଦସ୍ୟ ଭୁବନେଶ୍ୱରରେ ରହୁଥିବା ପୁଅ ପାଖକୁ ଯାଇଥିଲେ। ଏହି ସମୟରେ ତାଙ୍କ ହରିଡ଼ାପଶିସ୍ଥିତ ବାସଭବନରେ ତାଲା ପଡ଼ିଥିଲା। ଏହାର ସୁଯୋଗ ନେଇ କୌଣସି ଦୁର୍ବୃତ୍ତ ରବିବାର ରାତିରେ ରମେଶଙ୍କ ଗାଧୁଆ ଘର ସ୍କାଏ ଲାଇଟ ଓ ଘର ଝରକା ଭାଙ୍ଗି ଭିତରକୁ ପଶି ସୁନା ମଙ୍ଗଳସୂତ୍ର, ୨ ହଳ ସୁନା କାନଫୁଲ, ଗୋଟିଏ ସୁନା ମୁଦି,୨ ହଳ ରୂପା ପାଉଁଜି, ପିତ୍ତଳ ବାସନ ଓ ନଗଦ ୩୦ ହଜାର ଟଙ୍କା ଚୋରି କରିନେଇଛନ୍ତି। ରବିବାର ଅପରାହ୍ନରେ ରମେଶଙ୍କ ପଡୋଶୀ ତାଙ୍କ ବାଡ଼ି କବାଟ ଖୋଲାଥିବା ଦେଖି ରମେଶଙ୍କୁ ଫୋନ ଯୋଗେ ସୂଚନା ଦେଇଥିଲେ। ଏହାପରେ ରମେଶ ଘରକୁ ଫେରି ଥାନାରେ ଅଭିଯୋଗ କରିଥିଲେ। ଏନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

# ଜିଗ୍ନିପୁର ପଞ୍ଚାୟତରେ ଏକାଧିକ ଦୁର୍ନୀତି ଅଭିଯୋଗ

ନିଶ୍ଚିନ୍ତକୋଇଲି,୪।୮ (ଅଶୋକ କୁମାର ମହାପାତ୍ର):

ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ମାଧ୍ୟମରେ ସରକାରୀ ଅର୍ଥ ହରିଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ କେନ୍ଦ୍ରାପଡ଼ା ଏମ୍‌ପିଙ୍କ ପ୍ରତିନିଧି ତଥା ପୂର୍ବତନ ସମିତି ସଭ୍ୟ ମଳୟ କୁମାର ଘଡ଼ାଇ ଅଭିଯୋଗ କରିଛନ୍ତି।

ତାଙ୍କ ଅଭିଯୋଗ ଅନୁଯାୟୀ, ଗତ ସାଧାରଣ ନିର୍ବାଚନ ପରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ତରଫରୁ ଜଳଛତ୍ର ବଣ୍ଟନ କରାଯାଇଥିଲା। ମାତ୍ର ଗ୍ରାମପଞ୍ଚାୟତ ତରଫରୁ ଜଳଛତ୍ର କରା ନ ଯାଇ ୩୦ ହଜାର ଟଙ୍କାର ବିଲ୍ କରାଯାଇ ଅର୍ଥ ଆତ୍ମସାତ୍ କରାଯାଇଛି। ସେହିପରି ଗ୍ରାମପଞ୍ଚାୟତର ପୁରୁଣା ଆସବାବପତ୍ରକୁ ନୂତନ ଭାବେ ଦର୍ଶାଇ ୫୦ ହଜାର ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଛି। ଗ୍ରାମପଞ୍ଚାୟତ ଭବନର ଷ୍ଟୋର୍ ରୁମ୍‌ର ଉନ୍ନତୀକରଣ ନିମନ୍ତେ ୨ଲକ୍ଷ ୨୦ହଜାର ଟଙ୍କାର ବିଲ୍ କରାଯାଇଛି। ଏହି ବିଲ୍‌ରେ କୃଷକ ପରାମର୍ଶ କେନ୍ଦ୍ରର ଫଟୋ ଦିଆଯାଇ ସରକାରୀ ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ବଳଦେବ ଜୀଉ କ୍ରିକେଟ୍ ଆସୋସିଏଶନ ଖେଳପଡ଼ିଆ ନାମରେ ଗୋଚର ଜମିରୁ ମାଟି ଉଠାଇ ଚଞ୍ଚକତା କରି ବିଲ୍ କରି ନିଆଯାଇଥିବା ଅଭିଯୋଗ ହୋଇଛି। ଏହିପରି ଭାବେ ପଞ୍ଚାୟତରେ କାର୍ଯ୍ୟ କରା ନ ଯାଇ ବିଭାଗୀୟ ଅଧିକାରୀ ଓ ନିର୍ବାଚିତ ଲୋକପ୍ରତିନିଧିମାନେ ଅସାଧୁ ମେଣ୍ଟ କରି ସରକାରୀ ରାଜକୋଷରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି ବୋଲି ଘଡ଼େଇ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ନକଲ କେନ୍ଦ୍ରାପଡ଼ା ଏମ୍‌ପି, ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ଓ କଟକ ଜିଲାପାଳଙ୍କ ନିକଟକୁ ପଠାଇ ତଦନ୍ତ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଦ୍ୱିବେନ୍ଦୁ ଦାସ କୁହନ୍ତି ଅଭିଯୋଗ ପାଇଛୁ। ତଦନ୍ତ କରାଯାଇ ଆବଶ୍ୟକସ୍ଥଳେ କାର୍ଯ୍ୟାନୁଷ୍ଠାନ ନିଆଯିବ।

**Information & Public Relations Department.**
**Government of Jharkhand,**
**Suchana Bhawan, Ranchi.**

**Corrigendum / Cancellation Notice**

Tender Name: Selection of Event Management Agency to organise Jharkhand Tribal Festival in various states.
Tender ID: 2025_IPRD_103565_1
Tender Ref No.: 1064
PR No.- 358420
Subject: Corrigendum- Tender Cancellation Notice
Due to administrative reasons the above mentioned tender is hereby cancelled.

Sd/-
Director
Information & Public Relations Department
Government of Jharkhand
PR 358878
IPRD(25-26)#D

# ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣରେ ଅନିୟମିତତା ଅଭିଯୋଗ

ତିଗିରିଆ, ୪।୮( ଜାଫର ଖାଁ):

ତିଗିରିଆ ବ୍ଲକ ଅନ୍ତର୍ଗତ ଭୋଗଡା ପଞ୍ଚାୟତ ଅଧିନସ୍ଥ ଗୋକର୍ଣ୍ଣାଲ ଗ୍ରାମର ୯ ନମ୍ବର ୱାର୍ଡରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଗୃହ ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ଅନୁଯାୟୀ, ଏହି ଗ୍ରାମର ୯ ନଂ.ୱାର୍ଡ ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତୋଦ୍ରୟ ଗୃହ ଯୋଜନାରେ ୮ଟି କାର୍ଯ୍ୟାଦେଶ ବ୍ଲକ ପ୍ରଶାସନ ତରଫରୁ ହିତାଧିକାରୀଙ୍କୁ ମିଳିଛି। ମାତ୍ର ସମସ୍ତ ଗୃହ ଆମ୍ବ ବଗାୟତ ଓ ଶ୍ମଶାନରେ ନିର୍ମାଣ ହେଉଛି। ନିୟମ ଅନୁଯାୟୀ, ହିତାଧିକାରୀଙ୍କ ଘର ନ ଥିବାରୁ ଭଙ୍ଗା ଘରେ ରହୁଥିବା ଦେଖାଇ ଘରବାରୀ ପଟା ସଂଲଗ୍ନ କରି ଦେଲାପରେ ସେମାନେ କାର୍ଯ୍ୟାଦେଶ ପାଇଛନ୍ତି। କିନ୍ତୁ ପ୍ରକୃତ ପକ୍ଷେ ସେମାନଙ୍କର ରହିବାପାଇଁ ଛାତ ଘର ଥିବାବେଳେ ଭଙ୍ଗା ଘର ଦେଖାଇ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ହାତ କରି ଗୃହ ନିର୍ମାଣ ଯୋଜନାରେ ସାମିଲ ହୋଇଥିବା ଅଭିଯୋଗ ହୋଇଛି। ଏ ବିଷୟରେ ତିଗିରିଆ ବିଡିଓ ମନସ୍ୱିନୀ ଦାସଙ୍କୁ ପଚାରିବାରେ, ଯଦି ଏପରି ହୋଇଥାଏ ତେବେ ସେମାନଙ୍କୁ ବିଲ୍ ମିଳିବ ନାହିଁ। ତଦନ୍ତ ପରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ମଦ୍ୟପ ଯୁବକଙ୍କ ଆତଙ୍କ, ୫ ଅଟକ

ବାରଙ୍ଗ/ତ୍ରିଶୁଳିଆ ୪।୮(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା):

ମଧୁବନ ଗ୍ରାମ ନିକଟ ମୁଖ୍ୟ ରାସ୍ତାରେ ସୋମବାର ମଦ୍ୟପ ଯୁବକମାନେ ଆତଙ୍କ ଖେଳାଇଥିଲେ। ଏହି ଘଟଣାରେ ବାରଙ୍ଗ ଥାନା ପୋଲିସ ୫ ଜଣଙ୍କୁ ଅଟକ ରଖିଛି। ଅପରାହ୍ନରେ ନରାଜ ନିକଟସ୍ଥ ଆଦର୍ଶ ବିଦ୍ୟାଳୟରୁ ଏକ ପିକ୍ ଅପ୍ ଅଟୋ ଛାତ୍ରୀଛାତ୍ରଙ୍କୁ ନେଇ ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତାରେ ଆସୁଥିଲା। ଏହି ସମୟରେ ମଧୁବନ ଗ୍ରାମ ନିକଟରେ ମୁଖ୍ୟ ରାସ୍ତାରେ ଛିଡ଼ା ହୋଇଥିବା ଏକ କାର୍‌ରେ ଥିବା ୫ଜଣ ଯୁବକ ମଦ୍ୟପାନ କରୁଥିଲେ। ଅଟୋଟି କାର୍‌କୁ ଅତିକ୍ରମ କରୁଥିବାବେଳେ ମଦ୍ୟପ ଯୁବକମାନେ ଅଟୋକୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଅଟୋଚାଳକ ଏହାକୁ ବିରୋଧ କରିବାରୁ ମଦ୍ୟପ ଯୁବକମାନେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଚାଳକଙ୍କର ମୁହଁରେ ଗଭୀର ଆଘାତ ଲାଗିଥିବା ବେଳେ ଅଟୋରେ ଥିବା ସ୍କୁଲ ପିଲାମାନେ ଭୟଭୀତ ହୋଇଥିଲେ। ଏନେଇ ସ୍ଥାନୀୟ ଲୋକେ ଥାନାରେ ଜଣାଇଥିଲେ। ପୋଲିସ ପହଞ୍ଚି କାର୍‌କୁ ଜବତ କରିବା ସହ ଆହତ ଚାଳକଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଇଥିଲେ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. MD/CH/BBS/LP 251001A ତା.25.07.2025
**କାର୍ଯ୍ୟର ବିବରଣୀ :** ''ଦୈନିକ ଆବଶ୍ୟକତା ଅନୁଯାୟୀ କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ଭୁବନେଶ୍ୱର ଏବଂ CSP ହେଲ୍‌ଥ ୟୁନିଟ୍‌ର ଷ୍ଟକ୍‌ରେ ଉପଲବ୍ଧ ହେଉନଥିବା ଔଷଧ, ସର୍ଜିକାଲ୍ ଆଇଟମ୍ ଓ ବ୍ୟବହୃତ ସାମଗ୍ରୀଗୁଡ଼ିକର ଯୋଗାଣ କରିବା'' ।
**ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୨୪ ।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହାକୁ **୧୫.୩୦** ଘଟିକାରେ ଖୋଲାଯିବ । **କ୍ର.ସଂ, ଟେଣ୍ଡର ନଂ. ଏବଂ କାର୍ଯ୍ୟର ବର୍ଣ୍ଣନା** ନିମ୍ନ ଅନୁଯାୟୀ ଅଟେ: (୧) **ଇ-କେଜିପି-ୱେଷ୍ଟ-୨୯-୨୦୨୫,** ଏଡିଇଏନ୍/ଝାଡ଼ଗ୍ରାମଙ୍କ ଅଧୀନରେ ଏସ୍‌ଏସ୍‌ଇ (ପି.ୱେ) ଲାଗି ଲୋକ ଓ ସାମଗ୍ରୀ ପରିବହନ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ୧୫ ମାସ ଲାଗି ୦୪ଟନ୍ କ୍ଷମତାର ଟ୍ରକ୍ ଏବଂ ୯୦ ଦିନ ଲାଗି ୧୦ ଟନ୍ କ୍ଷମତାର ଟ୍ରକ୍ ଭଡ଼ାସୂତ୍ରରେ ନେବା । **ଟେଣ୍ଡର ମୂଲ୍ୟ:** ₹୧୨,୬୯,୭୬୭.୧୦ । **ଅମାନତ ରାଶି:** ₹୨୫,୪୦୦/-। (୨) **ଇ-କେଜିପି-ୱେଷ୍ଟ-୩୦-୨୦୨୫,** ଏଡିଇଏନ୍/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ନିମପୁରା-ଗୋକୁଳପୁର ସେକ୍ସନରେ ଏଲ୍‌ସି ନଂ. କେଓ୍ୱାଇ-୧୨ର ଇଣ୍ଟରଲକିଂ ସମ୍ବନ୍ଧରେ ୦୧ ଗୋଟି ଗେଟ୍ ଗୁମ୍‌ଟିର ନିର୍ମାଣ (ଯାହା ୪.୨ ମି. x ୩.୧ ମି., ୩.୨ ମି. x ୩.୧ ମି. ଏବଂ ୨.୫ ମି. x ୩.୧ ମି. ଆକାରର ୩ଟି ରୁମ୍ ସମ୍ବଳିତ ହେବ) । **ଟେଣ୍ଡର ମୂଲ୍ୟ:** ₹୧୮,୪୨,୩୨୫.୦୮ । **ଅମାନତ ରାଶି:** ₹୩୬,୯୦୦/-। (୩) **ଇ-କେଜିପି-ୱେଷ୍ଟ-୩୧-୨୦୨୫,** ଏଡିଇଏନ୍/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁରଠାରେ ବିଭିନ୍ନ ବିଦ୍ୟମାନ ସର୍ଭିସ୍ ବିଲ୍ଡିଂଗୁଡ଼ିକର ନବୀକରଣ ଓ ମରାମତି । **ଟେଣ୍ଡର ମୂଲ୍ୟ:** ₹୨,୪୭,୩୯,୨୨୫.୦୫ । **ଅମାନତ ରାଶି:** ₹୨,୭୩,୭୦୦/-। (୪) **ଇ-କେଜିପି-ୱେଷ୍ଟ-୩୨-୨୦୨୫,** ଏଡିଇଏନ୍/ୱେଷ୍ଟ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର ଷ୍ଟେଶନର ଯାତ୍ରୀ ସୁଖସୁବିଧା ଭିତ୍ତିଭୂମିର ନବୀକରଣ ଓ ମରାମତି । **ଟେଣ୍ଡର ମୂଲ୍ୟ:** ₹୨,୪୫,୮୮,୩୫୯.୫୬ । **ଅମାନତ ରାଶି:** ₹୨,୭୩,୦୦୦/-। (୫) **ଇ-କେଜିପି-ୱେଷ୍ଟ-୩୩-୨୦୨୫,** ଏଡିଇଏନ୍/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମିର ଆଧୁନିକୀକରଣ/ଉନ୍ନତୀକରଣ । **ଟେଣ୍ଡର ମୂଲ୍ୟ:** ₹୨,୫୩,୫୩,୪୭୦.୧୦ । **ଅମାନତ ରାଶି:** ₹୨,୭୬,୮୦୦/-। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦ । **ଖୋଲାଯିବା ତାରିଖ:** କ୍ର.ସଂ. ୧ରୁ ୪ ପାଇଁ ତା୨୧।୦୮।୨୦୨୫ରିଖ ଏବଂ କ୍ର.ସଂ. ୫ ପାଇଁ ତା୨୫।୦୮।୨୦୨୫ରିଖ । **କାର୍ଯ୍ୟର ସମାପ୍ତି ଅବଧି:** କ୍ର.ସଂ. ୧ ପାଇଁ ୧୫ ମାସ, କ୍ର.ସଂ. ୨ ପାଇଁ ୦୬ ମାସ ଏବଂ କ୍ର.ସଂ. ୩ରୁ ୫ ପାଇଁ ପ୍ରତ୍ୟେକ ୧୮ ମାସ । **ବିଡିଂ ଆରମ୍ଭ ତାରିଖ:** କ୍ର.ସଂ. ୧ରୁ ୪ ପାଇଁ ତା୦୭।୦୮।୨୦୨୫ରିଖରୁ ତା୨୧।୦୮।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । କ୍ର.ସଂ. ୫ ପାଇଁ ତା୧୧।୦୮।୨୦୨୫ରିଖରୁ ତା୨୫।୦୮।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ ''**www.ireps.gov.in**'' ପରିଦର୍ଶନ କରିପାରନ୍ତି ।
(PR-472)

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ: କଟକ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୩ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ପାରାଦୀପ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୯ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ପାରାଦୀପ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ପାରାଦୀପ ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ଦୀନବନ୍ଧୁ ପାତ୍ର, ପିତା: ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ୨) ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ୩) ଶ୍ରୀମତୀ ପ୍ରମିଳା ପାତ୍ର, ୪) ଶ୍ରୀମତୀ ପ୍ରଜ୍ଞା ପରମିତା ସିଂ, ସମସ୍ତଙ୍କ ଠିକଣା-୧: ଏମ୍‌ଆଇଜି-୩୧, ମଧୁବନ, ପାରାଦୀପ, ଜଗତ୍‌ସିଂହପୁର, ପିନ୍ - ୭୫୪୧୪୨, ଠିକଣା-୨: ଫ୍ଲାଟ୍ ନଂ.: ୩୦୧, ୨ୟ ମହଲା, ଅଞ୍ଜଳି ନିବାସ, ରବି ଟକିଜ୍, ଓଲ୍ଡ ଟାଉନ୍, ଭୁବନେଶ୍ୱର - ୭୫୧୦୦୨, ଠିକଣା-୩: ଫ୍ଲାଟ୍ ନଂ.: ୩୦୧, ଏ-ବ୍ଲକ୍, ଗେଟ୍ ନଂ.: ୩, ଏନ୍‌ବିସିସି ଇମ୍ପେରିଆ, ଗଜପତି ନଗର, ଭୁବନେଶ୍ୱର - ୭୫୧୦୧୩ | ୨୯.୦୪.୨୦୨୫ ସୁଦ୍ଧା ଟ.୩୮,୬୬,୫୪୦.୭୮ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୯.୦୫.୨୦୨୫ / ୦୨.୦୮.୨୦୨୫ | ଶ୍ରୀ ଦୀନବନ୍ଧୁ ପାତ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭୁବନେଶ୍ୱର ସହର ୟୁନିଟ୍-୩୫ ବରଗଡ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୪୯୪/୧୮୧୩, ପ୍ଲଟ୍ ନଂ.: ୪୩୩୨, ଫ୍ଲାଟ୍ ନଂ.: ୩୦୧, ଅଞ୍ଜଳି ନିବାସ, କ୍ଷେତ୍ର: ଏକର ୦.୦୧୮ ଡିସିମିଲି ସହିତ ୧୬୯୦ ବର୍ଗଫୁଟର ସୁପର ବିଲ୍ଟ ଅପ୍ ଏରିଆ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୪୮୩୭, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୪୩୩୦ ଏବଂ ୪୩୩୧, ପଶ୍ଚିମ: ରାସ୍ତା |

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୪.୦୮.୨୦୨୫ କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

**କାନାରା ବ୍ୟାଙ୍କ Canara Bank** A Government of India Undertaking
ସିଣ୍ଡିକେଟ Syndicate
କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.: ୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ବ୍ୟାଙ୍କର ସମସ୍ତ ବକେୟା ଦେୟ ପରିଶୋଧ ଦ୍ୱାରା ସମ୍ପତ୍ତି ବନ୍ଧକମୁକ୍ତ ପାଇଁ ସର୍ବସାଧାରଣ ନୋଟିସ୍**

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| କ୍ର. ନଂ. | କେନ୍ଦ୍ରାପଡ଼ା-୨ ଶାଖା (୧୮୦୨୮) / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତି ଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ /ବନ୍ଧକମୁକ୍ତ ତାରିଖ / ବକେୟା ରାଶି |
|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ଆଲିସାନ ଏଜେନ୍ସି, ସ୍ୱତ୍ୱାଧିକାରୀ: ସେକ୍ ଅଲ୍ଲିଜାନ, ରସୁଲବାଦ, ମସଜିଦ ନିକଟ, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍-୭୫୪୨୧୧ / ଋଣଗ୍ରହୀତା ଏବଂ ବନ୍ଧକଦାତା: ସେକ୍ ଅଲ୍ଲିଜାନ, ପିତା: ୪ ସେକ୍ ଖୈର ମହମ୍ମଦ, ମୌଜା: ବଡହାଟ, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍-୭୫୪୨୧୧ / ଜାମିନ୍‌ଦାର: ସେକ୍ ସାହିଦଉଲ୍ଲା, ପିତା: ସେକ୍ ଅସଦଉଲ୍ଲା, ସା: ଫକୀରାବାଦ, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍-୭୫୪୨୧୧ | ସେକ୍ ଅଲ୍ଲିଜାନଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୮୩, ପ୍ଲଟ୍ ନଂ.: ୧୦୮୫, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ଖାତା ନଂ.: ୨୯୯/୨୭୯, ପ୍ଲଟ୍ ନଂ.: ୧୦୮୫/୨୦୫୭, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୦୫୦ଡିସିମିଲି ଯଥା ୨୧୭୮.୦୦ ବର୍ଗଫୁଟ, କିସମ: ଘରବାରି, ମୌଜା: ବଡହାଟ, ଥାନା: କେନ୍ଦ୍ରାପଡ଼ା ଟାଉନ୍ ନଂ. ୨୪୧, ତହସିଲ: କେନ୍ଦ୍ରାପଡ଼ା ନଂ. ୨୪୧, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା, ଏହାର ଘେରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୦୮୩, ଦକ୍ଷିଣ: ପ୍ଲଟ୍ ନଂ. ୧୦୭୯, ୧୦୭୯/୨୦୧୦ ଏବଂ ୧୦୮୦, ପୂର୍ବ: ପ୍ଲଟ୍ ନଂ. ୧୫୯୮, ପଶ୍ଚିମ: ବ୍ୟକ୍ତିଗତ ରାସ୍ତା | ୨୧.୦୫.୨୦୨୫ / ୦୨.୦୮.୨୦୨୫ / ୦୪.୦୮.୨୦୨୫ / ୦୪.୦୮.୨୦୨୫ ସୁଦ୍ଧା ଟ.୨୭,୨୫,୩୩୩.୩୬ |

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପରଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ।**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୧) ଅନୁସାରେ ଉପରଦର୍ଶିତ ତାରିଖରେ ଜାରି କରାଯାଇଥିବା ଦଖଲ ନୋଟିସ୍ ଅନୁଯାୟୀ କାନାରା ବ୍ୟାଙ୍କ (ବ୍ୟାଙ୍କ) ସୁରକ୍ଷିତ ଋଣଦାତା ଭାବେ ଏହାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଅସେଟ୍ସ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ ୨୦୦୨ ଅନୁସାରେ ଉପରଦର୍ଶିତ ବକେୟା ରାଶି ସହିତ ସୁଧ ଏବଂ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଆନୁସଙ୍ଗିକ ଖର୍ଚ୍ଚ ଆଦାୟ କରିବାପାଇଁ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ ପ୍ରକ୍ରିୟା ଏବଂ ଏହାର ଇ-ନିଲାମର ଖବର କାଗଜ ପ୍ରକାଶନ ଆରମ୍ଭ କରିବାକୁ ଯାଉଛି । ଏତଦ୍ୱାରା ଆପଣଙ୍କୁ **୩୦ ଦିନିଆ** ନୋଟିସ୍ ଜାରି କରାଗଲା କି ଏହି ସମୟସୀମା ଅତିକ୍ରାନ୍ତ ପରେ, ଯଦି ପୂର୍ବଦର୍ଶିତ ବକେୟା ରାଶି ପୈଠ କରିନଥାନ୍ତି ତେବେ ବ୍ୟାଙ୍କ ସରଫେଶୀ ଆକ୍ଟ ଏବଂ ଏହାର ଅନ୍ତର୍ଗତ ନିୟମାବଳୀ ଅନୁସାରେ ସର୍ବସାଧାରଣ ନିଲାମ ମାଧ୍ୟମରେ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରୟ କରିବାପାଇଁ ପଦକ୍ଷେପମାନ ଗ୍ରହଣ କରିବେ । ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୮)ର ସଂଶୋଧନ ଅନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆପଣଙ୍କୁ ପରାମର୍ଶ ଦିଆଯାଉଛି କି ବ୍ୟାଙ୍କକୁ ଏହି ନୋଟିସ୍ ପ୍ରାପ୍ତିର **୩୦ ଦିନ** (ନିଲାମ ନୋଟିସ୍ ପ୍ରକାଶନ ପୂର୍ବରୁ) ମଧ୍ୟରେ ବକେୟା ରାଶି ପୈଠ କରନ୍ତୁ ଅନ୍ୟାଥା ସୁରକ୍ଷିତ ସମ୍ପତ୍ତିର ନିଲାମ ବିକ୍ରୟ ନୋଟିସ୍ ଖବର କାଗଜ ପ୍ରକାଶନ ପରେ ଆପଣଙ୍କ ସମ୍ପତ୍ତିଗୁଡ଼ିକୁ ବନ୍ଧକମୁକ୍ତ କରିବାର ଅଧିକାର ରହିବ ନାହିଁ ।

ତାରିଖ: ୦୪.୦୮.୨୦୨୫, ସ୍ଥାନ: କଟକ କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

Khadi India
सूक्ष्म, लघु और मध्यम उद्यम मंत्रालय, भारत सरकार
Ministry of Micro, Small & Medium Enterprises
Government of India

**खादी और ग्रामोद्योग आयोग**
**KHADI AND VILLAGE INDUSTRIES COMMISSION**
सूक्ष्म, लघु और मध्यम उद्यम मंत्रालय, भारत सरकार /
Ministry of MSME, Govt. of India
राज्य कार्यालय, भुवनेश्वर / State Office, Bhubaneswar
No.OSO/KVIC/Legal/Advt./2025-26 Date: 4th August, 2025

**ସତର୍କତା ସୂଚନା**

ଆମେ, ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (KVIC), ସଂସଦର ଆଇନ (1956 ର ନଂ. 61, 1987 ର ନଂ.12 ଓ 2006 ର ନଂ.10 ଦ୍ୱାରା ସଂଶୋଧିତ) ଅନୁଯାୟୀ ପଞ୍ଜୀକୃତ ଏକ ବୈଧାନିକ ସଂସ୍ଥା, ଯାହାର ମୁଖ୍ୟ କାର୍ଯ୍ୟାଳୟ ଗ୍ରାମୋଦୟ, ୩, ଇର୍ଲା ରୋଡ, ଭିଲେ ପାର୍ଲେ (ପଶ୍ଚିମ), ମୁମ୍ବାଇ-400 056, ଭାରତ ଓ ରାଜ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର, ଓଡ଼ିଶା ଠାରେ ଅବସ୍ଥିତ।

ଏତଦ୍ୱାରା ସର୍ବସାଧାରଣ ଓ ଅନ୍ୟ ବ୍ୟକ୍ତିଙ୍କୁ ସୂଚିତ କରାଯାଉଛି ଯେ, KVIC ଖଦି ଓ ଗ୍ରାମୋଦ୍ୟୋଗ କାର୍ଯ୍ୟକ୍ରମ/କାର୍ଯ୍ୟକଳାପ ପାଇଁ ସୋସାଇଟି (Society) ଓ ଚାରିଟେବଲ ଟ୍ରଷ୍ଟ (Charitable Trust)ମାନଙ୍କୁ (ସାଧାରଣତଃ "ଖଦି ଅନୁଷ୍ଠାନ" ନାମରେ ପରିଚିତ) ସେମାନଙ୍କ ସ୍ଥାବର ସମ୍ପତ୍ତି KVIC ପାଖରେ ବନ୍ଧକ ରଖିବା ବଦଳରେ ଆର୍ଥିକ ଓ ବୈଷୟିକ ସହାୟତା ପ୍ରଦାନ କରେ। କେବଳ ଦାତବ୍ୟ ଉଦ୍ଦେଶ୍ୟରେ ଜମି ପ୍ରଦାନ କରାଯାଇ ନାହିଁ, ବରଂ ସରକାରୀ ପାଣ୍ଠିରୁ ବର୍ଷ ବର୍ଷ ଧରି ଅନେକ କଲ୍ୟାଣକାରୀ ସହାୟତା ପ୍ରଦାନ କରାଯାଇଛି, ଯାହା ନିଜ ଦେଶ/ରାଜ୍ୟର କରଦାତାଙ୍କ ରାଜସ୍ୱ ଭଣ୍ଡାର। ତେଣୁ, ଜନସାଧାରଣଙ୍କ ସ୍ୱାର୍ଥକୁ ପ୍ରତିନିଧିତ୍ୱ କରୁଥିବା KVIC, ନିର୍ଦ୍ଦିଷ୍ଟ ଉପଯୋଗ ପାଇଁ ବନ୍ଧକ ରଖିଥିବା ଏହି ସମ୍ପତ୍ତି ଉପରେ ଅଧିକାର ରଖେ।

ଏତଦ୍ୱାରା ସର୍ବସାଧାରଣଙ୍କୁ ସତର୍କ କରାଯାଉଛି ଯେ, ଖଦି ଅନୁଷ୍ଠାନମାନଙ୍କ ସମ୍ପତ୍ତିକୁ KVIC ର ଲିଖିତ ଅନୁମତି ବିନା କିଣା ବା ଲିଜରେ ନେବା ଉଚିତ ନୁହେଁ। KVIC ର ଲିଖିତ ଅନୁମତି ନ ନେଇ ଖଦି ଅନୁଷ୍ଠାନମାନଙ୍କ ସମ୍ପତ୍ତି କିଣୁଥିବା ବ୍ୟକ୍ତି ଭବିଷ୍ୟତରେ ଆଇନଗତ ସମସ୍ୟା ନିମନ୍ତେ ନିଜେ ଉତ୍ତରଦାୟୀ ରହିବେ।

ଯଦି କେହି ଏପରି ଅନୁଚିତ କାର୍ଯ୍ୟ ବିଷୟରେ ଜାଣିପାରନ୍ତି, ତେବେ ସେମାନଙ୍କୁ KVIC ଓ ସମ୍ପୃକ୍ତ ନ୍ୟାୟିକ ରାଜସ୍ୱ କର୍ତ୍ତୃପକ୍ଷଙ୍କୁ ସୂଚିତ କରିବାକୁ ଅନୁରୋଧ କରାଯାଉଛି।

**ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ**
ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟମ ମନ୍ତ୍ରଣାଳୟ, ଭାରତ ସରକାର
ରାଜ୍ୟ କାର୍ଯ୍ୟାଳୟ
ଠିକଣା: ପ୍ଲଟ୍ ନଂ.J/16, ଭୀମପୁର, ଗଣ୍ଡମୁଣ୍ଡା, ଖଣ୍ଡଗିରି, ଭୁବନେଶ୍ୱର, ଓଡ଼ିଶା-୭୫୧୦୩୦
ଇମେଲ୍ ଆଇଡି: sobhubaneshwar.kvic@gov.in,
directorkvicbbsr@gmail.com
କାର୍ଯ୍ୟାଳୟ ନମ୍ବର: ୦୬୭୪-୨୩୫୧୧୩୧

## ମହାନଦୀକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ବାରଙ୍ଗ,(ଲିଙ୍ଗରାଜ ରାଉତ): ପାରିବାରିକ କଳହକୁ ନେଇ ବାରଙ୍ଗ ଥାନା ଗୋଡିସାହି ପୋଲିସ ଫାଣ୍ଡି ଅଧିନ ନରାଜ ବ୍ୟାରେଜ ପାଖ ପାହାଚରୁ ସୋମବାର ଜଣେ ମହିଳା ମହାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ନରାଜ ଗ୍ରାମର ବାବାଜୀ ସାହୁଙ୍କ ଝିଅ ପ୍ରତିମା ସାହୁ(୩୪)। ୨ଯୁବକ ମହିଳାଙ୍କୁ ଉଦ୍ଧାର କରି ଗୋଡିସାହି ପୋଲିସକୁ ଜଣାଇଥିଲେ। ଘଟଣାସ୍ଥଳରେ ପୋଲିସ୍ ପହଞ୍ଚି ମହିଳାଙ୍କ ପରିବାରକୁ ଖବରଦେଇଥିଲେ। ଆପୋଷ ବୁଝାମଣା ପରେ ପୋଲିସ ପରିବାର ଲୋକଙ୍କୁ ଛାଡି ଦେଇଛନ୍ତି।

# 'ଆମ ହେଡ୍ ସାର୍‌ଙ୍କୁ ଫେରାଇ ଆଣ'

## ରାସ୍ତାରେ ଧାରଣା ଦେଲେ ଛାତ୍ରୀ, କହିଲେ ଦିଦିମାନେ ମିଛ ଅଭିଯୋଗ କରିଛନ୍ତି

ଭୁବନେଶ୍ୱର,୪।୮ (ସୁଚିସ୍ମିତା ସାହୁ)



ଆମ ହେଡ ସାର୍‌ଙ୍କୁ ଫେରାଇ ଆଣ...ନ ହେଲେ ଆମେ ରାସ୍ତାରୁ ଉଠିବୁନି। ସ୍କୁଲ ଦିଦି କହୁଛନ୍ତି ସାର୍ ଛୁଟିରେ ଯାଇଛନ୍ତି, କିନ୍ତୁ ଖବରକାଗଜରେ ସାର୍ ଆରେଷ୍ଟ ହୋଇଥିବା ଖବର ବାହାରିଛି। ବିଦ୍ୟାଳୟ ସବୁଆଡେ ସିସିଟିଭି ଲଗାଯାଇଛି, ସାର୍ କେତେବେଳେ ଦିଦିମାନଙ୍କୁ ଖରାପ ବ୍ୟବହାର କଲେ, ତାକୁ ସିସିଟିଭିରେ ଚେକ୍ କରାଯାଉ। ହେଡ୍ ସାର୍ ଭାରି ଭଲ, ତାଙ୍କ ବିରୋଧରେ ଦିଦିମାନେ ମିଛ ଅଭିଯୋଗ କରିଛନ୍ତି। ଏମିତି ପ୍ରତିବାଦ କରି ରାସ୍ତାରେ ଧାରଣା ଦେଇଥିଲେ ୟୁନିଟ-୧ ବାଳିକା ବିଦ୍ୟାଳୟର ଛାତ୍ରୀମାନେ। ସୋମବାର ସକାଳ ୯ଟାରୁ କେତେଜଣ ଛାତ୍ରୀ ବିଦ୍ୟାଳୟ ଗେଟ୍ ବାହାରେ ଛିଡା ହୋଇ ଦିଦିଙ୍କ ଅଭିଯୋଗର ପ୍ରତିବାଦ କରିଥିଲେ। ଧୀରେ ଧୀରେ ୫୦ରୁ ୬୦ ପିଲା ଏକାଠି ହୋଇ ହେଡ୍ ସାର୍‌ଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାକୁ ଦାବି କରି ରାସ୍ତା ଉପରେ ସାଇକେଲ ଓ ବହିବସ୍ତାନି ରଖି ଧାରଣା ଦେଇଥିଲେ। ରାସ୍ତାରୁ ପିଲାଙ୍କୁ ବିଦ୍ୟାଳୟ ଭିତରକୁ ଆଣିବା ପାଇଁ ଶିକ୍ଷୟିତ୍ରୀମାନେ ବହୁ ଚେଷ୍ଟା କରିଥିଲେ ସୁଦ୍ଧା ଛାତ୍ରୀମାନେ ସାର୍ ନ ଫେରିଲେ ବିଦ୍ୟାଳୟକୁ ଯିବେ ନାହିଁ ବୋଲି ମନା କରିଦେଇଥିଲେ। ବିଇଓ ବ୍ରହ୍ମାନନ୍ଦ ରାଉତ ଏବଂ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆକାଂକ୍ଷିତା ପ୍ରିୟଦର୍ଶିନୀ ପିଲାମାନଙ୍କୁ ବହୁ ସମୟ ବୁଝାଶୁଝା କରିଥିଲେ। ହେଡ୍ ସାରଙ୍କ ଦେହ ଅସୁସ୍ଥ ଅଛି। ସେ ଭଲ ହେବା ପରେ ବିଦ୍ୟାଳୟରେ ଯୋଗଦେବେ ବୋଲି ବିଇଓ କହିବା ପରେ ଛାତ୍ରୀମାନେ ଶ୍ରେଣୀ ଗୃହକୁ ଯାଇଥିଲେ। ସୂଚନା ଅନୁସାରେ, ୟୁନିଟ-୧ ସରକାରୀ ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷକ ଦିଲୀପ କୁମାର ବଡପଣ୍ଡାଙ୍କ ବିରୋଧରେ ୯ଜଣ ଶିକ୍ଷୟିତ୍ରୀ ଜୁଲାଇ ୧୯ରେ ମହିଳା ଥାନାରେ ଅଭିଯୋଗ କରିଥିଲେ। ସେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ, ଦୁର୍ବ୍ୟବହାର ଓ ମାନସିକ ନିର୍ଯାତନା ଦେଉଥିବା ନେଇ ଅଭିଯୋଗରେ ଉଲ୍ଲେଖ କରିଥିଲେ। ଏହାପୂର୍ବରୁ ସେମାନେ ବଡ଼ପଣ୍ଡାଙ୍କ ନାଁରେ ଡିଇଓ, ଉପଜିଲାପାଳ, ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମହିଳା କମିଶନରେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଫଳରେ ସେମାନେ ମହିଳା ଥାନାରେ ଦ୍ୱାରସ୍ତ ହୋଇଥିଲେ। ପ୍ରାଧାନଶିକ୍ଷକଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଥିଲେ। ଫଳରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଦୁଇଦିନ ହେବ ତାଙ୍କୁ ଜାମିନ ମିଳିଛି। ତେବେ ଏ ସମ୍ପର୍କରେ ପିଲାମାନେ ଜାଣିବା ପରେ ଉତ୍ତେଜିତ ହୋଇପଡିଥିଲେ। ଏକାଠି ହୋଇ ରାସ୍ତାକୁ ଓହ୍ଲାଇବା ସହ ଅଭିଯୋଗ ଆଣିଥିବା ଦିଦିଙ୍କ ବିରୋଧରେ ଗର୍ଜିଥିଲେ।

## କଟକଣା ସତ୍ତ୍ୱେ ଶ୍ରୀଲିଙ୍ଗରାଜ ମନ୍ଦିରରୁ ବାହାରିଲା ପୁଳାପୁଳା ଧାରୁଆ ବ୍ଲେଡ୍

ପୁରୁଣା ଭୁବନେଶ୍ୱର, ୪।୮ (ସୁବାସ ଚନ୍ଦ୍ର ପ୍ରଧାନ)

### ଶ୍ରାବଣୀ ଜଳ ଲାଗିରେ ଶ୍ରୀଲିଙ୍ଗରାଜ ମନ୍ଦିରରେ ଶ୍ରମଦାନ ଶିବିର



ଶ୍ରାବଣୀ ଜଳଲାଗିର ଶେଷ ସୋମବାର ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିରରେ ଏକ ସ୍ୱେଚ୍ଛାକୃତ ଶ୍ରମଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। 'ସ୍ୱଚ୍ଛତା ହିଁ ପବିତ୍ରତା' ଏହି ମନ୍ତ୍ରକୁ ସ୍ୱେଚ୍ଛାସେବୀମାନେ ଆପଣାଇ ମନ୍ଦିର ପରିସରରୁ ବୋଲବମ୍ ଭକ୍ତ ଛାଡ଼ି ଚାଲି ଯାଇଥିବା ପ୍ଲାଷ୍ଟିକ୍ କଳସ, ବାହୁଙ୍ଗି, ଚିକିଟା ମାଟି, ସାଲୁକନା, ପ୍ଲାଷ୍ଟିକ୍ ପାଣିବୋତଲ, ଫୁଲ, ନଡ଼ିଆ ଇତ୍ୟାଦି ଆବର୍ଜନାକୁ ପରିଷ୍କାର ପରିଚ୍ଛନ୍ନ କରିଥିଲେ। ମନ୍ଦିର ପ୍ରଶାସନର କଟକଣା ସତ୍ତ୍ୱେ ମନ୍ଦିର ପରିସରକୁ ସଫେଇ ସମୟରେ ପୁଳା ପୁଳା ଧାରୁଆ ବ୍ଲେଡ୍ ବାହାରିଥିଲା । ଏହି ବ୍ଲେଡ୍ ଗୁଡ଼ିକ ବୋଲବମ୍ ଭକ୍ତମାନେ ଶିକା କାଟି ମନ୍ଦିର ପରିସର ମଧ୍ୟରେ ଏଣେତେଣେ ଫୋପାଡ଼ି ଚାଲିଯାଇଥିଲେ। ଏଭଳି ଆପତ୍ତିଜନକ ସାମଗ୍ରୀ ମନ୍ଦିର ଭିତରୁ ବାହାରିବାକୁ ନେଇ ସାମାଜିକ କର୍ମୀ ସୁଶାନ୍ତ ସାହୁ ଉଦ୍‌ବେଗ ପ୍ରକାଶ କରିବା ସହ ସ୍ୱେଚ୍ଛାସେବୀମାନେ ଅଭିନବ ଢଙ୍ଗରେ ନିଷିଦ୍ଧ ପାଇଁ ଦାବି କରିଥିଲେ। ଜାତୀୟ ଐତିହ୍ୟ କୀର୍ତ୍ତିରାଜିର ସୁରକ୍ଷା ଓ ପରିବେଶକୁ ସ୍ୱଚ୍ଛ, ସୁନ୍ଦର ରଖିବା ହିଁ ଏହି ଶ୍ରମଦାନ ଶିବିରର ମୁଖ୍ୟ ଲକ୍ଷ୍ୟ । ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଶିବିରରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖାର ସ୍ୱେଚ୍ଛାସେବୀ, ସାମାଜିକ ଅନୁଷ୍ଠାନ ଗର୍ଗ ଫାଉଣ୍ଡେସନ୍, ମାଇଣ୍ଡ୍ ଏମ୍‌ପାୱାରମେଣ୍ଟ ଫାଉଣ୍ଡେଶନ୍, ସୁରେନ୍ଦ୍ର ନାଥ ଜେନା ଟ୍ରଷ୍ଟ, ମିସିଂ ଫାଉଣ୍ଡେଶନ୍ ପ୍ରମୁଖ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଏଥିରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଶିବିରକୁ ଧଉଳି ଚାରୁକଳା ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଅଧିକାରୀ ଚନ୍ଦନ କୁମାର ସାମଲ, ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପିକା ମୃଣ୍ମୟୀ ରଥ, ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଶ୍ରୀପତି ଆଚାର୍ଯ୍ୟ, ଡ. ରଶ୍ମୀରଞ୍ଜନ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ ଶିବିରରେ ୪୦ଜଣ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ ।

## ଶକୁନ୍ତଳା ସ୍ମାରକୀ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବାଲିଅନ୍ତା ୪।୮ (ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ ବେଣ୍ଟପୁର କୁଶଗାଡିଆ ମିନି ଷ୍ଟାଡିୟମରେ ୨ ଦିନ ଧରି ଚାଲିଥିବା ଦ୍ୱିତୀୟ ବାର୍ଷିକ ଶକୁନ୍ତଳା ମଙ୍ଗରାଜ ସ୍ମାରକୀ କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଟୁର୍ନାମେଣ୍ଟରେ ଜାଗୁଆର ଟିମକୁ ୨-୦ ଗୋଲରେ ହରାଇ ସାଇସୋ ଟିମ ଚାମ୍ପିୟନ ହୋଇଛି। ସାଇସୋ ଟିମର ଖେଳାଳି ସାହିଲଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ସୋଏଙ୍କୁ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ବିବେଚିତ କରାଯାଇଛି। ଏଥିସହ ଶ୍ରେଷ୍ଠ ଗୋଲ କିପର ରୂପେ ଆଲାମ ଓ ହାଇଏଷ୍ଟ ସ୍କୋର ରୂପେ ବେଣ୍ଟପୁରର ସିଦ୍ଧୁଙ୍କୁ ବିବେଚିତ କରାଯାଇ ପୁରସ୍କୃତ କରାଯାଇଛି। ଚାମ୍ପିୟନ ଟିମକୁ ଟ୍ରଫି ସହ ନଗଦ ୬ ହଜାର ଓ ରନର ଅପ ଟିମକୁ ଟ୍ରଫି ସହ ନଗଦ ୪ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ସମସ୍ତ ଖେଳାଳିଙ୍କୁ ମେଡାଲ ପ୍ରଦାନ କରାଯାଇଥିଲା। ରେଫରୀ ସଞ୍ଜିବ ଦାସ, ଟୁକୁନା ଭୋଇ ଓ ମହମ୍ମଦ ଜୁର ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ରୂପେ ବେଣ୍ଟପୁର ପଞ୍ଚାୟତର ସରପଞ୍ଚ ହୃଷୀକେଶ ପାତ୍ର, ଅଶୋକ ମହାନ୍ତି ଓ ସୌଭାଗ୍ୟ ଭୂୟାଁ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହି ଟୁର୍ନାମେଣ୍ଟକୁ ଦିଲ୍ଲୀପ ମଙ୍ଗରାଜ ପରିଚାଳନା କରିଥିଲେ।




ଲାଶ୍ୟକଳା ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ସୋମବାର ଅନୁଷ୍ଠିତ ଏକଲବ୍ୟ ଆୱାର୍ଡ ଫେଷ୍ଟିଭାଲରେ ଶିଳ୍ପୀ ଜାହ୍ନବୀ ବେହେରାଙ୍କୁ ଅତିଥିମାନେ 'ଏକଲବ୍ୟ ସମ୍ମାନ' ପ୍ରଦାନ କରୁଛନ୍ତି। (ଫଟୋ- ବିକାଶ ନାୟକ)

## ପ୍ରତିବାଦ କଲା ବାଲିପାଟଣା ପ୍ରେସ୍ କ୍ଲବ

### ଧରିତ୍ରୀ ଖବରଦାତାଙ୍କୁ ମାଡ଼ ଘଟଣା

ବାଲିପାଟଣା,୪।୮ (ଅଭିମନ୍ୟୁ ନାୟକ)

ବାଣପୁର ଧରିତ୍ରୀ ଖବରଦାତା ଦିଲୀପ ସ୍ୱାଇଁଙ୍କୁ ମାଡ଼ ଘଟଣାକୁ ବାଲିପାଟଣା ପ୍ରେସ କ୍ଲବ ସଭ୍ୟମାନେ ଦୃଢ଼ ନିନ୍ଦା କରିବା ସହ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲକ କାର୍ଯ୍ୟାଳୟରେ ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝାଙ୍କ ନେତୃତ୍ୱରେ ସଭ୍ୟ ଅଭିମନ୍ୟୁ ନାୟକ, ପୂର୍ଣ୍ଣଚନ୍ଦ୍ର ଜେନା, ବସନ୍ତ କୁମାର ଦାଶ, ବଦ୍ରିକାନାଥ ମହାପାତ୍ର, ରମେଶ ଚନ୍ଦ୍ର ରଥ, ଅରୁଣ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ରହି ବିଡିଓ ରଶ୍ମୀ ଷଡ଼ଙ୍ଗୀଙ୍କୁ ଦାବିପତ୍ର ଦେଇଛନ୍ତି।

ସୂଚନାଯୋଗ୍ୟ, କିଛି ଖବର ପ୍ରସାରଣକୁ ନେଇ କେତେଜଣ ଦୁର୍ବୃତ୍ତ ଦିଲୀପଙ୍କୁ ତଣ୍ଟି ଚିପି ମାରିଦେବାକୁ ପ୍ରୟାସ କରିଥିଲେ। ପ୍ରେସ୍ କ୍ଲବ ସଭ୍ୟମାନଙ୍କ ଦାବି ଅନୁଯାୟୀ ଖବରଦାତାଙ୍କ ସୁରକ୍ଷା ପାଇଁ ସରକାରଙ୍କ ଠାରେ ବାରମ୍ବାର ଦାବି କରାଗଲେ ମଧ୍ୟ କୌଣସି ବିହିତ ପଦକ୍ଷେପ ନିଆଯାଉନାହିଁ। ତୁରନ୍ତ ଘଟଣାର ତଦନ୍ତ କରି ସଂପୃକ୍ତ ଅପରାଧୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି।

## ମଦ୍ୟପ ଯୁବକଙ୍କ ଆତଙ୍କ, ୫ ଅଟକ

ବାରଙ୍ଗ, ୪।୮(ଲିଙ୍ଗରାଜ ରାଉତ): ମଧୁବନ ଗ୍ରାମ ନିକଟ ମୁଖ୍ୟ ରାସ୍ତାରେ ସୋମବାର ମଦ୍ୟପ ଯୁବକମାନେ ଆତଙ୍କ ଖେଳାଇଥିଲେ। ବାରଙ୍ଗ ପୋଲିସ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅପରାହ୍ନ ସାଢ଼େ ୪ଟାରେ ଅଭିଯୁକ୍ତମାନେ ରାସ୍ତାରେ କାର୍(ଓଡି ୦୨ବିଟି୭୩୭୯) ରଖି ମଦ୍ୟପାନ କରୁଥିଲେ। ଏହି ସମୟରେ ନରାଜ ନିକଟସ୍ଥ ଆଦର୍ଶ ବିଦ୍ୟାଳୟରୁ ପିକ୍ ଅପ୍ ଅଟୋଟି (ଓଡି ୦୫ବିଭି ୪୭୪୫) ଛାତ୍ରୀଛାତ୍ରଙ୍କୁ ନେଇ ଆସୁଥିଲା। ସେମାନେ ସ୍କୁଲ ଅଟୋଟି ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ରାସ୍ତାରେ ଯାଉଥିବା ଅନ୍ୟ ପଥଚାରୀ, ସ୍ଥାନୀୟ ଲୋକଙ୍କ ସହ ଅଟୋଚାଳକ ବିରୋଧ କରିଥିଲେ। ସେମାନେ ଅଟୋ ଚାଳକଙ୍କୁ ଆକ୍ରମଣ କରିବାରୁ ମୁହଁରେ ଗଭୀର ଆଘାତ ଲାଗିଥିବା ବେଳେ ଅଟୋରେ ଥିବା ସ୍କୁଲ ପିଲାମାନେ ଭୟଭୀତ ହୋଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ବାରଙ୍ଗ ଥାନାକୁ ସୂଚନା ଦେଇଥିଲେ।

## କୁକୁଡ଼ା ଚାଷୀଙ୍କୁ ଲୁଟୁଛନ୍ତି କମ୍ପାନୀ

### ୫ ଦଫା ଦାବି ନେଇ କୁକୁଡ଼ା ଚାଷୀ ସଂଘର ଆଲୋଚନା

ଭୁବନେଶ୍ୱର,୪।୮ (ସୁଚିସ୍ମିତା ସାହୁ)

କୁକୁଡ଼ା ଚାଷୀ ସଂଘ ପକ୍ଷରୁ 'ଓଡ଼ିଶାରେ କୁକୁଡ଼ା ଚାଷୀର ସୁରକ୍ଷା ଓ ବିକାଶ' ଉପରେ ଏକ ଆଲୋଚନାଚକ୍ର ସୋମବାର ନାଗଭୂଷଣ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ଆବାହକ ଅଶୋକ ପ୍ରଧାନ ସଭାପତିତ୍ୱ କରି କହିଲେ, ଓଡିଶାରେ ସରକାର କୁକୁଡ଼ା ଚାଷକୁ କୃଷିର ମାନ୍ୟତା ଦେଇ କୁକୁଡ଼ା ଚାଷୀଙ୍କୁ ଆର୍ଥିକ ରିହାତି ଦେଉଛନ୍ତି। ହେଲେ ଏ କ୍ଷେତ୍ର ସହ ସମ୍ପୃକ୍ତ କମ୍ପାନୀକୁ ନିୟନ୍ତ୍ରଣ କରିବା ଲାଗି କୌଣସି ଆଇନ ପ୍ରଣୟନ କଲେ ନାହିଁ। ଫଳରେ କମ୍ପାନୀମାନେ କୁକୁଡ଼ା ଚାଷୀଙ୍କୁ ଆଖିବୁଜା ଲୁଟ୍ କରିବାରେ ଲାଗିଛନ୍ତି। ସିପିଆଇ (ଏମ) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ କହିଲେ, ଓଡ଼ିଶାରେ ପ୍ରତିମାସରେ ୨କୋଟି କୁକୁଡ଼ା ଉତ୍ପାଦନ ହେଉଥିବା ବେଳେ କର୍ପୋରେଟ ପ୍ରବେଶ ଫଳରେ ଚାଷୀମାନେ ବେପାରୀଙ୍କ ଗୋତି ଶ୍ରମିକ ଭାବେ କାମ କରୁଛନ୍ତି। ଏହାକୁ ନିୟନ୍ତ୍ରଣର ଆବଶ୍ୟକତା ରହିଛି ବୋଲି ପ୍ରାଣିଗ୍ରାହୀ କହିଛନ୍ତି। ସେହିପରି ରାଜ୍ୟରେ କୁକୁଡାଙ୍କ ରୋଗ ପରୀକ୍ଷା କେନ୍ଦ୍ରଟିଏ ନାହିଁ ବୋଲି ସିପିଆଇ (ଏମ-ଏଲ) ଲିବରେଶନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର କହିଛନ୍ତି। ସିପିଆଇର ରାଜ୍ୟ ଯୁଗ୍ମ ସମ୍ପାଦକ କ୍ଷୀରୋଦ ସିଂ ଦେଓ, ବିଧାୟକ ଅରୁଣ ସାହୁ, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ରାଜ୍ୟ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ସମାଜବାଦୀ ପାର୍ଟିର ପ୍ରତାପ ବାରିକ, ରାଷ୍ଟ୍ରୀୟ ଜନତା ଦଳର ହେମନ୍ତ, ସମାତା କ୍ରାନ୍ତି ଦଳର ପ୍ରଭାସ ସାମନ୍ତ ରାୟ ଓ ଏନ୍‌ସିପି(ଶରଦ)ର ବିକ୍ରମ ସ୍ୱାଇଁ କୁକୁଡ଼ା ଚାଷୀଙ୍କ ୫ ଦଫା ଦାବିକୁ ସମର୍ଥନ ଦେବା ସହ ସେମାନଙ୍କ ସାମାଜିକ ସୁରକ୍ଷା ଓ କର୍ପୋରେଟଠାରୁ ମୁକ୍ତି ଲାଗି ଦାବି କରିଥିଲେ।

## ୬ରୁ ବିଏମ୍‌ଏସ୍‌ର ଅନିର୍ଦ୍ଦିଷ୍ଟ କାଳ ଧାରଣା

ଭୁବନେଶ୍ୱର, ୪।୮ (ସୌମ୍ୟରଞ୍ଜନ ରାଉତ)

ଶ୍ରମିକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆସନ୍ତା ୬ରୁ ରାଜ୍ୟ ଶ୍ରମ କାର୍ଯ୍ୟାଳୟ ଆଗରେ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବ। ଶ୍ରମିକଙ୍କ ବିଭିନ୍ନ ସମସ୍ୟା ରାଜ୍ୟର ଅନେକ ଶ୍ରମ କାର୍ଯ୍ୟାଳୟରେ ବର୍ଷ ବର୍ଷ ଧରି ସମାଧାନ ନ ହୋଇ ପଡ଼ିରହିଛି। ଶ୍ରମିକଟି ଶ୍ରମ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ଚଳିତବର୍ଷ ଜୁଲାଇ ୨୨ରେ ଶ୍ରମ କମିଶନରଙ୍କୁ ସମସ୍ତ ବିଷୟ ଦାବିପତ୍ର ମାଧ୍ୟମରେ ଜଣାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସମାଧାନର କୌଣସି ରାସ୍ତା ବାହାରିଲା ନାହିଁ। ସରକାର ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ନେଇ ନାହାନ୍ତି। ଏନେଇ ସୋମବାର ୟୁନିଟ୍-୨ସ୍ଥିତ ବିଏମ୍‌ଏସ୍ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ସଂଘ ଉପ ସଭାପତି ଶାନ୍ତନୁ ମହାପାତ୍ର ସୂଚନା ଦେଇଛନ୍ତି। ସଂଘର ଜିଲା ଓ ରାଜ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଐତିହ୍ୟ ସ୍ଥଳରେ ବେଆଇନ ନିର୍ମାଣକୁ ବିରୋଧ

### ଜନ ଜାଗରଣ ମଞ୍ଚ ପକ୍ଷରୁ ବିଏମ୍‌ସି କମିଶନରଙ୍କୁ ଦାବିପତ୍ର

ପୁରୁଣା ଭୁବନେଶ୍ୱର, ୪।୮ (ସୁବାସ ଚନ୍ଦ୍ର ପ୍ରଧାନ)




ପ୍ରାଚୀନ ଐତିହ୍ୟ ସ୍ଥଳଗୁଡିକରେ ନିର୍ମାଣ ଏବଂ ଖନନକୁ ନେଇ ଆମ୍‌ସାର୍ ଆକ୍ଟ ଲାଗୁ ରହିଛି। ଏହା ସତ୍ତ୍ୱେ ବହୁ ଜବରଦଖଲକାରୀ ଏବଂ ବ୍ୟକ୍ତିବିଶେଷ ଏକାମ୍ର କ୍ଷେତ୍ରର ଐତିହ୍ୟ ସ୍ଥଳଗୁଡିକରେ ନିର୍ମାଣ ଏବଂ ଖନନ କାର୍ଯ୍ୟ ଜାରି ରଖିଛନ୍ତି। ଏଏସ୍‌ଆଇ ଏ ସମସ୍ତ କାର୍ଯ୍ୟ ଦେଖି ନୀରବ ରହିବା ଯୋଗୁ ମଠ ମନ୍ଦିରଗୁଡିକ ଦୃଷ୍ଟି ଆଢୁଆଳରେ ରହିଯାଉଛି। ଏହି ପରିପ୍ରେକ୍ଷୀରେ ଲିଙ୍ଗରାଜ ମନ୍ଦିର ନିକଟ ଗଙ୍ଗା ଯମୁନା ମନ୍ଦିର ନିକଟରେ ଏକ ବେଆଇନ ନିର୍ମାଣକୁ ବିରୋଧ କରି ସୋମବାର ଏକାମ୍ର ଜନ ଜାଗରଣ ମଞ୍ଚ ପକ୍ଷରୁ ଭୁବନେଶ୍ୱର ବିଏମ୍‌ସି କମିଶନରଙ୍କୁ ଦାବିପତ୍ର ଦିଆଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଏହି ନିର୍ମାଣ ନିକଟରେ ଏକ ବେଆଇନ ହୋଟେଲକୁ ଭାଙ୍ଗିବା ନେଇ ଅଦାଲତଙ୍କ ନିର୍ଦ୍ଦେଶ ଥିଲାବେଳେ କିଭଳି ଏଠାରେ ସୁଉଚ୍ଚ ଅଟ୍ଟାଳିକା ନିର୍ମାଣ ହେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ନିର୍ମାଣକୁ ନେଇ ୨୦୨୫ ଏପ୍ରିଲ ୮ରେ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଥିଲା। ବିନା ପ୍ଲାନ ମଞ୍ଜୁରୀରେ ଏହି ବେଆଇନ ନିର୍ମାଣ ବେଧଡକ ଭାବେ ଚାଲିଥିବା କାର୍ଯ୍ୟକୁ କିଭଳି କର୍ତ୍ତୃପକ୍ଷ ପ୍ରଶ୍ରୟ ଦେଉଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ତଦନ୍ତ କରାଯାଇ ନିର୍ମାଣରେ ରୋକ ଲଗାଯିବା ସହ ବେଆଇନ କୋଠାଟିକୁ ଭଙ୍ଗାଯିବାକୁ ମଞ୍ଚ ଦାବି କରିଛି। ନଚେତ୍ ଆନ୍ଦୋଳନ ହେବ ବୋଲି ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଗଣେଶ ଚନ୍ଦ୍ର ପାଲ, ଭୁପେଶ ନାୟକ,ବିଭୁ ପ୍ରସାଦ ବିଶୋଇ, ରାଜେଶ ମିଶ୍ର ଉପସ୍ଥିତ ଥିଲେ।






ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧବାର୍ଷିକୀରେ ସୋମବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ, ୱି ଫର୍ ଭୁବନେଶ୍ୱର ପକ୍ଷରୁ ରାଜଭବନ ଛକ ନିକଟ ଏଲ୍‌ଆଇସି ଅଫିସ୍ ପାର୍ଶ୍ୱରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ସ୍ମୃତିଚାରଣ କରାଯାଉଛି। (ଫଟୋ- ମନୋରଞ୍ଜନ ମିଶ୍ର)

# ଖଣି ଟେଣ୍ଡରର ସ୍ୱଚ୍ଛତା ନେଇ ଉଠିଲା ପ୍ରଶ୍ନ

ଖୋର୍ଦ୍ଧା,୪।୮ (ପ୍ରଭାତ ପାଣିଗ୍ରାହୀ)


ଜିଲାପାଳଙ୍କୁ ବିଜେଡି ନେତା ମନ୍ମଥ ରାଉତରାୟ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

■ ଇଡି ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କଲେ ମନ୍ମଥ
■ ଲୁଟ୍‌କୁ ସମର୍ଥନ ଦେଉଛି ପ୍ରଶାସନ: ସୋନାଲି

ଖୋର୍ଦ୍ଧା ତାପଙ୍ଗରେ ବିଭିନ୍ନ ଖଣିମୁଣ୍ଡିଆ ଇ-ଟେଣ୍ଡର ପ୍ରକ୍ରିୟାରେ ନିଲାମ ହୋଇଛି। ଏହି ଟେଣ୍ଡର ପ୍ରକ୍ରିୟାକୁ କେତେଜଣ ରାଜନେତା ନିଜ ସମର୍ଥକଙ୍କ କବ୍‌ଜାରେ ରଖିବା ପାଇଁ ଏକ ସିଣ୍ଡିକେଟ୍ (ଟେଣ୍ଡର ଫିକ୍ସିଂ) ଲାଗି ଷଡ଼ଯନ୍ତ୍ର ରଚିଥିଲେ। କେତେଜଣ ପ୍ରଭାବଶାଳୀ ନେତାଙ୍କ ସହ ବାହାର ରାଜ୍ୟର ସଂସ୍ଥା ମଧ୍ୟ ହାତ ମିଳାଇଥିଲେ। ଫଳରେ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଇବେ ବୋଲି ବିଜେଡି ନେତା ମନ୍ମଥ କୁମାର ରାଉତରାୟ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଅଭିଯୋଗ କରିଛନ୍ତି। ଖୋର୍ଦ୍ଧାରେ ମୁଣ୍ଡିଆ ଟେଣ୍ଡରର ସ୍ୱଚ୍ଛତା ପାଇଁ ଇଡି ଜରିଆରେ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ଦାବି କରିଛନ୍ତି।

ରାଉତରାୟ ଅଭିଯୋଗ ଆଣିଛନ୍ତି ଯେ, ବର୍ଷ ବର୍ଷ ଧରି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଖୋର୍ଦ୍ଧା ଅଞ୍ଚଳରେ ଲଘୁଖଣିଜ ଦ୍ରବ୍ୟ ନିଜ ଅକ୍ତିଆରରେ ରଖି ମୋଟା ଅଙ୍କର ଅର୍ଥ ରୋଜଗାର କରୁଛନ୍ତି। ରାଜ୍ୟ ସରକାରଙ୍କଠାରୁ ଆରମ୍ଭ ଶ୍ରୀଜଗନ୍ନାଥ ପ୍ରଶାସନ ପର୍ଯ୍ୟନ୍ତ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ପାଇକମାଟିରେ ଏହାକୁ ବରଦାସ୍ତ କରାଯିବ ନାହିଁ। ମହାପ୍ରଭୁଙ୍କ ଖଣିଜ ସମ୍ପତ୍ତି ଲୁଟ କରିବାକୁ ଉଦ୍ୟମ କଲେ ପ୍ରତି ଓଡ଼ିଆଙ୍କ ହୃଦୟରୁ ପ୍ରତିବାଦର ସ୍ୱର ଉଠିବ ବୋଲି ସେ କହିଛନ୍ତି। ରାଉତରାୟଙ୍କ ଏହି ଅଭିଯୋଗ ଉପରେ ପ୍ରଶାସନର ପଦକ୍ଷେପ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ଇ-ଟେଣ୍ଡର ଆହ୍ୱାନ ସତ୍ତ୍ୱେ ଏହାକୁ ବିଧିବଦ୍ଧ ଭାବେ ନିଜ ଅକ୍ତିଆରରେ ରଖିବାକୁ ଖୋଦ୍ ଶାସକ ଦଳର ପ୍ରଭାବଶାଳୀ ନେତା ଓ ସେମାନଙ୍କ ସହକର୍ମୀ ଯୋଜନାବଦ୍ଧ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ରାଉତରାୟ ସଙ୍ଗିନ ଅଭିଯୋଗ କରିଛନ୍ତି।

ସେହିପରି କଂଗ୍ରେସ ମୁଖପାତ୍ର ସୋନାଲି ସାହୁ ମଧ୍ୟ ଏହି ପ୍ରସଙ୍ଗ ଉଠାଇଛନ୍ତି। କଳାପାହାଡ଼ ସାଜି ଖୋର୍ଦ୍ଧାର ଅମୂଲ୍ୟ ଖଣିଜ ସମ୍ପଦ ହରିଲୁଟ କରାଯାଉଛି ବୋଲି ଏକ ଘରୋଇ ଚ୍ୟାନେଲକୁ ସାକ୍ଷାତକାର ଦେଇ ସୋନାଲି ଏହା କହିଛନ୍ତି। ଜଣେ ପ୍ରଭାବଶାଳୀ ଶାସକ ଦଳ ନେତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଖଣି ଲୁଟିବାରେ ଲାଗିଛନ୍ତି। ପ୍ରଶାସନ ଜାଣିଶୁଣି ନୀରବ ସମର୍ଥନ ଦେଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଖୋର୍ଦ୍ଧା ତାପଙ୍ଗ ଓ କାଇପଦର ଅଞ୍ଚଳରେ ଶ୍ରୀଜଗନ୍ନାଥଙ୍କ ବହୁ ମୂଲ୍ୟବାନ କଳାମୁଗୁନି ପଥର ଖଣି ରହିଛି। ସ୍ଥାନୀୟ ଖଣି ଉପନିର୍ଦ୍ଦେଶାଳୟ ପକ୍ଷରୁ ଅନ୍‌ଲାଇନ୍ ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଇଛି। ପୂର୍ବରୁ ଏହି ପଥର ଖଣି ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିଲା। ଏବେ ଏହାର ଦାୟିତ୍ୱ ଖଣି ନିଗମ ଅଧୀନରେ ରହିଛି। ତାପଙ୍ଗ ଓ କାଇପଦର ଅଞ୍ଚଳରେ ଥିବା ୬ଟି ଖଣି ଲିଜ୍ ହନୁମନ୍ତୁଆ (ଗ), ଶଙ୍ଖାରୀ, ଟାଙ୍ଗେଣି, କଳିଙ୍ଗ (କ), (ଖ), (ଗ) ନିର୍ଦ୍ଦେଶାନାମା ଜାରି କରିଥିଲେ। ଗୋଟିଏ ଗୋଷ୍ଠୀ ଏକପାଖିଆ ଭାବେ ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗନେଇ ନିଲାମ ନେବାକୁ ମସୁଧା ଚଳାଇଥିବା ବେଳେ ନିରାଶ ହେବାକୁ ପଡ଼ିଥିଲା। ଏନେଇ ସ୍ଥାନୀୟ ବିଧାୟକଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ତେବେ ବିଧାୟକଙ୍କ ତାଗିଦ ସତ୍ତ୍ୱେ ଟେଣ୍ଡର ପରିମାଣ ଅଧିକ ରହିବା ଓ ବାହାର ସଂସ୍ଥା ନିଲାମ ପାଇବା ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଜିଲାପରିଷଦ ସମ୍ମିଳନୀ କକ୍ଷରେ ଏକାଧିକ ଖଣି ଓ କ୍ରସର ମାଲିକ ଏକାଠି ହୋଇ ରୁଦ୍ଧଦ୍ୱାର ବୈଠକ କରିଥିଲେ। ତେବେ ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ହେଲାନାହିଁ। ଫଳରେ ପାହାଡ଼ କ୍ରିୟାନୁଷ୍ଠାନ କମିଟିର ଆଶା ମଉଳି ଯାଇଥିବା ଚର୍ଚ୍ଚା ଚାଲିଛି। ଦୀର୍ଘବର୍ଷ ଧରି ନିର୍ଦ୍ଦିଷ୍ଟ ଗୋଷ୍ଠୀ ଖଣି ଖାଦାନକୁ ଲିଜ୍ ନେଇ ଧାର୍ଯ୍ୟଠାରୁ ଅଧିକ ପଥର ଉତ୍ତୋଳନ କରି ମାଲାମାଲ ହେଉଥିଲେ। ଚଳିତବର୍ଷ ଖଣି ନିଗମ ପକ୍ଷରୁ ପଥର ଉତ୍ତୋଳନ ଦର ଅଧିକ ରଖାଯାଇଛି। ଏହାଦ୍ୱାରା ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାର ଅଧିକ ରୟାଲ୍‌ଟି ପାଇବା ସହ ଆୟ ବୃଦ୍ଧି ମଧ୍ୟ ଘଟିବ। ତେବେ ତାପଙ୍ଗ ଆଞ୍ଚଳିକ କ୍ରସର ମାଲିକ ସଂଘ ଏବଂ ପାହାଡ଼ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଖଣି ନିଲାମ ନିଜ ଅକ୍ତିଆରକୁ ନେବା ପାଇଁ ଘନ ଘନ ବୈଠକ ସତ୍ତ୍ୱେ ନିରାଶ ହୋଇଥିବା ଚର୍ଚ୍ଚା ଚାଲିଛି।

## ଖବରଦାତାଙ୍କୁ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି


ଖୋର୍ଦ୍ଧା ଜିଲା ସାମ୍ବାଦିକ ୟୁନିୟନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଖୋର୍ଦ୍ଧା, ୪।୮ (ପ୍ରଭାତ ପାଣିଗ୍ରାହୀ)

ବାଣପୁରରେ ଧରିତ୍ରୀ ଖବରଦାତାଙ୍କୁ ଆକ୍ରମଣ ଘଟଣାର ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଖୋର୍ଦ୍ଧା ଜିଲା ସାମ୍ବାଦିକ ୟୁନିୟନ ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସେହିପରି ଏହି ଅବସରରେ ଖୋର୍ଦ୍ଧା ଜିଲାପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ୟୁନିୟନର ଜିଲା ସଭାପତି ତପନ କୁମାର ନାୟକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ସାଧାରଣ ସମ୍ପାଦକ ଲୋହିତ ନାରାୟଣ ମହାପାତ୍ର, ରାଜ୍ୟ ସମ୍ପାଦକ ପ୍ରସନ୍ନ କୁମାର ପାଇକରାୟ, ସୟଦ ଅନସର ଅଲ୍ଲୀ, ରାଜେଶ ଚନ୍ଦ୍ର ମହାନ୍ତି, ଚନ୍ଦନ କୁମାର ସୁନ୍ଦରାୟ, ଶ୍ରୀକାନ୍ତ ପ୍ରଧାନ, ସନ୍ଦୀପ ବର୍ମନ୍, ମହମ୍ମଦ ଇମ୍‌ଦାଦ ସରିଫ୍, ପ୍ରକାଶ ପଟ୍ଟନାୟକ, ରମେଶ ସାମନ୍ତରାୟ, ରାଜେନ୍ଦ୍ର ପ୍ରସାଦ ନାୟକ, ଶୁଭଲକ୍ଷ୍ମୀ ସାମନ୍ତରା, ସେକ ଅନଓ୍ୱର୍ ଅଲ୍ଲୀ, ଅୟେସ ମହାନ୍ତି, ମହମ୍ମଦ ଖାନ ଓ ଶିବଚରଣ ସିଂ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବୋଲବମ୍ ଧ୍ୱନିରେ କମ୍ପିଲା ଶୈବପୀଠ

ନିରାକାରପୁର,୪।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ଶ୍ରାବଣ ଶେଷ ସୋମବାରରେ ଶହଶହ ସଂଖ୍ୟାରେ ଶୈବଭକ୍ତ କଟକ ମହାନଦୀସ୍ଥିତ ଗଡ଼ଗଡ଼ିଆଘାଟ, ବୈଦ୍ୟେଶ୍ୱର ମହାନଦୀ ଘାଟ, ଚୁପୁରିଙ୍ଗସ୍ଥିତ ମକରା ଓ ଦୟାନଦୀ ଘାଟ, ଗୋଳବାଇସ୍ଥିତ ମଲାଗୁଣୀ ନଦୀଘାଟ ଭଳି ପବିତ୍ର ସ୍ଥାନରୁ ଜଳ ଉଠାଇ ପ୍ରଭୁକୃପା ନିମନ୍ତେ ଭଗବାନ ଭୋଳାନାଥଙ୍କୁ ଜଳଲାଗି କରିଛନ୍ତି। ଡିଆସ୍ଥିତ ଶ୍ରୀକପିଳେଶ୍ୱରଦେବ, ନିରାକାରପୁରସ୍ଥିତ ନୀଳକଣ୍ଠେଶ୍ୱର ଦେବ, ଲେଣ୍ଡୋସ୍ଥିତ ସିଦ୍ଧେଶ୍ୱରଦେବ, ରାମେଶ୍ୱରସ୍ଥିତ ଐଶାନେଶ୍ୱରଦେବ ଓ ରାମନିଧି ଦେବ, ବଘେଇପୁଟସ୍ଥିତ ଅନନ୍ତେଶ୍ୱର ଦେବ, ମାଳିସାହିସ୍ଥିତ ଶ୍ରୀକୁମୁଦେଶ୍ୱର ଆଦି ମହାଦେବଙ୍କ ପୀଠ ସମେତ ସ୍ଥାନୀୟ ସମସ୍ତ ପଞ୍ଚାୟତ ଅଞ୍ଚଳରେ ଥିବା ଶୈବପୀଠରେ ପ୍ରତ୍ୟୁଷରୁ ବୋଲବମ ଭକ୍ତମାନେ ଜଳଲାଗି କରିବାକୁ ଭିଡ଼ ଜମାଇଥିଲେ। ଏହି ଅବସରରେ ମହାମୃତ୍ୟୁଞ୍ଜୟ ମନ୍ତ୍ର ସାଙ୍ଗକୁ ବୋଲବମ, ହରହର ବମ ଧ୍ୱନିରେ ଶୈବପୀଠଗୁଡ଼ିକରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଭକ୍ତମାନେ ଯେଭଳି ସୁରୁଖୁରୁରେ ଜଳଲାଗି କରିବେ, ସେଥିଲାଗି ସମସ୍ତ ମନ୍ଦିର କ୍ରିୟାକମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ମାନସିକ ବୋଲବମଧାରୀମାନେ ଜଣକ ପରେ ଜଣେ ଶୃଙ୍ଖଳାର ସହ ଯାଇ ମହାଦେବଙ୍କ ମସ୍ତକରେ ଜଳ ଲାଗି କରିଥିଲେ। ଜଳାଭିଷେକ ପାଇଁ ବଡିଭୋରରୁ କାଉଡିଆଙ୍କ ସମେତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲ। ବିଶେଷକରି ନୂଆଜଗନ୍ନାଥ ସଡ଼କ, ୧୬ନମ୍ବର ଜାତୀୟ ରାଜପଥ ସମେତ ସ୍ଥାନୀୟ ସମସ୍ତ ଗ୍ରାମ୍ୟରାସ୍ତା ଏକପ୍ରକାର ଶ୍ରାବଣୀମୟ ହୋଇପଡ଼ିଥିଲା। ବିଭିନ୍ନ ଶୈବ ପୀଠରେ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ ହୋଇଥିଲା।


ଜଳ ଲାଗି ପାଇଁ ଶୈବପୀଠକୁ କାଉଡ଼ିଆମାନେ ଯାଉଛନ୍ତି।

## 'ବନ୍ଧୁତା ଦ୍ୱାରା ସୁସ୍ଥ ସମାଜ ଗଠନ ହୋଇପାରିବ'


'ବିଶ୍ୱ ବନ୍ଧୁତା ଦିବସ' ପାଳନ ଅବସରରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।

ଖୋର୍ଦ୍ଧା, ୪।୮ (ପ୍ରଭାତ ପାଣିଗ୍ରାହୀ)

ବେଗୁନିଆସ୍ଥିତ 'ଆଦର୍ଶ କ୍ଲବ' ଆନୁକୂଲ୍ୟରେ ରବିବାର 'ବିଶ୍ୱ ବନ୍ଧୁତା ଦିବସ' ପାଳିତ ହୋଇଯାଇଛି। ସ୍ଥାନୀୟ ନୂଆସାହି ଶ୍ରୀଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ରକାନନ ପରିସରରେ ଆୟୋଜିତ ସଭାରେ କ୍ଲବର ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ର ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ବିଷ୍ଣୁ ପ୍ରସାଦ କର ବେଦ ଓ ଗାୟକ ବସନ୍ତ କୁମାର ଦାସ ମଙ୍ଗଳା ଚରଣଙ୍କ ପାଠ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ ଅତିଥି ପରିଚୟ ଦେଇଥିଲେ। କଟକ ଆୟକର ବିଭାଗ ଆୟୁକ୍ତ ସରୋଜ କୁମାର ମହାପାତ୍ର ମୁଖ୍ୟ ଅତିଥି, ପ୍ରଫେସର ନାରାୟଣ ମିଶ୍ର ମୁଖ୍ୟ ବକ୍ତା ଓ ରସାୟନବିଜ୍ଞାନୀ ପ୍ରଫେସର ଡ. ହରିପ୍ରସାଦ ଦାସ ସମ୍ମାନିତ ଅତିଥି ରୂପେ ଯୋଗଦେଇ ନିଃସର୍ତ୍ତ ଏବଂ ନିଃସ୍ୱାର୍ଥପର ବନ୍ଧୁତ୍ୱ ଦ୍ୱାରା ସୁସ୍ଥ ଓ ସନ୍ତୁଳିତ ସମାଜ ଗଠନ ସମ୍ଭବପର ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ତଥା ସଫଳ କୃଷକ ଗଙ୍ଗାଧର ସାହୁଙ୍କୁ 'ବନ୍ଧୁପ୍ରାଣ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯିବା ସହ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, ସୁଶ୍ରୀ ସଂଘମିତ୍ରା ରଥ, ଡାକ୍ତର ଅମରେନ୍ଦ୍ରନାଥ ମହାପାତ୍ର, ପ୍ରାଧ୍ୟାପକ ଡ. ଅଖିଳେଶ ପ୍ରସାଦ ପଣ୍ଡା, ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି, କବୟିତ୍ରୀ ମାନସୀ ଦାସ, ଡ. ଗୀତାଞ୍ଜଳି ମହାପାତ୍ର, ଶିକ୍ଷୟିତ୍ରୀ ଶୈଳବାଳା ସାହୁ, ପିତାମ୍ବର ସାହୁ, ଅଜୟ କୁମାର ବେହେରା, ପ୍ରେମାନନ୍ଦ ମହଲା, ରଶ୍ମି କର, ପଞ୍ଚାନନ ନାୟକ, ବିଶ୍ୱନାଥ ସାହୁ, ହରେକୃଷ୍ଣ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ଗାୟକ ହରିହର ମହାପାତ୍ର ସଙ୍ଗୀତ ଗାନ କରିଥିବା ବେଳେ ଉପସଭାପତି ମହେଫୁଜ ଅଲ୍ଲୀ ଧନ୍ୟବାଦ ଦେଇଥିଲେ।

## 'ଆସ ବୃକ୍ଷ ସହ କରିବା ମିତ'

କୃଷ୍ଣପ୍ରସାଦ, ୪।୮ (କୈଳାଶ ଚନ୍ଦ୍ର ପଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକକୁ ସବୁଜ ସୁନ୍ଦର କରିବା ଉଦ୍ଦେଶ୍ୟରେ ଅଞ୍ଚଳର ଯୁବ ପରିବେଶବିତ ହିମାଂଶୁ ଶେଖର ନାୟକଙ୍କ ଉଦ୍ୟମରେ ଗଢ଼ି ଉଠିଥିବା ଗ୍ରୀନ ପାରିକୁଦ ସଂଗଠନ ପକ୍ଷରୁ 'ଆସ ବୃକ୍ଷ ସହ କରିବା ମିତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ବରିଷ୍ଠ ସଦସ୍ୟା ତଥା ଗଛ ମଣିଷ ଭାବେ ପରିଚିତ ଅମିତା ତରେଇଙ୍କ ନେତୃତ୍ୱରେ ପଥରକଟା ହରିତଳକୁଦାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଦ୍ୱୀପାଞ୍ଚଳରେ ବଜ୍ରପାତରୁ ସୁରକ୍ଷା କବଚ ଭାବେ କାର୍ଯ୍ୟ କରୁଥିବା ତାଳଗଛରେ ଡୋରିକୁ ସମସ୍ତେ ଗଛରେ ବାନ୍ଧି ବୃକ୍ଷ ସହ ମିତ୍ରତା କରିବା ସହ ଗଛକୁ ସୁରକ୍ଷା ଦେବା ପାଇଁ ଶପଥ ନେଇଥିଲେ। ସଂଗଠନର ସଦସ୍ୟାମାନେ ଅଞ୍ଚଳବାସୀଙ୍କୁ ସଚେତନ କରାଇବା ପାଇଁ 'ବନ୍ଧୁତା ଦିବସରେ ନେବା ଶପଥ, ଆସ ବୃକ୍ଷ ସହ କରିବା ମିତ' ସ୍ୱତନ୍ତ୍ର ନାରା ଦେଇଥିଲେ। ଏଥିସହ ଚିଲିକା ରିଂ ବନ୍ଧ ହରିତଳ କୁଦାରେ ୫୦ଟି ତାଳ ଗୋଟାମା ଲଗାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଗଠନର ମୀନାରାଣୀ ସାହୁ, ପ୍ରଭାତୀ ପାହାଣ, ନକୁଳ ସୁନ୍ଦରା, ଧୂଶାସନ ତରେଇ, ମହେଶ୍ୱର ସେଠୀ ସମେତ ପଥରକଟା ଗ୍ରାମର ମହିଳା ସଂଘର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ଶୁକ୍ରବାରଠାରୁ କୃଷ୍ଣପ୍ରସାଦ ବ୍ଲକ ଅଧିନ ସାତପଡ଼ା ଠାରୁ ମା' ବଳିହରୀଚଣ୍ଡୀ ପର୍ଯ୍ୟନ୍ତ ଚିଲିକା ରିଂ ବନ୍ଧରେ ୫ ହଜାର ତାଳ ମଞ୍ଜି ଲଗାଯିବ ବୋଲି ସଂଗଠନର ବରିଷ୍ଠ ସଦସ୍ୟା ଅମିତା ତରେଇ ସୂଚନା ଦେଇଛନ୍ତି।


ସୁରକ୍ଷା ଉଦ୍ଦେଶ୍ୟରେ ଗଛରେ ପରିବେଶବିତ୍ ଓ ମହିଳାମାନେ ରାଖୀ ବାନ୍ଧୁଛନ୍ତି।

## ଚୋର ଧରି ପୋଲିସ ଜିମା ଦେଲେ ଲୋକେ

ଯାଁଳା,୪।୮ (ବୁଲା ବାରିକ): ଇମ୍ପୋଭ୍ୟାଲି ଥାନା ଅନ୍ତର୍ଗତ ଜଟଣୀ ଗେଟ୍ ନିକଟରେ ସୋମବାର ଅପରାହ୍ନ ୪ଟାରେ ୨ଜଣ ବ୍ୟକ୍ତି ଏକ ଗାଡ଼ିରୁ ମୋବାଇଲ୍ ଫୋନ ଚୋରି କରୁଥିବାବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ, କଟକ ଚାଉଳିଆଗଞ୍ଜ ଥାନା ଅଧୀନ ମାଲ୍‌ଗୋଦାମ ରୋଡ୍ କନ୍ଦରପୁର ଅଞ୍ଚଳର ସୂର୍ଯ୍ୟମଣି ଦାସ ଏକ ଗାଡ଼ିରୁ ମୋବାଇଲ୍ ଫୋନ୍ ଚୋରି କରୁଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସକୁ ହସ୍ତାନ୍ତର କରିଥିଲେ। ତେବେ ତାଙ୍କ ସହଯୋଗୀ ରାଜୁ ସେଠାରୁ ଖସି ଫେରାର ହୋଇଯାଇଥିଲେ। ସୂର୍ଯ୍ୟମଣିଙ୍କଠାରୁ ତିନୋଟି ଦାମୀ ମୋବାଇଲ ଫୋନ୍ ଜବତ କରାଯାଇଛି। ଏ ନେଇ ଏକ କେସ୍ ରୁଜୁ ହୋଇଛି।

## ଶିକ୍ଷକ ସୁଢଳ ଚନ୍ଦ୍ର ପଟ୍ଟନାୟକଙ୍କ ସ୍ମୃତିଚାରଣ

ଯାଁଳା,୪।୮ (ବୁଲା ବାରିକ)

ଭୁବନେଶ୍ୱର ମହାନଗର ନିଗମର ୱାର୍ଡ୍ ନମ୍ବର ୬୫ ଅନ୍ତର୍ଗତ ପାତ୍ରପଡ଼ା ମଧ୍ୟଇଂରାଜୀ ବିଦ୍ୟାଳୟ ପ୍ରାଙ୍ଗଣରେ ସୋମବାର ମଧ୍ୟାହ୍ନରେ ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ସୁଢଳ ଚନ୍ଦ୍ର ପଟ୍ଟନାୟକଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତି ସଭା ସ୍ଥାନୀୟ କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପାତ୍ରପଡ଼ା-ଭଗବାନପୁର, ତମାଣ୍ଡୋ, କାଶୀପୁର, ବାଲିଆପଡ଼ା, ସିଜୁଆ, ଛୋଟରାପୁର, ଆଇଗିଣିଆ, ସୁଆଙ୍ଗ, ଦାମୋଦରପୁର, ସରକନ୍ତରା ଗ୍ରାମର ଶତାଧିକ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ସୁଢଳ ସାର୍‌ଙ୍କ ଫଟୋରେ ପୁଷ୍ପ ଅର୍ପଣ କରିଥିଲେ। ସ୍ୱର୍ଗତ ପଟ୍ଟନାୟକଙ୍କ ସହକର୍ମୀ ଜଗବନ୍ଧୁ ସାହୁ, ମିହିର କୁମାର ମେହେର, ଭକ୍ତ ଭୂଷଣ ପଟ୍ଟନାୟକ, ଭ୍ରମରବର ପାଲଟାସିଂ, ଶଙ୍କର ଚରଣ ଦାସ, ସୁଶୀଳା ଶତପଥୀ, ଅରୁଣାଞ୍ଚଳ ସାହୁ, ସନ୍ଧ୍ୟାରାଣୀ ମହାରଥୀ, ମୂରଲୀଧର ବୈରିଗଞ୍ଜନ, ଟଙ୍କଧର ଚମ୍ପତି, ପୂର୍ବତନ ଛାତ୍ର ରବୀନ୍ଦ୍ରନାଥ ସାହୁ, ତ୍ରିଲୋଚନ ବାରିକ, ସନ୍ଧ୍ୟାରାଣୀ ପାତ୍ର, ମାମି ମଙ୍ଗରାଜ, ଗଗନ ବିହାରୀ ଦାଶ, ଅଭିମନ୍ୟୁ ଚମ୍ପତି, ଅତିଶ କୁମାର ମାର୍ଥା, ନିବାସ ବାରିକ, ହୃଦୟ ବଲ୍ଲଭ ପାଟଶାଣୀ ଓ ରମେଶ ମହାରଣା ପ୍ରମୁଖ ନିଜର ଅନୁଭୂତି ବୟାନ କରିବା ସହିତ ସୁଢଳ ସାର୍‌ଙ୍କ ସ୍ମୃତି ଚାରଣ କରିଥିଲେ। ନିକଟରେ ପାତ୍ରପଡ଼ା ଭଗବାନପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ କର୍ମଚାରୀ ଦିବଂଗତ ବୃନ୍ଦାବନ ବେହେରାଙ୍କ ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ତାଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ଉଭୟ ପାତ୍ରପଡ଼ା ଭଗବାନପୁର ଯୁବବାହିନୀ ତରଫରୁ ସମସ୍ତ ପ୍ରକାରର ସହଯୋଗ କରାଯିବ ବୋଲି ସ୍ଥାନୀୟ କର୍ପୋରେଟର ମତପ୍ରକାଶ କରିଥିଲେ।


ସ୍ମୃତିସଭା ଅବସରରେ ଉପସ୍ଥିତ ଅତିଥି ଏବଂ ଶିକ୍ଷୟିତ୍ରୀ, ଶିକ୍ଷକମାନେ।

## କେରଙ୍ଗ ଅହମଦୀୟା କ୍ଲବ ଚାମ୍ପିୟନ

ଖୋର୍ଦ୍ଧା,୪।୮ (ପ୍ରଭାତ ପାଣିଗ୍ରାହୀ)


ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

### ତରତୁଆ ରାଇଜିଂଷ୍ଟାର ଜୁନିୟର ଫୁଟବଲ ଟୁର୍ଣ୍ଣାମେଣ୍ଟ

ତରତୁଆ ଖେଳପଡ଼ିଆରେ ତରତୁଆ ରାଇଜିଂଷ୍ଟାର ଜୁନିୟର ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ କେରଙ୍ଗ ଅହମଦୀୟା କ୍ଲବ, ତରତୁଆ ରାଇଜିଙ୍ଗ ଷ୍ଟାର କ୍ଲବ, ଏସ୍.ଏସ୍. ଶରଧାପୁର, ସୋରଡ଼ା, ଫ୍ରେଣ୍ଡସ୍ କ୍ଲବ ତରତୁଆ, ମା' ଯୋଗମାୟା କ୍ଲବ ଶରଧାପୁର, ଆଦିବାସୀ ଜାଗରଣ କ୍ଲବ ପାଇକତିଗିରିଆ ଏବଂ ମର୍ନିଂ ଷ୍ଟାର କ୍ଲବ ଖୋର୍ଦ୍ଧା ଅଂଶଗ୍ରହଣ କରିଥିଲେ। ଏସ୍.ଏସ୍. ଶରଧାପୁର ଏବଂ କେରଙ୍ଗ ଅହମଦୀୟା କ୍ଲବ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଏଥିରେ କେରଙ୍ଗ ଅହମଦୀୟା କ୍ଲବ ୩-୦ ଗୋଲରେ ବିଜୟୀ ହୋଇଥିଲା। ଆଦିବାସୀ ଜାଗରଣ କ୍ଲବ ପାଇକତିଗିରିଆ ଏବଂ ମା' ଯୋଗମାୟା କ୍ଲବ ଶରଧାପୁର ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ପାଇକତିଗିରିଆ ୧-୦ ଗୋଲରେ ଜିତିଥିଲା। ତୃତୀୟ ମ୍ୟାଚ୍ ତରତୁଆ ରାଇଜିଂ ଷ୍ଟାର କ୍ଲବ ଏବଂ ମର୍ନିଂ ଷ୍ଟାର କ୍ଲବ ଖୋର୍ଦ୍ଧା ମଧ୍ୟରେ ଖେଳାଯାଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଶେଷରେ ଟାଇବ୍ରେକରର ସାହାଯ୍ୟ ନିଆଯାଇଥିଲା। ୫-୪ ଗୋଲରେ ମର୍ନିଂ ଷ୍ଟାର କ୍ଲବ ଖୋର୍ଦ୍ଧା ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ୍ ବାଇ ଦ୍ୱାରା ସୋରଡ଼ା ଜିତିଥିଲା।

ପ୍ରଥମ ସେମିଫାଇନାଲ କେରଙ୍ଗ ଅହମଦୀୟା କ୍ଲବ ଏବଂ ଆଦିବାସୀ ଜାଗରଣ କ୍ଲବ ପାଇକତିଗିରିଆ ମଧ୍ୟରେ ଖେଳାଯାଇଥିଲା। କେରଙ୍ଗ ଅହମଦୀୟା କ୍ଲବ ୧-୦ ଗୋଲରେ ଆଦିବାସୀ ଜାଗରଣ କ୍ଲବ ପାଇକତିଗିରିଆକୁ ହରାଇ ଫାଇନାଲକୁ ଯାଇଥିଲା। ଦ୍ୱିତୀୟ ସେମିଫାଇନାଲ ସୋରଡ଼ା ଏବଂ ମର୍ନିଂ ଷ୍ଟାର କ୍ଲବ ଖୋର୍ଦ୍ଧା ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍ ଅମୀମାଂସିତ ହୋଇଥିବାବେଳେ ୫-୪ ଟାଇବ୍ରେକର ମାଧ୍ୟମରେ ମର୍ନିଂଷ୍ଟାର କ୍ଲବ ଖୋର୍ଦ୍ଧା ବିଜୟୀ ହୋଇଥିଲା। ମର୍ନିଂ ଷ୍ଟାର କ୍ଲବ ଖୋର୍ଦ୍ଧା ଏବଂ କେରଙ୍ଗ ଅହମଦୀୟା କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। କେରଙ୍ଗ ଅହମଦୀୟା କ୍ଲବ ପକ୍ଷରୁ ବାରମ୍ବାର ଆକ୍ରମଣ ହେବା ଫଳରେ ମର୍ନିଂ ଷ୍ଟାର କ୍ଲବ ଖୋର୍ଦ୍ଧା ଡିଫେନ୍ସ ପ୍ରତିଦ୍ୱନ୍ଦ୍ୱୀ ଖେଳାଳିଙ୍କୁ ରୋକି ପାରିବାରେ ବିଫଳ ହୋଇଥିଲେ। ଫଳରେ କେରଙ୍ଗ ଅହମଦୀୟା କ୍ଲବ ୪-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଏହି ଖେଳକୁ ରେଫରି ଭାବେ ଅଫରୋଜ ଅହମଦ, ସେକ୍ ରଫି, ସାହିଲ ଖାଁ ଏବଂ ସେକ୍ ସାଜିଦ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ସୂର୍ଯ୍ୟପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ସୟ ବଡ଼ଜେନା, ସାହିଦ ଖାଁ ଏବଂ ପୂର୍ବତନ ପୋଲିସ କୋଚ୍ ସେକ ଅବ୍‌ଦୁଲ୍ କରିମ ଯୋଗଦେଇଥିଲେ। ମ୍ୟାନେଜର ଜମିର ଖାଁ, କେରଙ୍ଗର ପୂର୍ବତନ ମ୍ୟାନେଜର ଅମ୍‌ଜଦ ଖାଁ ଏବଂ କର୍ମକର୍ତ୍ତା ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ଜଷ୍ଟିସ ମାନସ ରଞ୍ଜନ ପାଠକ ଓଏସ୍ଏଲ୍ଏସ୍ଏର କାର୍ଯ୍ୟନିର୍ବାହୀ ଅଧକ୍ଷ



କଟକ,୪।୮(ଶିଲ୍ପା ପ୍ରିୟଦର୍ଶିନୀ)

ଓଡିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ ମାନସ ରଞ୍ଜନ ପାଠକ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ(ଓଏସ୍ଏଲ୍ଏସ୍ଏ)ର କାର୍ଯ୍ୟ ନିର୍ବାହୀ ଅଧକ୍ଷ ହୋଇଛନ୍ତି। ଏନେଇ ରାଜ୍ୟ ଆଇନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ସହିତ ପରାମର୍ଶ ପରେ ରାଜ୍ୟପାଳ ଓଏସ୍ଏଲ୍ଏସ୍ଏର କାର୍ଯ୍ୟନିର୍ବାହୀ ଅଧକ୍ଷ ଭାବେ ଜଷ୍ଟିସ ପାଠକଙ୍କୁ ମନୋନିତ କରିଥିବା ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ପୂର୍ବତନ ଜିଲାପରିଷଦ ସଭ୍ୟଙ୍କ ପରଲୋକ

କଟକ ସଦର,୪।୮(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ବରାଳ ଗ୍ରାମର ସାମାଜିକ କାର୍ଯ୍ୟକର୍ତ୍ତା ତଥା ପୂର୍ବତନ ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ନାଥ ବେହେରା(୭୫)ଙ୍କ ସୋମବାର ସକାଳେ ପରଲୋକ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବା ମାତ୍ରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ବେହେରାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ବେହେରା ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ କଟକ ଜିଲା ପରିଷଦ ଜୋନ୍ ନଂ. ୬ର ସଦସ୍ୟ ଥିଲେ। ଏଥିସହିତ ସେ ବରାଳ ସାଇ ମନ୍ଦିରର ସମ୍ପାଦକ ଓ ନାରାୟଣୀ ପଲ୍ଲୀ ମଙ୍ଗଳ ସମିତି ସହ ଅନ୍ୟାନ୍ୟ ଜନମଙ୍ଗଳ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ଶେଷଜୀବନ ପର୍ଯ୍ୟନ୍ତ ଲୋକଙ୍କ ସେବା କରୁଥିଲେ। ତାଙ୍କ ପରଲୋକରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ପୂର୍ବତନ ବିଧାୟକ ଚନ୍ଦ୍ର ସାରଥି ବେହେରା, ପ୍ରଭାତ ରଞ୍ଜନ ବିଶ୍ୱାଳ, ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟର ସଭାପତି ମନୋଜ କୁମାର ନାୟକ, ସମାଜସେବୀ ଆର୍ତ୍ତରଞ୍ଜନ ବିଶ୍ୱାଳ, ପ୍ରମୋଦ ମହାପାତ୍ର, ସତ୍ୟ ଜେନା, ସୁବୋଧ ବେହେରା, ସମର ବେହେରା, କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କର ଅନ୍ତିମ ସତ୍କାର କାଠଯୋଡି ନଦୀରେ କରାଯାଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ସୁନିଲ ମୁଖାଗ୍ନି ଦେଇଥିଲେ।

## କଣ୍ଟେନର ଅଚଳ ଯୋଗୁ ଗାଡ଼ି ଚଳାଚଳ ପ୍ରଭାବିତ

କଟକ,୪।୮ (ଶିଲ୍ପା ପ୍ରିୟଦର୍ଶିନୀ)

କଟକରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ କଣ୍ଟେନର(ଏନ୍ଏଲ୍୦୩-ଏ-୩୭୪୦) ସମ୍ରାଟ ସିନେମା ହଲ୍ ସମ୍ମୁଖ ରେଳବାଇ ବ୍ରିଜ ନିକଟରେ ସୋମବାର ଅପରାହ୍ଣରେ ହଠାତ୍ ଅଟକି ଯିବାରୁ ଯାନବାହାନ ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା। ଫଳରେ ଘଟଣାସ୍ଥଳଠାରୁ ଶିଖରପୁର ପର୍ଯ୍ୟନ୍ତ ରାସ୍ତାରେ ସଂଖ୍ୟାଧିକ ଗାଡ଼ି ପଛକୁ ପଛ ଅଟକି ରହିଥିଲା। କଣ୍ଟେନରରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଚାଳକଙ୍କ ବହୁ ଉଦ୍ୟମ ସତ୍ତ୍ୱେ ଗାଡିଟି ଷ୍ଟାର୍ଟ ହୋଇ ନ ଥିଲା। ମଧୁପାଟଣା ପୋଲିସ ଏସମ୍ପର୍କରେ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲା। ଏହାପରେ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷଙ୍କ ଏକ କ୍ରେନ ଅଣାଯାଇ ଅଚଳ କଣ୍ଟେନରକୁ ରାସ୍ତା ଉପରୁ ହଟାଯାଇଥିଲା।

# ଟ୍ରମା କାଜୁଆଲଟି ୱାର୍ଡରେ ୧୫ ଏସି ଅଚଳ, ରୋଗୀ ହଇରାଣ

**ଏସ୍ସିବିରେ ଅବ୍ୟବସ୍ଥା**
- ଘଟଣା ପ୍ରଘଟ ପରେ ତୁରନ୍ତ ମରାମତି
- ଅର୍ଥୋପେଡିକ ବିଭାଗରେ ପାଣି ସମସ୍ୟା, ଫାଟିଯାଇଛି ପରିସ୍ରା ଡ୍ରେନେଜ ପାଇପ

କଟକ,୪।୮(ଶିଲ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍ସିବି)ର ଟ୍ରମା କାଜୁଆଲଟି ସମେତ ଅର୍ଥୋପେଡିକ ବିଭାଗରେ ଅବ୍ୟବସ୍ଥା ଦେଖାଦେଇଛି। ଟ୍ରମା କାଜୁଆଲଟିର ଡାହାଣ ପାର୍ଶ୍ୱ ୱାର୍ଡରେ ଲାଗିଥିବା ୧୫ଟି ଏସି ଖରାପ ହୋଇ ଅଚଳ ହୋଇଯାଇଛି। ଫଳରେ ଦୁର୍ଘଟଣାର ଶିକାର ହୋଇ ଆସିଥିବା ଗୁରୁତର ରୋଗୀ ଅସହ୍ୟ ଗୁଳୁଗୁଳି ଓ ଗରମରେ ଛଟପଟ ହେଉଥିବା ସୋମବାର ଦେଖିବାକୁ ମିଳିଥିଲା। ମେଡିକାଲରେ ଏଭଳି ସମସ୍ୟା ଦେଖାଦେବା ପରେ ଘଟଣା ପ୍ରଘଟ ହେବାରୁ ମେଡିକାଲ କର୍ତ୍ତୃପକ୍ଷ ତତ୍ପରତା ଦେଖାଇ ଟ୍ରମା କାଜୁଆଲଟିର ୱାର୍ଡରେ ଅଚଳ ଏସିକୁ ମରାମତି କରିଥିଲେ। ସେହିପରି ଅର୍ଥୋପେଡିକ ବିଭାଗରେ ପାଣି ସମସ୍ୟା ଦେଖାଦେଇଛି। ଟ୍ୟାପ୍‌ରେ ପାଣି ଆସୁନି, ଫଳରେ ପାଣି ପାଇଁ ରୋଗୀ ଓ ସମ୍ପର୍କୀୟ ଏଣେତେଣେ ଧାଉଁଛନ୍ତି। କେବଳ ଏତିକି ନୁହେଁ, ଏଠାରେ ଥିବା ପରିସ୍ରା ଡ୍ରେନେଜ ପାଇପ୍ ଫାଟି ଯିବାରୁ ଆବର୍ଜନା ପାଣି ବିଭାଗ ନିକଟରେ ବୋହୁଛି।



ଟ୍ରମା କାଜୁଆଲଟି ୱାର୍ଡରେ ଅଚଳ ହୋଇପଡ଼ିଥିବା ଏସି, ଅର୍ଥପେଡିକ୍ ବିଭାଗରେ ଫାଟିଯାଇଥିବା ଡ୍ରେନେଜ୍ ପାଇପ୍।

ସୂଚନାଅନୁଯାୟୀ, ମେଡିକାଲରେ ଟ୍ରମା କାଜୁଆଲଟିକୁ ଦୁର୍ଘଟଣା ସମେତ ପୋଡ଼ି ହୋଇଥିବା ଗୁରୁତର ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ଏଠାରେ ଏସି ଚାଲିବା ବାଧ୍ୟତାମୂଳକ ରହିଛି। ଏଠାରେ ୯ଟି ୱିଣ୍ଡୋ ଓ ୬ଟି ସ୍ପ୍ଲିଟ୍ ଏସି ଲଗାଯାଇଥିଲା। ହେଲେ ଗୋଟେ ପରେ ଗୋଟେ ଏସି ଖରାପ ହେବାରୁ ତାକୁ ସଜଡା ଯାଇ ନ ଥିଲା ଫଳରେ ସୋମବାର ସମସ୍ତ ଏସି ଖରାପ ହୋଇଯାଇଥିଲା। ଏପରିକି ଏସିଗୁଡିକର ରକ୍ଷଣାବେକ୍ଷଣ ଠିକ୍ ଭାବେ କରାଯାଉ ନଥିବାରୁ ଏହାର ଆଉଟରଗୁଡିକରେ କଳଙ୍କି ଲାଗି ନଷ୍ଟ ହୋଇଯାଇଥିବା ମଧ୍ୟ ଦେଖିବାକୁ ମିଳିଛି। ସେହିପରି ଅର୍ଥୋପେଡିକ ବିଭାଗରେ ପାଣି ପାଇପ୍‌ରେ ତିନିଦିନ ହେବ ଆସୁନି। ଫଳରେ ରୋଗୀ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏକରି କି ପରିସ୍ରା ଡ୍ରେନେଜ ପାଣି ପାଇପ୍ ଫାଟି ଯାଇଥିବାବେଳେ ଉକ୍ତ ବାଟ ଦେଇ ଯା ଆସ କରିବାରେ ସମସ୍ୟା ଉପୁଜିଛି। ମେଡିକାଲରେ ଏଭଳି ସ୍ଥିତି ଉପୁଜୁଥିବାବେଳେ ମେଡିକାଲ କର୍ତ୍ତୃପକ୍ଷ ରକ୍ଷଣାବେକ୍ଷଣ ଦିଗରେ କାହିଁକି ପଛଘୁଞ୍ଚା ଦେଉଛନ୍ତି ତାହା ଏବେ ବଡ଼ ପ୍ରଶ୍ନ ପାଲଟିଛି। ଏନେଇ ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକଙ୍କୁ ପଚାରିବାରୁ କହିଛନ୍ତି, ଏସି ଅଚଳ ଘଟଣା ସାମ୍ନାକୁ ଆସିବାରୁ ତୁରନ୍ତ ଏଗୁଡ଼ିକୁ ଠିକ୍ କରାଯାଇଛି। ଏବେ କାଜୁଆଲଟିରେ ଏସି କାର୍ଯ୍ୟ କରୁଛି। ଏହାସହ ଅର୍ଥୋପେଡିକ ବିଭାଗରେ ଥିବା ସମସ୍ୟା ଦିଗରେ କାର୍ଯ୍ୟ କରାଯାଇ ତୁରନ୍ତ ପାଣି ଯୋଗାଇ ଦିଆଯିବ ବୋଲି ନାୟକ କହିଛନ୍ତି।

## ନନ୍ଦିନୀ ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି




ଚୌଦ୍ୱାର ପ୍ରେସ୍ କ୍ଲବ୍ ପକ୍ଷରୁ ନନ୍ଦିନୀ ଦେବୀଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ।

ଚୌଦ୍ୱାର,୪।୮(ଆଶୁତୋଷ ଦାସ)

ବିଶିଷ୍ଟ ସାହିତ୍ୟ ସାଧିକା, ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ଧରିତ୍ରୀ ଦୈନିକ ଖବର କାଗଜର ପ୍ରେରଣାଦାୟିନୀ ନନ୍ଦିନୀ ଶତପଥୀଙ୍କ ୧୯ତମ ଶ୍ରାଦ୍ଧ ଦିବସ ଚୌଦ୍ୱାର ପ୍ରେସ୍ କ୍ଲବ ପକ୍ଷରୁ ସୋମବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। କଳିଙ୍ଗଛକ ସ୍ଥିତ କ୍ଲବ କାର୍ଯ୍ୟାଳୟ ପରିସରରେ କ୍ଲବ ଉପଦେଷ୍ଟା ଅଧ୍ୟାପକ ସୌରେନ୍ଦ୍ର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଶିବନାରାୟଣ ପତି, ସାମାଜିକକର୍ମୀ ଭାସ୍କର ଚନ୍ଦ୍ର ପ୍ରଧାନ, ରଘୁନାଥ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନନ୍ଦିନୀ ଦେବୀଙ୍କ ସ୍ମୃତିଚାରଣ କରିଥିଲେ। ଖବରଦାତା ଗଙ୍ଗାଧର ସାହୁ, ପ୍ରକାଶ କୁମାର ନାୟକ, ଅଜିତ କୁମାର ସ୍ୱାଇଁ, ସୁଧାକର ସାମନ୍ତରାୟ, ଅଶୋକ କୁମାର ଦାସ, ବିମଳ କୁମାର ବେଉରା, ସୁରେଶ କୁମାର ପୃଷ୍ଟି, ବିଶ୍ୱଜିତ ଭଞ୍ଜ,ଏସ୍.କେ.ମୁଜାମିଲ, ସାଗର ସାହୁ, ସେକ୍ ଗୁଲଫାମ, ଲକ୍ଷ୍ମୀଧର ଦାସ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସ୍ଥାନୀୟ ଧରିତ୍ରୀ ପ୍ରତିନିଧି ଆଶୁତୋଷ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶେଷ ହେଲା ଶ୍ରାବଣର କାଉଡ଼ିଆ ଯାତ୍ରା

### ୩୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମରେ ଧବଳେଶ୍ୱର ପୀଠ ମୁଖରିତ

**ଭିଡ଼ ନିୟନ୍ତ୍ରଣ କରିବାକୁ ୫ ପ୍ଲାଟୁନ ଫୋର୍ସ, ୫୦ ଅଫିସର**

ଖୁଣ୍ଟୁଣୀ,୪।୮(ସଚ୍ଚିଦାନନ୍ଦ ପଣ୍ଡା)

ଚଳିତ ବର୍ଷ ଶ୍ରାବଣର ଶେଷ ସୋମବାରରେ ଧବଳେଶ୍ୱରଙ୍କ ଠାରେ ଜଳଲାଗି କାଉଡ଼ିଆଙ୍କ ବେଶ୍ ଭିଡ଼ ଦେଖିବାକୁ ମିଳିଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୩୫ହଜାର କାଉଡ଼ିଆ ବାବା ଧବଳେଶ୍ୱରଙ୍କ ଠାରେ ଜଳ ଲାଗି କରିଥିଲେ। ସୋମବାର ଭୋର ୪ଟାରେ ବାବା ଧବଳେଶ୍ୱରଙ୍କ ନୀତିପାଳିଆ ସେବକ ଚିତ୍ରସେନ ପତ୍ରି ଓ ସହଯୋଗୀ ପୂଜକ ଠାକୁରଙ୍କ ପହୁଡ଼ ଭାଙ୍ଗି ମଙ୍ଗଳ ଆଳତି, ୧୦୮ ଗରା ସୁବାସିତ ଜଳରେ ସ୍ନାନ ଆଦି ନିତ୍ୟକର୍ମ ସାରିବା ପରେ ଦ୍ୱାର ଫିଟାଇଥିଲେ। ଭକ୍ତ ଓ କାଉଡ଼ିଆମାନେ ବ୍ୟାରିକେଡ ମଧ୍ୟ ଦେଇ ଲମ୍ବା ଲାଇନରେ ବାବାଙ୍କ ମନ୍ଦିରକୁ ଯାଇ ଜଳ ଲାଗି କରିଥିଲେ। ପୂଜକ ସମାଜ ସଭାପତି ବିଷ୍ଣୁ ଚରଣ ପତ୍ରି, ସମ୍ପାଦକ ନରେନ୍ଦ୍ର ପଣ୍ଡା, ପ୍ରକାଶ ପତ୍ରି ପ୍ରମୁଖ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ ଦେଇଥିଲେ। ସୁରକ୍ଷା ଏବଂ ସୁପରିଚାଳନା ପାଇଁ ସୋମବାର ସନ୍ଧ୍ୟା ପର୍ଯ୍ୟନ୍ତ କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫୦ଜଣ ଅଫିସର, ୫ ପ୍ଲାଟୁନ ଫୋର୍ସ, ବହୁ ହୋମଗାର୍ଡ, ଅଗ୍ନିଶମ ବିଭାଗ ଏବଂ ଓଡ୍ରାଫ ଟିମ୍ ସହିତ ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଅତିରିକ୍ତ ଏସ୍‌ପି ପ୍ରଦୀପ ସାହୁ, ପୋଲିସ ମୁଖ୍ୟାଳୟ ଡିଏସ୍‌ପି ସୁଜିତ ପ୍ରଧାନ, ଚୌଦ୍ୱାର ଏସଡିପିଓ ଉମାକାନ୍ତ ନାୟକ, ଗୁରୁଡ଼ିଝାଟିଆ ଆଇଆଇସି ତପନ କୁମାର ପତ୍ରି, ଖୁଣ୍ଟୁଣୀ ଆଇଆଇସି ରଞ୍ଜନ କୁମାର ପ୍ରଧାନ, ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା, ସାଗର ଦାସ, ଟାଙ୍ଗି, କିଶନନଗର, ତିଗିରିଆ ଥାନା ଅଧିକାରୀ, ମହିଳା ହୋମଗାର୍ଡଙ୍କ ସହିତ ଅଗ୍ନିଶମ ଏବଂ ଓଡ୍ରାଫ ଟିମ ସଜାଗ ରହିଥିଲେ।



ବାବା ଧବଳେଶ୍ୱର

## ଖେଣ୍ଟାଳ ନିକଟରେ ସ୍ଥାୟୀ ଘର ନିର୍ମାଣ ବିରୋଧରେ ଏନ୍‌ଜିଟିରେ ଆବେଦନ

କଟକ ସଦର,୪।୮(ସୁଶାନ୍ତ କୁମାର ଜେନା)

କିଶନନଗର ତହସିଲ ଅନ୍ତର୍ଗତ ମହାନଦୀର ଖେଣ୍ଟାଳ ନିକଟରେ ଜଳ ପ୍ରବାହ ହେଉଥିବା ସ୍ଥାନରେ ସ୍ଥାୟୀ ଗୃହ ନିର୍ମାଣ କରାଯାଉଛି। ଏହା ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଆଦେଶର ଉଲ୍ଲଘଂନ କରୁଛି। ଏପରି କି ଆଇନଗତ ସମସ୍ୟା ଉପୁଜିବା ଆଶଙ୍କାରେ କଟକ ଜିଲା ପ୍ରଶାସନ ପତ୍ର ସଂଖ୍ୟା, ୭୦୧୮/୧୦।୭।୨୦୨୫ରେ ଜାରି କରିଥିବା ନିର୍ଦ୍ଦେଶନାମାର ମଧ ଏହା ଉଲ୍ଲଘଂନ ଅଟେ। ଏହାକୁ ବିରୋଧ କରି ବିଶ୍ୱ ଗୋ ସୁରକ୍ଷା ବାହିନୀର ସଭାପତି ତଥା ଆଇନଜୀବୀ ସୁରେଶ କୁମାର ପଣ୍ଡା ଏନ୍‌ଜିଟିରେ ଆବେଦନ କରିଛନ୍ତି।

ପ୍ରକାଶ ଯେ, ନଦୀକୂଳ ଜଳଧାର ପାର୍ଶ୍ୱରେ କୌଣସି ପ୍ରକାରର ସ୍ଥାୟୀ ନିର୍ମାଣ କରାଯାଇ ପାରିବ ନାହିଁ ବୋଲି କୋଲ୍‌କାତାସ୍ଥିତ ଏନ୍‌ଜିଟିର ପୂର୍ବାଞ୍ଚଳ ପୀଠ ୨୦୨୨ ଫେବୃଆରୀ ୧୫ତାରିଖରେ କଟକ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ବର୍ତ୍ତମାନ ଖେଣ୍ଟାଳ ମୌଜା ଗୋଚର କିସମ ଜମିର ଖାତା ନଂ. ୧୯୦, ପ୍ଲଟ ନଂ. ୧୫ ମହାନଦୀ ଜଳଧାର ପାର୍ଶ୍ୱରେ ସ୍ଥାୟୀ ନିର୍ମାଣ କରାଯାଉଛି। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଇସାଣୀ - ବ୍ରହ୍ମପୁର ପଞ୍ଚାୟତର ନିର୍ମାଣ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଜଣକ ତହସିଲଦାରଙ୍କ ନିକଟରେ ଅନୁମତି ପାଇଁ ଆବେଦନ କରିଥିଲେ, ମାତ୍ର ଗୋଚର ଓ ନଦୀ ଧାର ନିକଟରେ ସ୍ଥାୟୀ ନିର୍ମାଣ ପାଇଁ ଅନୁମତି ଦେଇପାରିବେ ନାହିଁ ବୋଲି କିଶନନଗର ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାଶ କହି ଏନ୍‌ଓସି ଦେବା ପାଇଁ ମନା କରିଥିଲେ। ଏହାସତ୍ତ୍ୱେ ରାଜନୈତିକ ଚାପରେ ଏହି ସ୍ଥାନରେ ଦିନରାତି କୋଠା ନିର୍ମାଣ କରାଯାଉଥିବାକୁ ବିରୋଧ କରି ଏନ୍‌ଜିଟିରେ ପଣ୍ଡା ଆବେଦନ କରଥିବା କହିଛନ୍ତି।

## କଟକ ମାରୱାଡ଼ି ସମାଜର କାର୍ଯ୍ୟକାରିଣୀ ବୈଠକ



କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ସଦସ୍ୟ।

କଟକ,୪।୮(ଶିଲ୍ପା ପ୍ରିୟଦର୍ଶିନୀ)

କଟକ ମାରୱାଡ଼ି ସମାଜର କାର୍ଯ୍ୟକାରିଣୀ ବୈଠକ ମାଣିକଘୋଷ ବଜାରସ୍ଥିତ ମାରୱାଡ଼ି କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜର ଅଧ୍ୟକ୍ଷ ସଜୟ ଶର୍ମା ଅଧ୍ୟକ୍ଷତା କରି ଆଗାମୀ ଦିନରେ ସମାଜର ବିକାଶ ପାଇଁ ବହୁତ ଉପକ୍ରମ ଗ୍ରହଣ କରାଯିବ, ବିଶେଷ ଭାବେ ମହିଳାଙ୍କୁ ନିଜସ୍ୱ ପ୍ରତିଭାଶୀ କରିବା ଏବଂ ସେମାନଙ୍କ ବିକାଶ ପାଇଁ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ସମାଜର ମହାସଚିବ ଶଙ୍କର ଗୁପ୍ତା ଯୋଗ ଦେଇଥିଲେ। କୋଷାଧକ୍ଷ ସୁନୀଲ କୁମାର ଜାଲାନ ଗତବର୍ଷର ଆୟ ଓ ବ୍ୟୟ ଉପସ୍ଥାପନା କରିଥିଲେ। ଉପାଧକ୍ଷ ମୋହନଲାଲ ସିଘାଁ ବାଇଲୋ ସଂଶୋଧନ ପାଇଁ ଏକ କମିଟି ଗଠନ କରାଯିବା ସହ ସମାଜର ବିକାଶ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରଖିଥିଲେ ଏବଂ ଅନେକ କମିଟି ଗଠନ କରିବାର ପରାମର୍ଶ ଦେଇଥିଲେ। ମାତୃଶକ୍ତି ଅଧକ୍ଷା ସମ୍ପତି ମୋଡ଼ା ମହିଳାଙ୍କ ବିକାଶ କ୍ଷେତ୍ରରେ ଅନେକ ପ୍ରସ୍ତାବ ଉପସ୍ଥାପନା କରିଥିଲେ। ଆଗାମୀ କାର୍ଯ୍ୟକ୍ରମ ଭାବେ ୧୫ ଅଗଷ୍ଟ ସ୍ୱାଧୀନତା ଦିବସ, ଗଣେଶ ମହୋତ୍ସବ, ଦୁର୍ଗା ପୂଜା, ଦୀପାବଳିରେ ବନ୍ଧୁମିଳନ, ସାମୂହିକ ବିବାହ, ଗଣତନ୍ତ୍ର ଦିବସ, ଜଳଛତ୍ର ଶିବିର, ପୁରୀ ରଥଯାତ୍ରା ଶିବିର, ସାବନହରିଆଲି ତୀଜ, ସିଧାଣ୍ଡାରା ଉତ୍ସବ ଏବଂ ନିୟମିତ ହେଲ୍‌ଥ କ୍ୟାମ୍ପ କରାଯିବାକୁ ସ୍ଥିର ହୋଇଛି। ଅଗଷ୍ଟ ୧୦ ତାରିଖରେ ହେବାକୁ ଥିବା ସାଧାରଣ ସଭାରେ ସମସ୍ତ ସଦସ୍ୟଙ୍କୁ ଉପସ୍ଥିତ ରହିବା ପାଇଁ ବୈଠକରେ ଅନୁରୋଧ କରାଯାଇଥିଲା। ବୈଠକରେ ବିଜୟ ଅଗ୍ରୱାଲ (କାଳୀଗଳି), ବିନୋଦ କୁମାର ସରୁଆଗୀ, ସୁରେଶ ପୋଦାର, ସତୀଶ ଗୋୟକା, ଦେବକୀନନ୍ଦନ ଜୋଶୀ, ନିଲମ ସାହ, ସଙ୍ଗୀତା କରନାନୀ, ବିଜୟ ଖଣ୍ଡେଲୱାଲ, ରାମୋତର ଭୁତ, ସାଦୀରାମ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ଅବକାରୀ ଗୋଇନ୍ଦା ବିଭାଗର ଚଢ଼ାଉ, ୧୭୦ ବୋତଲ ନିଷିଦ୍ଧ ସିରପ୍ ଜବତ

କଟକ,୪।୮(ଶିଲ୍ପା ପ୍ରିୟଦର୍ଶିନୀ)

ଅବକାରୀ ଗୋଇନ୍ଦା ବିଭାଗ ସୋମବାର ଚୌଦ୍ୱାର ମୁଣ୍ଡମାଳ ଗ୍ରାମର କୁଳମଣି(୪୫) ପାଖରୁ ୧୭୦ ବୋତଲ କଫ୍ ସିରପ ଜବତ କରିବା ସହ ତାଙ୍କୁ ଗିରଫ ହୋଇଛି। ଗିରଫ ସମୟରେ କୁଳମଣିଙ୍କ ପାଖରୁ ଗୋଟିଏ ବାଇକ୍ ମଧ୍ୟ ଜବତ ହୋଇଛି। କୁଳମଣିଙ୍କୁ କୋର୍ଟ ଚାଲାଣ ପରେ ଜେଲ ପଠା ଯାଇଥିବା ସୂଚନା ମିଳିଛି। ମର୍କତନଗର ସେକ୍ଟର-୧୧ ଅଞ୍ଚଳରେ ନିଷିଦ୍ଧ କଫ୍ ସିରପ କାରବାର ସମ୍ପର୍କରେ ଅବକାରୀ ଗୋଇନ୍ଦା ବିଭାଗକୁ ସୂଚନା ମିଳିଥିଲା। ଏହାପରଠୁ ଏହି କାରବାରରେ ସମ୍ପୃକ୍ତ ବେପାରୀଙ୍କୁ ଧରିବା ପାଇଁ ଅବକାରୀ ଟିମ ଉଦ୍ୟମ ଜାରି ରଖିଥିଲା।



ଜବତ କଫ୍ ସରପ୍ ସହ ଗିରଫ ଅଭିଯୁକ୍ତ।

ସୂଚନାକ୍ରମେ, ସୋମବାର ମଧୁସୂଦନ ସେତୁ ପାଖରେ କିଛି ଦୋକାନୀଙ୍କୁ ବେଆଇନ କଫ ସିରପ ବିକ୍ରି କରାଯାଉଥିବା ସୂଚନା ମିଳିଥିଲା। ପରେ ଅବକାରୀ ଟିମ୍ ତୁରନ୍ତ ସେଠାରେ ପହଞ୍ଚି କୁଳମଣିଙ୍କୁ ଧରିବା ସହ ତାଙ୍କ ପାଖରୁ ଗୋଟିଏ ପେଟି କଫ୍ ସିରପ ଜବତ କରିଥିଲା। ପରେ ତାଙ୍କୁ ଜେରା କରିବାରୁ ସେ ଗୁରୁଡିଝାଟିଆ ଏବଂ ସେକ୍ଟର ୧୧ ସ୍ଥିତ ସମ୍ପର୍କୀୟଙ୍କ ଘରେ କିଛି କଫ୍ ସିରପ ଲୁଚାଇ ରଖିଥିବା ସୂଚନା ଦେଇଥିଲେ। ଉକ୍ତ ଦୁଇ ଅଞ୍ଚଳରେ ଚଢାଉ ପରେ ଟିମକୁ ଆଉ କିଛି କଫ ସିରପ ମିଳିଥିଲା। କୁଳମଣିଙ୍କ ଠାରୁ ମୋଟ ୧୭୦ ବୋତଲ କଫ ସିରପ ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୩୫ ହଜାର ଟଙ୍କା ହେବ ବୋଲି କୁହାଯାଇଛି।

## ବିଦ୍ୟାଧରପୁର ବୈଶ୍ୟ ବଣିଆ ସମାଜର ନୂତନ ପରିଚାଳନା କମିଟି ଗଠିତ

କଟକ,୪।୮(ଶିଲ୍ପା ପ୍ରିୟଦର୍ଶିନୀ)

ବିଦ୍ୟାଧରପୁର ବୈଶ୍ୟ ବଣିଆ ସମାଜ ପକ୍ଷରୁ ସାଧାରଣ ସଭା ମା' ବୁଢ଼ୀ ଜାଗୁଳାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜର ନୂତନ ପରିଚାଳନା କମିଟି ଗଠନ କରାଯାଇଛି। କମିଟିର ନୂତନ ସଭାପତି ଭାବେ ପ୍ରଶାନ୍ତ କୁମାର ମହାରଣା, ଉପସଭାପତି ହେମନ୍ତ କୁମାର ସାହୁ, ସୁଧାକର ସାହୁ, ସମ୍ପାଦକ ମନୋରଞ୍ଜନ ମହାରଣା(ପିଣ୍ଟୁଆ), ସହସମ୍ପାଦକ ନିଶାକର ସାହୁ(ଉଣ୍ଟୁଆ), କୋଷାଧକ୍ଷ ସୁନିଲ କୁମାର ସାହୁ, ସହ କୋଷାଧକ୍ଷ ଦେବାଶିଷ ମହାରଣା(ଦୀପକ), ହିସାବ ସମୀକ୍ଷକ ଭାବେ ଭାଗୀରଥି ଶାହ ଓ ଯଯାତି କେଶରୀ ସାହୁଙ୍କୁ ଚୟନ କରାଯାଇଛି।



ବୈଶ୍ୟ ବଣିଆ ସମାଜର ନୂତନ ପରିଚାଳନା କମିଟିର ସଦସ୍ୟ।

## ଯୋବ୍ରାରେ ଦୁଇ ଯୁବଗୋଷ୍ଠୀ ମଧ୍ୟରେ ମାରପିଟ

କଟକ,୪।୮(ଶିଲ୍ପା ପ୍ରିୟଦର୍ଶିନୀ)

ଯୋବ୍ରାସ୍ଥିତ ବୋଟିଂ କ୍ଲବ ନିକଟରେ ସୋମବାର ରାତି ପ୍ରାୟ ୭ରେ ଗଣ୍ଡଗୋଳ ହୋଇଛି। ଜନଗହଳିପୂର୍ଣ୍ଣ ରାସ୍ତା ଉପରେ ଦୁଇ ଯୁବଗୋଷ୍ଠୀ ମାର୍‌ପିଟ ହୋଇଥିଲେ। ଖବର ପାଇ ମାଲଗୋଦାମ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ଗଣ୍ଡଗୋଳକାରୀ ଯୁବକମାନେ ସେଠାରୁ ଖସି ପଳାଇଥିଲେ। ଗଣ୍ଡକୋଳକାରୀମାନେ କଲେଜ ଛାତ୍ର ହୋଇଥିବା ସନ୍ଦେହ କରାଯାଉଛି।

## କାର୍ଯ୍ୟାନୁଷ୍ଠାନ ବିଳମ୍ବକୁ ନେଇ ବଢ଼ୁଛି ସନ୍ଦେହ

**୧୨ ଶିକ୍ଷୟିତ୍ରୀଶିକ୍ଷକ ଜାଲ୍ ପ୍ରମାଣପତ୍ରରେ ଚାକିରି ହାତେଇଥିବା ପ୍ରସଙ୍ଗ**

ମଙ୍ଗୁଳି-ଜଗତପୁର, ୪।୮(ମାନସ ସାମଲ)

ଟାଙ୍ଗୀ- ଚୌଦ୍ୱାର ବ୍ଲକ ଶିକ୍ଷା ବିଭାଗରେ ଜାଲ୍ ପ୍ରମାଣପତ୍ର ଦେଇ ଚାକିରି ହାତେଇଥିବା ୧୨ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାରେ ବିଳମ୍ବ ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସମ୍ପୃକ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ଏଥିରେ ସ୍ୱାକ୍ଷର କରିବାରେ ବ୍ଲକ ଶିକ୍ଷାଧିକାରୀ(ବିଇଓ) ପ୍ରଭାତ କୁମାର ନାୟକ ବିଭିନ୍ନ ବାହାନା ଦେଖାଇ ଦିନ ପରେ ଦିନ ଗଡ଼ାଉଛନ୍ତି। ଫଳରେ କାର୍ଯ୍ୟାନୁଷ୍ଠାନକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ଏନେଇ ବିଇଓଙ୍କୁ ପଚରାଯାଇଥିଲେ ସୁଦ୍ଧା ସେ କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡ଼ାଇ ଦେଉଛନ୍ତି।

ପ୍ରକାଶ ଯେ, ଜାଲ୍ ଜାତିଗତ, ଶିକ୍ଷାଗତ ଓ ତାଲିମ ପ୍ରମାଣପତ୍ର ଦେଇ ଟାଙ୍ଗୀ- ଚୌଦ୍ୱାର ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରେ ୧୨ଜଣ ଶିକ୍ଷୟିତ୍ରୀଶିକ୍ଷକ ପଦବୀ ହାତେଇଛନ୍ତି ବୋଲି କଟକ ଏମ୍‌ପିଙ୍କ ପ୍ରତିନିଧି ଚିତ୍ତରଞ୍ଜନ ମଲିକ ଗତ ୨୨ତାରିଖରେ ଅଭିଯୋଗ ଆଣିଥିଲେ। ଏନେଇ ବିଇଓ ନାୟକଙ୍କୁ ଭେଟି ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଥିଲେ। ହେଲେ କାର୍ଯ୍ୟାନୁଷ୍ଠାନ ନେବାରେ ବିଇଓ ବିଳମ୍ବ କରୁଥିବା ଦେଖିବାକୁ ମିଳୁଛି। ଫଳରେ ଶିକ୍ଷାଗତ ଯୋଗ୍ୟତା ନ ଥାଇ ଶିକ୍ଷୟିତ୍ରୀଶିକ୍ଷକ ବିଭିନ୍ନ ବିଦ୍ୟାଳୟରେ ପିଲାଙ୍କୁ ପାଠପଢ଼ାଉଛନ୍ତି। ବିଇଓ ତୁରନ୍ତ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ନ ନେଲେ ଜିଲାପାଳ ଏବଂ ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟିଆକର୍ଷଣ କରାଯିବ ବୋଲି ମଲିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ପ୍ରଶାସନ ନିକଟରେ ପହଞ୍ଚିବ ୪୨ମୌଜା ଅଞ୍ଚଳର ସମସ୍ୟା

କଟକ ସଦର,୪।୮
(ସୁଶାନ୍ତ କୁମାର ଜେନା)

ଲୋକଙ୍କ ସମସ୍ୟାର ସମାଧାନ ଦିବାସ୍ୱପ୍ନ ଭଳି ହୋଇଯାଇଛି। ତେଣୁ ଲୋକମାନଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ପ୍ରଶାସନ ନିକଟରେ ଅଭିଯୋଗ ପହଞ୍ଚାଇବା ଲାଗି ରବିବାରଠାରୁ ୟୁନିୟନ ଫର୍ କଟକ ସଦର ଡେଭ୍‌ଲପ୍‌ମେଣ୍ଟ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି। ଲୋକଙ୍କ ସମସ୍ୟା, ଅଭାବ ଓ ଅସୁବିଧାର ସମସ୍ତ ତଥ୍ୟ ଚା' ଖଟି ମାଧ୍ୟମରେ ସଂଗ୍ରହ କରାଯିବ। ଏହି ପରିପ୍ରେକ୍ଷୀରେ ୪୨ମୌଜା ଅନ୍ତର୍ଗତ କୂଳସରିଚୁଆଁ ବଜାରରେ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ୟୁନିୟନ ସଭାପତି ପ୍ରଫେସର ମନୋଜ କୁମାର ନାୟକ ଯୋଗଦେଇ ସ୍ଥାନୀୟ ଅଞ୍ଚଳ ଓ ବ୍ୟକ୍ତି ବିଶେଷଙ୍କ ସମସ୍ୟା ବୁଝିଥିଲେ। ପ୍ରଶାସନିକ କ୍ଷେତ୍ରରେ ଏଥିପ୍ରତି ଗୁରୁତ୍ୱ ଦିଆଯିବା ପାଇଁ ଉଦ୍ୟମ କରାଯିବ ବୋଲି ନାୟକ କହିଥିଲେ। ଏହି ଆଲୋଚନାଚକ୍ରରେ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସମେତ ସଞ୍ଜୀବ ବିଶ୍ୱାଳ, ପଦ୍ମନାଭ ଗୋଛାୟତ, ସଞ୍ଜୀବ ମହାପାତ୍ର, ବିଜୟ ନାୟକ, ତ୍ରିଲୋଚନ ଦଳେଇ, ସମରେନ୍ଦ୍ର ମହାପାତ୍ର, ଉଦୟ ସାସ୍‌ମଲ, ସୁରଜ ବେଉରା, ଅଭିମନ୍ୟୁ ସାହୁ, ଶେଷଦେବ ଦାସ, ପ୍ରସନ୍ନ ବେହେରା, ସୁଦର୍ଶନ ଜେନା, ପ୍ରକାଶ ମାଝୀ ଆଲୋଚନାରେ ଉପସ୍ଥିତ ଥିଲେ।



କୂଳସରିଚୁଆଁଠାରେ ୪୨ ମୌଜା ସମସ୍ୟା ଉପରେ ଆଲୋଚନାରେ ଉପସ୍ଥିତ ବ୍ୟକ୍ତିବିଶେଷ।

# ଗୋବର, ସବାଇଘାସରେ ରାଖୀ

**ଷ୍ଟଲ୍‌କୁ ଉଦ୍‌ଘାଟନ କଲେ ଜିଲାପାଳ**

କଟକ,୪।୮(ଶିଲ୍ପା ପ୍ରିୟଦର୍ଶିନୀ)

ରାଖୀ ପୂର୍ଣ୍ଣିମାକୁ ଦୃଷ୍ଟିରେ ରଖି କଟକ ଜିଲାର ବିଭିନ୍ନ ସ୍ଥାନର ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀର ମହିଳାମାନେ ଓରମାସ ସହାୟତାରେ ନିଜ ପ୍ରତିଭା ଓ ଉଦ୍ୟମଶୀଳତାର ପ୍ରଦର୍ଶନ ସ୍ୱରୂପ ଗୋବର, ତାଳପତ୍ର, ବାଉଁଶ, ସୂତା ଆଦିରୁ ସୁନ୍ଦର ସୁନ୍ଦର ରାଖୀ ପ୍ରସ୍ତୁତ କରିଛନ୍ତି। କଟକ ଜିଲା ପରିଷଦ ନିକଟ ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାରଠାରେ ଏହି ସ୍ୱତନ୍ତ୍ର ରାଖୀ ଷ୍ଟଲ୍‌କୁ ସୋମବାର କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଉଦ୍‌ଘାଟନ କରିଛନ୍ତି। ଏହି ପଦକ୍ଷେପ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହ ପାରମ୍ପରିକ ସଂସ୍କୃତିକୁ ଅଗ୍ରସର କରି ପାରୁଛି ବୋଲି ଜିଲାପାଳ ସିନ୍ଦେ କହିଥିଲେ। ଓରମାସ ସମର୍ଥନରେ କଟକ ସଦର, ସାଲେପୁର, ଡମପଡ଼ା ଓ ଅନ୍ୟାନ୍ୟ ବ୍ଲକର ମହିଳାମାନେ ରାଖୀ ତିଆରି କରିଛନ୍ତି। ଏହି ରାଖୀଗୁଡ଼ିକ ମଧ୍ୟରେ ଗୋବରରେ ତିଆରି ସ୍ୱତନ୍ତ୍ର ରାଖି ଥାଳି, ସ୍ୱସ୍ତିକ ସମେତ ସବାଇ ଘାସରେ ପ୍ରସ୍ତୁତ ରାଖୀ ଥାଳିରେ ହଳଦୀ, କୁଙ୍କୁମ, ଅରୁଆ ଚାଉଳ, ଦୀପ ଓ ମାଣ୍ଡିଆ ବିସ୍କୁଟ ଆଦି ରହିଛି। ଏଥିସହ ପଟ୍ଟଚିତ୍ର, ବାଉଁଶ, ମାଳି, ମାଣିଆବନ୍ଧ, ଖଣ୍ଡୁଆ ଆଦି କପଡ଼ାରୁ ପ୍ରସ୍ତୁତ ନିଆରା ପରିବେଶ ଅନୁକୂଳ ରାଖୀଗୁଡ଼ିକ ମଧ୍ୟ ବେଶ୍ ଆକର୍ଷଣୀୟ ହୋଇ ପାରିଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଓରମାସର ଡେପୁଟି ସିଇଓ ମଧୁସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ସ୍ୱତନ୍ତ୍ର ରାଖୀ ଷ୍ଟଲ୍ ଉଦ୍‌ଘାଟନ କରୁଛନ୍ତି।


ଜିୟର ସ୍ୱାମୀ ମଠ ।


ଶ୍ରୀଜଗନ୍ନାଥବଲ୍ଲଭ ମଠ ।


ରାଧାବଲ୍ଲଭ ମଠ ।


ଉତ୍ତରପାର୍ଶ୍ୱ ମଠ ।

# ଶ୍ରୀକ୍ଷେତ୍ରରେ ଆରମ୍ଭ ହେଲା ଝୁଲଣ

ପୁରୀ, ୪।୮ (ଅଜିତ୍ କୁମାର ମହାନ୍ତି)

ଶ୍ରାବଣ ଶୁକ୍ଳପକ୍ଷ ଦଶମୀ ତିଥି ସୋମବାରଠାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବର୍ଷାକାଳୀନ ରାସ ତଥା ପବିତ୍ର ଝୁଲଣ ଆରମ୍ଭ ହୋଇଛି। ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ଝୁଲଣ ଯାତ ଶ୍ରୀମନ୍ଦିର ସହ ବିଭିନ୍ନ ମଠରେ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ମୁକ୍ତିମଣ୍ଡପଠାରେ ସୁସଜ୍ଜିତ ଝୁଲଣ କୁଞ୍ଜରେ ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀମଦନମୋହନ ଉପବେସନ କରି କୁଞ୍ଜରେ ଝୁଲିଛନ୍ତି। ସେହିପରି ବିଭିନ୍ନ ମଠବାଡ଼ିରେ ଝୁଲଣ କୁଞ୍ଜରେ ବସି ରାଧାକୃଷ୍ଣ ଝୁଲୁଛନ୍ତି। ଶ୍ରାବଣ ଶୁକ୍ଳ ଦଶମୀ ତିଥିଠାରୁ ଭାଦ୍ରବ କୃଷ୍ଣ ପ୍ରତିପଦା ୭ ଦିନ ଧରି ଝୁଲଣ ଅନୁଷ୍ଠିତ ହୋଇଥାଏ।

ପରମ୍ପରା ମୁତାବକ, ଶ୍ରୀମନ୍ଦିରରେ ସନ୍ଧ୍ୟାଆଳତି ପରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପ୍ରାପ୍ତହୋଇ ପ୍ରଭୁ ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ମୁକ୍ତିମଣ୍ଡପ ଠାରେ ସଜ୍ଜିତ ହୋଇଥିବା ଝୁଲଣ କୁଞ୍ଜରେ ବିରାଜମାନ କରିଥାନ୍ତି। ଝୁଲଣ ଯାତ୍ରା ପାଇଁ ମୁକ୍ତିମଣ୍ଡପରେ ଆକର୍ଷଣୀୟ କୁଞ୍ଜ ନିର୍ମାଣ କରାଯାଇଥିବା କୁଞ୍ଜରେ ପ୍ରଭୁ ମଦନମୋହନ, ଶ୍ରୀଦେବୀ ଏବଂ ଭୂଦେବୀ ଉପବେସନ କରିବା ସହ ଝୁଲିଥାନ୍ତି। କେବଳ ଶ୍ରୀମନ୍ଦିର ନୁହେଁ, ଶ୍ରୀମନ୍ଦିର ସହ ଜଡ଼ିତ ମଠ ମନ୍ଦିରରେ ମଧ ଏହି ଝୁଲଣ ପର୍ବ ଆରମ୍ଭ ହୋଇଛି। ଝୁଲଣ ମହୋତ୍ସବ ଅବସରରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ସ୍ୱତନ୍ତ୍ର ନୀତି ହୋଇଥିଲା। ମହାପ୍ରଭୁଙ୍କ ମଧ୍ୟାହ୍ନଧୂପ ପରେ ତିନିବାଡ଼ରେ ସର୍ବାଙ୍ଗ ଲାଗି ଓ ବେଶ ହୋଇଥିଲା। ମହାଜନମାନେ ସିଂହାସନରୁ ଶ୍ରୀଦେବୀ, ଭୂଦେବୀ ଏବଂ ଦକ୍ଷିଣୀ ଘରୁ ମଦନମୋହନଙ୍କୁ ଆଣି ଖଟଶେଯରେ ବିଜେ କରାଇଥିଲେ। ପୂଜାପଣ୍ଡା ସାମନ୍ତ ମାଣ୍ଡୁଅ ଭୋଗ ଅର୍ପଣ କରିବାପରେ ତିନିବାଡ଼ରେ ସନ୍ଧ୍ୟା ଆଳତି ହୋଇଥିଲା। ପରେ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇ ତିନିମୂର୍ତ୍ତି ଝୁଲଣ ମଣ୍ଡପ ଦୋଳିକୁ ବିଜେ କରିଥିଲେ। ପରେ ବିଡ଼ିଆ ପାନ ମଣୋହି କରାଯିବା ପରେ ମନ୍ଦିରରେ ସନ୍ଧ୍ୟାଧୂପ ସମ୍ପନ୍ନ ହୋଇଥିଲା। ଝୁଲଣ ମଣ୍ଡପଠାରେ ଠାକୁରଙ୍କୁ ପଞ୍ଚ ଉପଚାରରେ ପୂଜା ଓ ଭୋଗ କରାଯାଇଥିଲା। ମନ୍ଦିର ଭିତରେ ଚନ୍ଦନ ଲାଗି ସରିବା ପରେ ଝୁଲଣ କୁଞ୍ଜରେ ବିରାଜିତ ମଦନମୋହନଙ୍କୁ ଦକ୍ଷିଣୀ ଘର ଓ ଦୁଇ ଠାକୁରାଣୀଙ୍କୁ ଗର୍ଭଗୃହକୁ ବିଜେ କରାଇଥିଲେ। ଝୁଲଣ ଯାତ୍ରା ନିମନ୍ତେ ପ୍ରାୟତଃ ମାସକ ପୂର୍ବରୁ କାରିଗରମାନେ ଶୁଦ୍ଧପୂତ ଭାବେ ଏହି ଝୁଲଣ ନିର୍ମାଣରେ ଲାଗିଥାନ୍ତି। ଶ୍ରୀକ୍ଷେତ୍ରରେ ଝୁଲଣ ଯାତ୍ରାର ସ୍ୱତନ୍ତ୍ରତା ରହିଛି। ଝୁଲଣ କୁଞ୍ଜରେ ଠାକୁରଙ୍କ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ସେହିପରି ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ମଠ, ମନ୍ଦିରରେ ଝୁଲଣ ଯାତ ଦେଖିବା ପାଇଁ ପୁରୀବାସୀଙ୍କ ଭିଡ଼ ଜମିଥିଲା। ବିଭିନ୍ନ ମଠ ପକ୍ଷରୁ ଭକ୍ତିମୟ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

## ଝୁଲଣ କୁଞ୍ଜରୁ ବଦଳିଲେ ବିବାଦୀୟ ଜୋତାପିନ୍ଧା ମୂର୍ତ୍ତି

ସାକ୍ଷୀଗୋପାଳ, ୪।୮ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସାକ୍ଷୀଗୋପାଳ ମନ୍ଦିରରେ ଶ୍ରାବଣ ଶୁକ୍ଳ ଦଶମୀଠାରୁ ପରମ୍ପରାକ୍ରମେ ଠାକୁରଙ୍କ ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ରଙ୍ଗବେରଙ୍ଗ ଜରି ଜମୁରା, କାଗଜ, ଶୋଲ ଆଦିରେ କଦମ୍ବ, ପଦ୍ମଫୁଲ, ସେବତୀ ଫୁଲହାର, ଝଲର, କୃଷ୍ଣ, ବଳରାମ, ରୋହିଣୀ, ଯଶୋଦା, ଗୋପୀ, ଗୋପାଳ, ସଖୀମାନଙ୍କର ମୂର୍ତ୍ତି ଏବଂ ଶୁଆ, ଶାରୀ, ବଣି, ପାରା, ବଗ, ମୟୂର ଝୁଲଣ କୁଞ୍ଜରେ ଖଞ୍ଜାଯାଇଛି। ଆକର୍ଷଣୀୟ ଆଲୋକମାଳାରେ କୁଞ୍ଜ ସହ ଝୁଲଣ ମଣ୍ଡପ ସଜ୍ଜିତ କରାଯାଇଛି।

ଗତବର୍ଷ ଭୀମ ଓ ଦୁଃଶାସନଙ୍କ ଜୋତାପିନ୍ଧା ଫାଇବର ମୂର୍ତ୍ତି ଝୁଲଣ କୁଞ୍ଜରେ ସ୍ଥାନିତ କରାଯାଇଥିବାରୁ ବିବାଦ ଦେଖାଯାଇଥିଲା। ଏଥିପାଇଁ ସେବାୟତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ମନ୍ଦିର ଅଧିକାରୀଙ୍କୁ ଦାୟୀ କରାଯାଇଥିଲା। ଚଳିତବର୍ଷ ଏହି ମୂର୍ତ୍ତି ଦୁଇଟିକୁ ମରାମତି ପରେ ଜୋତା ବଦଳରେ ପାଦ ଲଗାଯାଇଛି। ଅଭିଯୋଗ ଆଧାରରେ ପରମ୍ପରାକୁ ଗୁରୁତ୍ୱ ଦେଇ ଏଭଳି କରାଯାଇଥିବା ସତ୍ୟବାଦୀ ତହସିଲଦାର ତଥା ମନ୍ଦିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ କହିଛନ୍ତି। ଝୁଲଣ ସାଜସଜ୍ଜା ସହିତ ସନ୍ଧ୍ୟାରେ ଗୋଟିପୁଅ ନୃତ୍ୟ



ପରିବେଷଣ ଆକର୍ଷଣୀୟ ହୋଇଛି। ମଦନମୋହନ ଭିତର କୁଞ୍ଜରେ ବିଜେ କରିବାପରେ ଠାକୁରଙ୍କୁ ଟାହିଆ ଲାଗି, ଯାତଭୋଗ, ଆଳତି ଅନୁଷ୍ଠିତ ହୋଇଥିଲା।


**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୪।୮।୨୦୨୫

| ୩,୯୬,୩୯୯ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ଅଲାରନାଥଙ୍କ ପୀଠରେ ଝୁଲଣ ଯାତ୍ରା ଆରମ୍ଭ

ବ୍ରହ୍ମଗିରି, ୪।୮ (ସ୍ୱାଧୀନ ଚମ୍ପତିରାୟ)

ଶ୍ରାବଣ ମାସର ଦଶମୀ ଅର୍ଥାତ ସୋମବାର ଠାରୁ ଅଲାରନାଥଙ୍କ ମନ୍ଦିରରେ ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ଶରତ ରାସର ପୂର୍ବାଭାବ ଏହି ଝୁଲଣ ଯାତ୍ରା ହେଉଛି ଗୋପୀମାନଙ୍କ ଗହଣରେ ରାଧାକୃଷ୍ଣଙ୍କ ବିଳାସମୟ ଦୋଳିଖେଳ। ଭଜନ କୀର୍ତ୍ତନରେ ଗୁଞ୍ଜରିତ ହୋଇଉଠୁଛି ଅଲାରନାଥ ପୀଠ। ଏଥିପାଇଁ ସନ୍ଧ୍ୟା ପୂର୍ବରୁ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ହୋଇଥିଲା। ଏହି ଯାତ୍ରା ପାଇଁ ମନ୍ଦିର ପରିସର ଚଳଚଞ୍ଚଳ ହୋଇପଡ଼ିଛି। ଝୁଲଣ କୁଞ୍ଜ ପରିସରକୁ ଜମୁରା ରଙ୍ଗୀନ ପେପରରେ ଆକର୍ଷଣୀୟ ଭାବେ ସଜେଇ ଦିଆଯାଇଛି। ଏଥିସହ ରଙ୍ଗୀନ ଆଲୋକମାଳାରେ କୁଞ୍ଜ ପରିସର ଝଲସି ଉଠୁଛି। ଏହି ସୁସଜ୍ଜିତ କୁଞ୍ଜରେ ଗୋପୀମାନଙ୍କ ଗହଣରେ ରାଧାକୃଷ୍ଣ ଦୋଳିରେ ଝୁଲୁଛନ୍ତି। ଝୁଲଣ ଯାତ୍ରା ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ବହୁ ସଂଖ୍ୟାରେ ଦର୍ଶନାର୍ଥୀ ଝୁଲଣ ଯାତ୍ରା ଦେଖିବା ଲାଗି ଭିଡ଼ ଜମାଇଥିଲେ।

### ବାଇକ୍ ଧକ୍କାରେ ଜଣେ ଗୁରୁତର

କୋଣାର୍କ, ୪।୮ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧିନସ୍ଥ ନାଗାମଠ–ବାଲିକପିଳେଶ୍ୱର ଗ୍ରାମ୍ୟ ଉନ୍ନୟନ ରାସ୍ତାର ଅରଖକୁଦ ଗ୍ରାମ ଛକରେ ବାଇକ୍ ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। କୋଣାର୍କରୁ ବାଲିକପିଳେଶ୍ୱର ଅଭିମୁଖେ ରାଉଳପାଟଣା ଗ୍ରାମର ୩ ଯୁବକ ଦ୍ରୁତ ଗତିରେ ବାଇକ୍ ନଂ – ଓଡ଼ି–୧୩–ଟି–୩୭୧୧ ଯୋଗେ ଯାଉଥିବା ବେଳେ ଅରଖକୁଦ ଗ୍ରାମର ଫକିର ପ୍ରଧାନଙ୍କ ପୁଅ ଦୁଃଶାସନ ପ୍ରଧାନ (୫୫) ଶୌଚ ହେବା ପାଇଁ ରାସ୍ତା ପାର ହେଉଥିବା ବେଳେ ତାଙ୍କୁ ବାଇକ୍‌ଟି ଧକ୍କା ଦେଇଥିଲା। ଫଳରେ ଦୁଃଶାସନଙ୍କ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ଗୁରୁତର ହୋଇଥିଲେ। ଖବରପାଇ କୋଣାର୍କ ପୋଲିସ ପହଞ୍ଚି ଗୁରୁତର ଦୁଃଶାସନଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟ ପଠାଇ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରି ତଦନ୍ତ ଚଳାଇଛି।

### କାକଟପୁର ଥାନାରେ ଯୋଗ ଦେବେ ବସନ୍ତ କୁମାର ସାହୁ

କାକଟପୁର/ଅସ୍ତରଙ୍ଗ, ୪।୮ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲାରେ ଇନ୍ସପେକ୍ଟରସ୍ତରରେ ଅଦଳବଦଳ ହୋଇଛି। କାକଟପୁର ଥାନାଧିକାରୀ ଥିବା ଇନ୍ସପେକ୍ଟର ଉମେଶ କୁମାର ସାହୁଙ୍କୁ ଖୋର୍ଦ୍ଧା ଜିଲାକୁ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ରାମଚଣ୍ଡୀ ଥାନାର ଥାନାଧିକାରୀ ବସନ୍ତ କୁମାର ସାହୁ ଯୋଗଦେବେ। ସୂଚନାଯୋଗ୍ୟ, ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟ ଅର୍ଡର ନମ୍ବର–୨୨୨୮, ୩/୮/୨୦୨୫ ଅନୁଯାୟୀ ରାମଚଣ୍ଡୀ ଥାନାଧିକାରୀ ଇନ୍ସପେକ୍ଟର ବସନ୍ତ କୁମାର ସାହୁଙ୍କୁ କାକଟପୁର ଥାନାକୁ ବଦଳି ହୋଇଛି। ଖୁବ୍‌ଶୀଘ୍ର କାର୍ଯ୍ୟରେ ଯୋଗଦେବେ ବୋଲି ନୂତନ ଥାନାଧିକାରୀ ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।


ହରଚଣ୍ଡୀ ସାହି ଶିଶୁ ମନ୍ଦିରରେ ଛାତ୍ରୀଛାତ୍ରମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

## ମାଗଣା ଆୟୁର୍ବେଦ ସ୍ୱାସ୍ଥ୍ୟସେବା ଶିବିର

ପିପିଲି, ୪।୮ (ଦୁର୍ଗା ମାଧବ ମିଶ୍ର)

ନୀଳ ହୀରାମଣି ଫାଉଣ୍ଡେଶନ ପକ୍ଷରୁ ଚନ୍ଦ୍ରାଦେଇପୁର ପଞ୍ଚାୟତର ଡେରିକି ଅର୍ଦ୍ଧ–କପାଳେଶ୍ୱର ଶିବ ମନ୍ଦିର ପରିସରରେ ମାଗଣା ଆୟୁର୍ବେଦ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ବାସୁଦେବ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଗାଁଗୁଡ଼ିକରେ ଆୟୁର୍ବେଦ ଉପଯୋଗୀ ଗଛ ଯଥା ଅଁଳା, ନିମ୍ବ, ଜାମୁ, ବେଲ, ଅଶୋକ, ଅର୍ଜୁନ, ପିପ୍ପଳି, ଅଦା, ତୁଳସୀ ଆଦି ଚାରାରୋପଣ ଓ ତା'ର ସୁରକ୍ଷା ସହ ମହୁଚାଷ କ୍ଷେତ୍ରରେ ଉଦ୍ୟମ କରିବାକୁ ବିଧାୟକ ପଟ୍ଟନାୟକ ଫାଉଣ୍ଡେଶନର କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ଅଞ୍ଚଳରେ ଆୟୁର୍ବେଦ ଚିକିତ୍ସାରେ ରୋଗୀମାନେ କିଭଳି ଉପକୃତ ହେବେ ସେ ଦିଗରେ ଅନୁଷ୍ଠାନ ଯତ୍ନବାନ ହେଉ ବୋଲି ବିଧାୟକ ପଟ୍ଟନାୟକ କହିଥିଲେ। ଶିବିରରେ ସ୍ଥାନୀୟ ଅଞ୍ଚଳର ୧୧୭ ଜଣ ରୋଗୀ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଆବଶ୍ୟକୀୟ ଔଷଧ ସଂଗ୍ରହ କରିଥିଲେ। ଶିବିରର ସଫଳତା ପରେ ପିପିଲି ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ପର୍ଯ୍ୟାୟକ୍ରମେ ଏହିପରି ମାଗଣା ଆୟୁର୍ବେଦ ସ୍ୱାସ୍ଥ୍ୟସେବା ଅନୁଷ୍ଠିତ ହେବ ବୋଲି ଉକ୍ତ ଅନୁଷ୍ଠାନର ଟ୍ରଷ୍ଟି ପୂର୍ଣ୍ଣଚନ୍ଦ୍ର ସାହୁ ସୂଚନା ଦେଇଥିଲେ। ନୀଳ ହୀରାମଣି ଫାଉଣ୍ଡେଶନର ଏହି ମହତ୍ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଶ୍ରୀମନ୍ଦିର ଘଣ୍ଟ ନିଯୋଗର ବୈଠକ, ବନ୍ଧୁମିଳନ

ପୁରୀ, ୪।୮ (ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ମନ୍ଦିର ଘଣ୍ଟ ସେବାୟତ ନିଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ବଳିଆପଣ୍ଡାସ୍ଥିତ ବାବା ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ନିଯୋଗର ସଭାପତି ତଥା ବରିଷ୍ଠ ସେବାୟତ ଗୌରହରି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟତଃ ନିଯୋଗର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ନୀତି ସମ୍ପାଦନରେ ଥିବା ସମସ୍ୟାକୁ କିପରି ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରାଯାଇ ସମାଧାନ କରାଯିବ ସେନେଇ ବୈଠକରେ ନିଷ୍ପତ୍ତି ହୋଇଛି। ସଭାକାର୍ଯ୍ୟ ପ୍ରାରମ୍ଭରେ ନିଯୋଗର ସମ୍ପାଦକ ସୁବାସ ଚନ୍ଦ୍ର ମହାନ୍ତି ନିଯୋଗର ବାର୍ଷିକ ବିବରଣୀ ପାଠ କରିବା ସହ ଆୟବ୍ୟୟର ହିସାବ ଦେଇଥିଲେ। ପରେ ନିଯୋଗର ସମସ୍ତ ସଦସ୍ୟଙ୍କ ମଧ୍ୟରେ ଦୁଇବର୍ଷର ରଥ ପୁରସ୍କାର ଅର୍ଥ ବଣ୍ଟନ କରାଯାଇଥିଲା। ଏହି ଅବସରରେ ନିଯୋଗ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶ୍ରୀମନ୍ଦିର ଛତାର, ଓଳାର ଏବଂ ତରାଶ ସେବାୟତ ନିଯୋଗ, ଶ୍ରୀମନ୍ଦିର କାହାଳିଆ ସେବାୟତ ନିଯୋଗ ଏବଂ ବଜନ୍ତିରୀ ସେବାୟତ ନିଯୋଗ ସାମିଲ ଥିଲେ। ଉପରୋକ୍ତ ୪ ନିଯୋଗର ନିଜସ୍ୱ ଗୃହ ନ ଥିବାରୁ ସେବାୟତମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ୪ ନିଯୋଗକୁ ଏକ ଗୃହ ଯୋଗାଇଦେବାକୁ ବୈଠକରେ ଆଲୋଚନା ହୋଇଥିଲା। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କୁ ଏକ ପ୍ରତିନିଧି ଦଳ ସାକ୍ଷାତ୍ କରି ଆଲୋଚନା କରିବା ନେଇ ବୈଠକରେ ସ୍ଥିର କରାଯାଇଛି। ବୈଠକରେ ଜଗନ୍ନାଥ ମହାପାତ୍ର, ତୀର୍ଥବାସୀ ମହାପାତ୍ର, ଶଙ୍କର ପ୍ରଧାନ, ସୁଧାଂଶୁ ଶେଖର ମହାନ୍ତି, ପ୍ରସନ୍ନ କୁମାର ମହାନ୍ତି, ଦାମୋଦର ପଣ୍ଡା, ପ୍ରଦୀପ୍ତ କୁମାର ମହାନ୍ତି, ଘନଶ୍ୟାମ ମହାନ୍ତି, ଲକ୍ଷ୍ମୀନୃସିଂହ ପଣ୍ଡା, ଗୋପାଳ ମହାପାତ୍ର, ଶରତ ଚନ୍ଦ୍ର ମହନ୍ତି, ପବିତ୍ର କୁମାର ଜେନା, ଦୁର୍ଗା ପଣ୍ଡାଙ୍କ ସହ ୪ ନିଯୋଗର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ପରିଚାଳନାରେ ଗୋବିନ୍ଦ ମହାପାତ୍ର, ରାକେଶ କୁମାର ମହାନ୍ତି, ରାଜେଶ କୁମାର ମହାନ୍ତି, ନୃସିଂହ ପ୍ରଧାନ, ସର୍ବେଶ୍ୱର ପ୍ରଧାନ, ଜଗା ପ୍ରଧାନ, ମାନସ କୁମାର ମହାନ୍ତି, ଅନିଲ କୁମାର ମହାନ୍ତି ଓ ଅଜିତ୍ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରୀମନ୍ଦିରରୁ ପୁଣି ହିଡେନ୍ କ୍ୟାମେରା ଜବତକଲା ପୋଲିସ

ପୁରୀ, ୪।୮ (ଅଜିତ୍ କୁମାର ମହାନ୍ତି)

ପୁଣି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଢିଲା ଥିବା ନଜରକୁ ଆସିଛି। କିଛିଦିନ ତଳେ ଜଣେ ଯୁବକ ଚଷମାରେ ହିଡେନ୍ କ୍ୟାମେରା ନେଇ ଧରାପଡ଼ିଥିବା ଘଟଣା ସପ୍ତାହେ ନ ପୂରୁଣୁ ସୋମବାର ପୁଣି ଶ୍ରୀମନ୍ଦିରରୁ ହିଡେନ୍ କ୍ୟାମେରା ପୋଲିସ ଜବତ କରିଛି। ଉକ୍ତ ବ୍ୟକ୍ତିଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରିଛି। ସେ ହେଲେ ଗୁଜରାଟର ବିପୁଲ ପଟେଲ।

ସୂଚନାଯୋଗ୍ୟ, ବିପୁଲ ନିଜ ଚଷମାରେ କ୍ୟାମେରା ଫିଟିଂ କରି ଶ୍ରୀମନ୍ଦିର ଭିତରେ ଫଟୋ ଉଠାଉଥିଲେ। ଏନେଇ ଜେଟିପିଙ୍କୁ ସନ୍ଦେହ ହୋଇଥିଲା। ଶ୍ରୀମନ୍ଦିର ଭିତରେ ଥିବା କୀର୍ତ୍ତନଚକଡ଼ାଠାରୁ ହିଡେନ୍ କ୍ୟାମେରା ନେଇଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ସେଠାରେ ଦାୟିତ୍ୱରେ ଥିବା ଜେଟିପି ଶ୍ରଦ୍ଧାଳୁଙ୍କୁ କାବୁକରି ସିଂହଦ୍ୱାର ଥାନା ଜିମା ଦେଇଥିଲେ। ସିଂହଦ୍ୱାର ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ପଚରାଉଚରା କରିବା ସହ ସେ ରହୁଥିବା ହୋଟେଲକୁ ଯାଇ ଏକ ଚଷମା ଓ ମୋବାଇଲ ଫୋନ୍ ଜବତ କରିଛି। ପଚରାଉଚରା ସମୟରେ ବ୍ୟକ୍ତି ଜଣକ ଚଷମା ସହ କ୍ୟାମେରା ଫିଟିଂ ହୋଇଥିବା ଓ ହିଡେନ୍ କ୍ୟାମେରାରୁ ଉତ୍ତୋଳନ ଫଟୋ ନିଜ ମୋବାଇଲକୁ ଟ୍ରାନ୍ସଫର ହେଉଥିବା କହିଛନ୍ତି। ଏନେଇ ସିଂହଦ୍ୱାର ଥାନା ପୋଲିସ କେସ୍ ନଂ. ୧୨୦/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## ବିଜେଡି ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ଗୋପ, ୪।୮ (ଭାରତୀ ଭୂଷଣ ଉପାଧ୍ୟାୟ)

**ବଲଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଦାବି**

ଗୋପ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ସୋମବାର ଅପରାହ୍ନରେ ବଲଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ନିମାପଡ଼ା ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି।

ପ୍ରକାଶ ଯେ, ବଲଙ୍ଗା ପୀଡ଼ିତାଙ୍କୁ ରାଜ୍ୟ ସରକାର ଠିକ ଭାବରେ ଚିକିତ୍ସା ଯୋଗାଇ ନ ଦେବା ଓ ପୋଲିସ ପ୍ରଶାସନ ପକ୍ଷରୁ ଏହି ଘଟଣାରେ ଜଡ଼ିତ ଥିବା ଅଭିଯୁକ୍ତଙ୍କୁ ନ ଧରିବା, ରାଜ୍ୟ ପୋଲିସ ପ୍ରଶାସନ ପକ୍ଷରୁ ଏକ୍ସ ମାଧ୍ୟମରେ ତରବରିଆ ପୋଷ୍ଟ କରି କାହାରି ସମ୍ପୃକ୍ତି ନ ଥିବା ଆଦି ସୂଚନା ଦେବାକୁ ବିରୋଧ କରି ବିଜେଡି ବିକ୍ଷୋଭ ପ୍ରଦର୍ଶନ କରିଥିଲା। ବିଜୁ ଜନତା ଦଳର କର୍ମୀମାନେ ଗୋପ ବଜାର ଛକ ଉପରେ ଦୀର୍ଘ ସମୟ ଧରି ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦେଇ ଉପମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନରେ ବିଜେଡି ଯୁବନେତା କୁନା ଦାଶ, ଗୋଲାମ ବକ୍ସ, ଅପର୍ତ୍ତି ଦାଶ, ରମେଶ ଚନ୍ଦ୍ର ବାରିକ, ବଗା ହନାନା, ସନ୍ତୋଷ ସେଠି, ତୋଫାନ ପାଣି, ଧୁସା ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।


ବିଜେଡି ପକ୍ଷରୁ କୁଶପୁତ୍ତଳିକା ଦାହ କରାଯାଉଛି ।

## ମଙ୍ଗଳାନଦୀର ପୁନରୁଦ୍ଧାର କରାଯାଉ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ପୁରୀ, ୪।୮ (ଅଜିତ୍ କୁମାର ମହାନ୍ତି)

ପୁରୀ ମଙ୍ଗଳାନଦୀର ପୁନରୁଦ୍ଧାର ପାଇଁ ଗଠିତ ବୈଷୟିକ କମିଟି ମନମୁଖୀ କାର୍ଯ୍ୟକଳାପ କରୁଥିବା ଅଭିଯୋଗ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଙ୍ଗଳାନଦୀ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି'ର ସଦସ୍ୟଙ୍କ ପକ୍ଷରୁ ଏକ ଅଭିଯୋଗପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରଯାଇଛି।

ଅଭିଯୋଗରେ ଦର୍ଶାଇଛନ୍ତି ଯେ, ମଙ୍ଗଳାନଦୀର ପୁନରୁଦ୍ଧାର ପାଇଁ ଜିଲା ପ୍ରଶାସନ ଦ୍ୱାରା ବୈଷୟିକ କମିଟି ଗଠନ କରାଯାଇଥିଲା। ମାତ୍ର କମିଟିକୁ ଗ୍ରାମବାସୀ ଅଣଦେଖା କରି ଜଣେ ବ୍ୟକ୍ତିଙ୍କୁ ସାଙ୍ଗରେ ଧରି ନଦୀର ସ୍ଥିତି ପରଖିବା ଓ ବିହିତ ପଦକ୍ଷେପ ନେଉଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗତବର୍ଷ ଜୁଲାଇ ମାସରେ ଇରିଗେସନ ଅଧିକାରୀଙ୍କୁ ସାଙ୍ଗରେ ନେଇ ମଙ୍ଗଳାନଦୀ ପରିଦର୍ଶନ କରି ଲୋକଙ୍କ ଜୀବନଜୀବିକାର ନଦୀ ଓ ଐତିହ୍ୟ ସମ୍ପୂର୍ଣ୍ଣ ସାଂସ୍କୃତିକ ନଦୀର ପୁନରୁଦ୍ଧାର ପାଇଁ ପ୍ରତିଶ୍ରୁତି ଦେଇଥିଲେ। ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ଏକ ବୈଷୟିକ କମିଟି ଗଠନ କରିଥିବା ନେଇ ଜାଣିବାକୁ ପାଇଥିଲୁ। ପରେ ଦୁଇଥର ଉକ୍ତ କମିଟି, ନଦୀର ସ୍ଥିତି ପରଖିବା ଓ ନିରାକରଣ ପାଇଁ ଆବଶ୍ୟକୀୟ କାର୍ଯ୍ୟକ୍ରମ କରାଯାଇଛି। ପୁନର୍ବାର ତୃତୀୟ ବୈଠକ ଖଡ଼ିପଦା ଦେବୀ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା ଏବଂ ବହୁବାର ଡାକିବା ପରେ ସେହି ବ୍ୟକ୍ତି ବୈଠକକୁ ଆସିଲେ ଓ ବୈଠକରେ ଏକ ଅଦ୍ଭୁତ ମତ ରଖିଛନ୍ତି। ବୈଷୟିକ କମିଟି ତାଙ୍କୁ ଏକୁଟିଆ ନଦୀ ସର୍ବେକ୍ଷଣରେ ସହଯୋଗ କରିବା ପାଇଁ ଅନୁମତି ଦେଇଛନ୍ତି ଓ ବୈଷୟିକ କମିଟିର ବୈଠକରେ ନଦୀ ସମ୍ପର୍କରେ ନିଆଯାଉଥିବା ନିଷ୍ପତ୍ତିକୁ ଗୁପ୍ତ ରଖିବାକୁ ପରାମର୍ଶ ଦେଇଛନ୍ତି। ଏହାକୁ ନେଇ ମତାନ୍ତର ସୃଷ୍ଟି ହୋଇଛି। ଏନେଇ ସଦସ୍ୟ ୱାଟକୋ ମ୍ୟାନେଜର୍ ଓ ଇରିଗେଶନ ଅଧିକାରୀଙ୍କୁ ସାକ୍ଷାତ କରି ଉକ୍ତ ବ୍ୟକ୍ତିଙ୍କ ସମ୍ପୃକ୍ତି ସମ୍ପର୍କରେ ଆଲୋଚନା କରିଥିଲେ। କିନ୍ତୁ ବୈଷୟିକ କମିଟି ପୁଣି ସେହି ନିର୍ଦ୍ଦିଷ୍ଟ ବ୍ଯକ୍ତିଙ୍କୁ ନେଇ ନିକଟରେ ନଦୀ ସର୍ବେକ୍ଷଣ କରିଛନ୍ତି। ମଙ୍ଗଳାନଦୀର ପୁନରୁଦ୍ଧାର ନିମିତ୍ତ ସରକାର ଗଠନ କରିଥିବା ବୈଷୟିକ କମିଟି, ନଦୀପାର୍ଶ୍ୱର ଜନସାଧାରଣ ଓ ମଙ୍ଗଳାନଦୀ ସୁରକ୍ଷା କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନଙ୍କ ସହିତ ଖୋଲା ଆଲୋଚନା କରି ନଦୀ ସର୍ବେକ୍ଷଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହିତ ନଦୀ ଉଦ୍ଧାର ପାଇଁ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି କମିଟି ଦାବି କରିଛି।


ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କଲା କ୍ରିୟାନୁଷ୍ଠାନ କମିଟି ।

# ପାଠାଗାରରେ ବହି ଦେବାକୁ ନାହାନ୍ତି କର୍ମଚାରୀ

**ରାଜ୍ୟରେ ଶିକ୍ଷା ଭିତ୍ତିଭୂମି ଅବସ୍ଥା ଏମିତି**

- ଶହଶହ ଗ୍ରନ୍ଥାଗାରିକ ପଦବୀ ଖାଲି
- ଚାକିରି ନ ପାଇ ବେକାର ବସିଛନ୍ତି ହଜାର ହଜାର ଆଶାୟୀ

ଭୁବନେଶ୍ୱର,୪।୮ (ସୁଚିସ୍ମିତା ସାହୁ)


ଭୁବନେଶ୍ୱରସ୍ଥିତ ରାଜ୍ୟ ଗ୍ରନ୍ଥାଗାରରେ ଛାତ୍ରୀଛାତ୍ର ଓ ଚାକିରି ଆଶାୟୀ ପଢୁଛନ୍ତି।

ରାଜ୍ୟରେ ଆବଶ୍ୟକ ମୁତାବକ ପାଠାଗାର ରହିଛି, ହେଲେ ପାଠାଗାରରୁ ବହି ଦେବାକୁ କର୍ମଚାରୀ ନାହାନ୍ତି। ବହିର ରକ୍ଷଣାବେକ୍ଷଣ, ସଂଗ୍ରହ ଓ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ମଧ୍ୟ କେହିନାହାନ୍ତି। ରାଜ୍ୟ ଗ୍ରନ୍ଥାଗାରଠାରୁ ଆରମ୍ଭ କରି ଜିଲା ଗ୍ରନ୍ଥାଗାର ପର୍ଯ୍ୟନ୍ତ, ଏମିତିକି ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟରେ ଥିବା ପାଠାଗାରରେ ବର୍ଷ ବର୍ଷ ଧରି ଶହଶହ ପଦବୀ ଖାଲିପଡିଛି। ଏପଟେ ଲାଇବ୍ରେରିଆନ ପାଠପଢ଼ି ଦୀର୍ଘଦିନ ଧରି ଚାକିରି ପାଇବା ଆଶାରେ ହଜାର ହଜାର ଆଶାୟୀ ବେକାର ବସିଥିଲେ ମଧ୍ୟ ନିଯୁକ୍ତି ଦିଆଯାଉନାହିଁ। ଫଳରେ ବୟସ ଗଡିବା ସହ ସେମାନଙ୍କ ମାନସିକ, ପାରିବାରିକ, ସାମାଜିକ ସ୍ଥିତି ବିଗିଡିଯାଉଥିବାବେଳେ ସେପଟେ ପାଠାଗାରରୁ ବହି ନ ପାଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ରାଜ୍ୟ ସରକାର ଶିକ୍ଷା ଭିତ୍ତିଭୂମିକୁ ଗୁରୁତ୍ୱ ଦେଉଥିବାବେଳେ ପାଠାଗାରଗୁଡିକର ଏପରି ଦୟନୀୟ ସ୍ଥିତି ଅନେକ ପ୍ରଶ୍ନ ଛିଡ଼ା କରିଛି।

ରାଜଧାନୀ ଭୁବନେଶ୍ୱରରେ ରହିଛି ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର। ଏଠାରେ ୪୩ଟି ମଞ୍ଜୁରପ୍ରାପ୍ତ ପଦବୀ ରହିଥିବା ବେଳେ ଏବେ ମାତ୍ର ୨ଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ବାକିସବୁ ପଦବୀ ଖାଲି ରହିଥିବା ବିଦ୍ୟାର୍ଥୀମାନେ ଅଭିଯୋଗ କରିଛନ୍ତି। ଏଠାକୁ ବହୁ ଦୂର ଦୂରାନ୍ତରୁ ପିଲାମାନେ ବହି ପଢ଼ିବାକୁ ଆସୁଛନ୍ତି। କିଏ ଚାକିରି ପ୍ରସ୍ତୁତି ପାଇଁ ତ ଆଉ କିଏ ଶିକ୍ଷା ଗ୍ରହଣ ଲାଗି ଆସୁଛନ୍ତି। ବହୁ ଗରିବ ମେଧାବୀ ବହି କିଣି ନ ପାରି ଏଠାରେ ପଢ଼ାପଢ଼ି କରିଥାନ୍ତି। ଦୈନିକ ଏହି ଗ୍ରନ୍ଥାଗାରକୁ ଶହଶହ ପିଲା ପାଠପଢ଼ିବାକୁ ଆସୁଥିଲେ ସୁଦ୍ଧା କର୍ମଚାରୀ ଅଭାବ ଯୋଗୁ ନା ସେମାନେ ଠିକ୍‌ରେ ବହି କିମ୍ବା ଲାଇବ୍ରେରୀ କାର୍ଡ ପାଇପାରୁଛନ୍ତି, ଅବା ବସିବାକୁ ଜାଗା ପାଉଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡିକରେ ମଧ୍ୟ ୬୩ଟି ଲାଇବ୍ରେରିଆନ ପଦବୀ ପାଇଁ ବିଜେଡି ସରକାର ଅନୁମୋଦନ କରିଥିଲେ ସୁଦ୍ଧା ତାହା ଏଯାବତ ପୂରଣ ହୋଇପାରି ନାହିଁ। ଏଥିସହ ଓଡ଼ିଶା ଆର୍ଦଶ ବିଦ୍ୟାଳୟ (ଓଏଭି) ପାଇଁ ୩୧୪ ଏବଂ ଓଏମ୍‌ସି ଆର୍ଦଶ ବିଦ୍ୟାଳୟର ୫ଟି ଲାଇବ୍ରେରିଆନ ପଦବୀ ମଧ୍ୟରୁ ମାତ୍ର ଗୋଟିଏ ପଦବୀ ପୂରଣ ହୋଇଥିବା ଜଣାପଡିଛି। ଖାଲି ସେତିକି ନୁହେଁ, ରାଜ୍ୟର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡିକରେ ଦୀର୍ଘଦିନ ଧରି ପଦବୀଗୁଡିକ ଖାଲି ପଡିଥିବାରୁ ପିଲାମାନେ ବହି ପାଇ ନ ପାରି ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଚାକିରି ଆଶାୟୀମାନେ ଅଭିଯୋଗ କରିଛନ୍ତି ଯେ, ଗ୍ରନ୍ଥାଗାରଗୁଡିକରେ ଖାଲି ପଦବୀରେ ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କୁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ମଧ୍ୟ ଏଯାଏ କୌଣସି ପଦକ୍ଷେପ ନିଆଯାଉନି। ପ୍ରତିବର୍ଷ ୫ଶହରୁ ଉର୍ଦ୍ଧ୍ୱ ପିଲା ବ୍ୟାଚଲର ଇନ୍ ଲାଇବ୍ରେରୀ ଆଣ୍ଡ ଇନ୍‌ଫର୍‌ମେଶନ ସାଇନ୍ସ ଏବଂ ମାଷ୍ଟର ଇନ୍ ଲାଇବ୍ରେରୀ ସାଇନ୍ସ ପାଠକ୍ରମରୁ ଉତ୍ତୀର୍ଣ୍ଣ ହେଉଛନ୍ତି। ଏବେ ଚାକିରି ଆଶାରେ ହଜାର ହଜାର ଆଶାୟୀ ଅପେକ୍ଷା କରି ବସିଛନ୍ତି। ସୁନୀଲ କୁମାର ମିଶ୍ରଙ୍କ ଭଳି ବହୁ ଚାକିରି ଆଶାୟୀ କ୍ଷୋଭ ପ୍ରକାଶ କରି କହିଛନ୍ତି, ବର୍ଷ ବର୍ଷ ଧରି ଲାଇବ୍ରେରିଆନ ପଦବୀ ଖାଲିପଡୁଛି। ପିଲାମାନେ ପାଠପଢ଼ିବାକୁ ଠିକ୍ ଭାବେ ବହି ପାଇପାରୁ ନାହାନ୍ତି। ଆମେ ପାଠପଢ଼ି ବେକାର ବସିଥିଲେ ମଧ୍ୟ ନିଯୁକ୍ତି ଦିଆଯାଉ ନାହିଁ। ଶିକ୍ଷା କ୍ଷେତ୍ରରେ ଏ କି ଅବ୍ୟବସ୍ଥା ବୋଲି ସେ ପ୍ରଶ୍ନ କରିବା ସହ ଶୀଘ୍ର ଏଥିପ୍ରତି ଦୃଷ୍ଟି ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ପ୍ରଣତି ଦାସଙ୍କ ଏକକ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ


ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ସହ ଅନ୍ୟମାନେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

ଭୁବନେଶ୍ୱର, ୪।୮ (ସୌମ୍ୟରଞ୍ଜନ ରାଉତ)

ଚିତ୍ରଶିଳ୍ପୀ ପ୍ରଣତି ଦାସଙ୍କ ଏକକ ଚିତ୍ର କଳା ପ୍ରଦର୍ଶନୀ ଭୁବନେଶ୍ୱର କ୍ଲବ୍‌ରେ ସୋମବାର ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଚିତ୍ରଶିଳ୍ପୀ ପଦ୍ମଶ୍ରୀ ବିନୋଦ ମହାରଣା ଓ ମାନସରଞ୍ଜନ ଜେନା ଯୋଗଦେଇଥିଲେ। ପ୍ରଦର୍ଶନୀରେ ପ୍ରଣତି ଆଙ୍କିଥିବା ପ୍ରାୟ ୨୦ଟି ଚିତ୍ର ପ୍ରଦର୍ଶିତ ହୋଇଛି। ପ୍ରଣତି ଜଣେ ଗୃହିଣୀ ହେଲେ ମଧ୍ୟ ଚିତ୍ରକଳା ପ୍ରତି ତାଙ୍କର ଆଗ୍ରହ, ସାଧନା ଓ ନିଷ୍ଠା ତାଙ୍କୁ ଜଣେ ସୃଜନାତ୍ମକ ପ୍ରତିଭାର ପରିଚୟ ଦେଇଛି। ତାଙ୍କ ଚିତ୍ରକଳାରେ ନାରୀର ବିଶେଷ ପରିଚୟ , ବ୍ୟକ୍ତିତ୍ୱ , ସମ୍ମାନ, ସ୍ୱତନ୍ତ୍ରତା ସହ ସୌନ୍ଦର୍ଯ୍ୟ, ରୂପଚର୍ଯ୍ୟା, ବେଶଭୂଷାର ବିଶେଷତ୍ୱ, ଜୀବନଶୈଳୀ ଆଦି ଅନେକ କଥା ପ୍ରଦର୍ଶିତ ହୋଇଛି। ଏହି ପ୍ରଦର୍ଶନୀ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ସନ୍ଧ୍ୟାରେ ବିଶେଷ ଆସରରେ କଳା ବିଶେଷଜ୍ଞଙ୍କ ପକ୍ଷରୁ ଚିତ୍ରକଳା ସମ୍ପର୍କିତ ଚର୍ଚ୍ଚା ହେବ ବୋଲି ସୂଚନା ଦିଆଯାଇଛି।

## ରାଜ୍ୟର ୩ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏନ୍‌କ୍ୟୁଏଏସ୍ ମାନ୍ୟତା

ଭୁବନେଶ୍ୱର, ୪।୮ (ବନ୍ଦନା ସେଠୀ)

**କଳ୍ପନା ୟୁପିଏଚ୍‌ସିକୁ ମିଳିଲା ୯୭.୬୧% ମାର୍କ**

ଚିକିତ୍ସା କ୍ଷେତ୍ରରେ ଉଚ୍ଚମାନର ଗୁଣବତ୍ତା ବଜାୟ ରଖିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟର ୩ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜାତୀୟ ଗୁଣବତ୍ତା ଆଶ୍ୱାସନା ମାନକ (ଏନ୍‌କ୍ୟୁଏଏସ୍) ମାନ୍ୟତା ମିଳିଛି। ଭୁବନେଶ୍ୱର କଳ୍ପନାସ୍ଥିତ ୟୁପିଏଚ୍‌ସି (ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର) ପାରାମିଟର ପରୀକ୍ଷାରେ ୯୭.୬୧% ମାର୍କ ହାସଲ କରି ଏନ୍‌କ୍ୟୁଏଏସ୍ ପ୍ରମାଣପତ୍ର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ସେହିପରି ବରଗଡ଼ ଜିଲା କୁବେଡେଗା ଏସ୍‌ଏଚ୍‌ସି (ଉପସ୍ୱାସ୍ଥ୍ୟ କେନ୍ଦ୍ର) ୭୭.୩୪% ଏବଂ କୋରାପୁଟ ଜିଲା ସୁଣ୍ଡିପୁଟ ଏସ୍‌ଏଚ୍‌ସି ପାରାମିଟର ପରୀକ୍ଷାରେ ୯୫.୯୩% ମାର୍କ ରଖି ଏହି ମାନ୍ୟତା ହାସଲ କରିଛି।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦ୍ୱାରା ପରିଚାଳିତ କଳ୍ପନା ୟୁପିଏଚ୍‌ସିକୁ ଜାତୀୟ ମୂଲ୍ୟାଙ୍କନ ଦଳ ଜୁଲାଇ ୧୧ ଏବଂ ୧୨ରେ ଆସି ଯାଞ୍ଚ କରିଥିଲେ। ଜନସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସର୍ବୋଚ୍ଚ ମାନର ପାଳନ, ବିଶେଷକରି ପ୍ରତିଷେଧକ ଏବଂ ଆରୋଗ୍ୟ ସେବା, ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ସେବା ପ୍ରଦାନ, ଉପକରଣ ଓ ଭିତ୍ତିଭୂମିର ରକ୍ଷଣାବେକ୍ଷଣ, ନିଦାନ ସେବା, ନବଜାତ ଏବଂ ଶିଶୁ ଯତ୍ନ, ଟିକାକରଣ, କର୍ମଚାରୀଙ୍କ ପାଇଁ ସ୍ୱଚ୍ଛତା, ବର୍ଜ୍ୟ ପରିଚାଳନା ଆଦି ପାଇଁ ଏହି ମାନ୍ୟତା ମିଳିଛି। ଭୁବନେଶ୍ୱରରେ ଏନ୍‌କ୍ୟୁଏଏସ୍ ସାର୍ଟିଫିକେଟ ପାଇବାରେ ଏହା ହେଉଛି ଅଷ୍ଟମ ୟୁପିଏଚ୍‌ସି। ପୂର୍ବରୁ ଆଇଆର୍‌ସି ଭିଲେଜ, ଘାଟିକିଆ, ପୋଖରୀପୁଟ, ୟୁନିଟ-୩, ସତ୍ୟନଗର, ନୀଳାଦ୍ରି ବିହାର ଏବଂ ୟୁନିଟ-୯ ଏହି ମାନ୍ୟତା ହାସଲ କରିଛନ୍ତି। ସେହିପରି କୁବେଡେଗା ଏସ୍‌ଏଚ୍‌ସିରେ ଜୁଲାଇ ୧୨ ଏବଂ ସୁଣ୍ଡିପୁଟ ଏସ୍‌ଏଚ୍‌ସିରେ ଜୁଲାଇ ୧୯ରେ ମୂଲ୍ୟାଙ୍କନ ଦଳ ଯାଞ୍ଚ କରିଥିଲା। ଅତିରିକ୍ତ ଜିଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନୀଳମଣି ସେନାପତି କହିଛନ୍ତି, ସାର୍ଟିଫିକେଶନ ପାଇଁ ଯୋଗ୍ୟତା ହାସଲ କରିବାକୁ ଏହି ପରୀକ୍ଷାରେ ସର୍ବନିମ୍ନ ୭୦% ମାର୍କ ଆବଶ୍ୟକ ଏବଂ ଥରେ ସାର୍ଟିଫିକେଟ ହେବା ପରେ ସ୍ୱାସ୍ଥ୍ୟକେନ୍ଦ୍ର ଏହାକୁ ଭବିଷ୍ୟତ ପାଇଁ ଜାରି ରଖିବା ଆବଶ୍ୟକ ବୋଲି ସେ କହିଛନ୍ତି।



ଏନ୍‌କ୍ୟୁଏଏସ୍ ମାନ୍ୟତା ପାଇଥିବା କଳ୍ପନା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀମାନେ।

## ବୋମା ମାଡ଼ କରି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ

ନିଶ୍ଚିନ୍ତକୋଇଲି, ୪।୮ (ଅଶୋକ କୁମାର ମହାପାତ୍ର )

**ମହାବୀର ଜୁଏଲର୍ସ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ**

ନିଶ୍ଚିନ୍ତକୋଇଲି ଥାନା ଅସୁରେଶ୍ୱର ବଜାରରେ ଥିବା ଜୁଏଲାରୀ ଉପରେ ସୋମବାର ରାତିରେ ବୋମା ମାଡ଼ ହୋଇଛି। ଏଥିସହ ଗହଣା ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ କରି ଦୁର୍ବୃତ୍ତମାନେ ସୁନା ଅଳଙ୍କାର ଲୁଟିନେଇଛନ୍ତି। ଘଟଣାକୁ ନେଇ ବ୍ୟବସାୟୀ ମହଲରେ ଆତଙ୍କ ଖେଳିଯାଇଛି। ରାତି ପ୍ରାୟ ୯ଟାବେଳେ ଅସୁରେଶ୍ୱର ବଜାରରେ ବିଦ୍ୟୁତ କାଟ ହୋଇଥିଲା। ଏହାର ସୁଯୋଗ ନେଇ କେତେଜଣ ଦୁର୍ବୃତ୍ତ ମହାବୀର ଜୁଏଲର୍ସ ଉପରେ ବୋମାମାଡ଼ କରିଥିଲେ। ପରେ ଦୋକାନର ମାଲିକ ତଥା ସ୍ଥାନୀୟ ପାଇକିରାପୁର ଗ୍ରାମର କୈଳାସ ଚନ୍ଦ୍ର ସାହୁଙ୍କୁ ମରଣାନ୍ତକ ଆକ୍ରମଣ କରି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିଲେ। ସ୍ଥାନୀୟ ଲୋକେ ଆହତ କୈଳାସଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଖବରପାଇ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ରଜତ


@ ଅବିନାଶ


@ ଶାଶ୍ୱତ


@ ମାନସ


@ ଶିଶିର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଉଦ୍ୟମିତା କାହାଣୀ ବଖାଣିଥିଲେ ସୁଭଦ୍ରା ହିତାଧିକାରୀ

ଭୁବନେଶ୍ୱର,୪।୮ (ସୁଚିସ୍ମିତା ସାହୁ)

**କଥା ହେଲେ ଉପମୁଖ୍ୟମନ୍ତ୍ରୀ, ଆହୁରି ଫଳପ୍ରଦ ପାଇଁ ପରାମର୍ଶ ଲୋଡିଲେ**


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଭଦ୍ରା ହିତାଧିକାରୀଙ୍କ ସହ ଆଭାସୀ ମାଧ୍ୟମରେ କଥା ହେଉଛନ୍ତି।

ମାଲକାନଗିରି ଜିଲାର ମେରି ହରିଜନ ସୁଭଦ୍ରା ସହାୟତାକୁ ବ୍ୟବହାର କରି ସିଲେଇ କାର୍ଯ୍ୟ କରି ରୋଜଗାର କରୁଛନ୍ତି। ବାଲେଶ୍ୱରର ସରସ୍ୱତୀ ଜେନା ତାଙ୍କ ବିଉଟି ପାର୍ଲରକୁ ଆଗକୁ ବଢେଇ ପାରିଛନ୍ତି। ଖୋର୍ଦ୍ଧା ଜିଲାର ମମତା ପଟ୍ଟନାୟକ ଚାନ୍ଦୁଆ କାର୍ଯ୍ୟ ଆରମ୍ଭ କରୁଥିବା ବେଳେ ବଲାଙ୍ଗୀରର ପ୍ରମିଳା ତାଣ୍ଡି ଶାଢ଼ି ବୁଣା କାର୍ଯ୍ୟ କରୁଛନ୍ତି। କିଏ ଛତୁଚାଷ ତ ଆଉ କିଏ ଛୋଟ ଟିଫିନ ଦୋକାନ କରି ନିଜ ଗୁଜରାଣ ମେଣ୍ଟାଉଛନ୍ତି। ଏହିପରି ବିଭିନ୍ନ ଜିଲାର ସୁଭଦ୍ରା ହିତାଧିକାରୀମାନେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ କଥାହେବାବେଳେ ନିଜ ନିଜର ଉଦ୍ୟମିତା କାହାଣୀ ବଖାଣିଛନ୍ତି। ସୁଭଦ୍ରା ହିତାଧିକାରୀମାନେ ଆର୍ଥିକ ସ୍ୱାବଲମ୍ବୀ ହେବା ସହ ନିଜ ପରିବାରର ଆବଶ୍ୟକତାକୁ ପୂରଣ କରିପାରୁଥିବାରୁ ଉପମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିବା ସହ ସେମାନଙ୍କୁ ଆହୁରି ଉତ୍ସାହିତ କରିଛନ୍ତି।

ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ବିଭାଗୀୟ ସମ୍ମିଳନୀ କକ୍ଷରେ ସୋମବାର ସୁଭଦ୍ରା ଭଉଣୀ (ସୁଭଦ୍ରା ହିତାଧିକାରୀ)ଙ୍କ ସହ ବାର୍ତ୍ତାଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ସମସ୍ତ ଜିଲାର ସୁଭଦ୍ରା ଭଉଣୀଙ୍କ ସହ ଆଭାସୀ ମାଧ୍ୟମରେ କଥା ହୋଇ ସୁଭଦ୍ରା ସହାୟତାର ବ୍ୟବହାର ସମ୍ବନ୍ଧରେ ଆଲୋଚନା କରିଥିଲେ। ସୁଭଦ୍ରା ଭଉଣୀଙ୍କ ପାଇଁ ଗାଁ ଅର୍ଥନୀତି ଓ ଗାଁରେ ଡିଜିଟାଲାଇଜେଶନ ସୁଦୃଢ ହୋଇପାରୁଛି। ସମସ୍ତ ଜିଲାର ସଫଳ ସୁଭଦ୍ରା ହିତାଧିକାରୀଙ୍କ ସହ କଥା ହୋଇ ସେମାନଙ୍କ ଉଦ୍ୟମିତା କାହାଣୀ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସେ କହିଲେ, ଓଡିଶାର ମହିଳାମାନେ ପରସ୍ପରକୁ ସାହାଯ୍ୟ କରି ଏକ ଶୃଙ୍ଖଳ ମାଧ୍ୟମରେ ଉନ୍ନତି ପଥରେ ଅଗ୍ରସର ହୁଅନ୍ତୁ। ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନେ ସ୍ୱପ୍ନ ପୂରଣ କରିବାର ସୁଯୋଗ ପାଇଛନ୍ତି। ଏହି ଯୋଜନାକୁ ଆହୁରି ଫଳପ୍ରଦ କରିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗକୁ ଅବା ଉପମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସୁଭଦ୍ରା ହିତାଧିକାରୀମାନେ ତାଙ୍କର ସୁଚିନ୍ତିତ ପରାମର୍ଶ ପ୍ରଦାନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୁଭଦ୍ରା ଭଉଣୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

## କ୍ୟାମ୍ପସରେ ନିରାପଦ, ସକାରାତ୍ମକ ପରିବେଶ ସୃଷ୍ଟିକୁ ଗୁରୁତ୍ୱ

ଭୁବନେଶ୍ୱର,୪।୮ (ଅଭୟ ଦାଶ)

କଟକସ୍ଥ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟଠାରେ ନବାଗତ ବିଦ୍ୟାର୍ଥୀଙ୍କ ପାଇଁ 'କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ସହ ଯୌନ ଉତ୍ପୀଡ଼ନ ନିବାରଣ (ପୋଶ) ଆଇନ ୨୦୧୩' ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଏବଂ ରୋଭର୍-ରେଞ୍ଜର ୟୁନିଟ୍ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୟୁଜିସି ନିୟମାବଳୀ-୨୦୧୫ ସହ ସମନ୍ୱୟ ରକ୍ଷାକରି କାର୍ଯ୍ୟକ୍ଷେତ୍ରରେ ଯୌନ ଉତ୍ପୀଡ଼ନ ନିବାରଣ ସମ୍ପର୍କରେ ସଚେତନ କରାଯିବା ସହ କ୍ୟାମ୍ପସରେ ଏକ ନିରାପଦ ଓ ସକାରାତ୍ମକ ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା। କମିଶନରେଟ୍ ପୋଲିସର ଆଇଟି ଆଣ୍ଡ୍ ସୋସିଆଲ ମିଡିଆ ସେଲ୍ ଦାୟିତ୍ୱରେ ଥିବା ଏସିପି ଶୁଚିସ୍ମିତା ଦାସ ଯୋଗଦେଇ ବିଦ୍ୟାର୍ଥୀଙ୍କୁ ସାଇବର ଅପରାଧ ଓ ଆଇନଗତ ଦିଗ ସମ୍ପର୍କରେ କହିଥିଲେ। ଟାଟା ଷ୍ଟିଲ୍ ଲିମିଟେଡର ଆଇନ ପରାମର୍ଶଦାତା ରାଜଶ୍ରୀ କାନୁନଗୋ ପୋଶ୍ ଆକ୍ଟ ସମ୍ପର୍କରେ ବୁଝାଇ କହିଥିଲେ। ପ୍ରଫେସର ଅନିଶା ଆଖାରୁନ୍ନିସା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଆଇସିସି ଅଧ୍ୟକ୍ଷା ରହିଥିବାବେଳେ ଫାକଲଟି ସଦସ୍ୟ ଭାବେ ଡ. ଜୟଦୀପ ସାହୁ, ଡ. ପ୍ରଯକ୍ତା କାଡୁ କଦମ ଓ ଡ. ଜସ୍ମିନ୍ ଭୂୟାଁ, ଅଣଶିକ୍ଷକ କର୍ମଚାରୀ ସଦସ୍ୟ ଭାବେ ଆଦର୍ଶ ଭାଟେ ଓ ସୌଭାଗ୍ୟଲକ୍ଷ୍ମୀ ସାହୁ, ଅଖିଳା ଭି, ଏନ୍‌ଜିଓ ସଦସ୍ୟା ଭାବେ ପ୍ରମିଳା ନାଥ ଏବଂ ବିଦ୍ୟାର୍ଥୀ ସଦସ୍ୟ/ସଦସ୍ୟା ଭାବେ ଗର୍ବ ଆନନ୍ଦ, ଜ୍ୟୋତି କ୍ରିଷ୍ଣାମୋହନ ଏବଂ ବୈଷ୍ଣବୀ ଗଜାନନ ପାୱାର ରହିଛନ୍ତି। କୁଳପତି ପ୍ରଫେସର (ଡ.) ତେଜପ୍ରତାପ, ଆଇସିସି ଅଧ୍ୟକ୍ଷା ପ୍ରଫେସର ଅନିଶା ଆଖାରୁନ୍ନିସା ଏବଂ ରୋଭର ଲିଡର ଡ. ସନ୍ଦୀପ ରାଉତ ଉପସ୍ଥିତ ଥିଲେ।



ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟଠାରେ ପୋଶ୍ ଆକ୍ଟ ଉପରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ସିସିଟିଭି ଫୁଟେଜ୍‌କୁ ନେଇ କ୍ରାଇମବ୍ରାଞ୍ଚର ତନାଘନା

## ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା

### ଜେଲ ଗଲେ ଜ୍ୟୋତି ପ୍ରକାଶ, ଶୁଭ୍ରସମ୍ବିତ

ବାଲେଶ୍ୱର,୪।୮ (ବାଞ୍ଛାନିଧି ଦେ)



ପୀଡ଼ିତା ଆତ୍ମାହୁତି ଦେବାର କିଛି ଘଣ୍ଟା ପୂର୍ବରୁ ସାଇକେଲରେ ଯାଉଥିବାର ସିସିଟିଭି ଦୃଶ୍ୟ।

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣା ଏବେବି ରହସ୍ୟଘେରରେ। କ୍ରାଇମବ୍ରାଞ୍ଚ, ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଓ ଉଚ୍ଚଶିକ୍ଷା ବିଭାଗର ଉଚ୍ଚସ୍ତରୀୟ ଟିମ୍ ପକ୍ଷରୁ ତଦନ୍ତ ଜାରି ରହିଛି। ଏଯାବତ୍ ୪ଜଣ ଗିରଫ ହୋଇଥିଲେ ହେଁ ପ୍ରକୃତ ଘଟଣାର ପର୍ଦ୍ଦାଫାସ ହୋଇପାରୁନି। ଘଟଣାଦିନର ଏକ ନୂତନ ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିବା ପରେ କ୍ରାଇମବ୍ରାଞ୍ଚ ପକ୍ଷରୁ ତନାଘନା ଜାରି ରହିଛି।

ପୀଡ଼ିତାଙ୍କ ନିକଟରେ କିପରି ପେଟ୍ରୋଲ ପହଞ୍ଚିଲା ଏଯାଏ କ୍ରାଇମବ୍ରାଞ୍ଚ ହାତରେ କୌଣସି ଠୋସ୍ ପ୍ରମାଣ ଲାଗିନି। ତେବେ ଆତ୍ମାହୁତି ପୂର୍ବରୁ ପୀଡ଼ିତା ସାଇକେଲରେ ଯାଇଥିବାର ଏକ ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି। ଆତ୍ମାହୁତି ଉଦ୍ୟମ ଦିନ ପୀଡ଼ିତା ସାଇକେଲରେ ଉକ୍ତ ପେଟ୍ରୋଲ ପମ୍ପ ରାସ୍ତାରେ ଯାଉଥିବା କୁହାଯାଉଛି। ଏହା ଜୁଲାଇ ୧୨ ତାରିଖ ପୂର୍ବାହ୍ନ ୧୦ଟା ୪୪ ମିନିଟ ବେଳର ସିସିଟିଭି ଫୁଟେଜ ବୋଲି ଜଣାପଡ଼ିଛି। ଫକୀରମୋହନ କଲେଜରୁ ଚାନ୍ଦିପୁର ଆଡ଼କୁ ଯାଉଥିବା ରାସ୍ତାର ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି। ପ୍ରକୃତରେ ପୀଡ଼ିତା ସାଇକେଲରେ କୁଆଡ଼େ ଯାଉଥିଲେ ତାହାର ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ। ଏଥିସହ ଆଖପାଖରେ ଥିବା ଅନ୍ୟ ସିସିଟିଭି ଫୁଟେଜକୁ ବି ଖୋଜୁଛି କ୍ରାଇମବ୍ରାଞ୍ଚ।

ଅପରପକ୍ଷରେ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାର ୨୩ ଦିନ ପରେ କ୍ରାଇମବ୍ରାଞ୍ଚ ଜଣେ ଛାତ୍ର ଓ ଜଣେ ଅଣଛାତ୍ରଙ୍କୁ ରବିବାର ବିଳମ୍ବିତ ରାତିରେ ଗିରଫ କରିଛି। ଗିରଫ ଛାତ୍ର ହେଲେ ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଅଣଛାତ୍ର ଶୁଭ୍ରସମ୍ବିତ ନାୟକ। ଉଭୟଙ୍କୁ ରାତିରେ ବାଲେଶ୍ୱର ଏସ୍‌ଡିଜେଏମ୍‌ଙ୍କ ଆବାସିକ କାର୍ଯ୍ୟାଳୟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଦୁହିଁଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଜ୍ୟୋତିପ୍ରକାଶ ପୀଡ଼ିତା ସୌମ୍ୟାଶ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ଆହତ ହୋଇଥିଲେ। ପୂର୍ବରୁ ପୋଲିସ ଏଚ୍‌ଓଡି ସମୀର ସାହୁ ଓ ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ୟୁନୋ ପାସ୍‌ୱାର୍ଡ ଚେଞ୍ଜ୍ ବେଳେ ଆକାଉଣ୍ଟରୁ କଟିଗଲା ୫.୫ ଲକ୍ଷ

### ଡିଜିଟାଲ ଠକେଇର ଶିକାର ହେଲେ ବୟସ୍କ ନାଗରିକ

କାମାକ୍ଷାନଗର, ୪।୮ (ସୁଧୀର କୁମାର ପରିଡ଼ା)

ଏସ୍‌ବିଆଇ ୟୁନୋ ଆକାଉଣ୍ଟର ପାସ୍‌ୱାର୍ଡ ଚେଞ୍ଜ କରୁଥିବା ବେଳେ ଡିଜିଟାଲ ଠକେଇର ଶିକାର ହୋଇଛନ୍ତି ଜଣେ ବୟସ୍କ ନାଗରିକ । ତାଙ୍କ ଆକାଉଣ୍ଟରୁ ୫ଲକ୍ଷ ୪୯ ହଜାର ୯୯୫ ଟଙ୍କା କଟିଯାଇଛି। କାମାକ୍ଷାନଗର ସହର ୬ ନମ୍ବର ୱାର୍ଡର କୀର୍ତ୍ତନ ବିଶ୍ୱାଳ ରବିବାର ନିଜ ମୋବାଇଲରେ ୟୁନୋ ଆକାଉଣ୍ଟର ପାସ୍‌ୱାର୍ଡ ପରିବର୍ତ୍ତନ କରିବାକୁ ଚାହୁଁଥିଲେ। ସେ ମୋବାଇଲରେ ଏ ସମ୍ପର୍କରେ ଦେଖୁଥିବା ବେଳେ ତାଙ୍କ ଫୋନ୍‌କୁ ଏକ ଲିଙ୍କ୍ ଆସିଥିଲା। ଏଥିରେ ନିଜ ଆଧାର କାର୍ଡ, ବ୍ୟାଙ୍କ ପାସ୍‌ବୁକ୍ ନମ୍ବର ଇତ୍ୟାଦି ଅପ୍‌ଲୋଡ କରିଥିଲେ। ପରେ ସେ ଏକ ଫୋନ ରିସିଭ କରିଥିଲେ। ଏହାର କିଛି ସମୟ ପରେ କୀର୍ତ୍ତନଙ୍କ ଆକାଉଣ୍ଟର ହଠାତ ତାଙ୍କ ଫୋନ୍ ହ୍ୟାକ୍ ହୋଇଯାଇଥିଲା। ଫୋନ ମରାମତି କରିବା ପରେ ତାଙ୍କ ଆକାଉଣ୍ଟରୁ ତିନିଥରରେ ୫ ଲକ୍ଷ ୪୯ ହଜାର ୯୯୫ ଟଙ୍କା କଟିଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# କୋଟିପତି ଏମ୍‌ଭିଆଇ ଗୋଲାପଙ୍କ ୬୩୦% ଆୟ ବହିର୍ଭୂତ ସମ୍ପତ୍ତି

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ବାରିପଦା, ୪।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

### ଗିରଫ ପରେ ଜେଲ ଗଲେ



ଗୋଲାପ ଚନ୍ଦ୍ର ହାଁସଦା

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୌଦ୍ଧ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ର ମୋଟର ଭେଇକିଲ୍ ଇନ୍ସପେକ୍ଟର (ଏମ୍‌ଭିଆଇ) ଗୋଲାପ ଚନ୍ଦ୍ର ହାଁସଦାଙ୍କୁ ସୋମବାର ଭିଜିଲାନ୍ସ ନିର୍ଦ୍ଦେଶାଳୟ ଗିରଫ କରିଛି। ଠାବ ହୋଇଥିବା ବିପୁଳ ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୬୩୦ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ସମ୍ପତ୍ତି ନେଇ ଗୋଲାପଚନ୍ଦ୍ର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୭/୨୦୨୫) ରୁଜୁ କରାଯାଇଛି। ଅଭିଯୁକ୍ତ ଗୋଲାପଚନ୍ଦ୍ରଙ୍କୁ ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ରବିବାର ଗୋଲାପଙ୍କ ଘର ସମେତ ବାରିପଦା, ବୌଦ୍ଧ ଓ ଭୁବନେଶ୍ୱରର ୬ ସ୍ଥାନରେ ଚଢ଼ାଉ କରାଯାଇଥିଲା। ବାରିପଦା ପ୍ରଫୁଲ୍ଲ ନଗରରେ ତାଙ୍କର ଏକ ଦୁଇମହଲା କୋଠା, ବାରିପଦାରେ ୪ଟି ପ୍ଲଟ୍ ଓ ବାଲେଶ୍ୱର ଟାଉନ ଉପକଣ୍ଠରେ ଗୋଟିଏ ପ୍ଲଟ୍ ଠାବ ହୋଇଥିଲା। ଏହାବ୍ୟତୀତ ଗୋଲାପଙ୍କ ଘରୁ ନଗଦ ୨.୩୮ ଲକ୍ଷ ଟଙ୍କା, ଏକ କେଜି ସୁନା ଓ ୨.୧୨୬ କେଜି ରୁପା ଅଳଙ୍କାର ମିଳିଥିଲା। ସେହିପରି ସେ ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମାରେ ୧.୩୪ କୋଟି ରଖିଥିବାବେଳେ ଝିଅର ଡାକ୍ତରୀ ପଢ଼ା ବାବଦକୁ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଭିଜିଲାନ୍ସ ପ୍ରମାଣ ପାଇଥିଲା। ଏଥିସହ ଗୋଟିଏ କାର୍, ୩ଟି ଦୁଇଚକିଆ ଯାନ ଓ ୧୬.୬ ଲକ୍ଷ ଟଙ୍କାର ଘରୋଇ ଉପକରଣକୁ ସମ୍ପତ୍ତି ତାଲିକାରେ ଯୋଡିଛି ଭିଜିଲାନ୍ସ। ଏସବୁର କାଗଜପତ୍ର ଜବତ କରିବା ସହ ଭିଜିଲାନ୍ସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି।

# ପୂର୍ବ ବିବାଦରୁ ମହିଳାଙ୍କୁ ହତ୍ୟା

ଖୋର୍ଦ୍ଧା,୪।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଅଣ୍ଡାବନମାଳୀପୁରରେ ସୋମବାର ସନ୍ଧ୍ୟାରେ ପୂର୍ବ ବିବାଦକୁ କେନ୍ଦ୍ରକରି ଜଣେ ମହିଳାଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତା ହେଲେ ସେହି ଗ୍ରାମର ମନୋରମା ପ୍ରଧାନ (୫୪)। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ, ମନୋରମାଙ୍କର ତାଙ୍କ ଦିଅରଙ୍କ ସହ ଜାଗାବାଡ଼ିକୁ ନେଇ ଦୀର୍ଘଦିନ ହେଲା ପାରିବାରିକ ବିବାଦ ରହିଥିଲା। ଏହି ବିବାଦ ସୋମବାର ସନ୍ଧ୍ୟାରେ ଉଗ୍ରରୂପ ନେଇଥିଲା। ଉଭୟଙ୍କ ମଧ୍ୟରେ ବଚସା ଓ ଠେଲାପେଲା ହୋଇଥିବାବେଳେ ଦିଅର ମନୋରମାଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ମନୋରମାଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ ଏବଂ ଏସ୍‌ଆଇ ଜୟନ୍ତ ଭଞ୍ଜ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର

### ଅଭିଯୁକ୍ତ ଥାନାରେ ଅଟକ, ପୋଲିସର ତଦନ୍ତ ଜାରି

ଯାଜପୁରଟାଉନ,୪।୮ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ଟାଉନ ଥାନା ଅଞ୍ଚଳରେ ରବିବାର ଏକ ଲଜ୍ଜାଜନକ ଘଟଣା ଘଟିଛି । ଜଣେ ୪ ବର୍ଷୀୟା ନାବାଳିକାଙ୍କୁ ଜଣେ ଯୁବକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି । ଏହି ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୩୫୭/୨୫) ରୁଜୁ କରି ଦଶରଥପୁର ବ୍ଲକ ଅସନପୁର ପଞ୍ଚାୟତ କଣ୍ଟାବଣିଆ ଗ୍ରାମର ଅଲେଖ ମଲିକ(୨୬)ଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି ।

ଅଭିଯୋଗ ଅନୁଯାୟୀ, କଣ୍ଟାବଣିଆ ଗ୍ରାମର ଅଲେଖ ଯାଜପୁର ଥାନା ଅଧୀନ ନାବାଳିକାଙ୍କ ଗ୍ରାମରେ ଥିବା ନିଜ ବନ୍ଧୁ ଘରକୁ ଆସିଥିଲେ। ରବିବାର ଅପରାହ୍ନ ପ୍ରାୟ ୫ଟା ସମୟରେ ନାବାଳିକା ଜଣକ ଗାଁ ଦାଣ୍ଡରେ ଅନ୍ୟ ପିଲାମାନଙ୍କ ସହ ଖେଳୁଥିଲେ। ଅଲେଖ ଚକୋଲେଟ୍ ଦେବା ବାହାନାରେ ତାଙ୍କୁ ନିଜ ବାଇକ୍‌ରେ ବସାଇ ରାମବାଗ ବଜାରକୁ ନେଇଥିଲେ। ଏହି ସୁଯୋଗରେ ସେ ନାବାଳିକାଙ୍କୁ କୌଣସି ସ୍ଥାନକୁ ନେଇ ବଳାତ୍କାର କରିଥିଲେ । ଏହାପରେ ସେ ନାବାଳିକାଙ୍କୁ ତାଙ୍କ ଘରେ ଛାଡ଼ି ଦେଇଥିଲେ। ସେଦିନ ରାତିରେ ନାବାଳିକା ପରିସ୍ରା କରିବାକୁ କଷ୍ଟ ଅନୁଭବ କରିଥିଲେ । ଏପରି କି ପରିସ୍ରା କରିବା ବେଳେ ରକ୍ତ ପଡିବାରୁ ପରିବାର ଲୋକେ ନାବାଳିକାଙ୍କୁ ଏ ସଂକ୍ରାନ୍ତରେ ପଚରାଉଚରା କରିଥିଲେ । ହେଲେ ନାବାଳିକା ଜଣକ ଠିକ୍ ଭାବେ କିଛି କହିପାରି ନ ଥିଲେ। ମାତ୍ର ଗାଁର ଛୋଟ ପିଲାମାନେ ଅଲେଖ ତାଙ୍କୁ ଚକୋଲେଟ ଖାଇବାକୁ ଦେବା ବାହାନାରେ ନେଇ ଯାଇଥିଲେ ବୋଲି କହିଥିଲେ। ଫଳରେ ପରିବାର ଲୋକଙ୍କ ସନ୍ଦେହ ବଢ଼ିଥିଲା । ସେଦିନ ବିଳମ୍ବିତ ରାତିରେ ନାବାଳିକାଙ୍କ ବାପା ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପ୍ରାଥମିକ ପର୍ଯ୍ୟାୟରେ ପୋଲିସ ପୀଡ଼ିତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇ ଡାକ୍ତରୀମାଇନା କରାଇବା ସହ ତା'ର ପରିବାର ଲୋକଙ୍କ ବୟାନ ରେକର୍ଡ଼ କରିଛି।

# ତାମିଲନାଡୁରୁ ଶିବକୁମାରଙ୍କୁ ଗିରଫ କଲା ସିବିଆଇ

ଭୁବନେଶ୍ୱର,୪।୮ (ସତ୍ୟଜିତ୍ ରାଉତ)

### ୧୭ କୋଟିରୁ ଊର୍ଦ୍ଧ୍ୱ ଚିଟ୍‌ଫଣ୍ଡ୍ ଠକେଇ

ଓଡ଼ିଶାରେ ୧୭ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଫେରାର ଥିବା ଶିବକୁମାର ଗଙ୍ଗାଧରନ ଓରଫ ଜି. ଶିବକୁମାର (୪୯) ଧରାପଡିଛନ୍ତି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଭୁବନେଶ୍ୱର ଶାଖା ତାଙ୍କୁ ତାମିଲନାଡୁ କରୁର୍‌ରୁ ରବିବାର ଗିରଫ କରିଛି। ତାଙ୍କୁ ସ୍ୱତନ୍ତ୍ର ସିଜେଏମ୍ କୋର୍ଟକୁ ଚାଲାଣ କରାଯିବା ପରେ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସିବିଆଇ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୋମବାର ସୂଚନା ଦିଆଯାଇଛି। ଶିବକୁମାର ତାମିଲନାଡୁ କୋଏମ୍ବାଟୁର୍ ଅଞ୍ଚଳର ବାସିନ୍ଦା। ସେ ହେଉଛନ୍ତି 'ରାଇଟ୍‌ମାକ୍ସ ଟେକ୍ନୋଟ୍ରେଡ୍ ଇଣ୍ଟରନ୍ୟାଶନାଲ୍ ଲିମିଟେଡ୍'ର ନିର୍ଦ୍ଦେଶକ। ରାଇଟ୍‌ମାକ୍ସର ଚିଟ୍‌ଫଣ୍ଡ ସ୍କାମ୍ ନେଇ ସିବିଆଇ ପକ୍ଷରୁ ୨୦୧୪ରେ ମାମଲା ରୁଜୁ କରାଯାଇଥିଲା। ତେବେ ୨୦୧୮ ମସିହାରୁ କମ୍ପାନୀର ଏମ୍‌ଡି ଶିବକୁମାର ଗିରଫଦାରିକୁ ଏଡାଇବା ପାଇଁ ନିୟମିତ ନିଜ ସ୍ଥାନ ବଦଳାଇ ଚାଲିଥିଲେ। ୨୦୧୯ରେ ସିବିଆଇ ପକ୍ଷରୁ ତାଙ୍କୁ ଅପରାଧୀ ଭାବେ ଘୋଷଣା କରିବା ସହ ଖୋଜାଖୋଜି ଚଳାଥିଲେ ମଧ ପାଇ ନ ଥିଲା। ପରେ ଟେକ୍ନିକାଲ୍ ଓ ଅନ୍ୟାନ୍ୟ ତଥ୍ୟ ଆଧାରରେ ତାଙ୍କୁ ତାମିଲନାଡୁରେ ଠାବ କରାଯିବା ପରେ ଧରିବାକୁ ଯୋଜନା କରାଯାଇଥିଲାବୋଲି ସିବିଆଇ ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବେଙ୍ଗାଲୁରୁରେ ପଞ୍ଜୀକୃତ ଶିବକୁମାରଙ୍କ କମ୍ପାନୀ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଠକେଇ କରିଥିଲା। ଗୋଟିଏ ଥର ୧୦ ହଜାର ଡିପୋଜିଟ୍ କଲେ ୩୩ ମାସ ପର୍ଯ୍ୟନ୍ତ ମାସକୁ ହଜାରେ ଟଙ୍କା ଲେଖାଏ ସୁଧ ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଉଥିଲା। ବିଶେଷକରି ଓଡ଼ିଶାର ଗଞ୍ଜାମ ଓ ଗଜପତି ଜିଲାରେ ବହୁ ଲୋକ ଏହି ଠକେଇ ଜାଲରେ ପଡିଥିଲେ। ଅଧିକ ଲାଭ ମିଳିବା ଲୋଭରେ ନିବେଶକାରୀମାନେ ଉକ୍ତ କମ୍ପାନୀରେ ବହୁ ଟଙ୍କା ଲଗାଇଥିବା ବେଳେ ଠକାମିର ଶିକାର ହୋଇଥିଲେ।

## BUSINESS

# ଟାଟା ପାୱାରର ଟିକସ ପରବର୍ତ୍ତୀ ଲାଭ ୧୨୬୨ କୋଟି

ଭୁବନେଶ୍ୱର,୪।୮ (ଅଭୟ ଦାଶ)

TATA
TATA POWER

ଟାଟା ପାୱାରର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲାବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ବ୍ୟବସାୟ ଫଳାଫଳକୁ ମଧ ଘୋଷଣା କରାଯାଇଛି। ଏହି ସମୟ ମଧରେ କମ୍ପାନୀ ୬% ବୃଦ୍ଧି ସହ ୧୨୬୨ କୋଟି ଟଙ୍କାର ଟିକସ ପରବର୍ତ୍ତୀ ଲାଭ (ପିଏଟି) ହାସଲ କରିଛି। ଫଳରେ କମ୍ପାନୀର ରାଜସ୍ୱ ପରିମାଣ ୪% ବୃଦ୍ଧି ପାଇ ୧୭,୪୬୪ କୋଟି ଟଙ୍କା ହୋଇଛି। କମ୍ପାନୀର ଏବିଟଡା ୧୭% ବୃଦ୍ଧି ପାଇ ୩୯୩୦ କୋଟି ଟଙ୍କା ଏବଂ ଅକ୍ଷୟ ଶକ୍ତିର ଟିକସ ପରବର୍ତ୍ତୀ ଲାଭ ୯୫% ବୃଦ୍ଧି ସହ ୫୩୧ କୋଟି ଟଙ୍କା ହୋଇଛି। ସେହିଭଳି ପ୍ରଥମ ତ୍ରୈମାସିକରେ କମ୍ପାନୀ ୯୪ମେଗାୱାଟର ଅକ୍ଷୟ ଶକ୍ତି କ୍ଷମତା ଯୋଡ଼ିଛି। ଫଳରେ ଏହାର ମୋଟ ଅକ୍ଷୟ ଶକ୍ତି କ୍ଷମତା ୫.୬ ଗିଗାୱାଟକୁ ବୃଦ୍ଧି ପାଇଛି। ଏପରିକି ରୁଫଟପ ସୋଲାର କ୍ଷେତ୍ରରେ କମ୍ପାନୀ ଏକ ନମ୍ବର ସ୍ଥାନ ବଜାୟ ରଖିଛି। କମ୍ପାନୀ ମୋଟ ୨ ଲକ୍ଷ ରୁଫଟପ ସୋଲାର ସ୍ଥାପନ କରିଛି। ଏହି ବର୍ଗରୁ କମ୍ପାନୀ ୮୨୩ କୋଟି ଟଙ୍କାର ରାଜସ୍ୱ ହାସଲ କରିଛି। କେବଳ ପ୍ରଥମ ତ୍ରୈମାସିକରେ ୪୫,୫୦୦ରୁ ଅଧିକ ରୁଫଟପ ସୋଲାର ସ୍ଥାପନ କରାଯାଇଛି। ସେହିପରି କମ୍ପାନୀ ଏଥିରେ ୯୦ କୋଟି ଟଙ୍କାର ଟିକସ ପରବର୍ତ୍ତୀ ଲାଭ ହାସଲ କରିବା ସହ ୨୭୦ ଏମଡବ୍ଲ୍ୟୁପି ସୌର ପ୍ରକଳ୍ପ କାର୍ଯ୍ୟକ୍ଷମ କରିଛି।ଏହା ଗତ ବର୍ଷର ୧୧୧ ଏମଡବ୍ଲ୍ୟୁ ତୁଳନାରେ ୧୪୩% ଅଧିକ ବୋଲି କୁହାଯାଇଛି। କମ୍ପାନୀ ପାଇଁ ବିନିର୍ମାଣ ଏକ ପ୍ରମୁଖ ଯୋଗଦାନକାରୀ ଭାବେ ଉଭା ହୋଇଛି। ଟିପି ସୋଲାରର ଟିକସ ପରବର୍ତ୍ତୀ ଲାଭ ୧୦୦କୋଟି ଟଙ୍କା ଥିବାବେଳେ ରାଜସ୍ୱ ୧୬୧୩ କୋଟି ଟଙ୍କା ରହିଛି। ଏହି ସମୟରେ କମ୍ପାନୀ ୯୪୯ ମେଗାୱାଟର ସୋଲାର ମଡ୍ୟୁଲ ଓ ୯୦୪ ମେଗାୱାଟର ସୋଲାର ସେଲ ଉତ୍ପାଦନ କରିଛି। ଟାଟା ପାୱାରର ସଂଚରଣ ଓ ବଣ୍ଟନ (ଟିଆଣ୍ଡଡି) ବ୍ୟବସାୟର ଟିକସ ପରବର୍ତ୍ତୀ ଲାଭ ୨୬% ବୃଦ୍ଧି ପାଇ ୪୪୦ କୋଟି ଟଙ୍କା ହୋଇଛି। ଓଡ଼ିଶା ଡିସକମଗୁଡ଼ିକର ଟିକସ ପରବର୍ତ୍ତୀ ଲାଭ ୧୫୬% ବୃଦ୍ଧି ପାଇ ୧୦୫ କୋଟି ଟଙ୍କା ହୋଇଛି। କମ୍ପାନି ମହାରାଷ୍ଟ୍ରରେ ବଣ୍ଟନ ଲାଇସେନ୍ସ ସମ୍ପ୍ରସାରଣ ପାଇଁ ଆବେଦନ କରିଛି। ଭୁଟାନର ସୁନୁ ଜଳ ବିଦ୍ୟୁତ ପ୍ରକଳ୍ପରୁ ୧୮ମେଗାୱାଟ ପାଇଁ ବିଦ୍ୟୁତ ବିନିମୟ ଜରିଆରେ ସୀମାପାର ବିଦ୍ୟୁତ ବିକ୍ରି ଆରମ୍ଭ କରିଛି।

ଏ ସମ୍ପର୍କରେ ଟାଟା ପାୱାରର ଏମ୍‌ଡି ତଥା ସିଇଓ ଡ.ପ୍ରବୀର ସିହ୍ନା କହିଛନ୍ତି, ସମସ୍ତ ବ୍ୟବସାୟ କ୍ଷେତ୍ରରେ ଦୃଢ଼ ପ୍ରଦର୍ଶନ ସହ ଚଳିତ ଆର୍ଥିକ ବର୍ଷରୁ ଆମେ ଦୃଢ଼ ଭାବେ ଅଭିବୃଦ୍ଧି ଆରମ୍ଭ କରିଛୁ। ସ୍ୱଚ୍ଛ ଶକ୍ତି ମୂଲ୍ୟ ଶୃଙ୍ଖଳାରେ ଆମେ ନବସୃଜନ, ଦକ୍ଷତା ଓ ବ୍ୟାପକତାକୁ ବଢ଼ାଉଥିବାବେଳେ ଅକ୍ଷୟ ଶକ୍ତି ପୋର୍ଟଫୋଲିଓ ଆମ ଆଶାଠାରୁ ଅଧିକ ଭଲ ପ୍ରଦର୍ଶନ କରିଛି। ବିଦ୍ୟୁତ ଉତ୍ପାଦନ ଏବଂ ଟିଆଣ୍ଡଡି ବ୍ୟବସାୟ ଉଲ୍ଲେଖନୀୟ ଭାବେ ଲାଭ ପ୍ରଦାନ କରିଛନ୍ତି। ଡିସକମଗୁଡ଼ିକ ୧୩ ନିୟୁତ ଗ୍ରାହକଙ୍କୁ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଉଛନ୍ତି। ସର୍ବାଙ୍ଗୀନ ପ୍ରଦର୍ଶନ ଜରିଆରେ ଆମର ଓଡ଼ିଶା ଡିସକମଗୁଡ଼ିକ ଡିସକମ ସଂସ୍କାରରେ ଜାତୀୟ ମଡେଲ ଭାବେ ଉଭା ହୋଇଛନ୍ତି। ୨୦୩୦ ସୁଦ୍ଧା ୪୦ ନିୟୁତ ଗ୍ରାହକ ସଂଖ୍ୟାରେ ପହଞ୍ଚିବା ଲକ୍ଷ୍ୟ ଅନୁସାରେ ଆମେ ମହାରାଷ୍ଟ୍ରର ପ୍ରମୁଖ ଅଞ୍ଚଳଗୁଡ଼ିକରେ ଆମ ବିଦ୍ୟୁତ ବଣ୍ଟନ ଉପସ୍ଥିତି ବଢ଼ାଇବା ନିମନ୍ତେ ଲାଇସେନ୍ସ ପାଇଁ ଆବେଦନ କରିଛୁ।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୪।୮

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଡାଇ ପାରିଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୪୧୯ (୪୧୮.୮୧) ପଏଣ୍ଟ ବୃଦ୍ଧି ଘଟି ୮୧,୦୧୯ (୮୧,୦୧୮.୮୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ ୧୫୭ (୧୫୭.୪୦) ପଏଣ୍ଟ ବଢି ୨୪,୭୨୩ (୨୪,୭୨୨.୭୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ ପରିବର୍ତ୍ତନ ହୋଇଛି।

# ଜଡ଼ିବୁଟି ଦିବସ ମାନବଜାତିର ଜୀବନ ରକ୍ଷାର ଏକ ଉପକ୍ରମ



ଭୁବନେଶ୍ୱର,୪।୮ (ଅନୁରାଧା ମହାରଣା)

ଉତ୍ତରାଖଣ୍ଡର ହରିଦ୍ୱାରସ୍ଥିତ ପତଞ୍ଜଳି ଯୋଗପୀଠର ମହାମନ୍ତ୍ରୀ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଜନ୍ମଦିନ ପତଞ୍ଜଳି ୱେଲନେଶ୍ ଓ ପତଞ୍ଜଳି ଯୋଗପୀଠ-୨ରେ 'ଜଡ଼ିବୁଟି ଦିବସ' ଭାବେ ପାଳିତ ହୋଇଛି। ଏହି ଅବସରରେ ସ୍ୱାମୀ ରାମଦେବ ଓ ଆଚାର୍ଯ୍ୟ ବାଳକୃଷ୍ଣ ରକ୍ତଦାନ ଓ ବୃକ୍ଷରୋପଣ କରିଛନ୍ତି। ସ୍ୱାମୀ ରାମଦେବ କହିଛନ୍ତି, ଜଡ଼ିବୁଟି କେବଳ ଚିକିତ୍ସା ପାଇଁ ନୁହେଁ, ଆତ୍ମସାକ୍ଷାତକାର ପାଇଁ ମଧ ଏକ ମାଧ୍ୟମ। ଆଚାର୍ଯ୍ୟ ବାଳକୃଷ୍ଣ କହିଛନ୍ତି, ଜଡ଼ିବୁଟି ଦିବସ ମାନବଜାତିର ଜୀବନ ରକ୍ଷାର ଏକ ଉପକ୍ରମ। ଏ ଅବସରରେ ଆଚାର୍ଯ୍ୟ ଦେଶବାସୀଙ୍କୁ ଅଧିକ ସଂଖ୍ୟାରେ ଜଡ଼ିବୁଟି ରୋପଣ କରି ସ୍ୱାସ୍ଥ୍ୟ ଓ ପରିବେଶ ରକ୍ଷା କରିବାକୁ ଆହ୍ୱାନ ଦେଇଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଦ୍ୱାରା ରଚିତ ୧୧ଟି ଗ୍ରନ୍ଥର ଲୋକାର୍ପଣ କରାଯାଇଛି। ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେଶନର ନିର୍ଦ୍ଦେଶନାରେ ରକ୍ତଦାନ, ଚକ୍ଷୁ ଓ ଦାନ୍ତ ପରୀକ୍ଷା ଶିବିର ହୋଇଥିଲା। ଏମ୍ସ ଋଷିକେଶ ଓ ହିମାଳୟନ ହସ୍ପିଟାଲର ବ୍ଲଡ ବ୍ୟାଙ୍କ ଟିମ୍ ଦ୍ୱାରା ଆୟୋଜିତ ରକ୍ତଦାନ ଶିବିରରେ ୪୫୦ ୟୁନିଟ ରକ୍ତଦାନ କରାଯାଇଥିଲା। ୫୮୮ ଜଣଙ୍କର ଆଖି ପରୀକ୍ଷା କରାଯାଇ ୨୦୭ ଜଣଙ୍କୁ ଚଷମା ବିତରଣ କରାଯାଇଥିଲା। ପତଞ୍ଜଳି ଦନ୍ତ ଚିକିତ୍ସା ଓ ଅନୁସନ୍ଧାନ କେନ୍ଦ୍ର ମାଧ୍ୟମରେ ୪୭୦ ଜଣଙ୍କର ଦନ୍ତ ପରୀକ୍ଷା ଓ ଚିକିତ୍ସା କରାଯାଇ ଡେଣ୍ଟାଲ କିଟ୍ ଦିଆଯାଇଥିଲା। ପତଞ୍ଜଳି ଯୋଗ ସମିତି ମାଧ୍ୟମରେ ଦେଶର ପ୍ରାୟ ସମସ୍ତ ଜିଲା, ତହସିଲ, ବ୍ଲକ ଓ ଗ୍ରାମ ସ୍ତରରେ ଜଡ଼ିବୁଟି ଦିଆଯାଇଛି। ଭାରତ ସହ ନେପାଳ, ଯୁକ୍ତରାଷ୍ଟ୍ର ଆଦି ଦେଶରେ ମଧ ଔଷଧୀୟ ଗଛଗୁଡ଼ିକ ବିତରଣ କରାଯାଇଛି।

# ହାଇଟେକ୍ ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୪।୮

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଏକ ବିରଳ ଅସ୍ତ୍ରୋପଚାର କରାଯାଇଛି। ଏପରିକି ଭାରତରେ ଏହା ପ୍ରଥମ ଥର ପାଇଁ ସଫଳ ହୋଇଥିବା କୁହାଯାଇଛି। ବଲାଙ୍ଗୀରର ୩୮ ବର୍ଷୀୟ ଭିକାରୀ ଚରଣ ନାୟକ ଦୀର୍ଘଦିନ ଧରି ଓଡ଼ିଶାର ବିଭିନ୍ନ ଚିକିତ୍ସାଳୟରେ ତାଙ୍କର ପଚି ଯାଇଥିବା ଡାହାଣ ଗୋଡ଼ ବୁଢ଼ା ଆଙ୍ଗୁଠିକୁ ଦେଖାଇଛନ୍ତି। ହେଲେ କେଉଁଠି ବି ଉପଯୁକ୍ତ ଚିକିତ୍ସା କିମ୍ବା ପରାମର୍ଶ ମିଳିନାହିଁ। ସେ ବହୁଦିନରୁ ଅତ୍ୟନ୍ତ କଷ୍ଟ ଭୋଗି ଆସୁଥିବାବେଳେ ସମସ୍ତଙ୍କ ପାଖରେ ସେଇ ଗୋଟିଏ କଥା ଯେ ସେହି ଆଙ୍ଗୁଠିଟି କଟାଯିବ। ଯେହେତୁ ସେ ଆଙ୍ଗୁଠିକୁ ରକ୍ତପ୍ରବାହ ହେବାରେ ବାଧକ ସୃଷ୍ଟି ହେଉଛି। କିନ୍ତୁ ହାଇଟେକ୍ ମେଡିକାଲ କଲେଜର 'ସିଟିଭିଏସ୍' ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର୍ ଡା. ସ୍ମୃତି ପ୍ରକାଶ ସାହୁଙ୍କର ଅଦମ୍ୟ ଚେଷ୍ଟା ଓ ସଫଳ ଅସ୍ତ୍ରୋପଚାର ଯୋଗୁ ରୋଗୀ ଜଣକ ସୁସ୍ଥ ଅନୁଭବ କରୁଛନ୍ତି। ଏ ନେଇ ଡା. ସାହୁ କହିଥିଲେ, ଶରୀରର କୌଣସି ଅଙ୍ଗକୁ ଯଦି ରକ୍ତ ପ୍ରବାହ ନ ହୋଇପାରେ, ତାହା ଅକାମୀ ହୋଇଯାଏ। କିନ୍ତୁ ଠିକ୍ ସମୟରେ ସତର୍କତା ଓ ସୁଦକ୍ଷ ଚିକିତ୍ସାବିତ୍‌ମାନଙ୍କ ଦ୍ୱାରା ଆଧୁନିକ ଜ୍ଞାନକୌଶଳରେ ପୁନର୍ବାର ରକ୍ତ ପ୍ରବାହ କରାଯାଇ ପାରିବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ହାଇଟେକ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଏବଂ ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ଡା. ସାହୁଙ୍କର ଅଦମ୍ୟ ଉତ୍ସାହକୁ ପ୍ରଶଂସା କରିଥିଲେ। ଏପରିକି ଆଗାମୀ ଦିନରେ ସମସ୍ତ ଜନସାଧାରଣ ଏଥିପ୍ରତି ସଚେତନ ହୋଇ ଠିକ୍ ସମୟରେ ଦକ୍ଷ ଚିକିତ୍ସକମାନଙ୍କ ଦ୍ୱାରା ଚିକିତ୍ସିତ ହୋଇ ଦୀର୍ଘ ନିରାମୟ ଜୀବନ ଅତିବାହିତ କରିପାରିବେ ବୋଲି ଉଭୟେ ମତବ୍ୟକ୍ତ କରିଛନ୍ତି।

# ଅକ୍ଟୋବରରେ ଆଲେନର ଟଲେନଟେକ୍ସ-୨୦୨୬

ଭୁବନେଶ୍ୱର,୪।୮



ଆଲେନ କ୍ୟାରିଅର ଇନ୍‌ଷ୍ଟିଚ୍ୟୁଟର ବହୁ ପ୍ରତୀକ୍ଷିତ ବୃତ୍ତି ପରୀକ୍ଷା ତଥା ଜାତୀୟସ୍ତରୀୟ ପ୍ରତିଭା ଅନ୍ୱେଷଣ ପରୀକ୍ଷା 'ଟଲେନଟେକ୍ସ-୨୦୨୬' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ବୃତ୍ତି ପରୀକ୍ଷା ୨୦୨୫ ଅକ୍ଟୋବର ୫ ଏବଂ ୧୨ରେ ଅନୁଷ୍ଠିତ ହେବ। ବିଶେଷ କରି ଏହି ପରୀକ୍ଷା ୫ମରୁ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ଡିଜାଇନ୍ କରାଯାଇଛି। ଯେଉଁଥିରେ ପ୍ରାୟ ୨.୫ କୋଟି ଟଙ୍କାର ନଗଦ ପୁରସ୍କାର ଏବଂ ୨୫୦ କୋଟି ଟଙ୍କାର ଛାତ୍ରବୃତ୍ତି ଅନ୍ତର୍ଭୁକ୍ତ ରହିଛି।

ଏ ନେଇ ଆଲେନ କାରିଅର ଇନ୍‌ଷ୍ଟିଚ୍ୟୁଟର ଉପାଧ୍ୟକ୍ଷ ତଥା ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଜୋନାଲ୍ ମୁଖ୍ୟ ରଜନୀଶ ଶ୍ରୀବାସ୍ତବ କହିଛନ୍ତି, ଚଳିତ ବର୍ଷ ଆମେ ଟଲେନଟେକ୍ସ ପରୀକ୍ଷା ପାଇଁ ଓଡ଼ିଶାରୁ ଏକ ଉଲ୍ଲେଖନୀୟ ପ୍ରତିକ୍ରିୟା ପାଉଛୁ। ଏପରିକି ଆମେ ଆଶା କରୁଛୁ ଯେ ରାଜ୍ୟର ୨୫୦ ସିବିଏସଇ ଏବଂ ଆଇସିଏସ୍‌ଇ ସ୍କୁଲରୁ ୧୦,୦୦୦ରୁ ଅଧିକ ଛାତ୍ରୀଛାତ୍ର ଏହି ପରୀକ୍ଷାରେ ଯୋଗଦେବେ। ଏ ପର୍ଯ୍ୟନ୍ତ ସମଗ୍ର ଓଡ଼ିଶାରେ ୬୦,୦୦୦ରୁ ଅଧିକ ଛାତ୍ରୀଛାତ୍ର ଟଲେନଟେକ୍ସ ପରୀକ୍ଷାରେ ଅଂଶଗ୍ରହଣ କରିଛନ୍ତି। ସେହିପରି ଏହି ବୃତ୍ତି ପରୀକ୍ଷା ପାଇଁ ସମଗ୍ର ଓଡ଼ିଶାରେ ୪୦ଟି ଅଫଲାଇନ୍ ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଉଛି। ଏହି ପରୀକ୍ଷା ଉଭୟ ଅନଲାଇନ ଓ ଅଫଲାଇନ ମୋଡରେ ଆୟୋଜିତ ହେଉଛି। ଅଫଲାଇନ୍ ପରୀକ୍ଷା ୨୦୨୫ ଅକ୍ଟୋବର ୧୨ରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି, ଯେତେବେଳେ ପରୀକ୍ଷାର ଅନଲାଇନ୍ ମୋଡ୍ ୨୦୨୫ ଅକ୍ଟୋବର ୫ରେ ଅନୁଷ୍ଠିତ ହେବ। ଏପରିକି ଟଲେନଟେକ୍ସ ୨୦୨୬ରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଛାତ୍ରୀଛାତ୍ରମାନେ ଅଫିସିଆଲ୍ ୱେବସାଇଟ୍: www.tallentex.com ପରିଦର୍ଶନ କରି ଅନ୍‌ଲାଇନରେ ପଞ୍ଜୀକରଣ କରିପାରିବେ।

# ଉତ୍କଳ ହସ୍ପିଟାଲରେ ଜାତୀୟ ଅସ୍ଥି ଓ ସନ୍ଧି ଦିବସ ପାଳିତ

ଭୁବନେଶ୍ୱର,୪।୮ (ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ଉତ୍କଳ ହସ୍ପିଟାଲ ପକ୍ଷରୁ ଜାତୀୟ ଅସ୍ଥି ଓ ସନ୍ଧି ଦିବସ ସୋମବାର ପାଳନ କରାଯାଇଛି। ଏହି ଅବସରରେ ଉତ୍କଳ ହସ୍ପିଟାଲର ବରିଷ୍ଠ ଅସ୍ଥି ଚିକିତ୍ସକ ଡା. ଦିବ୍ୟସିଂହ ଦାସଙ୍କ ନେତୃତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ୭୦ରୁ ଅଧିକ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ। ଡା. ଦିବ୍ୟସିଂହ ଦାସ ବୃଦ୍ଧାବସ୍ଥାରେ ହାଡ଼ ସ୍ୱାସ୍ଥ୍ୟ: ପ୍ରତିରୋଧ, ଜୀବନଶୈଳୀ ଓ ପ୍ରାରମ୍ଭିକ ଚିକିତ୍ସା ବିଷୟରେ ମୁଖ୍ୟ ବ୍ୟାଖ୍ୟାନ ଦେଇଥିଲେ। ସେ ଅଗ୍ରିମ ଚିହ୍ନଟ, ଜୀବନଶୈଳୀରେ ପରିବର୍ତ୍ତନ ଓ ନିୟମିତ ସ୍କ୍ରିନିଂର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡା. ଦାସ କହିଥିଲେ, ଅସ୍ଥି ଓ ସନ୍ଧି ଚିକିତ୍ସା କେବଳ ଚିକିତ୍ସା ପ୍ରକ୍ରିୟା ନୁହେଁ ଏହା ହେଉଛି ସାଧାରଣ ଲୋକଙ୍କୁ ସଚେତନ କରିବା, ରୋଗ ପ୍ରତିରୋଧ କରିବା, ଗତିଶୀଳତାକୁ ରକ୍ଷା କରିବା ଓ ଜୀବନ ଗୁଣବତ୍ତା ବଢ଼େଇବା ଉପରେ ଗଭୀର ଧ୍ୟାନ ଦେବା। ଫିଟନେଶ୍ ପ୍ରଚାରକ ରବି କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟସମ୍ମତ ଜୀବନଶୈଳୀ ଓ ମନୋବଳ ବଢ଼େଇବା ବିଷୟରେ ଦୃଢ଼ ମତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ମିଶ୍ର ଯୋଗଦେଇ ପ୍ରତିରୋଧମୂଳକ ସ୍ୱାସ୍ଥ୍ୟ ସଚେତନତା ଉପରେ ଆଲୋକପାତ କରିଥିଲେ। ସେହିପରି ଉତ୍କଳ ହସପିଟାଲ ସିଇଓ ସୁବୋଧ ସିଂହ, ଅସ୍ଥିଚିକିତ୍ସାର ନିର୍ଦ୍ଦେଶକ ଡା. ଆର.କେ. ମହାପାତ୍ର, ଡା ତୁଷାର କାନ୍ତି ପଣ୍ଡା ନିଜର ବକ୍ତବ୍ୟ ରଖିଥିଲେ।

# ଗାଁକୁ ଫେରିଲା ୬ ଶ୍ରମିକଙ୍କ ମୃତଦେହ

## ଆନ୍ଧ୍ର ପଥର ଖଣି ବିସ୍ଫୋରଣ ଘଟଣା

ଦିଗପହଣ୍ଡି/ଧରାକୋଟ/ମୋହନା,୪।୮ (ଅଶେଷ ନାଥ ମିଶ୍ର/ବିଷ୍ଣୁକେଶରୀ ଆଚାର୍ଯ୍ୟ/ମନ୍ମଥ ମିଶ୍ର)

ଆନ୍ଧ୍ରପ୍ରଦେଶ ବାପତଲା ଜିଲାର ବାଲ୍ଲିକୁରବା ନିକଟରେ ଥିବା ଏକ ଘରୋଇ ଗ୍ରାନାଇଟ ଖଣିରେ ପଥର ବିସ୍ଫୋରଣ ବେଳେ ପ୍ରାଣ ହରାଇଥିବା ୬ ଓଡ଼ିଆ ଶ୍ରମିକଙ୍କ ମୃତଦେହ ସୋମବାର ଗାଁକୁ ଆସିଛି। ମୃତଦେହଗୁଡ଼ିକୁ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଆନ୍ଧ୍ରରୁ ଇଚ୍ଛାପୁର ଭାୟା ଚିକିଟି ଦେଇ ରବିବାର ରାତି ପ୍ରାୟ ସାଢେ ୧୦ଟାରେ ଆସି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ୩ଟି ଆମ୍ବୁଲାନ୍ସରେ ସେମାନଙ୍କ ଗ୍ରାମକୁ ପଠାଯାଇଥିଲା। ଗୋଟିଏ ଆମ୍ବୁଲାନ୍ସରେ ଦିଗପହଣ୍ଡି ବ୍ଲକ ଫିଟିଗୁଡ଼ା ପଞ୍ଚାୟତ ବାଙ୍ଗଡ଼ା ଗ୍ରାମର ବନମାଳୀ ବେହେରା, ଚଣ୍ଡାମିଖଣ୍ଡି ଗାଁର ଦଣ୍ଡପାଣି ବାଡ଼ତ୍ୟା ଓରଫ ଦଣ୍ଡଙ୍କ ମୃତଦେହ ଯାଇଥିବା ବେଳେ ଆଉ ଗୋଟିଏ ଆମ୍ବୁଲାନ୍ସରେ ଧରାକୋଟ ବ୍ଲକ ଓଳଖ ପଞ୍ଚାୟତ କଏଇଲ ମୁଣ୍ଡାଗାଁର ସନ୍ତୋଷ ଗୌଡ଼ ଓ ବାହାଡ଼ାଗୁଡ଼ା ଗ୍ରାମର ଦୁଷ୍ମନ୍ତ ଜେନା ଓରଫ ପୁଆଙ୍କ ମୃତଦେହ ଯାଇଥିଲା। ସେହିପରି ଅନ୍ୟ ଆମ୍ବୁଲାନ୍ସରେ ଭାସ୍କର ବିଷୋୟୀ ଓ ଗୁଲୁନା ଦଲେଇଙ୍କ ମୃତଦେହ ନିଜ ଗ୍ରାମ ଗଜପତି ଜିଲା ମୋହନା ବ୍ଲକ ଜେତାଗୁଡ଼ା ପଞ୍ଚାୟତ ଅଲେରା ଗ୍ରାମକୁ ଯାଇଥିଲା। ଆନ୍ଧ୍ରପଥରଖଣିରେ ବିସ୍ଫୋରଣ ଘଟଣା ଶୁଣିବା ପରଠୁ ମୃତକମାନଙ୍କ ଗ୍ରାମରେ ରବିବାରଠାରୁ ଶୋକାକୁଳ ପରିବେଶ ଲାଗିରହିଥିଲା। ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଜିଲା ଭାଜପା ସଭାପତି ସରୋଜ ସାବତ, ବିଜୟ ସ୍ୱାଇଁ, ପୂର୍ବତନ ସଭାପତି କାହ୍ନୁ ପତି, ଭାଜପା ରାଜ୍ୟ ପରିଷଦ ସଦସ୍ୟ ପରେଶ ଚନ୍ଦ୍ର ରଥ ପ୍ରମୁଖ ଦିଗପହଣ୍ଡି ଓ ଧରାକୋଟ ବ୍ଲକର ମୃତକମାନଙ୍କ ଗ୍ରାମକୁ ଯାଇ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି।



ଯୁବ କଂଗ୍ରେସ କର୍ମୀମାନେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନ ଘେରାଉ କରିବାକୁ ଯାଉଛନ୍ତି।

# 'ବଲଙ୍ଗା ପୀଡ଼ିତାଙ୍କ ପରିବାରକୁ କୋଟିଏ ଦିଅ'

## ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ କଂଗ୍ରେସ

ଭୁବନେଶ୍ୱର,୪।୮(ରବିନାରାୟଣ ଜେନା)

ବାଲେଶ୍ୱର ଛାତ୍ରୀଙ୍କ ଆତ୍ମହତ୍ୟା, ଧର୍ମଶାଳା ବିଧାୟକଙ୍କ ଦ୍ୱାରା ନିର୍ଯାତିତା ଏବଂ ବଲଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ସୋମବାର ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବାସଭବନ ଘେରାଉ କରାଯାଇଛି। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ କର୍ମୀମାନେ ଘେରାଉ ପାଇଁ କଂଗ୍ରେସ ଭବନରୁ ଅଗ୍ରସର ହେଉଥିବାବେଳେ ଏଜି ଛକ ନିକଟରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଏହି ସମୟରେ ପୋଲିସ ସହ କଂଗ୍ରେସ କର୍ମୀଙ୍କ ପ୍ରଥମେ ଧସ୍ତାଧସ୍ତି ହୋଇଥିଲା। ମାତ୍ର ପୋଲିସ ଆଇନଶୃଙ୍ଖଳା ରକ୍ଷା କରିବାକୁ ଯାଇ କଂଗ୍ରେସ କର୍ମୀମାନଙ୍କୁ ଗିରଫ କରି ପରେ ଛାଡ଼ି ଦେଇଥିଲା।

ଏହି ଅବସରରେ ରଞ୍ଜିତ ପାତ୍ର କହିଛନ୍ତି, ନାରୀଙ୍କୁ ନ୍ୟାୟ ଦେବାରେ ଭାଜପା ସରକାର ବିଫଳ ହୋଇଛନ୍ତି। ବଲଙ୍ଗା ପୀଡ଼ିତାଙ୍କୁ ନେଇ ଦୁଇଦିନ ତଳେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଗଣମାଧ୍ୟମରେ କହିଲେ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟୁଛି, ମାତ୍ର ତାଙ୍କ ଗସ୍ତର କିଛିଦିନ ପରେ ପୀଡ଼ିତା ମୃତ୍ୟୁବରଣ କିପରି କଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ପ୍ରଭାତୀଙ୍କ ନିର୍ଦ୍ଦେଶ ଅନୁଯାୟୀ ନୂଆ କାହାଣୀ ସୃଷ୍ଟି କରାଯାଉଛି। ଅପରାଧୀଙ୍କୁ ତୁରନ୍ତ ଗିରଫ କରିବା ସହିତ ପୀଡ଼ିତାଙ୍କ ପରିବାରକୁ ୧କୋଟି ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯାଉ। ଏହାସହିତ ବାଲେଶ୍ୱର ପୀଡ଼ିତାଙ୍କ ଆତ୍ମହତ୍ୟା ଉଦ୍ୟମ ପଛରେ ଏବିଭିପିର ଭୂମିକା ରହିଛି। ଭାଜପା ଯୁବ ମୋର୍ଚ୍ଚାର ସଭାପତି ଅଭିଲାଷ ପଣ୍ଡାଙ୍କର ବୟାନବାଜି ଏବେ ବନ୍ଦ ହୋଇଯାଇଛି। ସେ ତୁରନ୍ତ ଏବିଭିପିକୁ ନିନ୍ଦା କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ସେହିପରି ଧର୍ମଶାଳା ବିଧାୟକ ଯେଉଁଭଳି ଭାବେ ଜଣେ ମହିଳାଙ୍କୁ ଆକ୍ରମଣ କରିଛନ୍ତି ଉକ୍ତ ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଯୁବ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଘେରାଉ ବେଳେ ମନୋଜ ବିଶ୍ୱାଳ, ନୀହାରବେହେରାପ୍ରମୁଖସାମିଲଥିଲେ।

# ସୌମ୍ୟାଶ୍ରୀ ମୃତ୍ୟୁ: ଚୁପ୍ ବସିବନି ଏବିଭିପି

ଭୁବନେଶର,୪।୮(ସୁନିତ୍ ମିଶ୍ର)

ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ବଞ୍ଚାଇବାକୁ ପ୍ରୟାସ କରିଥିବା ଛାତ୍ରଙ୍କୁ ପୋଲିସ ଗିରଫ କରିବା ପରେ ରାଜନୀତି ଜୋର୍ ଧରିଛି। ଏ ଘଟଣାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ମୁହଁ ଖୋଲି କଲେଜ ଓ ପୋଲିସର ବିଫଳତାକୁ ଦର୍ଶାଯାଇଛି। ପୀଡ଼ିତାଙ୍କୁ ରକ୍ଷା କରିଥିବା ଯେଉଁ ୨ ଜଣଙ୍କୁ ଦାୟୀ କରାଯାଇଛି, ଏହା ରାଜନୈତିକ ଷଡ଼ଯନ୍ତ୍ର ବୋଲି ଏବିଭିପି ଅଭିଯୋଗ କରିଛି। ଚରିତ୍ରକୁ ବଦନାମ କରୁଥିବା ରାଜନୈତିକ ତତ୍ତ୍ୱମାନଙ୍କୁ ସୁରକ୍ଷା ଦେବା କାର୍ଯ୍ୟ ପୋଲିସ ବନ୍ଦ କରିବା ଉଚିତ ବୋଲି ଏବିଭିପି ପକ୍ଷରୁ ପ୍ରକାଶିତ ଏକ ପ୍ରେସ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଏବିଭିପିର ଜାତୀୟ ସାଧାରଣ ସମ୍ପାଦକ ବୀରେନ୍ଦ୍ର ସିଂହ ସୋଲାଙ୍କିଦାବିକରିଛନ୍ତି, ସଙ୍ଗଠନ ନିରପେକ୍ଷ ଓ ବ୍ୟାପକ ତଦନ୍ତ ଚାହୁଁଛି। ତଦନ୍ତର କେନ୍ଦ୍ରବିନ୍ଦୁ କେବଳ ଘଟଣା ପର୍ଯ୍ୟନ୍ତ ସୀମିତ ନ ରହିବା ଉଚିତ ବରଂ ଛାତ୍ରୀଙ୍କୁ ନିଜ ଜୀବନ ନେବା ଭଳି କଠୋର ପଦକ୍ଷେପ ନେବାକୁ ବାଧ କରିଥିବା ମାନସିକ ଏବଂ ସାଂଗଠନିକ କାରଣଗୁଡ଼ିକ ଉପରେ ରହିବା ଉଚିତ। ଚରିତ୍ର ହନନ ଏବଂ ମାନସିକ ନିର୍ଯାତନାର ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଛାତ୍ରୀଙ୍କ ଉପରେ ଯୌନ ଶୋଷଣର ଚାପ ପଡ଼ିଥିଲା। କଂଗ୍ରେସ ଏବଂ ବିଜେଡି ଛାତ୍ର ସଙ୍ଗଠନର ପଦାଧିକାରୀମାନେ ସୋସିଆଲ ମିଡିଆରେ ଛାତ୍ରୀଙ୍କ ଚରିତ୍ର ହନନର ପ୍ରୟାସ କରିଥିଲେ। ଯୌନ ଶୋଷଣର ଶିକାର ଏବଂ ସରକାର ଓ ପ୍ରଶାସନ ଦ୍ୱାରା ବାରମ୍ବାର ଅବହେଳା ଯୋଗୁ ଚାପଗ୍ରସ୍ତ ପରେ ମାନସିକ ନିର୍ଯାତନା ଯୋଗୁ ସେ ଏପରି ପଦକ୍ଷେପ ନେବାକୁ ବାଧ ହୋଇଥିଲେ। ଛାତ୍ରୀଙ୍କ ସହ ହୋଇଥିବା ଅନ୍ୟାୟ, ଅବହେଳା ଏବଂ ସେ ହୋଇଥିବା ହଇରାଣ ଏହି ଦୁଃଖଦ ଘଟଣାର ମୂଳ କାରଣ। ନ୍ୟାୟ ପାଇଁ ତାଙ୍କର ପ୍ରୟାସ, ଅଭିଯୋଗକୁ ବାରମ୍ବାର ଅଣଦେଖା କରାଯାଇଥିଲା, ଯାହା ତାଙ୍କୁ ଗଭୀର ମାନସିକ ସଙ୍କଟ ଆଡ଼କୁ ନେଇଯାଇଥିଲା। ଘଟଣା ପରେ ଓଡ଼ିଶା ପୋଲିସର ମନୋଭାବ ଗମ୍ଭୀର ଚିନ୍ତାର ବିଷୟ। କଂଗ୍ରେସ ଏବଂ ବିଜେଡି ସହଯୋଗୀ ଛାତ୍ର ସଂଗଠନର ପଦାଧିକାରୀମାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇନାହିଁ, ଯେଉଁମାନେ ଛାତ୍ରୀଙ୍କୁ ବଦନାମ କରିଛନ୍ତି ଏବଂ ଯୌନ ନିର୍ଯାତନା ନେଇ ତାଙ୍କର ଚାଲିଥିବା ଲଢ଼େଇକୁ ଦୁର୍ବଳ କରିବା ପାଇଁ ତାଙ୍କୁ ମାନସିକ ଭାବରେ ହଇରାଣ କରିଛନ୍ତି। ଅନ୍ୟପକ୍ଷରେ ଛାତ୍ରୀଙ୍କୁ ରକ୍ଷା କରିବାକୁ ଚେଷ୍ଟା କରିଥିବା ଏବଂ ନିଜେ ପୋଡ଼ି ହୋଇ ଯାଇଥିବା ତଥା ସମ୍ପ୍ରତି ହସ୍ପିଟାଲରୁ ଡିସଚାର୍ଜ ହୋଇଥିବା ଏବିଭିପି କର୍ମୀଙ୍କୁ ପୋଲିସ ଗିରଫ କରିଛି। ଏହି ମନୋଭାବ କେବଳ ଓଡ଼ିଶା ପୋଲିସର ବିଫଳତାକୁ ପ୍ରତିଫଳିତ କରୁନାହିଁ ବରଂ ପୋଲିସର ପକ୍ଷପାତୀ ମନୋଭାବକୁ ମଧ୍ୟ ପ୍ରକାଶ କରୁଛି ବୋଲି ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି।

> ପୀଡ଼ିତାଙ୍କ ନ୍ୟାୟ ପାଇଁ ଲଢ଼େଇ ଜାରି ରହିବ। ପୋଲିସ ଦଳୀୟ ମନୋଭାବ ପୋଷଣ କଲେ ପରିଷଦ ସହ୍ୟ କରିବ ନାହିଁ

ଏବିଭିପି ଓଡ଼ିଶା ପୂର୍ବ ରାଜ୍ୟ ସମ୍ପାଦକ ଦୀପ୍ତିମୟୀ ପ୍ରତିହାରୀ କହିଛନ୍ତି, ଏବିଭିପି ଏହି ମାମଲାରେ ପୋଲିସକୁ ପୂର୍ଣ୍ଣ ସହଯୋଗ କରିବାକୁ ପ୍ରସ୍ତୁତ, କିନ୍ତୁ ଯଦି ଏବିଭିପି କର୍ମୀମାନଙ୍କୁ ହଇରାଣ କରାଯାଏ ଏବଂ ନିର୍ଦ୍ଦୋଷଙ୍କୁ ଫସାଇବା ପାଇଁ ଚେଷ୍ଟା ଜାରି ରହେ, ତେବେ ବିଦ୍ୟାର୍ଥୀ ପରିଷଦ ଚୁପ୍ ରହିବ ନାହିଁ। ଏବିଭିପିକର୍ମୀମାନଙ୍କୁ ମାନସିକ ଏବଂ ଶାରୀରିକ ଭାବରେ ହଇରାଣ କରିବା ପାଇଁ ଓଡ଼ିଶା ପୋଲିସର ପ୍ରୟାସକୁ ଦୃଢ଼ ବିରୋଧ କରାଯିବ।

ଏବିଭିପି ପକ୍ଷରୁ ସ୍ପଷ୍ଟ କରାଯାଇଛି, ପୀଡ଼ିତାଙ୍କ ନ୍ୟାୟ ପାଇଁ ଲଢ଼େଇ ଜାରି ରଖିବ, କିନ୍ତୁ ଯଦି ପୋଲିସ ଦଳୀୟ ମନୋଭାବ ଅବଲମ୍ବନ କରେ, ତେବେ ପରିଷଦ ଏହାକୁ କୌଣସି ପରିସ୍ଥିତିରେ ସହ୍ୟ କରିବ ନାହିଁ। ପୀଡ଼ିତାଙ୍କୁ ରକ୍ଷା କରିବାକୁ ଆଗକୁ ଆସିଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଯଦି ଏପରି ମାମଲାରେ ସହପାଠୀମାନଙ୍କୁ ଅପରାଧୀ ବୋଲି କୁହାଯାଏ, ତେବେ ଭବିଷ୍ୟତରେ ପୀଡ଼ିତାଙ୍କୁ ସାହାଯ୍ୟ କରିବାକୁ ଆଗକୁ ଆସିବାକୁ ସହପାଠୀ ପଛାଇବେ ବୋଲି ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି।

# ଭାଜପା ଷଡ଼ଯନ୍ତ୍ରକାରୀ, ଏବିଭିପି ହତ୍ୟାକାରୀ: ବିଜେଡି

ଭୁବନେଶ୍ୱର,୪।୮(ସୁନିତ୍ ମିଶ୍ର)

ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାରେ ୨ ଜଣ କଲେଜ ଛାତ୍ର ତଥା ଏବିଭିପି ସଦସ୍ୟ ଗିରଫ ହୋଇଛନ୍ତି। ଏଥିରୁ ଏବିଭିପି ଓ ଭାଜପା ମୁଖା ଖୋଲିଯାଇଛି ବୋଲି ବିଜେଡି କହିଛି। ଘଟଣାରେ ଷଡ଼ଯନ୍ତ୍ର ଲୁଚି ରହିଛି ବୋଲି ବିଜେଡି ପ୍ରଥମ ଦିନରୁ କହିଆସୁଥିଲା ଏବଂ ଏବିଭିପିର ଦୁଇ ସଦସ୍ୟଙ୍କ ଗିରଫ ପରେ ଏହା ପ୍ରମାଣିତ ହୋଇଥିବା ବିଜେଡି ଦାବି କରିଛି। ହେଲେ ଏହି ଷଡ଼ଯନ୍ତ୍ର ଭାଜପାର କିଛି ନେତା ସମ୍ପୃକ୍ତ ଥିଲାବେଳେ, ୨ ଜଣ ଏବିଭିପି ସଦସ୍ୟଙ୍କୁ ଗିରଫକରି ବଡ଼ ନେତାମାନଙ୍କୁ ଖସାଇବାକୁ ଉଦ୍ୟମ କରୁଛି ବୋଲି ଦଳ ଅଭିଯୋଗ କରିଛି। ଶଙ୍ଖଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି, ଜଣେ ଅଧ୍ୟାପକ ଛାତ୍ରୀ ଜଣଙ୍କୁ ଯୌନ ଅନୁଗ୍ରହ ମାଗିଥିଲେ। ଛାତ୍ରୀ ନ୍ୟାୟ ପାଇଁ ସଂଘର୍ଷ କରୁଥିବା ବେଳେ ଏବିଭିପି ଓ ଭାଜପା ନେତାମାନେ ତାକୁ ରାଜନୈତିକ ଫାଇଦା ପାଇଁ ବ୍ୟବହାର କରିଥିଲେ। ଏହି ଘଟଣାରେ ଭାଜପା ଷଡ଼ଯନ୍ତ୍ରକାରୀ ଓ ଏବିଭିପି ହତ୍ୟାକାରୀ ଭୂମିକା ନିର୍ବାହ କରିଛି। କଲେଜ ନିର୍ବାଚନ ହେବ ବୋଲି ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା ହେବା ପରେ ଏବିଭିପିର ସଂଗଠନ ଦୁର୍ବଳ ଥିବାରୁ ଏହି ଘଟଣାକୁ ବ୍ୟବହାର କରି ସଂଗଠନ ଶକ୍ତି ବୃଦ୍ଧି ପାଇଁ ଷଡ଼ଯନ୍ତ୍ର ରଚନା ହୋଇଥିଲା। ଷଡ଼ଯନ୍ତ୍ର ଅଂଶ ଭାବେ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଆତ୍ମାହୁତି ଦେବା ପାଇଁ ଉସୁକାଯାଇଥିଲା। ରାଜନୈତିକ ଫାଇଦା ହାସଲ ପାଇଁ ଭୟଙ୍କର ଷଡ଼ଯନ୍ତ୍ର ରଚିବାରେ ଏହି ଘଟଣା ନୂଆ କୀର୍ତ୍ତିମାନ ସ୍ଥାପନ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଦୁଃଖ ଓ ପରିତାପର ବିଷୟ ଷଡ଼ଯନ୍ତ୍ରରେ ସ୍ଥାନୀୟ ଭାଜପା ନେତାଙ୍କ ଭୂମିକା ମଧ୍ୟ ସନ୍ଦେହ ଘେରରେ ରହିଛି, ଯେଉଁଦିଗକୁ କ୍ରାଇମବ୍ରାଞ୍ଚ ଏପର୍ଯ୍ୟନ୍ତ ସ୍ପର୍ଶ କରିନାହିଁ। ସୌମ୍ୟାଶ୍ରୀ ନ୍ୟାୟ ପାଇବା ପାଇଁ ସ୍ଥାନୀୟ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ସହଯୋଗ ଲୋଡ଼ିଥିଲେ ମଧ୍ୟ ସେ ତାଙ୍କୁ ଆବଶ୍ୟକ ସହଯୋଗ ପ୍ରଦାନ କରିନଥିଲେ। ଷଡ଼ଙ୍ଗୀ ଉପଯୁକ୍ତ ସହଯୋଗ କରିଥିଲେ, ଏଭଳି ଅଘଟଣ ଘଟି ନ ଥାନ୍ତା। କ୍ରାଇମବ୍ରାଞ୍ଚ ଷଡ଼ଙ୍ଗୀଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବା ପାଇଁ ବିଜେଡି ଦାବି କରିଆସୁଛି। ଏବିଭିପିର ସମ୍ପୃକ୍ତି ସ୍ପଷ୍ଟ ହୋଇଥିବା ବେଳେ ଷଡ଼ଯନ୍ତ୍ର ଓ ଅନ୍ୟ ଭାଜପା ନେତାଙ୍କ ସମ୍ପୃକ୍ତି ମଧ୍ୟ ସନ୍ଦେହକୁ ଆସିଯାଇଛି ବୋଲି ଗୌତମ କହିଛନ୍ତି। ଏହି ଅବସରରେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଉପସ୍ଥିତ ଥିଲେ।

# ସରକାରଙ୍କ ହାତରେ ୨୪ ବର୍ଷର ରୋଗ: ମନ୍ତ୍ରୀ ନିତ୍ୟାନନ୍ଦ

## ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ପ୍ରସଙ୍ଗ

ଭୁବନେଶ୍ୱର,୪।୮(ରବିନାରାୟଣ ଜେନା)

ଓଡ଼ିଶା ଟିଚର୍ସ ଏଲିଜିବିଲିଟ୍ ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କାହାରିକୁ ବାଦ୍ ଦିଆଯିବ ନାହିଁ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ସୋମବାର ବିଭାଗୀୟ ସମୀକ୍ଷା ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଦୀର୍ଘ ୨୪ବର୍ଷ ଧରି ରାଜ୍ୟରେ ଯେଉଁ ପ୍ରଶ୍ନପତ୍ର ପ୍ରଘଟ ରୋଗ ଲାଗି ରହିଥିଲା ତାକୁ ଭାଜପା ସରକାର ଧରିଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ମାମଲାକୁ ଅତି ଗୁରୁତ୍ୱର ସହ ତଦନ୍ତ କରାଯାଉଛି। ପ୍ରକୃତ ଦୋଷୀ ଯେପରି ଖସି ନ ଯାଆନ୍ତି ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ରହିଛି। ଏହାର ମୂଳୋତ୍ପାଟନ ନ ହେବା ପର୍ଯ୍ୟନ୍ତ ଚଢ଼ଉ ଜାରି ରହିବ। ଏଥିରେ ଯିଏ ବି ସମ୍ପୃକ୍ତ ଆସିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମନ୍ତ୍ରୀ କହିଛନ୍ତି, ପୂର୍ବ ସରକାର ସମୟରେ କେବଳ ପ୍ରଶ୍ନପତ୍ର ପ୍ରଘଟ ହେଉଥିବା ନେଇ ଅଭିଯୋଗ ହେଉଥିଲା। ଖବରଦାତାଙ୍କଠାରୁ ଆରମ୍ଭ କରି ସାମାଜିକ ଗଣମାଧ୍ୟମରେ ତୁମ୍ଫିତୋଫାନ ହେଉଥିଲା। ହେଲେ ଅଭିଯୁକ୍ତ କେହି ଧରାପଡୁ ନ ଥିଲେ। ମାତ୍ର ଭାଜପା ସରକାର ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଭାଗ ଶୂନ ସହନଶୀଳ ନୀତିକୁ ପ୍ରାଥମିକତା ଦେଉଛି। ଅଭିଯୋଗ ଆସିବା କ୍ଷଣି ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଦୁର୍ନୀତିର ଚେର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ନ ହେବା ପର୍ଯ୍ୟନ୍ତ ତଦନ୍ତ ଜାରି ରହିବ ବୋଲି ମନ୍ତ୍ରୀ କହିଥିଲେ।

ଏହି ଅବସରରେ ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇ ମନ୍ତ୍ରୀଙ୍କ ସହିତ ଦୀର୍ଘ ସମୟ ପର୍ଯ୍ୟନ୍ତ ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା। ହେଲେ ସଭାପତି ଶ୍ରୀକାନ୍ତ ତରାଇ ଓଟିଇଟି ସଂକ୍ରାନ୍ତରେ କିଛି ତଥ୍ୟ ନ ଦେଇ ଚାଲି ଯାଇଥିଲେ।

# ଦୁଇଦିନ ଅଧିକ ବର୍ଷିବ

ଭୁବନେଶ୍ୱର,୩।୮(ଅନୁରାଧା ମହାରଣା)

ରାଜ୍ୟରେ ମୌସୁମୀ ବର୍ଷା ଜାରି ରହିଛି। ମଙ୍ଗଳବାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଏହାସହ ବଜ୍ରପାତ ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିକୁ ୟେଲୋ ୱାର୍ନିଂ ରହିଛି। ମାତ୍ର ୬ ଓ ୭ ତାରିଖରେ ରାଜ୍ୟରେ ପ୍ରବଳ ବର୍ଷାହୋଇପାରେ। ଏଥିପାଇଁ କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ସମ୍ବଲପୁର ଓ ଝାରସୁଗୁଡ଼ା ଆଦି ଜିଲାକୁ ସତର୍କ କରାଯାଇଛି। ସୋମବାର ବାରିପଦାରେ ସର୍ବାଧିକ ୨୭.୭ ମିମି ବର୍ଷା ହୋଇଥିବାବେଳେ ଦାରିଙ୍ଗିବାଡ଼ିରେ ୧୯ ମିମି, ବରଗଡ଼ରେ ୧୦.୨ ମିମି, ଦେବଗଡ଼ରେ ୨.୪ ମିମି ଏବଂ ସମ୍ବଲପୁରରେ ୦.୭ ମିମି ବର୍ଷା ହୋଇଥିବା ସୂଚନା ଦିଆଯାଇଛି।

# କାଉ ମଡ଼କ, ଅନୁଗୋଳରେ ବାର୍ଡଫ୍ଲୁ ଆଶଙ୍କା

ଅନୁଗୋଳ,୪।୮ (ମାନସ ବିଶ୍ୱାଳ)

ଅନୁଗୋଳ ସହରରେ କାଉ ମଡ଼କ ଦେଖାଦେଇଥିବାରୁ ବାର୍ଡଫ୍ଲୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଫଳରେ କୁକୁଡ଼ା ଫାର୍ମ ମାଲିକମାନେ ଭୟଭୀତ ହୋଇପଡ଼ିଛନ୍ତି। ତେବେ ଆଗୁଆ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପ୍ରାଣୀଧନ ବିଭାଗ ପକ୍ଷରୁ ବିଭିନ୍ନ କୁକୁଡ଼ା ଫାର୍ମରୁ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ନୀରୋଦ ଦାସ କହିଛନ୍ତି।

# କଂଗ୍ରେସରେ ମିଶିଲେ ଜେଏମ୍ଏମ୍ ବିଧାୟକ ପ୍ରାର୍ଥୀ

ଭୁବନେଶ୍ୱର,୪।୮(ରବିନାରାୟଣ ଜେନା)

ଜେଏମ୍ଏମ୍ ବିଧାୟକ ପ୍ରାର୍ଥୀ ବିଷ୍ଣୁ ସିଂ, ଜିଲାପରିଷଦ ପ୍ରାର୍ଥୀ ଦେବେନ୍ଦ୍ର ସିଂଙ୍କ ସମେତ ମୟୂରଭଞ୍ଜର ଶତାଧିକ ଜେଏମ୍ଏମ୍, ବିଜେଡି ଓ ଭାଜପା କର୍ମୀ ସୋମବାର କଂଗ୍ରେସରେ ଯୋଗଦାନ କରିଛନ୍ତି। କଂଗ୍ରେସ ଭବନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ସମସ୍ତ ନବାଗତଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ସେ କହିଥିଲେ, ବର୍ତ୍ତମାନର ସରକାର ଏକ ଆଦିବାସୀ ଦଳିତ ବିରୋଧୀ ସରକାର। ରାଜ୍ୟରେ ଆଦିବାସୀ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ସମସ୍ତ ନିର୍ଯାତିତଙ୍କୁ ନ୍ୟାୟ ପ୍ରଦାନ କରିବା କଂଗ୍ରେସର ପ୍ରଥମ କର୍ତ୍ତବ୍ୟ ବୋଲି ଭକ୍ତ ମତପ୍ରକାଶ କରିଥିଲେ।


GOVERNMENT OF ODISHA
No.O-513

OFFICE OF THE SUPERINTENDING ENGINEER, RURAL WORK DIVISION-II, MALKANGIRI

E-mail : ruralworksdivisioniimalkangiri@yahoo.in

INVITATION FOR BIDS

NATIONAL COMPETITIVE BIDDING

Bid Identification No. : RWDSE_MKG_II_ONLINE_05/2025-26

The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.

